Split by PDF Splitter

ଇଂରାଜୀ ଓ ଓଡ଼ିଆ ଜାଣିଥିବା ସୁଦକ୍ଷ

୨୦ ଜଣ କମ୍ପୋଜିଟର

ଆବଶ୍ୟକ ।

ପ୍ରିଣ୍ଟିଂକମ୍ପାନୀ
କଟକ ।

୩୨୨ **ନୋଟିସ ।** ୧୯-୬-୨୬

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯେ କଟକ ମ୍ୟୁନିସିପାଲିଟିର କମିଶନର ମାନଙ୍କର ନୂତନ ସାଧାରଣ ନିର୍ବାଚନ ସନ ୧୯୨୬ ମସିହା ଡିସେମ୍ବର ମାସ ତା ୧୦ରିଖକୁ ଧାର୍ଯ୍ୟ ହୋଇଅଛି । ମ୍ୟୁନିସିପାଲ ନିର୍ବାଚନ ନିୟମାବଳୀର ଦଫା ୪ (ଙ) ପ୍ରକରଣ ଅନୁସାରେ ଯେଉଁମାନେ ଭୋଟଦେବାର ଯୋଗ୍ୟ ମନେକରନ୍ତି ସେମାନେ ବିହାରଓଡ଼ିଶା ମ୍ୟୁନିସିପାଲ ଆଇନର ୧୫ଧାରା ୨ (ଗ) ପ୍ରକରଣ ଅନୁସାରେ ସନ ୧୯୨୬ ମସିହା ଜୁଲାଇମାସ ତା ୧୫ ରିଖ ଲମ୍ବା ତତ୍ପୂର୍ବରୁ କଟକ ମ୍ୟୁନିସିପାଲ ଅଫିସରେ ଦରଖାସ୍ତ ଦାଖଲକରିବେ ।

ସେହି ସମସ୍ତ ଦରଖାସ୍ତ ମାନଙ୍କରେ ନିମ୍ନଲିଖିତ ବିବରଣମାନ ଲେଖା ହୋଇଥିବ ।

(କ) ଦରଖାସ୍ତକାରୀଙ୍କର ନାମ ଓ ପିତାର ନାମ ।

(ଖ) ଦରଖାସ୍ତକାରୀଙ୍କର ଯୋଗ୍ୟତା, ଯେ କାରଣରୁ ସେ ଭୋଟର ହେବାକୁ ଚାହାନ୍ତି ।

(ଗ) ଦରଖାସ୍ତକାରୀ ଯେଉଁ ଘରେ ବାସକରନ୍ତି ସେ ଘରର ନମ୍ବର ଓ ବିବରଣ ।

ପ୍ରକାଶଥାଉକି ଦରଖାସ୍ତକାରୀ ତାଙ୍କ ଦରଖାସ୍ତର ସୋଗକରା ନିମନ୍ତେ ଯେଉଁସବୁ ଦଲିଲ ତାଙ୍କ ଦରଖାସ୍ତ ସହିତ ଦାଖଲ କରିବାକୁ ଉଚିତ ବିବେଚନା କରନ୍ତି ତାହା ଦାଖଲ କରିପାରିବେ ।

17-6-26 | Sures chandra Chakrabarty
chairman.
Cuttack Municipality.

୨୮ **ବିଜ୍ଞାପନ ।** ୧୯-୬-୨୬

ଅମ୍ବର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଅଙ୍ଗାମାହାଲର ମାସିକ ଟ୧୦୯ ବେତନରେ ଜଣେ ତହସିଲଦାର ଆବଶ୍ୟକ । ସେପ୍ଟେମ୍ବରରୁ କାମ ଦିଆଯିବ ।

ଯେଉଁମାନେ ଉକ୍ତ କାର୍ଯ୍ୟ ଚଳାଇବାରେ ଦକ୍ଷତା ସହିତ କାର୍ଯ୍ୟ କରୁଅଛନ୍ତି ଓ ଯେଉଁମାନଙ୍କର ସର୍ଟେ ଜାଲିଅଛି ସେମାନଙ୍କ ମଧ୍ୟରୁ ନିଯୁକ୍ତ କରାଯିବ । ଅବେଦନକାରୀ ନିଜର କାର୍ଯ୍ୟ ଯୋଗ୍ୟତା ବାସସ୍ଥାନ ଓ ସାର୍ଟିଫିକେଟ ସହିତ ନିମ୍ନଲିଖିତ ଠିକଣାରେ ଜୁଲାଇମାସ ତା୧୫ରିଖ ମଧ୍ୟରେ ଦରଖାସ୍ତ କରିବେ । ମନୋନୀତ ବ୍ୟକ୍ତିଙ୍କଠାରୁ ଜାମିନ ନିଆଯିବ ।

କଟକ
ତା୨୮।୬।୨୬

ଶ୍ରୀମତୀ ନିରୁପମା ଦାସୀ
ଅନ୍ନପୂର୍ଣ୍ଣା ଦାସୀ କୋଠା
ସାହେବଜାଦା ବଜାର
ପୋ: ବୁଦ୍ଧଘୋଷ
କଟକ

ନୀଲାମ ଇସ୍ତାହାର ।

ନ ୧୪୨୩ ମ୍ବର ଜାରି ସନ ୧୯୨୫ ମସିହା
କେନ୍ଦ୍ରାପଡ଼ା ମୁନସଫି

ଯାନକୃଷ୍ଣ ସାହୁ ଡି:
କଣାମଣି ସାହୁ ଓଗେର ଦେଣଦାର ମାନେ

ଡିକ୍ରୀଦାର ପାଉଣା ନିମନ୍ତେ ନିମ୍ନଲିଖିତ ସମ୍ପତ୍ତି ତା ୨୧।୭।୨୬ ରିଖେ ନିଲାମ ହେବ ।

ଜିଲ୍ଲା କଟକ କେନ୍ଦ୍ରାପଡ଼ା ପୁଲିସ ଓ ସବରେଜେଷ୍ଟ୍ରୀର ଏଲାକା ପ୍ର: ସୁନାବାଦ ମୌ: ଖଳିଗରରହେଥିବା ନ ୧ ମ୍ବର ଦେଣଦାରର ନ ୨ ମ୍ବର ଦେଣଦାରର ଦ୍ୱାରା ବନାମ ସାହୁ ନାମସାମିଲ ଦରୋଇ ସାହୁ ନାମର ଚାଷକସ୍ତି ନ ୯୨ ମ୍ବର ଖାତା ବା: ୫୦—୫୪

୨୧—୩ ଲଭ ସ୍ୱଦନୀ ଜମି ମଧ୍ୟରୁ ଦେଣଦାରଙ୍କ ଅଂଶ ଲା: ଟ୧୪ରୁ ୫୦—୦୬—୧୨ ଜମିରୁ ଜମା ଟ୦୪୬୪ ଉକ୍ତ ଜମି ମଧ ତଦନ୍ତର୍ଗତ ବାହସର ଓ ଜଳାଶ୍ୟ ବାଇକାଠ ଅଦ ନିଲାମ ହେବ ଅ: ମୂ: ଟ ୨୦୦ଙ୍କା ।

ନ ୨୨ ମ୍ବର ଜାରି ସନ ୧୯୨୬ ମସୀହା
ଦେଗୀରଙ୍ଗସାହୁ ଡି:
ଗୌରହରି ପଟ୍ଟନାୟକ ଦେ:
ନିଲାମ ତା ୨୧।୭।୨୬ ରିଖ ।

ତପସିଲ ଲଟ

୧ । କଟକଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡେଇ ପୁଲିସ ଏଲାକାର ପ୍ର: ଦଳାପାଟିଆ ଇ୧୪୩ ତଉଜ ତା: ଲବ ମୌ: ଛରନ୍ଧପାଲରେଥିବା ନ ୧୬୪୧ ମ୍ବର ଇଷ୍ଟିସଲ ଓ ନ ୬୧ ମ୍ବର ଖାତା ବା: ୫୧—୪୨ ଡି: ଲାଗରାଜ ବାହେର ଜମି ନିଲାମ ହେବ ଅ: ମୂ: ଟ ୬୦୧

୨ । ଉକ୍ତ ପୁଲିସ ଏଲାକାର ପ୍ର: ଦଳାମାଟିଆ ମୌ: ଚରଡ଼ାପାଲରେଥିବା ନ ୧୬୪୧ ଇଷ୍ଟିସଲ ନ ୬୩ ମ୍ବର ଖାତା ବା: ୫୦—୬୨ ଡିସିମିଲ ଲାଗରାଜ ବାହେର ଜମି ନିଲାମ ହେବ ଅ: ମୂ: ଟ ୩୦୧

ନ ୨୧ ମ୍ବର ଜା: ସନ ୧୯୨୬ ମସିହା
ପ୍ରଥମ ମୁ: କଟକ

ମଦନମୋହନ ସିଂହ ଡି:
ଗୋକନାଥ ମହାନ୍ତି ଓଗେର ଦେଣଦାରମାନେ

ଡିକ୍ରୀଦାରଙ୍କର ଜରିମାନା ଟଙ୍କା ଆଦାୟ ସହାଶ ଦେଣଦାରଙ୍କର ନିମ୍ନଲିଖିତ ସମ୍ପତ୍ତି ତା ୧୫।୭।୨୬ ରିଖ ନିଲାମ ହେବ ।

ତ । କଟକ ପୁଲିସଷ୍ଟେସନ ଜଗତସିଂହପୁର ସବରେଜି ମ୍ୟୁ: ଦେଶ୍ଟବାଇ ଇଲାକାଧୀନ ପ୍ର: ବେଓଁଶୀ ନ ୬୮୦୧ ମ୍ବର ତ: ମୌ: ବାସଲୁବ ସାମିଲ ଅଡ଼ାର ଇନାମରେଥିବା ଷୋଳପଣ ଜମିଦାରୀ ଓ ଦୋରବସ୍ତ ସଦର ଜମା ଟ୧୪। ମଧ୍ୟରୁ ଅନ୍ୟ ସହଭାଗୀଦାରଙ୍କ ଅଂ ଟ୦୫ ବାଦେ ଦେଣଦାରଙ୍କ ଦଖଲୀ ଅଂ: ଟ୦୧ରୁ ପଟ୍ଟଥାଏ ମୂ: ସଦର ଜମା ଟ ୭/ ଓ ତହିଁରେ ଦଖଲରେଥିବା ନିଜଯୋତ ନିଜସ୍ୱ ଅବାଦ ଓ ଅନାବାଦ ସର୍ବପ୍ରକାର ସତ୍ୱ ସହିତ ଉକ୍ତ ମୋହଜମାରେ ନିଲାମ ହେବ ଅ: ମୂ: ଟ୩୦ଙ୍କା

ନ ୧୨୭ ମ୍ବର ଜାରି ସନ ୧୯୨୬ ମସୀହା
କଟକ ମୁକାମ ପ୍ରଥମ ମୁନସଫଙ୍କ ଅଦାଲତ
ଅନନ୍ତ ସାହୁ ସା: ଚଟ୍ଟଣେ ପୁଲାନଗଇ ପ୍ର: ହରିହରପୁର ବାଦୀ ଡି:
ସାରଙ୍ଗି ସ୍ବାଇଁ ଓଗେର ସା: ରେଡ୍ଡୁଆମକୁଲଇ ପ୍ର: ଏଜନ ପ୍ରତିବାଦୀ ଦେଣଦାରମାନେ

ଉପରୋକ୍ତ ନମ୍ବର ମୋକଦମାର ପାଉଣା ଟଙ୍କା ଆଦାୟ ନିମନ୍ତେ ଡିକ୍ରୀରେ ଆବଦ୍ଧ ଥିବା ନିମ୍ନଲିଖିତ ସମ୍ପତ୍ତି ତା ୧୩।୭।୨୬ ସାଲ ତବା ସା ୧୨ ଘ। ସମୟରେ ନିଲାମ ହେବ ।

୧ । ପ୍ର: ହରିହରପୁର ତା: ଅନ୍ତର୍ଗତ ନ ୨୧୭୪ ମ୍ବର ତଉଜ ମୌ: ରେବାନ ମଜିଲ ଖାଜଣା ଦାଖଲ ହାଟ ଗ୍ରାମ ଉପରେ ରହିଥିବା ଜକଯୋତ ନାବର ଜମି ନ ୪୩୭ ମ୍ବର ଖାତା ବା: ୫୦—୨୦୦ ଡି: ଜମି

Digitized by srujanika@gmail.com

Split by PDF Splitter

ଆୟୁର୍ବେଦୀୟ ଗୃହଚିକିତ୍ସା

ପ୍ରଥମଭାଗ—ଏହି ପୁସ୍ତକ ଓଡ଼ିଆଭାଷାରେ ଛପାହୋଇ ପ୍ରଚାରରୁ ଓଡ଼ିଶାରେ ବିଶେଷ ଆଦର ହେବା ଦେଖି ଆମ୍ଭେ ନିଜକୁ କୃତାର୍ଥ ମନେ କରୁଅଛୁଁ । ଉକ୍ତ ପୁସ୍ତକ ଯାହା ଘରେ ଥିବ ତାଙ୍କ ପ୍ରତି କଥାରେ ଡାକ୍ତର ବା ବୈଦ୍ୟ ଡାକିବାକୁ ହେବନାହିଁ, ନିଜେ ଚିକିତ୍ସା କରିପାରିବେ ପ୍ରଥମଭାଗରେ ରୋଗର ନିଦାନ, ସ୍ୱାସ୍ଥ୍ୟବିଧି, ନାଡ଼ୀ, ଜିହ୍ୱା, ମଳ, ମୂତ୍ର, ଚକ୍ଷୁ ଆଦି ପରୀକ୍ଷା ଦ୍ୱାରା ରୋଗନିର୍ଣ୍ଣୟ, ରୋଗର ସାଧ୍ୟାସାଧ୍ୟ ଲକ୍ଷଣ, ଶୋଧନ, ମୁଷ୍ଟିଯୋଗ, ଭୂମିକା, ଔଷଧ, ପଥ୍ୟାପଥ୍ୟ ବ୍ୟବସ୍ଥା କରିଯାଇଅଛି । ମୂଲ୍ୟ ୧ଟ ୦ [illegible] ମାସୁଲ ୧ଟ [illegible]

ଦ୍ୱିତୀୟଭାଗ—ଏହି ଭାଗରେ ଶରୀରବିଜ୍ଞାନ, ସଂସ୍କୃତଶ୍ଲୋକ ଓ ତାହାର ଅନୁବାଦ, ଦ୍ରବ୍ୟଗୁଣ ସମସ୍ତ ଧାତୁର ଶୋଧନ, ଜାରଣ, ମାରଣ ତୈଳ ଓ ଘୃତାଦି ପାକବିଧି ଶାସ୍ତ୍ରୀୟ ଔଷଧମାନ, [ମୋଦକ, ଚୂର୍ଣ୍ଣ, ବଟିକା ଆସବ ଓ ଅରିଷ୍ଟ] ପ୍ରଭୃତିର ପ୍ରସ୍ତୁତପ୍ରଣାଳୀ, ସରଳଭାଷାରେ ଲେଖାଯାଇଅଛି, ଓ ବ୍ୟବସ୍ଥା ଓ ଅନୁପାନ ବିଶେଷରେ ପ୍ରତ୍ୟେକ ଔଷଧ ଏବଂ କାର୍ଯ୍ୟକାରିତା ଶକ୍ତିମାନ ବିଶଦ ଭାବେ ବର୍ଣ୍ଣିତ ହୋଇଅଛି । ମୂଲ୍ୟ ୧ଟ ୦ [illegible] ମାସୁଲ ୧ଟ ୦ [illegible]

ତୃତୀୟଭାଗ—ଏହି ଭାଗରେ ନରଦେହ ତତ୍ତ୍ୱ (ପ୍ରାଣ, ଜୀବକୋଷ, ମୃତ୍ୟୁ ଅସ୍ଥି; ଦନ୍ତ, ନର କଙ୍କାଳ, ଅସ୍ଥିସମୂହର ଉପକାର ଭେଦ, ପେଶୀସମୂହ, ସ୍ନାୟୁ, ମସ୍ତିଷ୍କ ଗଠନ, ମେରୁରଜ୍ଜୁ ମନ ଶୋଣିତ, ସ୍ତ୍ରୀପୁରୁଷ ଭେଦ, ନାଡ଼ୀ, ହୃତ୍‌ପିଣ୍ଡ ଧମନୀ; ଭ୍ରୂଣ ସ୍ୱାସ୍ଥ୍ୟ ଶିଶୁ; କ୍ଷୁଧା ପ୍ଲୀହା ଧାତ୍ରୀବିଦ୍ୟା, ସ୍ତ୍ରୀବସ୍ତି; ଜନନେନ୍ଦ୍ରିୟ, ଶୁକ୍ରକୋଷ, ଯୋନି, ସ୍ତନଦ୍ୱୟ, ଋତୁ; ଗର୍ଭାଧାନ ପୁତ୍ରକନ୍ୟା ବନ୍ଧ୍ୟା ସନ୍ତାନ, ନପୁଂସକାଦି, ନାଡ଼ୀର [illegible] ଓ ଲକ୍ଷଣାବଳୀମାନ ୪୦ ଖଣ୍ଡ ଛବି ସହ ମାତୃଭାଷାରେ ବର୍ଣ୍ଣିତ ଅଛି । ମୂଲ୍ୟ ୧ଟ [illegible] ମାସୁଲ ୧ଟ ୦ [illegible]

ଶ୍ରୀ ଜନାର୍ଦ୍ଦନକବିରତ୍ନ ପ୍ରଣୀତ—

ବହୁପରିଶ୍ରମ ଓ ଅର୍ଥବ୍ୟୟ ଦ୍ୱାରା ପୁସ୍ତକଖଣ୍ଡି ଓଡ଼ିଆଭାଷାରେ ପ୍ରସ୍ତୁତ କଲୁଁ, ଫଳତଃ ମାନବଙ୍କ ପରମ ସମ୍ପତ୍ତି ଜୀବନରକ୍ଷା ବିଧାନ କରିବା ଉଦ୍ଦେଶ୍ୟରେ ଡାକ୍ତର ଦେଶୀ ଓ ବିଦେଶୀ ଜଗତରେ ଯେ ସବୁ ଗବେଷଣା ଓ ବ୍ୟବସ୍ଥା କରିଅଛନ୍ତି ଆମ୍ଭେ ଯଥାସାଧ୍ୟ ତାହା ସନ୍ନିବେଶିତ କଲୁ ହୋମିଓପ୍ୟାଥିକ; କବିରାଜୀ ଡାକ୍ତରୀ ଏଲୋପ୍ୟାଥିକ ଓ ବୈଦ୍ୟକ; ତାସ୍ତ ଏଲୋପ୍ୟାଥିକ ପ୍ରଭୃତି ହୋମିଓପ୍ୟାଥିକ ଚିକିତ୍ସକଗଣଙ୍କ ମତାବଲମ୍ବନରେ ବହୁକାଳ ପରିଶ୍ରମକରି ପୁସ୍ତକଖଣ୍ଡିକ ସଙ୍କଳିତ ହେଲା, ପାଶ୍ଚାତ୍ୟ ଅସାଧାରଣ ଅଧ୍ୟବସାୟ ଓ ଅନୁସନ୍ଧିତ୍ସାଗୁଣରେ ବିଜ୍ଞାନ ଯେସବୁ ତତ୍ତ୍ୱ ଆବିଷ୍କୃତ କରୁଅଛନ୍ତି ଏଥିରେ ତାହା ଅଲୋଚିତ ଓ ଲିଖିତ ହୋଇଅଛି । ତଦ୍‌ବ୍ୟତୀତ ଦେଶୀୟ ଅଭିଜ୍ଞ ବହୁଦର୍ଶୀ ଚିକିତ୍ସକ ଓ ଇଂରାଜ ଡାକ୍ତରମାନଙ୍କର ଅତ୍ୟଦ୍ଭୁତ ବ୍ୟବସ୍ଥା ସନ୍ନିବେଶିତ ହୋଇଅଛି । ତା ସ୍ୱାର୍ଥାର୍ଥୀ ଓ ବ୍ୟବସାୟୀମାନେ ଏ ସୁବିଧା ତ୍ୟାଗ କରନ୍ତୁ ନାହିଁ । ମୂଲ୍ୟ [illegible] ମାସୁଲ ୧ଟ ୦ ଶ୍ରୀ ଜନାର୍ଦ୍ଦନ କବିରତ୍ନ ପ୍ରଣୀତ—

କୋକ ଶାସ୍ତ୍ର ବା ଆଦିଶାସ୍ତ୍ର

—*ମହର୍ଷି ଗୌତମଙ୍କ ବିରଚିତ *— ପୃଥିବୀରେ କୌଣସି ଶାସ୍ତ୍ରରେ ଏପରି ଭାବରେ ସ୍ତ୍ରୀ ଓ ପୁରୁଷଙ୍କର ଯାବତୀୟ ଗୁପ୍ତବିଷୟ ବର୍ଣ୍ଣିତ ପୁସ୍ତକ ନାହିଁ । ଏହି ପୁସ୍ତକରେ ଚତୁର୍ବିଧ ପ୍ରକାର ସ୍ତ୍ରୀ ଓ ପୁରୁଷର ଗଠନ, ଲକ୍ଷଣ; ଉକ୍ତ ମିଳନ ଋତୁ, ସ୍ୱଭାବ; ଦେଶଭେଦରେ ସ୍ତ୍ରୀର ପ୍ରକୃତି ଶଯ୍ୟା, ଜେଣୁ ସ୍ତ୍ରୀ କପରି ସନ୍ତୁଷ୍ଟ ହୁଏ ଇତ୍ୟାଦି ବିଷୟମାନ ବର୍ଣ୍ଣିତ ହୋଇଅଛି । ଏତଦ୍ଭିନ୍ନ ସ୍ତ୍ରୀ ପୁରୁଷଙ୍କର ଭଦ୍ର ଯଥା ମୃଗ ଏବଂ ଶଙ୍ଖର ଲକ୍ଷଣାଦିରେ, କପରି ଭଙ୍ଗୀରେ ତାହା ସ୍ୱଭାବ ଜାଣିବ; ପଦ୍ମିନୀ ଚିତ୍ରିଣୀ ହସ୍ତିନୀ ଶଙ୍ଖିନୀ ପ୍ରଭୃତି ଲକ୍ଷଣ ବା ସ୍ୱାମୀ ପ୍ରେମିକ ଓ ବିଳାସୀ ପ୍ରଭୃତି ନାନା ବିଷୟ ବର୍ଣ୍ଣିତ ଅଛି । ମୂଲ୍ୟ ପ୍ରତି ଖଣ୍ଡ ୧ଟ ୦ [illegible] ମାସୁଲ ୧ଟ ୦ [illegible]

ଶ୍ରୀ ଜନାର୍ଦ୍ଦନ କବିରତ୍ନ ପ୍ରଣୀତ—

କାମାଖ୍ୟା ତନ୍ତ୍ର ବା
ବଶୀକରଣ ତନ୍ତ୍ର

ଇହି ମାରଣ ଉଚ୍ଚାଟନ ଓ ସ୍ତମ୍ଭନ ବିଦ୍ୱେଷଣ ମାରଣୋଚ୍ଚାଟନ ବିଧି; ସର୍ବଜନବଶୀକରଣ, ପତି ବଶୀକରଣ, ଦୁଷ୍ଟା ସ୍ତ୍ରୀ ବଶୀକରଣ; ପତି ବଶୀକରଣ, ଆକର୍ଷଣ ପ୍ରକରଣ, ସୌଭାଗ୍ୟ-ବିଧାନ ଦେହରକ୍ଷଣ, ଶତ୍ରୁମୁଖସ୍ତମ୍ଭନ, ଅଗ୍ନିସ୍ତମ୍ଭନ; ବଳାଧାନ, ଚକ୍ଷୁଦୃଷ୍ଟି ସ୍ଥିତି କରଣ, ଭୂତ ପ୍ରେତାଦି ନିବାରଣ, ଦୁର୍ଭିକ୍ଷ ନିବାରଣ; ସର୍ବକଷ୍ଟ ନିବାରଣ; ଉଚ୍ଚାଟନ ବିଧାନ, ବ୍ୟାଘ୍ରବନ୍ଧନ ଓ ଭୟନିବାରଣ, ମାରଣ ପ୍ରକରଣ, କାମ୍ୟସିଦ୍ଧି, ଧନଧାନ୍ୟ ଅକ୍ଷୟ ପ୍ରକରଣ, ଦଣ୍ଡନିବାରଣ ଆଦି କ୍ରିୟାସାଧନ ବିଷୟମାନ ଏହା ମଧ୍ୟରେ ଲିଖିତ ଅଛି । ଏହି ଖଣ୍ଡର ମୂଲ୍ୟ ୧ଟ ୦ [illegible]

ଧନ୍ୱନ୍ତରୀ ରାଜବୈଦ୍ୟ ଶ୍ରୀ ଜନାର୍ଦ୍ଦନ କବିରତ୍ନ

ନଂ ୟୁନିଭର୍ସିଟି, ଓଡ଼ିଶା ପୋଷ୍ଟ ଡାକଘର, କଲିକତା

Digitized by srujanika@gmail.com

REGISTERED No. D6

274

ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା
The Utkal Dipika

ସଂପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ମୂଲ୍ୟ ଅଗ୍ରିମ ୫ ୫ ୩
ପ୍ରତିଖଣ୍ଡ ୫ ୦ ୯

ଭା ୬୧ ଗ

Cuttack Saturday the 26th June 1926
ଆଷାଢ଼ ୫ ୧୩ ର ସନ ୧୩୩୪ ସାଲ ଶନିବାର।

ସଂ ୨୬

ଛାତ୍ରଗଣଙ୍କ ପ୍ରତି ମହାତ୍ମାଜିଙ୍କ ଉପଦେଶ।

ଗତ ତା ୧୪ ରଖ କ୍ରମ ଉଳ ଗୁଜରାଟ୍ ବିଦ୍ୟାପୀଠର ନବବର୍ଷ ଆରମ୍ଭ ଉତ୍ସବରେ ଗୋଟିଏ ସଭା ହୋଇଥିଲା। ଉକ୍ତ ସଭାରେ ଶ୍ରୀଯୁକ୍ତ ମହାଦେବ ଦେଶାଇ ମହାତ୍ମାଙ୍କ ବାଣୀ ପାଠ କରିଥିଲେ। ମହାତ୍ମା ଉକ୍ତ ସଭାସ୍ଥଳରେ ଉପସ୍ଥିତ ଥିଲେ ମଧ୍ୟ ସେଦିନ ତାଙ୍କର ମୌନବ୍ରତ ଥିବାରୁ ଦେଶାଇ ତାଙ୍କର ନିମ୍ନଲିଖିତ ବାଣୀ ପାଠ କରିଥିଲେ।

"୧୯୨୧ ଓ ୧୯୨୬ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଦେଖାଯାଏ। ଏହା ନିରାଶାର କଥା ନୁହେଁ। ଅମ୍ଭେମାନେ ଅବଶ୍ୟ ପଶ୍ଚାତ୍ ଗମନ କରୁନାହୁଁ। ଗତ ୫ ବର୍ଷ ମଧ୍ୟରେ ଯେ ସ୍ୱରାଜ ନିକଟବର୍ତ୍ତୀ ହୋଇଅଛି ଏକଥା କେହି ଅସ୍ୱୀକାର କରିପାରିବେନାହିଁ। ଚେଷ୍ଟା କେବେହେଁ ବୃଥା ହୁଏନାହିଁ। ସାଫଲ୍ୟ ଏକମାତ୍ର ସିଦ୍ଧଚେଷ୍ଟା ଉପରେ ନିର୍ଭର କରେ। ଫଳ ଭଗବାନଙ୍କ ହାତରେ।

ଅସହଯୋଗ ଉପରେ ଏହି ବିଦ୍ୟାପୀଠ ସ୍ଥାପିତ। ଏହାର ଆଦର୍ଶ ଅହିଂସା ଅସହଯୋଗ। ନାନାଧର୍ମର ଲୋକ ? ଅସ୍ପୃଶ୍ୟ ଗ୍ରାମବାସୀଙ୍କ ସହଯୋଗ ବ୍ୟତୀତ ଅହିଂସା ଅସହଯୋଗ ଅସମ୍ଭବ। ଯେତେଦିନ ପର୍ଯ୍ୟନ୍ତ ସାଧାରଣ ଗ୍ରାମବାସୀଙ୍କ ମଧ୍ୟରେ ଅନ୍ତତଃ କେତେକ ଶକ୍ତି ଏହା ଯେ ବୁଝି ନ ପାରନ୍ତି ତାହାର ଏହି ବିଦ୍ୟାପୀଠକୁ ଆସିବା ବୃଥା। ଯାହା ଭାରତର ଜନସାଧାରଣଙ୍କ କଥା ବୁଝେନାହିଁ ଏବଂ ଦାରିଦ୍ର୍ୟ ଅପସାରଣର ଚେଷ୍ଟା କରେନାହିଁ ତାହା ଦେଶାତ୍ମବୋଧ ନୁହେଁ।

ଶେଷରେ ସେ ଉପଦେଶ ଦେଇଥିଲେ ଆଗାମୀ ଛୁଟିରେ ସେମାନେ ସେପରି ଦୂର ପଲ୍ଲୀରେ ଯାଇ ବାସ କରନ୍ତୁ। ସେଠାରେ ସେମାନେ କେତେକ ପଲ୍ଲୀବାସୀ ଆଳସ୍ୟର ଧନ ନଷ୍ଟ କରୁଥିବାର ଦେଖିବେ, କୌଣସି ୫୦୦୦ ଗ୍ରାମ ଲୋକଙ୍କ ମଧ୍ୟରେ ଯେବେ ୧୦୦ ଲୋକ ଅବସରରେ ସୂତାକାଟନ୍ତି ସେମାନେ ବର୍ଷରେ ୧୮୦୦ଟଙ୍କା ଅଧିକ ରୋଜଗାର କରିପାରିବେ। ଏହି ଅର୍ଥ ଗ୍ରାମର ଉନ୍ନତିପାଇଁ ଯଥେଷ୍ଟ। ଏହି ବିଦ୍ୟାଳୟର ପ୍ରତ୍ୟେକ ଛାତ୍ର ଗଠନ କରନ୍ତି। ଛାତ୍ରମାନଙ୍କ ନିକଟରେ ଏହି ବିଦ୍ୟାପୀଠ ଭଲ ଲାଗିଲେ ଏହି ବିଦ୍ୟାଳୟ ପରିତ୍ୟାଗ କରିବା ଉପଯୁକ୍ତ।

———

କମନ୍‌ସ୍ ସଭାରେ ଭାରତ।

ଗତ ତା ୧୪ ରଖ ଜୁନ ବ୍ରିଟିଶ ପାର୍ଲିଆମେଣ୍ଟର କମନ୍‌ସ୍‌ସଭାରେ ଭାରତ ସମ୍ବନ୍ଧରେ ଅନେକ ସମସ୍ୟା ଆଲୋଚିତ ହୋଇଥିଲା—ଗୋଟିଏ ପ୍ରଶ୍ନର ଉତ୍ତରରେ ଲର୍ଡ଼ଉଇଣ୍ଟରଟନ୍ କହିଅଛନ୍ତି ସ୍ୱରାଜ୍ୟ ପ୍ରାଦେଶିକ ବ୍ୟବସ୍ଥାପକ ସଭାରେ ପତିତ ଓ ନିମ୍ନଶ୍ରେଣୀର ଲୋକମାନଙ୍କର ପ୍ରତିନିଧିପାଇଁ ସେ ଅଧିକସ୍ଥାନ ଖୋଜିବେ। ଆଗାମୀ ନିର୍ବାଚନ ପୂର୍ବରୁ ଏହା କାର୍ଯ୍ୟରେ ପରିଣତ ହେବ କୋଉ ମଧ୍ୟ ତାଙ୍କ କଥାରୁ ଜଣାପଡ଼େ। ଇମ୍ପର୍ଟ୍ସ୍ ଇନ୍‌ଭୁଅରି କମିଟିଙ୍କ ସୁପାରିଶରୁ ଲର୍ଡ ମହୋଦୟ ଏତକ କଳ୍ପନା କରିଅଛନ୍ତି ମାତ୍ର। ଫଳରେ ଆଉ ଜଣକେତେ ମେମ୍ବର ବଢ଼ିବେ, କିନ୍ତୁ ସେମାନଙ୍କ କଥାନୁଯାୟୀ କାର୍ଯ୍ୟ ହେବାର ସମ୍ଭାବନା ଅଛି କି?

—※—

ସୁଭାଷଚନ୍ଦ୍ର ବୋଷଙ୍କର ମୋକଦ୍ଦମା।

ଶ୍ରୀଯୁକ୍ତ ସୁଭାଷଚନ୍ଦ୍ରବୋଷଙ୍କର ଦାଏର ଷ୍ଟେଟ୍ ସେକ୍ରେଟାରି-ଶରୁଟେ କଲିକତା ହାଇକୋର୍ଟରେ ଦାଏର ହବା ମକଦ୍ଦମାଗତ ବୁଧବାରଦିନ ବେଞ୍ଚରେ ପେଶ ହୋଇଥିଲା। ମୁକ୍ତାଲିଙ୍କର ଓକିଲଙ୍କରେ ସେ କେତେକ ଅଂଶ ସଂଶୋଧନ କରିବା କାରଣ ପ୍ରାର୍ଥନା କରିଥିଲେ। ଉଭୟ ପକ୍ଷରୁ ଓକାଳ ସଂଶୋଧନ ଏବଂ ଉତ୍ତର ସମ୍ବନ୍ଧେ ସର୍ତ୍ତମାଲ ଦବାର ହେବାପରେ ଦାବା ସଂଶୋଧନ ହୋଇ ମକଦ୍ଦମା ଶୁଣାଣି ନିମନ୍ତେ ଅସନ୍ତା ନଭେମ୍ବର ମାସ ତା ୧୮ ରଖକୁ ରଖାଯାଇଅଛି।

—※—

ହାଇକୋର୍ଟ

ଚଳିତ ମାସ ତା ୨୮ ରଖଠାରୁ ପାଟନାରେ ହାଇକୋର୍ଟ ଜଜମାନେ କଚେରି କରିବେ। ସେମାନେ ସାଢ଼େ ଦଶଘଣ୍ଟାଠାରୁ କାର୍ଯ୍ୟ ଆରମ୍ଭକରିବେ। ଅଦାଲତ ଖୋଲା ସକାଳେ ହେଉଅଛି। ଏହାପର ଉତ୍ତର ପରିବର୍ତ୍ତନ ହେବ ଜଣାଯାଉନାହିଁ। ଯେବେ ଅଦାଲତ ସକାଳେ ଏବଂ ହାଇକୋର୍ଟ ସାଢ଼େଦଶଟାରେ ହୁଏ ତେବେ ଯେଉଁ ଓକିଲମାନଙ୍କର ଦୁଇଆଡ଼େ କାର୍ଯ୍ୟଥିବ ସେମାନଙ୍କ ସକାଳୁ ସନ୍ଧ୍ୟାପର୍ଯ୍ୟନ୍ତ କଚେରିରେ କଟିଯିବ। କାର୍ଯ୍ୟକରିବାକୁ ହେଲେ ଏହି ଗ୍ରୀଷ୍ମ ସମୟରେ କି କଷ୍ଟ ହେବ ତାହା ସହଜରେ ଅନୁମେୟ। ଏପରି ଅବସ୍ଥାରେ ଯେଉଁମାନଙ୍କର ହାଇକୋର୍ଟରେ କାର୍ଯ୍ୟଥିବ ସେମାନେ ନିମ୍ନକୋର୍ଟମାନଙ୍କର କାର୍ଯ୍ୟ କରି ନପାରିଲେ ବିଶେଷ ଅସୁବିଧା ହେବ।

—※—

କଟକର ସଜ୍ଜନ ବାବୁ ବି, ଡେ, କ୍ଷୀରୋଦ ମହାପାତ୍ରଙ୍କର ହଠାତ ବେଳରେ ଗୋଟିଏ କଥା ହେବାରୁ ଏଠାର ଡାକ୍ତରମାନେ ତାହା ଜାଣିବାଙ୍କୁ ବୋଲି ଆଶଙ୍କା କରି ଅସ୍ତ୍ରଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ। ସେ ମହାଶୟ କଲିକତା ଯାଇ ସେଠାରେ ଅସ୍ତ୍ର ଚିକିତ୍ସା କରାଇଥିଲେ। ଭଲଥିବାର ସମ୍ବାଦ ମିଳୁଅଛି। ମାତ୍ର ଡାକ୍ତରମାନଙ୍କ ମତରେ ତାହାଙ୍କର ବର୍ତ୍ତମାନ ପାର୍ଶ୍ୱକାଳ ବିଶ୍ରାମ ନେବା ଆବଶ୍ୟକ। ତେଣୁ ସେ ବୁଝିମନରେ ଛୁଟି ସହାଇ ପ୍ରାର୍ଥନା କରିଅଛନ୍ତି। ତାଙ୍କର ବିଶ୍ରାମ ନେବା ଅତ୍ୟନ୍ତ ଆବଶ୍ୟକ। ବିଶେଷତଃ ସେ ଯେପରି ଉଚ୍ଚ ମିଜାଜରେ କାର୍ଯ୍ୟ କରନ୍ତି ଏବଂ ଅତି ଅଳ୍ପରେ ମିଜାଜ ଗରମ କରୁଥିବାର ବୋଧ ହୁଅନ୍ତି ସେଥିରେ ତାଙ୍କର ଦପକାଳ ବିଶ୍ରାମ ନେଇ ସେ ପ୍ରକାର ସ୍ୱଭାବ ପରିବର୍ତ୍ତନ କରିଥିବାର କାରଣ ଯଥେଷ୍ଟ ସହନ ଓ ସତର୍କ ହେବା ବିଶେଷ ବାଞ୍ଛନୀୟ। କାରଣ ମାନସିକ ଅବସ୍ଥାର ପରିବର୍ତ୍ତନ ଉପରେ ଶରୀରର ସ୍ୱାସ୍ଥ୍ୟ ବହୁପରିମାଣରେ ନିର୍ଭର କରେ। ସେଶୀଘ୍ର ଆରୋଗ୍ୟ ଲାଭକରି ଧୀର ସ୍ଥିର ଭାବରେ ପୁନର୍ବାର କାର୍ଯ୍ୟରେ ଶୀଘ୍ର ଯୋଗ ଦିଅନ୍ତୁ ଆମ୍ଭେମାନେ ଏହି କାମନା କରୁଁ।

ତାଙ୍କର ଅନୁପସ୍ଥିତ ସମୟରେ ଅନ୍ୟ ଏକଜଣ ସଜ୍ଜନ କଟକକୁ ଆସିବେ ବୋଲି ଶୁଣାଯାଉଅଛି କିନ୍ତୁ କିଏ ଆସିବେ ଓ କେବେ ଆସିବେ ତାହା ଏପର୍ଯ୍ୟନ୍ତ ଜଣାଯାଇନାହିଁ।

—※—

କଟକ ମ୍ୟୁନିସିପାଲିଟି

ବର୍ତ୍ତମାନ ବର୍ଷାକାଳ ପଡ଼ିଛି। ସମୟେ ସମୟେ ଅସମ୍ଭବ ଅସମ୍ଭବ ବର୍ଷା ହେଲାଣି। କଟକ ସହରରେ ପାଣି ଯିବାର ନଳ ଅଭାବରୁ ସହରର ଅଧିକାଂଶ ସ୍ଥଳରେ ଲୋକମାନଙ୍କର ବିଶେଷ ଅସୁବିଧା ଭୋଗ କରିବାକୁ ହୁଏ। ଅନେକ ସ୍ଥଳରେ ରାସ୍ତା ଉପରେ ବହୁ ପରିମାଣରେ ପାଣି ଜମାହୁଏ। ସେସବୁ ପାଣି ବାହାରିଯିବାର ସୁବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ଲୋକମାନଙ୍କର ଅସୁବିଧା ଦୂର ହେବ ନାହିଁ। ଏହା ଛଡ଼ା କେତେକ ସ୍ଥଳରେ ଯେଉଁ ନାଳ ସବୁ ଅଛି ସେହି ନାଳ ସବୁ ପରିଷ୍କାର ନ ହେବା ଦୋଷରୁ ମଧ୍ୟ କେତେକ ଅସୁବିଧା ହେଉଥିବାର ସମ୍ଭବ। ତେଲଙ୍ଗା ବଜାର ଛକ ଦେଇ ଯେଉଁ ବଡ଼ନାଳଟି ଯାଇ ବକ୍ସିବଜାରଟି ଟୋଲ ପର୍ଯ୍ୟନ୍ତ ଯାଇଅଛି ସେହି ନାଳଟି କେତେବର୍ଷରେ ସଫା ହୋଇଥିବା ଦେଖାଯାଉନାହିଁ। ସେହିନାଳଟି ଗୋଟିଏ ପ୍ରଧାନ ନାଳ। ତାହା ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପରିଷ୍କାର ହେଲେ ଏବର୍ଷ ଅନେକ ପରିମାଣରେ ଉପକାର ହୁଅନ୍ତା। ମ୍ୟୁନିସିପାଲିଟି ହତାପରେ ଗୋପାଳଜୀଙ୍କ ଦ୍ୱାର ଦକ୍ଷିଣରେ ଅବସ୍ଥିତ ଉକ୍ତ ଅଂଶ ପ୍ରତି ଆମ୍ଭେମାନେ କର୍ତ୍ତୃପକ୍ଷ ମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ। ସେ ସ୍ଥାନଟି ବର୍ଷାଋତୁ ଉପର ଲାଗି ରାସ୍ତା ବୁଝିବା ସକାଶେ କର୍ତ୍ତୃପକ୍ଷ ମାନଙ୍କର ଦୃଷ୍ଟି ପଡ଼ିବା ଆବଶ୍ୟକ। ରାସ୍ତାଟି ମଧ୍ୟ ନୂଆ ତେଲଙ୍ଗାବଜାରରୁ ଚାନ୍ଦିନୀ ଚୌକରେ ଆସିବାର ଗୋଟିଏ ବିଶେଷ ବ୍ୟବହାରୀ ରାସ୍ତା। ବର୍ତ୍ତମାନ ମ୍ୟୁନିସିପାଲିଟି ବିଭାଗରେ ଥିବା ଗୋଟିଏ ଦେଉଳବାଡ଼ିରୁ ଗଛ ଅନେକ ଦିନ ହେଲା ଭାଙ୍ଗି ଏକ ଅଂଶ ପାଚେରି ଉପରେ ଓ ଅବଶିଷ୍ଟ ଅଂଶ ରାସ୍ତା ଉପରେ ପଡ଼ିରହିଅଛି। ରାସ୍ତାଟି ସଂପୂର୍ଣ୍ଣ ଅବରୋଧ ହୋଇଅଛି, ଏ ରାସ୍ତାରେ ବହୁତ ଗୋରୁଗାଡ଼ି ଯିବା ଆସିବା କରନ୍ତି। ବର୍ତ୍ତମାନ ଗାଡ଼ି ଯିବାଆସିବା ଏକାବେଳକେ ବନ୍ଦ। ଏଗଛ ଉଠାଇବା ସକାଶେ କାହିଁକି ବ୍ୟବସ୍ଥା କରାଯାଉନାହିଁ ଆମ୍ଭେମାନେ ବୁଝିପାରୁନାହୁଁ। ଆଶାକରୁଁ କର୍ତ୍ତୃପକ୍ଷମାନେ ଶୀଘ୍ର ଏଥିର ପ୍ରତିବିଧାନ କରିବେ।

—※—

ବିଚିତ୍ର ବାର୍ତ୍ତା।

ବ୍ରିଟିଶମିଉଜିୟମ୍‌ଲାଇବ୍ରେରୀରେ ୩୦ ଲକ୍ଷ ଖଣ୍ଡ ପୁସ୍ତକ ରକ୍ଷିତ ଅଛି।

ଜାମେକା ଦ୍ୱୀପରେ କଦଳୀଗଛରୁ ଅତି ସୁନ୍ଦର କାଗଜ ପ୍ରସ୍ତୁତ ହୋଇଥାଏ।

ଇଉରୋପରେ ପ୍ରାୟ ୪୦୦୦ ପ୍ରକାର ଫୁଲ ଦେଖାଯାଏ। ମାତ୍ର ଛଅ ଫୁଲମାନଙ୍କ ମଧ୍ୟରୁ ଅଧିକାଂଶ ୧୦ପ୍ରକାର ଫୁଲର ଗନ୍ଧ ଥାଏ।

ଅନେକବାରେ ଭାରତର ୬୫୦୦ ଠାରୁ ୮୦୦ ପର୍ଯ୍ୟନ୍ତ ଲୋକ ଜଳରେ ବୁଡ଼ି ମରନ୍ତି।

—※—

Digitized by srujanika@gmail.com

ଉତ୍କଳଦୀପିକା

ଜୁନ ତା ୨୬ ରଖ ଶନିବାର ।

କୁଷ୍ଟଚିତ୍ର

ଅମ୍ଭମାନଙ୍କ ସହର ଅଣ ଜଣେ ଭଦ୍ରଲୋକ କଥାବାର୍ତ୍ତା କହୁଁ କହୁଁ କଥାପ୍ରସଙ୍ଗରେ କହିଲେ ଯେ ବର୍ତ୍ତମାନ ଅମ୍ଭମାନଙ୍କର ଏହି ଓଡ଼ିଆଜାତି ମଧ୍ୟରେ ପରସ୍ପର ଦୋଷ ଦେଖିବା ଓ ଦୋଷ ଦେଖାଇବା ବଡ଼ ପ୍ରଧାନ ହୋଇଅଛି । ଆପଣା ଆପଣା ମଧ୍ୟରେ ଜଣ କାହାର କିଛି ଗୁଣ ନାହିଁ ? କେବଳ ଦୋଷ ଅଛି । କାହିଁ ଗୁଣ ତ କେହି ଦେଖୁ ନାହାନ୍ତି । ବ୍ୟକ୍ତିଗତ ଭାବରେ କେହି ବା ଖବର କାଗଜରେ କେହି ସମସ୍ତେ ବ୍ୟସ୍ତ କାହାର କିଛି ଦୋଷ ଆଖିରେ ପଡ଼ିଲେ ତ କାଗଜରେ ପଡ଼ିଲେ ତାହା ପ୍ରଚାର କରିବେ । ଅମ୍ଭେମାନେ ସ୍ୱୀକାର କରୁଁ ଯେ କଥା ମିଛ ନୁହେ, ମଧ୍ୟ ଏହା ସ୍ୱାଭାବିକ । କଳ ରଙ୍ଗର ଗୋଟିଏ ପଦାର୍ଥ ଏବଂ ଧଳାରଙ୍ଗର ଗୋଟିଏ ପଦାର୍ଥ ଏପରି ଦୁଇଟି ପଦାର୍ଥ ଏକତ୍ର ଧରିଲେ କଳା ପଦାର୍ଥଟି ଆଗେ ଦୃଷ୍ଟି ଆକର୍ଷଣ କରେ । ଦୁଷ୍ଟଚିତ୍ର ପ୍ରକାଶ କରିବାର ଉଦ୍ଦେଶ୍ୟ କଦାଚ ମନ୍ଦ ନୁହେ । ସମାଜରେ କୌଣସି ପ୍ରକାର ଅକର୍ମ ଦୂର କରିବାକୁ ହେଲେ ପ୍ରଧାନ ଉପାୟ ତାହା ଜନସମାଜରେ ଘୋଷଣା କରିବା । ଯାହା ମନ୍ଦ ତାହା ମନ୍ଦ । ଯାହାର ତାହାର । କେବଳ କେବଳରେ କିନ୍ତୁ ତାହାର ଅନ୍ତଃକରଣ କେବେ କହୁ ନ ଥିବ ଯେ କାର୍ଯ୍ୟଟା ଭଲ । ତାହା ନ ହେଲେ ସେ କଦାଚ ସେହି କାର୍ଯ୍ୟକୁ ଗୋପନ ରଖିବାକୁ ଚେଷ୍ଟା କରନ୍ତା ନାହିଁ । ଯେ ଯେତେ ଖରାପ କାର୍ଯ୍ୟକରେ ସେ ଚାହୁଁଥାଏ ଯେ ଅନ୍ୟ କେହି ତାହା ଖରାପ ଦୃଷ୍ଟିରେ ଦେଖନ୍ତୁ ନାହିଁ । ତାହାର ଅନ୍ତଃକରଣରେ ଅନ୍ତଗୋପନରେ ଯେଉଁ ଖରାପ ଉଦ୍ଦେଶ୍ୟଟି ଥିଲା ତାହା ସେ କାହାରିକୁ କହୁ ନାହିଁ ଏବେ ବା ଉପରେ ବୁଝିବ ? ଯେ ପର୍ଯ୍ୟନ୍ତ ତାହା ମନରେ ଏହି ଧାରଣା ଥାଏ ସେ ଅନ୍ଧକାରରେ ସେହି ମନ୍ଦ କାର୍ଯ୍ୟଗୁଡ଼ିକ କରୁଥାଏ । କିନ୍ତୁ ସେ ଯେତେବେଳେ ବୁଝିପାରେ ଯେ ତାହାର ମନଭାବ ଅନ୍ୟ ଲୋକେ ବୁଝି ପାରିଲେଣି ତାହାର କାର୍ଯ୍ୟ ପ୍ରତି ଅନ୍ୟମାନଙ୍କର ଦୃଷ୍ଟି ପଡ଼ିଲାଣି, ସେ କଦାଚ ଆଉ ସେପରି କାର୍ଯ୍ୟ କରିବାକୁ ଅଗ୍ରସର ହୋଇ ନ ପାରେ । କ୍ରମେ ତାହା ସଂଶୋଧିତ ହୋଇଯାଇପାରେ ଓ ମଧ୍ୟ ଅନ୍ୟଲୋକେ ମଧ୍ୟ ସତର୍କ ହୁଅନ୍ତି । ବିଶେଷତଃ ଉଦ୍ଦେଶ୍ୟ ଆଲୋଚନା ହେଲେ ସମାଜରୁ ଅକର୍ମ ଦୂର ହେବାର ବିଶେଷ ସମ୍ଭାବନା । ତେଣୁ ଅଧିକାଂଶ ସମୟରେ ସମ୍ବାଦପତ୍ରମାନେ ଓ ମଧ୍ୟ ବ୍ୟକ୍ତି ବିଶେଷ ଦୁଷ୍ଟଚିତ୍ରକୁ ବିଶେଷ ଆଦର କରନ୍ତି । ସମାଜରେ କେହି କୌଣସି ଭଲକାର୍ଯ୍ୟ କଲେ ସବୁ କାଗଜମାନେ ଯେ ପ୍ରଶଂସା କରନ୍ତି ବା ଜନସାଧାରଣ ତାହାର ସୁଖ୍ୟାତି ନ କରନ୍ତି ଏକଥା କହିବା ଠିକ ନୁହେଁ କିନ୍ତୁ ସେପରି କାର୍ଯ୍ୟ ସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବା ଭଳି ନ ହେଲେ ତାହା ପ୍ରୋତ୍ସାହନ କଣ ପାଇବ? ଜାତୀୟ ଅଜର ପୋଷଣ ବା କାହାର କର୍ତ୍ତବ୍ୟ ପାଳନରେ ଯେ ଯାହା କରୁଅଛି କହିବା ସମାଜର କୌଣସି ଆଶଙ୍କାର କାରଣ ନାହିଁ କିନ୍ତୁ କାର୍ଯ୍ୟଟି ଯେବେ ଏପରି ହୋଇଥାଏ ଯେ ତାହାକୁ ଉଦାହରଣ କରି ଅନ୍ୟଲୋକ ଅନୁକରଣ କରିବେ ତେବେ ସେପରି କାର୍ଯ୍ୟ ବୋଧହୁଏ ପ୍ରକାଶ କରିବାକୁ କେହି କେବେ କୁଣ୍ଠିତ ହୁଅନ୍ତା ନାହିଁ ।

ଅମ୍ଭେମାନେ କେବଳ ଏତିକି ପ୍ରକାଶ ଦୁଃଖିତ ହେଉଅଛୁଁ ଯେ ଅଧିକାଂଶ ସମୟରେ ଆମ୍ଭର ଓଡ଼ିଆମାନେ କେବଳ ଓଡ଼ିଆ ଭାଇଙ୍କର ଅନିଷ୍ଟ କରିବାକୁ କୁଣ୍ଠିତ ନ ହେଇ ଉତ୍ସୁକ ହେଲା ଦେଖାଯାନ୍ତି । ଓଡ଼ିଆ ଛଡ଼ା ଅନ୍ୟ କେହି ଶତ୍ରୁ ହେଲେ ମଧ୍ୟ ତାହାଙ୍କ ବିରୁଦ୍ଧରେ କଥା କହିବାକୁ କୁଣ୍ଠିତ । ପୁଣି ଓଡ଼ିଆଙ୍କ ମୁହଁରେ ସେମାନଙ୍କ ନିନ୍ଦା ଚର୍ଚ୍ଚା ହୁଏ । ଫଳରେ ଆପଣା ଆପଣା ମଧ୍ୟରେ କାମଡ଼ା କାମୁଡ଼ି ହୋଇ ଆପଣା ଆପଣା ଜାତିର ଓ ଆପଣା ଦେଶକୁ କଳଙ୍କିତ କରୁଅଛନ୍ତି । ଏ ଅବସ୍ଥା କେବେ ପରିବର୍ତ୍ତନ ହେବ କହି ହେଉ ନାହିଁ । ଏଥିରେ କି ବାଳକ କି ଯୁବକ କି ବୃଦ୍ଧ ସମସ୍ତଙ୍କର ଏକରୂପ ଏକାଗ୍ରତା ଦେଖା ଯାଉଅଛି ।

ମିସର ନିର୍ବାଚନ

ଏଥର ଷ୍ଟେଟ କଳରେ ଜଗଲୁଲ ପାଶା ଯେପରି ଜୟଲାଭ କରିଥିଲେ ସେଥିରୁ ଅନେକଙ୍କର ଦୃଢ଼ ଆଶା ଥିଲା ସେ ନିଶ୍ଚୟ ମନ୍ତ୍ରୀତ୍ୱ ଲାଭ କରିବେ, ମାତ୍ର ସେ ପୀଡ଼ିତ ଥିବାରୁ ମନ୍ତ୍ରୀତ୍ୱ ଗ୍ରହଣ କରିବାକୁ ସେ ସ୍ୱୀକୃତ ହେଲେ ନାହିଁ । ବ୍ରିଟିଶ ସରକାର ଜଗଲୁଲ ଦଳର ଜୟ ହେବା ଦେଖି ବଡ଼ ଭୟ କରିଥିଲେ ଏବଂ ମିସରକୁ ମଧ୍ୟ ଯଥୋଚିତ ଭୟ ଦେଖାଇଥିଲେ । ବିଲାତର କେତେକ ସମ୍ବାଦପତ୍ର ମିସରର ଅକ୍ଷମତା ଦେଖାଇ ନାନାକଥା ଲେଖିବାକୁ ଆରମ୍ଭ କରିଥିଲେ । ବର୍ତ୍ତମାନ ସବୁ ଦିପାଶା ମନ୍ତ୍ରୀ ହୋଇଅଛନ୍ତି । ପ୍ରଜାବର୍ଗଙ୍କର ତାଙ୍କ ପ୍ରତି କପର ଧାରଣା ତାହା ଅବଶ୍ୟ ଅଳ୍ପଦିନେ ଜଣାଯିବ ।

କୃଷି କମିଶନ

ଭାରତର ନୂତନ ବଡ଼ଲାଟ ଲର୍ଡଇର୍ଭିନ ଭାରତକୁ ଆସିବାପୂର୍ବ ରହିଥିଲେ । ସେ ଏବେ କୃଷି କମିଶନଙ୍କର କାର୍ଯ୍ୟ କଳାପ ସ୍ଥିର କରିବା ପାଇଁ ପ୍ରାଦେଶିକ କୃଷି ବିଭାଗୀୟ ମନ୍ତ୍ରୀ ଓ ବିଶେଷଜ୍ଞମାନଙ୍କୁ ନେଇ ଗୋଟିଏ ସଭା କରିଥିଲେ । ଉକ୍ତ ସଭାରେ ସେ ଯେଉଁ ବକ୍ତୃତା ଦେଇଥିଲେ ସେଥିରେ ବିଶେଷତ୍ୱ କିଛି ନ ଥିଲା । ଯେପରି ସମସ୍ତେ ପ୍ରଥମ ଆସି ଘୋଷଣା କରିଥାନ୍ତି ସେହିପରି ସେ ତାଙ୍କର ବକ୍ତୃତା କାଳୀନ କହିଥିଲେ—ଭାରତ କୃଷି ପ୍ରଧାନ ଦେଶ—ଏଠାକାର କୃଷକମାନେ ଅତି ଦରିଦ୍ର-ସେମାନଙ୍କର ଉନ୍ନତି କରିବାକୁ ହେଲେ ବୈଜ୍ଞାନିକ କୃଷି ପ୍ରଣାଳୀ ଅବଲମ୍ବନ କରିବା ଉଚିତ । ସରକାରୀ କୃଷି ବିଭାଗର ମଧ୍ୟ ସେ ଅନେକ ଗୁଣଗାନ କରିଥିଲେ । କାର୍ଯ୍ୟତଃ ଯେପରି ଦେଖାଯାଏ ସରକାରୀ କୃଷି ବିଭାଗଦ୍ୱାରା ଭାରତର କୃଷକମାନଙ୍କର କୌଣସିପ୍ରକାର ଉନ୍ନତି ହୋଇନାହିଁ । ଭାରତର କୃଷକବୃନ୍ଦ ସରକାରୀ କୃଷି ବିଭାଗର କଥା ଶୁଣିନାହାନ୍ତି ଏହା ଅବଶ୍ୟ କୃଷକମାନଙ୍କର ଦୋଷ ନୁହେଁ । ବଡ଼ଲାଟ ମହୋଦୟ ଆଉ କିଛିଦିନ ପରେ ତାହାର କାରଣ ବୁଝି ପାରିବେ । ବର୍ତ୍ତମାନ ବଡ଼ଲାଟ ମହୋଦୟ ଇଂଲଣ୍ଡର କୃଷି ବିଭାଗର ଜଣେ ମୁଖିଆ ଲୋକ ଥିଲେ । ଭାରତବାସୀ ମଧ୍ୟ ତାଙ୍କଦ୍ୱାରା ଭାରତର କୃଷି ଉନ୍ନତି ହୋଇ ପାରିବ ବୋଲି ଆଶା କରିଥିଲେ । ସେ ମଧ୍ୟ ତଦନୁଯାୟୀ ସହଜେ କୃଷି କମିଶନ ଗଢ଼ିଥିଲେ । ବର୍ତ୍ତମାନ ବଡ଼ଲାଟ ମହୋଦୟଙ୍କ ଉକ୍ତିରୁ ଯେପରି ଜଣାଯାଏ କୃଷି କମିଶନଙ୍କ ଦ୍ୱାରା ଭାରତର କୃଷି ଉନ୍ନତି ଆଶା କରିବା ବୃଥା । ବଡ଼ଲାଟମାନେ ପ୍ରଥମ ଆସିବା ସମୟରେ ଭାରତ ସେମାନଙ୍କଠାରୁ ବିଶେଷ ଆଶା କରିଥାଏ । କିନ୍ତୁ ଆଶା କେତେଦୂର ପୂର୍ଣ୍ଣ ହୁଏ ତାହା ସେମାନଙ୍କ ଯିବାସମୟରେ ଜଣାପଡ଼େ, ଏଥର ମଧ୍ୟ ଭାରତବାସୀଙ୍କର ଆଶା କେତେଦୂର ପୂର୍ଣ୍ଣ ହେବ ତାହା ଭଗବାନଙ୍କ ଗୋଚର ।

ଲଣ୍ଡନରେ ହିନ୍ଦୁ ମନ୍ଦିର

ଅତ୍ୟନ୍ତ ସୁଖର ବିଷୟ ଏହି ଯେ ଲଣ୍ଡନରେ ପ୍ରବାସୀ ହିନ୍ଦୁମାନଙ୍କର ସୁବିଧା ପାଇଁ ଏବଂ ହିନ୍ଦୁଧର୍ମର ନିୟମାନୁଯାୟୀ ସେଠାରେ ରହିବାପାଇଁ ସେଠାରେ ଗୋଟିଏ ହିନ୍ଦୁମନ୍ଦିର ସ୍ଥାପନର ଚେଷ୍ଟା ବହୁଦିନରୁ ହୋଇ ଆସୁଅଛି । କାର୍ଯ୍ୟ ମଧ୍ୟ ଅନେକ ହେଲାଣି । ସେଠାରେ ଗୋଟିଏ ହିନ୍ଦୁ ମନ୍ଦିର ସ୍ଥାପନ ହେବ । ମନ୍ଦିର ସଂଲଗ୍ନ ଗୃହରେ କ ୫୦୦ ଣ ପ୍ରବାସୀ ହିନ୍ଦୁ ଯେପରି ବାସ କରି ପାରିବେ ତାହାର ମଧ୍ୟ ବ୍ୟବସ୍ଥା ହେବାର ସ୍ଥିର ହୋଇଅଛି । ବଡ଼ ବଡ଼ ଲୋକଙ୍କ ପାଇଁ ମଧ୍ୟ ବିଶେଷ ବ୍ୟବସ୍ଥା କରାହେବ । ଏ କାର୍ଯ୍ୟରେ ମୋଟ ୪୫ ଲକ୍ଷ ଟଙ୍କା ବ୍ୟୟ ହେବ । ଲଣ୍ଡନନଗର ନିକଟରେ ସୁବିସ୍ତୃତ ଜମି କିଣା ହେଲାଣି । ଭାରତୀୟ ଅନେକ ଦେଶୀୟ ନୃପତି ଏ କାର୍ଯ୍ୟରେ ଯଥେଷ୍ଟ ସହାନୁଭୂତି ଦେଖାଉ ଅଛନ୍ତି । ଆଶା କରାଯାଏ ମନ୍ଦିର ମଧ୍ୟ ଶୀଘ୍ର ନିର୍ମାଣ ହେବ ।

ଏଣ୍ଡିଗୁମ୍ଫ

ଅମ୍ଭେମାନେ ପୂର୍ବେ ଜଣାଇ ଦେଇଅଛୁ ଯେ ଭାଗଲପୁରରୁ ଜଣେ ଲୋକ ପ୍ରତିଦିନ ଆସି ଶ୍ରୀଯୁକ୍ତ ବାବୁ ଲକ୍ଷ୍ମୀଚରଣ ପଟ୍ଟନାୟକଙ୍କର କଟକ ଫିରିଙ୍ଗି ବଜାର ବସାରେ ରହୁଅଛନ୍ତି । ତାହାର ଓଡ଼ିଶା ଶିଳ୍ପ ବିଭାଗର ଆଦେଶ ଅନୁସାରେ ସରକାର ପଠାଇଅଛି । ସେ ଆସିବାବେଳେ ପୋକ ନେଇ ଆସିଥିଲେ । ସେ ସେହି ପୋକ ଗୁଣ୍ଡିଙ୍କ ଉପର ଖାଇବାକୁ ଦିଆଯାଏ ଓ କିପରି ପାଳନ କରାଯାଏ ତାହା ନିଜେ ଲକ୍ଷ୍ମୀବାବୁଙ୍କ ବସାରେ କରୁଅଛନ୍ତି । କେତେକ ଲୋକ ଆସି ସେ ସବୁ ଦେଖିଯାଉଅଛନ୍ତି ଓ ପାଳନର ବିଧି ବୁଝି ଯାଉଅଛନ୍ତି । ଶ୍ରୀଯୁକ୍ତ ବାବୁ ଶଶୀଭୂଷଣ ରାୟ ବକିଲ, ବାବୁ ଗିରିଧାରୀ ଜଗତ ଓକିଲମାନଙ୍କ ମଧ୍ୟ ଆସିଥିବା ପୋକରୁ କିଛି କିଛି ନେଇଯାଇଅଛନ୍ତି, ସେମାନେ ଆପଣା ଆପଣା ଘରେ ସେଗୁଡ଼ିକ ପାଳନ କରୁଅଛନ୍ତି । ଏ ପୋକଗୁଡ଼ିକ ପ୍ରାୟ ଆଉ ୧୨ ଦିନ ମଧ୍ୟରେ କୋଷା ନିର୍ମାଣ କରିବେ । ଯେଉଁମାନେ ପୋକ ବା ଡିମ୍ବ ନେବାକୁ ଚାହାନ୍ତି ସେମାନେ ଆସି ଆଗରୁ ଲକ୍ଷ୍ମୀବାବୁଙ୍କ ଘର ବୁଝିଯାଆନ୍ତୁ । ଭାଗଲପୁରରୁ ଆସିଥିବା ବ୍ୟକ୍ତି ଆଉ ୨ ମାସ ରହିଲେ ଚାଲିଯିବେ । କୌଣସି ସ୍ଥାନରେ ଏଥିନିମନ୍ତେ ଏକାବେଳକେ ବହୁତ ଗୁଣ ଯେବେ ଆରମ୍ଭ କରିବେ ତେବେ ଲକ୍ଷ୍ମୀବାବୁଙ୍କୁ ଲେଖିଲେ ସେ ଦେହ ଭାଗଲପୁରରୁ ଆସିଥିବା ବ୍ୟକ୍ତିଙ୍କୁ କିମ୍ବା ଏଠାରେ ଶିଖୁଥିବା ଲୋକ ମଧ୍ୟରୁ କାହାରିକୁ ପଠାଇଦେଇ ପାରିବେ । ୨୦।୨୫ ଦିନରେ ଏହି ସମ୍ବନ୍ଧୀୟ ସମସ୍ତ ହାଲ ସହଜରେ ବୁଝାଯାଇ ପାରିବ ।

ଓଡ଼ିଆ ପ୍ରେସର ଅଂଶୀଦାର ସମ୍ପାଦକ ବାବୁ ଲକ୍ଷ୍ମୀଚରଣ ପଟ୍ଟନାୟକଙ୍କ ନିକଟରେ ଅନେକ ଲୋକ ଏଣ୍ଡି ସମ୍ବନ୍ଧରେ ଅନେକ ବିଷୟ ପ୍ରଶ୍ନ କରି ପତ୍ର ଲେଖୁଛନ୍ତି । ଅମ୍ଭେମାନେ ଏଥିସହିତ ଦଫିକାର ଭଲ ଭଲ ସଂବାଦରେ ସେ ସମ୍ବନ୍ଧେ ଅନେକ କଥା ଜଣାଉଅଛୁଁ । ତେବେ ପୋକଗୁଡ଼ିକ ପାଳନ କରିବାର ବିଧି ଓ କିପରି ଖୋଇବାକୁ ହେବ ଓ କେତେ ପରିମାଣର ଉତ୍ପାଦନ ହେବାର ଏ ସବୁ ବିଷୟ ଅବଶ୍ୟ ଦିଆଯାଇନାହିଁ । ତାହା ଅନେକ ଜାଣିବାକୁ ଚାହାନ୍ତି । ମୋଟାମୋଟି ସେ ସମ୍ବନ୍ଧେ କେତେକ ବିଷୟ ଉଲ୍ଲେଖ କରୁଁ । ଲକ୍ଷ୍ମୀବାବୁ ସମସ୍ତ ବିବରଣ ଜାଣିବା ଉପଯୋଗୀ ଖଣ୍ଡିଏ ପୁସ୍ତକ ଲେଖୁଅଛନ୍ତି ପୁସ୍ତକଖଣ୍ଡି ପ୍ରକାଶ ହେଲେ ସମସ୍ତେ ସହଜରେ ଜାଣିପାରିବେ । ବର୍ତ୍ତମାନ ସଂକ୍ଷେପରେ କେତେକ କଥା ଉଲ୍ଲେଖ କରୁଁ ।

ପୋଷିବା ସ୍ଥାନ—ଘର ମଧ୍ୟରେ କମ୍ବା ଡିଶାରେ ସହଜରେ ଏମାନଙ୍କୁ ପୋଷିହେବ । ଅମ୍ଭମାନଙ୍କ ଦେଶରେ ଯେପରି ଘର ଖଣ୍ଡିଏ ଖଣ୍ଡିଏ କରି ଗାଈ ଗୋରୁ ଛେଳି ମେଣ୍ଢା ପୋଷି ପିଣ୍ଡା ପଟଣ୍ଡରେ ବା ଜେହି ଜେହି ଆପଣା ଘରମଧ୍ୟରେ ସେମାନଙ୍କୁ ବାନ୍ଧି ପୋଷୁ ଅଛନ୍ତି, ସେହିପରି ଘର କୋଣରେ ଭିତ୍ତିଉପରେ ବା ଷ୍ଟାଣ୍ଡ ଖଣ୍ଡିଏ ବାନ୍ଧି ବା କାଠର ଷ୍ଟାଣ୍ଡ କରି ତହିଁରେ ୧୦।୧୨ଟି ଥାକ କରି ଘରେ ଯେ କୌଣସି ସ୍ଥାନରେ ରଖିଦେଲେ ସେହି ଥାକ ମାନଙ୍କରେ ଅନେକଗୁଡ଼ିଏ ଡାଲି ସହଜରେ ରଖାଯାଇପାରିବ । ଡାଲିଗୁଡ଼ିକ ସାଧାରଣ ବାଉଁଶପାତିଆ ବା ତାଳପତ୍ର ହେଲେ ଚଳିବ । ସେହି ଡାଲି ଗୁଡ଼ିକରେ ଯହିଁରେ ଯେତେ ପୋକ ସହଜରେ ରହିପାରିବେ ତହିଁରେ ସେତେ ପୋକ ରଖିଦେବ । ପୋକଗୁଡ଼ିକ ବଡ଼ ହୋଇଗଲେ ସେଠାରୁ କୋଷା ତିଆରି କରିବାର ବେଳ ହେଲେ ଗୋଟିଏ ଗୋଟିଏ ଝୋଟେଇରେ ବା ଜଡ଼ ସ୍ଥାନରେ ଟିକେଟିକେ ଦର ଦର ଶୁଖିଲା ଆମ୍ବପତ୍ର ବା କଦଳୀପତ୍ର ବା ଶୁଖିଲା ଘାସ ଜମା କରିଦେଇ ତହିଁରେ ସେ ପୋକଗୁଡ଼ିକ ଛାଡ଼ିବାକୁ ହେବ । ସାଧାରଣ ଗୋଟିଏ ଏକଫୁଟ ବ୍ୟାସ ଓ ଦୁଇଫୁଟ ଗଭୀର ଝୋଟେଇରେ ୪।୫ ଶ ପୋକ କୋଷା ତୋଳି ପ୍ରସ୍ତୁତ କରିପାରିବେ । କଣ୍ଟିଝିଙ୍କା ଡାଳରେ ମଧ୍ୟ ସେହିପରି ଆମ୍ବ ପତ୍ର ଦେଇ ପୋକଗୁଡ଼ିକ ରଖାଯାଇପାରେ ।

ଖାଦ୍ୟ—ଏଣ୍ଡି ପୋକମାନଙ୍କର ପ୍ରଧାନ ଖାଦ୍ୟ, ଖୁବ ଛୋଟ ଅବସ୍ଥାରେ ଖୁବ କଅଁଳପତ୍ର ଖାଇବାକୁ ଦେବାକୁ ହେବ । କ୍ରମେ ପୋକଗୁଡ଼ିକ, ଯେପରି ବଡ଼ ହେଉଥିବେ ସେହିପରି କ୍ରମେ ପାକଳପତ୍ର ଦିଆଯାଇପାରିବ । ଛୋଟ ପୋକଙ୍କୁ ପାକଳପତ୍ର ଦେବା ନାହିଁ କିମ୍ବା ବଡ଼ ପୋକଙ୍କୁ କଅଁଳପତ୍ର ଦେଲେ ସେମାନଙ୍କର ପୁଷ୍ଟି ସାଧନ ହେବ ନାହିଁ । ଜଡ଼ାପତ୍ର ଅଭାବରେ କୋଳିପତ୍ର ବାଦାମପତ୍ର ଓ ଅମୃତଭଣ୍ଡା ପତ୍ର ଦିଆଯାଇପାରେ କିନ୍ତୁ ସେଗୁଡ଼ିକ ସେମାନଙ୍କର ପୁଷ୍ଟିକର ଖାଦ୍ୟ ନୁହେଁ । କେବଳ ବଞ୍ଚାଇ ରଖିବାର କାରଣ ଏ ସବୁ ଦିଆଯାଇପାରେ ଖାଦ୍ୟର ପରିମାଣ ।—

ଦିନ ମଧ୍ୟରେ ସକାଳୁ ସଞ୍ଜରେ ଶୋଇବା ପର୍ଯ୍ୟନ୍ତ ୪।୬ ଥର ଖାଇବାକୁ ଦେବାକୁ ହେବ । ଜଡ଼ାପତ୍ର ଦେବା ମାତ୍ରେ ପୋକଗୁଡ଼ିକ ବରାବର ତହିଁରେ ଲାଗି ଖାଇବାକୁ ଆରମ୍ଭ କରିବେ । ଯେତେବେଳେ ଦେଖିବ ପତ୍ରଗୁଡ଼ିକ ଖାଇ କେବଳ ଶିରଗୁଡ଼ିକ ରଖିଦେବେ ସେତେବେଳେ ନୂଆ ପତ୍ର ଦେବାକୁ ହେବ । ତାହାଙ୍କ

Split by PDF Splitter

Digitized by srujanika@gmail.com

Split by PDF Splitter

୧୯୨୦ ର ଗଡ଼ଅଡ଼ଲି ସନ୍ଧିକରେ ୪୦୦। ୨୩ ଫୋଡ ପୋଡ଼ିହେବ ।ଜଣା ସୁଷଢର ଫୋଢ ଫୋଷିବାକୁ ହେଲେ ମୋଟା ମୋଟି ଭୂଁଇଁବା ଦରକାର ସେ ଏକମାଣ ଜମିରେ ପ୍ରାୟ ଦଶଟେର ଜଡ଼ା ବୁଣାଯାଇପାରେ । ସେହି ଏକମାଣ ଜମିର ଗଛରୁ ଯେତେ ପଡ଼ହେବ ତହିଁରୁ ଯେତେ ଫୋଢ ଫୋଷିହେବ ତହିଁର ପ୍ରାୟ ଏକମହଣ ଖୋଷା ବା ଗୋଟା ଅମଦାନ ହୋଇପାରିବ । ସେହି ଗୁଷରୁ ଯାହା ଜଡ଼ା ଅମଦାନ ହେବ ତହିଁର ଗୁଷର ଖର୍ଚ୍ଚ ଯାଇ ଅବଶ୍ୟ କିଛୁ କିଛି କରମିଳିବା । ଫୋଢଗୁଡ଼ିକ ଫୋଷିଲେ ଅଧିକା ଏକମହଣ ଏଣ୍ଡିଖୋଷା ବା ଗୋଟା ପାଇଲେ ତହିଁରୁ ମ୬୩ ଅଢ଼ି କମରେ ୫ ୧୩୦୯ ରୁ ୫ ୨୦୦୯ ହୋଇପାରିବ । ଏପରି ଅବସ୍ଥାରେ ଏହା ଯେ କ୍ଷୁଦ୍ର ଲାଭଜନକ ଏଥିରେ ସନ୍ଦେହ ନାହିଁ ।

—※—

ସରକାରଙ୍କ ଅଫିମ ନୀତି

ପୂର୍ବେ ଭାରତ ସରକାର ଅନ୍ୟଦେଶମାନଙ୍କୁ ଅଫିମ ବ୍ୟବହାର ନିମନ୍ତେ ରପ୍ତାନି କରୁଥିଲେ । ଏ ପ୍ରକାର ରପ୍ତାନି ଅନ୍ୟାୟ ଓ ଘୃଣ୍ୟ ବୋଲି ଜେନେଭାଠାରେ ଗୁପ୍ତ ସଂଘର ଗତ ବର୍ଷର ଅଧିବେଶନରେ ସ୍ଥିର ହେଲା । ତହିଁରୁ ଏ ଆନ୍ଦୋଳନ ଅନେକ ଦିନଯାଏ ଚାଲିଥିଲେ ସୁଦ୍ଧା ସରକାର ଏ କଥାକୁ ଶୁଣୁନଥିଲେ; ଜେନେଭାଠାରେ ଅଫିମସମ୍ବନ୍ଧୀୟ ଆଲୋଚନା ହେଉଥିବା ବେଳେ ସରକାର ଅନୁପକ୍ଷ ସମର୍ଥନ ପାଇଁ ଚତୁର ଲଢ଼ିଥିଲେ । ଭାରତ ସରକାର ଏବେ ବଦେଶକୁ ଅଫିମ ରପ୍ତାନିସମ୍ବନ୍ଧେ ଗୋଟିଏ ନିର୍ଦ୍ଧାରଣ କରିଅଛନ୍ତି । ତହିଁରୁ ଜଣାଯାଏ ଆସନ୍ତା ବ ୧୦ ବର୍ଷ ମଧ୍ୟରେ ଔଷଧ ନିମନ୍ତେ ଆବଶ୍ୟକ ପରିମାଣ ଅନୁଯାୟୀ ଅଫିମଛଡ଼ା ଅତିରିକ୍ତ ପଠାଇବା ବନ୍ଦ କରିଦିଆଯିବ । ବଦେଶ ପାଇଁ ସରକାର ଏ ବ୍ୟବସ୍ଥା କରିଦେଲେ । କିନ୍ତୁ ଭାରତରେ ଅଫିମ ବ୍ୟବହାର ବଢ଼ିକରି ବହୁ ଭାରତବାସୀର ସର୍ବନାଶ କରୁଅଛି । ବଦେଶକୁ ରପ୍ତାନି ବନ୍ଦ ହେଲେ ସ୍ୱଦେଶର ଅଫିମ ବ୍ୟବହାର କମିଯିବ ମାତ୍ର ନିଜ ରାଜ୍ୟର ପ୍ରଜାମାନେ ଅତ୍ୟଧିକ ପରିମାଣରେ ଅଫିମ ବ୍ୟବହାର କରି ନ ଖଣ୍ଡା ହେଉ ଅଛନ୍ତି ସରକାର ତା ଦେଖି ନ ଦେଖିଲା ପରି ରହୁଅଛନ୍ତି । ସରକାରଙ୍କ ନିଜ ଦେଶରେ ଅଫିମ ବ୍ୟବହାର କମିବାପାଇଁ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ଓ ମଧ୍ୟ ଦେଶରେ ବର୍ତ୍ତମାନ ଅଫିମ ବିରୁଦ୍ଧରେ ଯେ ଆନ୍ଦୋଳନ ଚାଲିଛି ତାହା ଅଧିକ ଦୃଢ଼ ଭାବରେ ଚାଲିଲେ ବିଶେଷ ଉପକାର ହେବାର ଆଶାକରାଯାଏ ।

ଆଲିପୁର ଜେଲ ହତ୍ୟାକାଣ୍ଡ

ଆଲିପୁର ଜେଲରେ ଗତ ମଇମାସ ତା ୨୮ ରଖରେ ଯେଉଁ ହତ୍ୟାକାଣ୍ଡ ସଂଘଟିତ ହୋଇଥିଲା ତାହା ପାଠକମାନଙ୍କୁ ଜଣାଅଛି । ଦକ୍ଷିଣେଶ୍ୱର ବୋମା ମୋକଦ୍ଦମା ସଂକ୍ରାନ୍ତରେ ଦଣ୍ଡିତ କେତେକ ବନ୍ଦୀ ଇନ୍‌ସ୍‌ପେକ୍ଟର ଜେନେରାଲ ଭାଇର ସ୍ପେସିଆଲ ସୁପରିଣ୍ଟେଣ୍ଡେଣ୍ଟ ରାୟ ବାହାଦୁର ଭୂପେନ୍ଦ୍ରନାଥ ଚଟ୍ଟର୍ଜିଙ୍କ ଗୋଟିଏ ଲୁହାଡ଼ଣ୍ଡରେ ମୁଣ୍ଡ ଏପରି ଆଘାତ କରିଥିଲେ ଯେ ସେ ତାଙ୍କର ଖାଟକୁ ପଠାଯିବାର କିଛି ସମୟପରେ ପ୍ରାଣତ୍ୟାଗ କରିଥିଲେ । ଅସାମୀମାନଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର ହୋଇଥିଲା । ବର୍ତ୍ତମାନ ମୋକଦ୍ଦମାର ରାୟର

କ୍ଷେଷ ହେଇଛି । ୧୦ ଜଣ ଅସାମୀଙ୍କ ମଧ୍ୟରୁ ତିନିଜଣଙ୍କୁ ଫାସି ହୁକୁମ ହୋଇଅଛି ଏବଂ ଅବଶିଷ୍ଟ ୭ ଜଣକୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡଦିଆ ଯାଇଅଛି ।

କେନ୍ଦ୍ରାପଡ଼ା ଷ୍ଟିମର

ଗତ କେତେଦିନ ହେଲା ଯାତ୍ରୀମାନଙ୍କ ବିଶେଷ ଅସୁବିଧା ଭୋଗକରିବାକୁ ହେଉଅଛି । କେନ୍ଦ୍ରାପଡ଼ାଠାରୁ ତଳବୋଟର ଲୋକଙ୍କୁ ଉପର ବୋଟକୁ ଏବଂ ଉପର ବୋଟର ଲୋକଙ୍କୁ ତଳବୋଟକୁ ବଦଳାଇବାକୁ ପଡ଼ୁଅଛି । ତଳ ବୋଟ ଉପରକୁ ଆସି ପାରୁନାହିଁ କି ଉପର ବୋଟ ତଳକୁ ଯାଇନାହିଁ । ପାଣିଅଭାବରୁ ଏପରି ଘଟୁଅଛି । ପୁଣି ମହାନଦୀରେ ପାଣିର ଅଭାବରୁ ଦଳଘାଇରୁ ବୋଟ ଝାଞ୍ଜିଙ୍କର ଘାଟପର୍ଯ୍ୟନ୍ତ ଆସି ପାରୁନାହିଁ । ତଳଘାଇ ଜଡ଼ ମାଡ଼ି ଆଣିବା ସହଜ ନୁହେଁ । ସମସ୍ତ ସମୟରେ ଘାଟରେ ପହଞ୍ଚିବା ବେଳକୁ ରାତି ୩।୧୦ ଟା ବା ତହିଁରୁ ଅଧିକ ହୋଇଯାଇଅଛି । ଏଥିର ସୁବ୍ୟବସ୍ଥା ଆବଶ୍ୟକ । ଷ୍ଟେସନ ଦୁଇଖଣ୍ଡ ବେଶୀ ଡଙ୍ଗାରଖିଲେ ଅବଶ୍ୟ ଅଳ୍ପସମୟରେ ସହଜରେ ଲୋକେ ଘାଟପର୍ଯ୍ୟନ୍ତ ଆସିପାରନ୍ତେ । ତାହା ଯେବେ କରି ନ ପାରଯାଏ ତେବେ ଜଗତପୁରଠାରୁ ଯୋଡ଼ିଏ ପର୍ଯ୍ୟନ୍ତ ଭଡ଼ା କମେଇ ଦେଲେ ଜଗତପୁର ପର୍ଯ୍ୟନ୍ତ ଟିକଟ ଦେଲେ ଲୋକେ ଜଗତପୁରଠାରୁ ଯେ ଯାହାର ଚଳ ଜଳର ସୁବିଧା କରନ୍ତେ ବା ଯେ ଇଚ୍ଛାକରନ୍ତା ସେ ଡାଙ୍ଗିଶୁଣି ଯେପରି ଅସୁବିଧାରେ ଜଙ୍କ ପର୍ଯ୍ୟନ୍ତ ଆସନ୍ତା । ଆମ୍ଭେମାନେ ଷ୍ଟିମର କମ୍ପାନୀଙ୍କର କର୍ତ୍ତୃପକ୍ଷମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ ।

ଷ୍ଟିମର କମ୍ପାନୀଙ୍କର ପତ୍ର

କେନ୍ଦ୍ରାପଡ଼ାଷ୍ଟିମରର ଯାତ୍ରୀମାନଙ୍କର ନାନାପ୍ରକାର ଅସୁବିଧା ସମ୍ବନ୍ଧେ ଏଥିପୂର୍ବେ ଆମ୍ଭେମାନେ ଜଣାଇଦେଇଥିଲୁଁ ଯେ କମ୍ପାନୀଙ୍କର ଗୃହକାଳରେ ରହୁଥିବା ଏଜେଣ୍ଟ କଟକ ଅଧି ଶ୍ରୀ ବାବୁ ଲକ୍ଷ୍ମୀଧର ମହାନ୍ତି M.L.C. ବର୍ତ୍ତମାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର ଅମ୍ଭମାନଙ୍କର ମେନେଜିଂ ଡାଇରେକ୍ଟର ଶ୍ରୀ ବାବୁ ଭଗବାନଚରଣ ପଟ୍ଟନାୟକ କେନ୍ଦ୍ରାପଡ଼ା ଲୋକେଲବୋର୍ଡର ଚେୟାରମେନ ବାବୁ ଯଦୁମଣି ମଙ୍ଗରାଜ ପ୍ରଭୃତିଙ୍କ ସହିତ ସାକ୍ଷାତକରି ସେମାନଙ୍କଠାରୁ ସମସ୍ତ ଅସୁବିଧାମାନ ଶୁଣି ସେ ସବୁ ଦୂରକରିବା କାରଣ କମ୍ପାନୀଙ୍କୁ ଜଣାଇବାକୁ କହିଯାଇଥିଲେ । ବର୍ତ୍ତମାନ ସେହି ଏଜେଣ୍ଟ ମହାଶୟ ଶ୍ରୀ ବାବୁ ଲକ୍ଷ୍ମୀଧର ମହାନ୍ତି M. L. C କୁ ଗତ ତା ୧୬।୬।୨୭ରିଖରେ ଖଣ୍ଡିଏ ପତ୍ର ଲେଖି ଜଣାଇ ଅଛନ୍ତି ଯେ ନିମ୍ନଲିଖିତ ସୁବିଧାମାନ କରାଯାଉଅଛି ।

୧ । ଷ୍ଟିମର ଛାଡ଼ିବାର ସମୟ ଜଣାସମ୍ବନ୍ଧେ — କଟକସମସ୍ତରେ ରହୁଥିବା ବଜାରରେ ଗୋଟିଏ Enquiry office ଖୋଲାଯିବ । ତାଙ୍କଠାରୁ ସବୁ ଖବର ବୁଝାଯିବ । କେନ୍ଦ୍ରାପଡ଼ା ଅଫିସରେ ତାହାରି ଆବଶ୍ୟକମତେ ନୋଟିସ ଟଙ୍ଗାଇ ଦିଆଯିବ ।

୨—ଅନ୍ୟଶ୍ରେଣୀ ଯାତ୍ରୀଙ୍କର ସୁବିଧା ପ୍ରକାଶ ବଳସ୍ଥଳକୁ ବଦଳା ଯାଉଅଛି ।

୩—ସ୍ୱାସ୍ଥ୍ୟର ବ୍ୟବସ୍ଥା—ସ୍ତ୍ରୀଲୋକମାନଙ୍କ ସକାଶ ପ୍ରତ୍ୟେକରେ ଗୋଟିଏ ଅଲଗା ପାଇଖାନା ଯୋଗ କରାଯାଇଅଛି ପାଇଖାନାଗୁଡ଼ିକ ବିଧିମତେ ପରିଷ୍କାର କରାଯାଉଅଛି ।

୪—କଟକ ହୋଟେଲଘାଟରେ ଟିକଟ କାଟିବା ଓ ଯାତ୍ରୀଙ୍କ ଚଢ଼ିବା ସମ୍ବନ୍ଧେ—ଏଣିକି ଷ୍ଟିମର ଛାଡ଼ିବାର ଏକଘଣ୍ଟା ପୂର୍ବରୁ ଟିକଟ ଅଫିସ ଖୋଲା ହେଉଅଛି ଓ ଟିକଟ ଦିଆଯାଉଅଛି । ଯେତେବେଳେ ଟିକଟ କଣିବେ ସେ ସଙ୍ଗେ ସଙ୍ଗେ ଯାଇ ବୋଟରେ ବସିପାରିବେ ।

୫—କଳ୍ୟାଣସମୟରେ ମହାନଦୀ ପାରହେବାଲାଗି—ଯେତେବେଳେ ବୋଟ ଘୋଡ଼ାଘାଟକୁ ଆସିନପାରିବ ସେତେବେଳେ ଜଗତପୁର ରେଲଷ୍ଟେସନ ନିକଟରେ ଗୋଟିଏ ବଜରା ରହିବ । ଯାତ୍ରୀମାନେ ଜେଲକୁ ଅପେକ୍ଷାକରି ସେହି ବଜରାରେ ରହିପାରିବେ ।

୬—ବିଶ୍ରାମଘର—ଅଳ୍ପଦିନ ମଧ୍ୟରେ ସାଲେପୁର ଘାଟରେ ଯାତ୍ରୀମାନଙ୍କର ବିଶ୍ରାମ ନିମନ୍ତେ ଗୋଟିଏ ଘର ତିଆରି ହେବାର ଆଶା କରାଯାଏ ।

ଏଜେଣ୍ଟ ସାହେବଙ୍କର ଚିଠିର ସମସ୍ତ ବିବରଣ ଏଠାରେ ପ୍ରକାଶ କରାଗଲା । ବର୍ତ୍ତମାନ ଅଧୀନସ୍ଥ କର୍ମଚାରୀମାନେ ସମସ୍ତ କାର୍ଯ୍ୟ ଠିକ୍ ରୂପେ ପ୍ରତିପାଳନ କରୁଅଛନ୍ତି କି ନା ଓ ଯେ ସବୁ ବିଷୟମାନ ଏଜେଣ୍ଟ ସାହେବ ଲେଖିଲେ ତାହା କେତେଦୂର କଣହେଲା, ବା ନହେଲା ଏବଂ ଯାତ୍ରୀମାନଙ୍କର ଅସୁବିଧା ଦୂର ହେଲା କି ନା ତାହା ଯାତ୍ରୀମାନେ ଦେଖି ଆମ୍ଭମାନଙ୍କୁ ଜଣାଇଲେ ଭଲହୁଅନ୍ତା ।

—୦—

କେନ୍ଦ୍ରାପଡ଼ା ମଟର ଦୁର୍ଘଟଣା

ଅଳକୁ ୨।୩ ମାସ ହେଲା ଜଗତପୁରଠାରୁ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଭଡ଼ା ମଟର ଯାତାୟତକରୁଥିବା ବିଷୟ କାହାରିକୁ ଅବିଦିତ ନାହିଁ । ମାତ୍ର ଦୁଃଖର ବିଷୟ ଗତ ତା ୧୦ ରିଖ ଗୁରୁବାର ଦିନ ୩।୧୦ ଟା ସମୟରେ ଡ୍ରାଇଭର ପ୍ରତାପର ଗୃହସ୍ଥ ନିବାସୀ ଶ୍ରୀଯୁକ୍ତ ଜୈବର୍ତ୍ତ ରାମକୃଷ୍ଣ ମହାନ୍ତି ଆଣି ଯାଉଥିବା ସମୟରେ ହଲଦିଆ ବାବାଜୀ ମଠପାଖ ରାସ୍ତାରେ ମଟର ଧକ୍କା ଖାଇ ଗୁରୁତର ଆଘାତପ୍ରାପ୍ତ ହେଲେ; ତତ୍‌କ୍ଷଣାତ୍ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ନିଆ ହୋଇଥିଲେହେଁ ମୃତ୍ୟୁ ମୁଖରେ ପତିତହେବାକୁ ବିଳମ୍ବ ଘଟି ନଥିଲା । ରାମକୃଷ୍ଣ ବାବୁ ଜଣେ ବଳିଷ୍ଠ ଜୀବନଶୁଣା ଲୋକ, ତାଙ୍କର ବୟସ ଉପଯୁକ୍ତ ହୋଇଥିଲେହେଁ ତାଙ୍କର ଆକସ୍ମିକ ବିୟୋଗରେ ସାଧାରଣ ଦୁଃଖିତ । ସେ ବହୁଦିନରୁ ବଇରାଗୀ ହୋଇ ଜଗତ ଦଶ୍ୟାତ ବଢ଼ି ବାବାଜୀ ଗୁରୁଚରଣ ଦାସଙ୍କ ପଟ୍ଟ ଶିଷ୍ୟହୋଇ ତୀର୍ଥଯାତ୍ରା ଏବଂ ଭକ୍ତପ୍ରେମରେ ସର୍ବଦା ଲାଗିଥିଲେ । ଆଜ ଦମ୍ପୁମସ୍ତ ସାଧାରମଣ ଯେ ତାଙ୍କ ଆତ୍ମାର ସଦ୍ଗତି ନ କରନ୍ତେ ଏହା ଉଏକହଇ । ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ଜଗନ୍ନାଥ ବାବୁ ହଙ୍ଗର ପ୍ରଭୃତିଙ୍କ ଦ୍ୱାରା ଯଥାବିଧିରେ ସମାହିତ ହୋଇଥିବା ଶୁଣି ଅତ୍ୟନ୍ତ ସୁଖୀହେଲୁ । ଏହା ମଟରଗୁଳକର ଦୋଷରୁ ଘଟିଅଛି କି କେଉଁ ଅବସ୍ଥାରେ ଘଟିଅଛି ତାହା ଅବଶ୍ୟ ତଦନ୍ତ ହେବର ଶୀଘ୍ର ସବିଶେଷ ହାଲ ଜଣାପଡ଼ିବ । କିନ୍ତୁ ମଟରଗୁଳକମାନଙ୍କର ସର୍ବଦା ବିଶେଷ ସାବଧାନତା ଆବଶ୍ୟକ ।

ସୂତାକଟା ପ୍ରତିଯୋଗିତା

ଗତ ଜୁନମାସ ତା ୧୮ ରଖ ଶୁକ୍ରବାରଦିନ ଜଗତସିଂହପୁରଠାରେ ଗୋଟିଏ ସୂତାକଟା ପ୍ରତିଯୋଗିତା ହୋଇଥିଲା । ଏଥିରେ ୭୪ଜଣ ପ୍ରତିଦ୍ୱନ୍ଦ୍ୱୀ ଯୋଗ ଦେଇଥିଲେ । ଅନନ୍ୟ ଯେ ଯେ ସ୍ଥାନରେ ଏଥିପୂର୍ବରୁ ହୋଇଯାଇଅଛି ତାଠାରୁ ଏ ସ୍ଥାନର ଟିକିଏ ବିଶେଷତ୍ୱ ଥିଲା । ପ୍ରଥମତଃ

କେତେକଜଣ ଗ୍ରାମ୍ୟ ବୁଢ଼ୀ ସ୍ତ୍ରୀଲୋକ ପ୍ରତିଦ୍ୱନ୍ଦ୍ୱୀ ହୋଇ ଯୋଗ ଦେଇଥିଲେ— ତନ୍ମଧ୍ୟରୁ ଗୋଟିଏ ୮୦ ବର୍ଷର ବୁଢ଼ୀ ଏବଂ ଅନ୍ଧ । ଏମାନେ ସୂତାକଟାଦ୍ୱାରା ଜୀବିକା ଅର୍ଜନ କରନ୍ତି । ଦ୍ୱିତୀୟତଃ, ୨୩ ଜଣ ଅନ୍ତ୍ୟଜ ବାଳକ ଓ ଯୁବକ ପ୍ରତିଯୋଗିତାରେ ଯୋଗ ଦେଇଥିଲେ । ତନ୍ମଧ୍ୟରୁ ଗୋଟିଏ ବାଳକ ପୁରସ୍କାର ମଧ୍ୟ ପାଇଥିଲା । ତୃତୀୟତଃ, କେତେକଜଣ ପ୍ରତିଦ୍ୱନ୍ଦ୍ୱୀ ନିଜ ହାତକଟା ସୂତାର ଖଦି ପିନ୍ଧି ଆସିଥିଲେ ।

ଯଦ୍ୟପି ଦକ୍ଷତାରେ ସୂତାର ଲମ୍ବ ଅଧିକ ହୋଇ ନଥିଲା, ତଥାପି ସାଧାରଣତଃ କଟାଳିମାନେ ବେଶ୍ ପତ୍ତିରେ କାଟିଥିଲେ— ୨୦୦ ଗଜ ଉପରେ ଅନେକଙ୍କର ହୋଇଥିଲା ଏବଂ ଜଣେ ୩୪୭ ଗଜ କାଟିଥିଲେ । ସେ ଗୋଟିଏ ଅଲକାଚ୍ଛିମର ଗୁଣ ମାତ୍ର ତାଙ୍କ ସୂତା ଯେତେ ସମାନ ହୋଇ ନ ଥିବାରୁ ତାଙ୍କୁ ପୁରସ୍କାର ଦିଆଗଲାନାହିଁ— ପୁରସ୍କାର ନିମ୍ନଲିଖିତମତେ ଦିଆଯାଇଥିଲା । ସମସ୍ତେ consolation ସ୍ୱରୂପ ପାଇଥିଲେ ।

ପୁରୁଷ—ଶ୍ରୀ ଚୈତନ୍ୟମୋହନ ପ୍ରହରାଜ -ଅଁଳା ନ ୧୫ ନମ୍ବର ଲମ୍ବ ଗ ୧୪୦ ଗ ।

ସ୍ତ୍ରୀ—ଶ୍ରୀ ରୁପେଇ ବେଓ୍ୱା-ଜାଗସ ହିଂନ୧୨ମ୍ବର ଲମ୍ବ ଗ ୨୯୭ ଗ ।

ଶ୍ରୀ ବଣୀ ବେଓ୍ୱା ରାଜସାହ ନ ୮ ମ୍ବର ଲମ୍ବ ଗ ୧୭୦ ଗ ।

ଶ୍ରୀ ଅମ୍ବୀ ବେଓ୍ୱା (ଅନ୍ଧ) ରାଠଥପାଟଣା ନ ୭ ମ୍ବର ଲମ୍ବ ଗ ୧୭୦ ଗ ।

ବାଳକ—ଶ୍ରୀ ଧ୍ରୁବଦାସ-ଟାମ୍ପଡ଼ା ନ ୧୧ ମ୍ବର ଲମ୍ବ ଗ ୧୬୭ ଗ ।

ବାଳକ—ଶ୍ରୀ ପ୍ରହଲ୍ଲାଦ ଦାସ (ଅନ୍ତ୍ୟଜ) ଝିଙ୍କିଡ଼ା ନ ୧୧ ମ୍ବର ଲମ୍ବ ଗ ୧୫୦ ଗ ।

ବାଳିକା—ଶ୍ରୀ ପଦ୍ମାଦେଈ-ସୁନ୍ଦରବାନ ୯ ମ୍ବର ଲମ୍ବ ଗ ୧୧୫ ଗ ।

ଓଡ଼ିଆ ପିଲାର ଅକାଳ ମୃତ୍ୟୁ

ଗତ ମାର୍ଚ୍ଚମାସ ତା ୧୩ ରଖରେ ଭାସ୍କର ନାମକ ୨୨ ବର୍ଷ ବୟସର ଗୋଟିଏ ଓଡ଼ିଆ ପିଲା ସାଁତରାଗାଛି ଷ୍ଟେସନରେ ତାହାର ଜେଜେଙ୍କ ଉପରସ୍ଥ ସାହେବଙ୍କ ଶିକାର କରିଥିବା ଚଢ଼େଇ ପାଣିରେ ପଡ଼ିଥିବାରୁ ତାକୁ ଆଣିବାକୁ ଯାଇଁ ବୁଡ଼ି ମରିଯାଇଥିଲା । ତାହାର ଯେପରି ଭାବରେ ମୃତ୍ୟୁ ହୋଇଥିଲା, ସେ ସମସ୍ତ ଘଟଣା ଓଡ଼ିଆ, ବଙ୍ଗଳା ଓ ଇଂରାଜୀ ଖବର କାଗଜମାନଙ୍କରେ ପ୍ରକାଶିତ ହୋଇଅଛି ।

ବି ଏନ୍ ରେଲୱେ ଭାରତୀୟ ଲେବର ଇଉନିୟନ ଏଘଟଣା କାଗଜକୁ ଦେବା ପୂର୍ବରୁ, କଂଗ୍ରେସର ସମ୍ପାଦକ ଦେବକ ଭାସ୍କରର ଅପମୃତ୍ୟୁ ବିଷୟ କଲିକତା ଇଂରେଜୀ ଖବର କାଗଜ ମାନଙ୍କରେ ପ୍ରକାଶିତ କରିଥିଲେ । ସେହି ହେତୁ ଏପରି ଅପମୃତ୍ୟୁ ଘଟିଲା, ତାହାପାଇଁ ରେଲୱେ ଲେବର ଇଉନିୟନ କିଛି କରୁନାହିଁ ବୋଲି ସୂଚନା କରି, ମୋ ପାଖକୁ କେତେ ଖଣ୍ଡ ପତ୍ର ଲେଖିଥିଲେ । ମୁଁ ସେମାନଙ୍କୁ ନିମ୍ନୋକ୍ତ ରୂପେ ଉତ୍ତର ଦେଇଥିଲି ।

"ରେଲୱେ ଶ୍ରମଜୀବୀ ସଂଘ କୌଣସି ଦେଶ ବା ଜାତିଗତରେ ଗଠିତ ହୋଇନାହିଁ ଏବଂ ଆହୁରି ମଧ୍ୟ ସମସ୍ତ ଘଟଣା ଅନୁସନ୍ଧାନ ନ କରିବା ଯାଏ କୌଣସି କାମକୁ ହାତ ଦିଆଯିବ ନାହିଁ । ଏ ଘଟଣା ରେଲୱେ କର୍ତ୍ତାଙ୍କର ଦୃଷ୍ଟି ଆକର୍ଷଣ କରାହୋଇଅଛି" ।

ଏହାପରେ ସେହି ଘଟଣା କେତେକ ଇଂରାଜୀ, ଓଡ଼ିଆ ବଙ୍ଗଳା କାଗଜମାନଙ୍କରେ ପ୍ରକାଶିତ ହୋଇଅଛି, ଏବଂ ସେହି ଦାଗକୁ

Digitized by srujanika@gmail.com

Split by PDF Splitter

-ମାନଙ୍କର ସମ୍ପାଦକ ମାନେ ଲେଖିଥିଲେ ତାହାଙ୍କୁ ଧନ୍ୟବାଦ ଦେଇ ସହାନୁଭୂତି ପ୍ରକାଶ କରିଅଛନ୍ତି, ସେଥି ନିମିତ୍ତ ମୁଁ ସମାଜ କମିଟୀ ତରଫରୁ ସେମାନଙ୍କୁ ବିଶେଷ ଧନ୍ୟବାଦ ଦେଉଅଛି ।

ଏବେ ମୃତ ଲୋକଙ୍କର ୭୦ ବର୍ଷର ବୃଦ୍ଧା ନାଯ ଦେଶରୁ ଅସି ସିଲ୍ଲଗ ଗାଡ଼ିରେ ଅଛନ୍ତି । ରେଲଓଏ ଲୋକେ ଉତ୍ତାନ୍ତ ତାର ସ୍ୱପକ୍ଷ ଅସମ୍ମତିରେ ନ ଦାବି କରିଅଛନ୍ତି, ତାହା ସାନ୍ତ୍ୱ ଗଛରେ ହୋଇଥିବା ଗୋଟିଏ ସାଧାରଣ ସଭାରେ ତାହାଙ୍କୁ ସମ୍ମାନିତ ଭାବେ ବୁଝାଇ ଦିଆଯାଇଥିଲା । ସ୍ୱାମୀର ନାଯ ଦାବୀ ପୂର୍ଣ୍ଣ ଅସମ୍ପୂର୍ଣ୍ଣର ଏକ ପୂରଣ ନିମିତ୍ତ ତାହାର ୫୦୦ ଟଙ୍କା ଦରକାର । ରେଲଓଏ କମ୍ପାନୀ ତାହା ଦେବାକୁ ସ୍ୱୀକାର କରିଥିଲେ; କିନ୍ତୁ ରେଲଓଏ କର୍ମଚାରୀମାନେ ଏପର୍ଯ୍ୟନ୍ତ ତାହା ଦେଇ ନାହାନ୍ତି । ସେ ସେହି ଯାତ୍ରୀମାନଙ୍କ (ଯେଉଁମାନେ ଯାତ୍ରାରେ ଉତ୍ତର ଅଛନ୍ତି) ତାହାଙ୍କୁ ପଠାଇଥିଲେ । ବନ୍ଧୁଙ୍କ ଦ୍ୱାରା ତାହାଙ୍କର ଲୋକ ଦ୍ୱାରା ମୋକଦ୍ଦମା ଦାଏର କରିଅଛନ୍ତି ଏବଂ ରେଲଓଏ ଲୋକର ଇଞ୍ଜିନ୍ୟରଙ୍କ ସାହାଯ୍ୟ ପ୍ରାର୍ଥନା କରୁଅଛି ।

ଓଡ଼ିଆମାନଙ୍କ ସଂଖ୍ୟା ବିଦେଶରେ ଗଣନାରେ ବେଶି, କିନ୍ତୁ ବଳରେ ଖଣ୍ଡିତ । ସେମାନଙ୍କ ଏରେ ଭଲ କରିବାକୁ ଅସିଥିଲେ, ସେମାନେ ସ୍ୱଜାତିରେ ଅନୁମାନ କରି ପାରୁଥିବେ । ବର୍ତ୍ତମାନ ରେଲଓଏ ଲୋକର ଲକ୍ଷମୁନ ସେହି ମୋକଦ୍ଦମାର ଖର୍ଚ୍ଚ ଭଲ ବୁଝି ଅବଲମ୍ବନ ଦ୍ୱାରା ତାହାଙ୍କୁ ସାହାଯ୍ୟ କରୁଅଛି । ଏହି ଖାଲମାର ବାହାରେ ଓଡ଼ିଆ, ବଙ୍ଗାଳି, ମାନ୍ଦ୍ରାଜୀ, ହିନ୍ଦୁସ୍ଥାନି ଓ ଅନ୍ୟାନ୍ୟ ଜାତିର ଲୋକମାନେ ପ୍ରତିଦିନ ଆସି ଲୋକ ଦେଖି ଯାଆନ୍ତି । ସେ କାହାର ସାହାଯ୍ୟ କରୁଅଛନ୍ତି, ତେଣୁ ତାହାଙ୍କର ସାହାଯ୍ୟ ଲୋଡ଼ିବାକୁ ହୋଇନାହିଁ ଏବଂ ତାହାଙ୍କର ସାହାଯ୍ୟ ମାଗିବା ପୂର୍ବରୁ ସେଠାରେ ଖୋଲି ହୋଇଅଛି, ଲୋକମାନଙ୍କର ସାହାଯ୍ୟ ଓ ସାହାଯ୍ୟ ଭୁକ୍ତ ହେବାକୁ ପଠାଇବା ମୁଁ ଆଶା କରେ ।

ଦେଶବାସୀଙ୍କର ଏବଂ ଅପର୍ଣ୍ଣରେ ପ୍ରାଚୀନ ଭାବରେ ଜାଣିବା ପାଇଁ ଦରକାର ପଡ଼ିଲେ ମୋର ତଳ ଲିଖିତ ଠିକଣାରେ ତାହା ସମ୍ପାଦକ ଓଡ଼ିଆ ସମାଜ, ସାଲ୍‌ମାର ଠିକଣାରେ ପତ୍ର ପଠାଇଲେ ଅନାୟାସେ ସମସ୍ତ ସମ୍ବାଦ ପାଇପାରିବେ ।

ବୈଦ୍ୟନାଥ ଦାସ
ଅନରରି ସେକ୍ରେଟରି
ଓ. ଜେ. ରେଲୱେ
ଇଷ୍ଟ ଇଣ୍ଡିଆନ ରେଲୱେ ଇନ୍‌ଷ୍ଟିଟ୍ୟୁଟ
ସାଲମାର ହାଟ ।

ମତାମତ ନିମନ୍ତେ ଲେଖକମାନେ ଦାୟୀ ।

ଜଗତସିଂହପୁର ବନ୍ଦୋବସ୍ତଙ୍କ ପ୍ରେରିତ ପତ୍ର ଉପରେ ଟିପ୍ପଣୀ

ଅସ୍ମେମାନେ ଟିପ୍ପଣୀରେ ଭୂମିମାନଙ୍କ ଦାଲୁ ଏଣିକ ଯେ ସେଇ ପର୍ଯ୍ୟବେକ୍ଷଣ ଅବସ୍ଥାରେ ଅର୍ଥାତ୍ ସାଂଖ୍ୟିକ ଜଳ ଜଳ କରିବା ପୂର୍ବରୁ ଯେଉଁମାନେ ଚିହ୍ନାଇଥିଲେ ସେଥିମାନେ ମଣ୍ଡଳ ନିୟମ ବନ୍ଦୋବସ୍ତ ହୋଇଥାନ୍ତି । ଜଗତ୍‌ସିଂହପୁରରେ ଯେଉଁ ବନ୍ଦୋବସ୍ତ ହୋଇଅଛି ସେଥି ନିମନ୍ତେ ଜମି ହୋଇ ଅସନ୍ତୋଷ ତଦୁପଲକ୍ଷେ ମୁକ୍ତି ପାଇବେ ଭବାଇ ପ୍ରଶ୍ନପତ୍ର ପତ୍ର ହୁଏ ସେଥିର ନିଷ୍ପତ୍ତି ବାବଦ ଜଗତସିଂହପୁର ବନ୍ଦୋବସ୍ତ ସାଙ୍ଗ ଅଲଗା ଅଲଗା ଆବରଣ ଗଲାଇଦେଲେ ମୁକ୍ତି ହେଉ ନାହିଁ । ଏ କଲ ଅସହଯୋଗ ଆନ୍ଦୋଳନ ସମ୍ବନ୍ଧରେ ଦେଖନ୍ତୁ ଅସହଯୋଗୀଙ୍କ ଦ୍ୱାରା ଓଡ଼ିଶାରେ ଯେ କ୍ଷତି ହୋଇଅଛି ତାହା ହୋଇବା ନାହିଁ । ଏହି ଅସହଯୋଗୀ ଆବରଣ ଦ୍ୱାରା ବ୍ୟକ୍ତି ସଂଖ୍ୟା ଅନ୍ୟାନ୍ୟ ସ୍ଥଳେ ଯେଉଁଠାରୁ ଓଡ଼ିଶାରେ ବହୁତ ଦେଖାଯାଏ । ସ୍ଥାନେ ଅସହଯୋଗର ଅର୍ଥଥିଲ ଗଭର୍ଣ୍ଣମେଣ୍ଟଙ୍କ ସହିତ ସହଯୋଗ ନ କରିବା । କଲ୍ପନାରେ ଦେଖିଲୁ ସହଯୋଗ ପାଇଁ ବାହାଥିବା ବାତେଲ କାଉନସିଲକୁ ସିବାପାଇଁ ବାମନା ବାମନ୍ତ । ଅନ ଓଡ଼ିଶାରେ ଏ ଅବରଣ ଧରିଥିବା ଅସହଯୋଗୀ ଶ୍ରେଣୀ ଭାଷା ଜାଲାନ୍ତି । କାରଣ ତାର ସମ୍ମାନ ସେ ସ୍ଥାନେ ଡିଷ୍ଟ୍ରିକ୍ଟ ବୋର୍ଡକୁ ଯାଇ ପାଇନେଲେ । ଖାଲି ଲୋକାଲ ବୋର୍ଡକୁ ଯାଇ ଏମାନେ ଏତେ ବାଡ଼ ଖାଇଥିଲେ ମାତ୍ର ତହିଁର କାର୍ଯ୍ୟ ବାଣିଜ୍ୟର ଅନ୍ତଃପ୍ରାଣ ହେଲେ । କେବଳ କାଉନସିଲକୁ ଗଲେ ପୁଣି ବେଳେ ମୋଟର ନ ହୋଇଥିବ ? କାଉନସିଲକୁ ସିବା ପୂର୍ବରୁ ଅର୍ଥାତ୍ ଭୋଟ ନ ଦେବା ପୂର୍ବରୁ ଏମାନେ ମେମ୍ବରମାନ ଠିକ କରିଦେଲେଣି । ଯେତେବେଳେ କାଉନସିଲରେ ବସିଥିବେ ସେତେବେଳେ ତ ଓଡ଼ିଶା ଝେଲ ମଣ୍ଡଳ ହୋଇଥିବ । ଯିମିତି କି ଓଡ଼ିଶାର ମଙ୍ଗ ଜଳଥା ସ୍ୱର୍ଗ । ଅପରପକ୍ଷ ସରକାରଙ୍କ ତଥା ମନାକୁ ଲଗାଇ କୋଲ କାଉନସିଲ ସ୍ରୋତରେ ଅସିବ । ପୁଣି କେହି ସେଠାରେ ସାଇ ମୁହଁ ଦେଖାଇବ ? ଗିଲାଙ୍କପରି ଲୋକେ ମାତ୍ର ତୋଡ଼ ଏଥର ଲେଖାଏଁ ମତ ପରିବର୍ତ୍ତନ କରୁଅଛନ୍ତି ଯେମନ୍ତ, ଓଡ଼ିଶାବାସୀ ସେପରି ବିଶ୍ୱାସ କରିବେ । ଏହି ମଧ୍ୟରୁ କେତେକ ସାଇ ସାହା ବୁଝିବ ଦେଖାଇ ଅସିଲେ ସେଥିରେ ମଧ୍ୟ ଓଡ଼ିଶାବାସୀଙ୍କର କେତେକ ବଧୀର କମିଶାଇଅଛନ୍ତି । ବାଜ ଯାହାଅଛି ଏପଞ୍ଚକ ହଲେ ସେତକ ବି ଛଟିଯିବାର ସମ୍ଭାବନା । ବୁଝନ୍ତୁ ମଧ୍ୟରେ ଏହାହିଁ ଜେଲକଲ କଥ ଶ୍ରୀମାନଙ୍କର କାରଣ ଖଲିଲେ କଥ ଲୌହ ବଳସ୍ଥ ସ୍ଥାନ ଭରିଲ ଭରିବ । କାହୁ କିଛି ବନ୍ଧ କେବେଳ ପର୍ଯ୍ୟାନୁକ୍ରମରେ ବନ୍ଦୀ ଦେଖାଇ ଅଛନ୍ତି । ଆପର ଏ ଜେର ଜଗତସିଂହପୁର ଭୁମି କମସଷ୍ଟି ସେହି କାମନ୍ତ ଅପହୃତୋଷୀ । ସତକେ ହେଉ ତା ମିଳେର ହେଉ ମହାତ୍ମାଙ୍କ ଭଦ୍ରମାନ ନେଇ ଗାନ୍ଧୀଙ୍କ ପ୍ରଚାରକ ବନ୍ଧିକମାନଙ୍କରେ କେବଳ "ଭୀର୍ଥ୍ୟ" ର କଲ୍ପ ତରଙ୍ଗମାନ ଭ୍ରମାନ୍ତି ଦେଖନ୍ତୁ । ମହାତ୍ମାଙ୍କ ତ ଜଗତ୍‌ସିଂହପୁରର ସରକାରଙ୍କ ସଙ୍ଗେ ଏକାସଙ୍ଗରେ କିପି ମର୍ଦ୍ଦନ କରି ମିଳାଇପାରିଥିଲେ କିନ୍ତୁ ଯେଉଁ ମିଳନପାଇଁ ତୁମକୁ ଦରକାର ଦେଖିବାକୁ ଅଛ । ମହାତ୍ମାଙ୍କ ତ ନ ଥିଲେ ଜଗତସିଂହପୁର ମୂଳର ଅବସ୍ଥା କିଏ କହିବା ? ପ୍ରସିଦ୍ଧ ପ୍ରତପାଳକ ଅଲକାଳମଳୀଙ୍କ ତହିଁର ଅଲଗା ସଙ୍ଗେ ମିଶି ଯାଇଥିଲେ । ପୁଣି ତ ଜଗତସିଂହପୁର ଲୋକଙ୍କ ପକ୍ଷେ ଅଧିକ ସହଜରେ ଜନସ୍ତରର ବୁଝାଇ ଦେଲେ । ଅଭ୍ୟନ୍ତର ପର ଅନୁତାପର ସୀମା ନ ଥାଏ । ଏହି କନ୍ଦ୍ରଗ୍ରସ୍ତଙ୍କ ଲୋକମାନେ ଜଗତସିଂହପୁରର ଷ୍ଟେଟର ମ୍ୟାନେଜର କେମିତି ପରିବର୍ତ୍ତନ କରିବାକୁ ସରକାରଙ୍କ ଠାରେ ଯେଉଁ ଗୋଡ଼ା ମାଡ଼ି ଶାଉଥିବା ତା ବାଗଡ଼ ଗୀତିକୁ ଯାଇ ନ ଥିବା ! ସେହିପରି ଆଉ ଦେଖି ଘାଟିକୁ ନାଇ ବୋଲି ପଡ଼ିଛି କାହିଁକି ? ସେଠାରେ କଳ ବୁଝାଇଦେଲେ ବସିଥାଏ ହାଟ ବସାଇଲେ । କିନ୍ତୁ ଇଷ୍ଟାର

ସ୍ଥାନମୂର୍ତ୍ତି ଏ ଭୂମି କମସଷ୍ଟି ହାତରୁ ସନ୍ତାନ ହାଣି ବ୍ୟବସାୟୀମାନଙ୍କ କଷ୍ଟଦେଇ ସ୍ୱାର୍ଥ ପରତ୍ୟାଗୀ ହୋଇପାରନ୍ତି କହିତ ଏ ସ୍ତ୍ରୀ-ଧନ ଖାଇବାପାଇଁ ଦେଶର ଗୋଷ୍ଠ ପରିବର୍ତ୍ତନ କରୁଥିଲେଣି । ପୁଣି ଗୋଟିଏ ବାଧବା ଧନ ଖାଇବେ ବୋଲି ହାତ ବଢ଼ାଇଛନ୍ତି ! ସେବକମାନେ ହାକ ଧନ ଦେଇ ମହାପାତ୍ରଙ୍କୁ ଲେଖିଦେଇଛନ୍ତି । କେଉଁ ପ୍ରମାଣରୁ ପାଇଲ ଯେ ସେ ଠକିକେଲ ଅଛନ୍ତି । ହେ ବନ୍ଦୋବସ୍ତ ସାବଧାନ ହୁଅ । "ଅଙ୍ଗ ରଙ୍ଗଗଡ଼ା", ଏହା କହ କହୁ ତୁମ୍ଭର ଜୀବନ ଗଲୁଥିବ । ମହାପାତ୍ର ତ ଦୁଇ ଭାଇ—ବଲଦେବ । ମାତ୍ର ତୁମ୍ଭର ମୂର୍ତ୍ତି ହୋଇନାହିଁ । ତୁମ୍ଭେ ହରିଭଜନ କର ମୁକ୍ତିଲାଭର ଚେଷ୍ଟାକର । ଭଦ୍ରମାନ ସ୍ୱର୍ଗ୍ୟ ବୋଲି ଯାହା କହୁଛ ତାହା ବୃଥା ମାତ୍ର । ସେହି ସନ୍ତାନ ସାଥୀମାନଙ୍କ ଆଳାପରେ ତୁମ୍ଭର କାରଣ ଲୁକ୍କାୟିତ ହୋଇଯିବ । ଗଙ୍ଗ ଭ୍ୟାଗ କରି ଠାକ ଆବରଣ ଭୂଲ କରୁ ଗୋପଜନଙ୍କ ପର ଉତ୍କଳର ଚନ୍ଦ୍ର ହୁଅ । "ମ" ଅକ୍ଷରମାନଙ୍କ ସଙ୍ଗେ ସମାନ ହେବାପାଇଁ ବହୁତ ବଳମ୍ବ ଅଛି । ପର-ଭଜନକର ହେବ ତେବେ କଣ ହୋଇନାହିଁ ।

ଶ୍ରୀ—

... ...

ଅସ୍ମେମାନେ ଗଣ୍ଡିଏ ବ୍ୟାଖ୍ୟାକୁ ପାଇଥିଲୁ । ତହିଁ ସଙ୍ଗ ସଙ୍ଗେ ଖଣ୍ଡିଏ ପ୍ରେରିତ ପତ୍ର ପାଇଲୁ । ତାହା ପ୍ରକାଶ କରିଥିଲୁ । ତେଣୁ ଏ ପ୍ରେରିତପତ୍ର ଖଣ୍ଡି ମଧ୍ୟ ପ୍ରକାଶ କଲୁଁ । ଭବିଷ୍ୟତ ଏ ପ୍ରକାର ବ୍ୟକ୍ତିଗତ ପ୍ରେରିତପତ୍ର ଅଉ ପ୍ରକାଶ କରିବୁ ନାହିଁ । ଅସ୍ମେମାନେ ଦେଶହିତର କର୍ମକୁ ହିଁ ପତ୍ରପ୍ରେରକମାନଙ୍କ ତାହାଙ୍କୁର ପ୍ରଶଂସା କରୁନାହୁଁ । ମଧ୍ୟ ତାଙ୍କର ଗୋଟିଏ ଗପ ଅଛି ତା ସ୍ମରଣହୁଏ । ତାହାହିଁ ଲୋକ ଦେଖିବ ସେ ହୃଦୟଙ୍କୁ ସମାନ ବୋଲି ନ କହୁ କହୁ ପାରିବ ନାହିଁ ।

ବିହାରଓଡ଼ିଶା ଗେଜେଟ୍ ।

କାଲେକ୍ଟରର ପ୍ରୋବେସନ୍ସ ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ସୁଲଭଚନ୍ଦ୍ର ସାହୁ ସ୍ଥାୟୀଭାବରେ ନିଯୁକ୍ତ ହୋଇଥିଲେ ।

ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଯଦୁନନ୍ଦନ ଦାସ ଅଞ୍ଚଳ ଓ୍ୱାର୍ଡସ ଇନ୍ସପେକ୍ଟର ମ୍ୟାନେଜର କାମରୁ ଅବ୍ୟାହତି ପାଇ କେନ୍ଦ୍ରାପଡ଼ା ସବଡିଭିଜନର ଅସିଷ୍ଟ୍ୟାଣ୍ଟ ସେ ଦ୍ୱିତୀୟଶ୍ରେଣୀ ମାଜିଷ୍ଟ୍ରେଟ ହୋଇଥିଲେ ।

ଡେପୁଟି କଲେକ୍ଟର ଓ ଓଡ଼ିଶା ସେଟେଲମେଣ୍ଟର ଅସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର ମୌଲବି ସୟଦ ଓୟାସି ଅହମ୍ମଦ ତଙ୍ଖାମି ୪ ମାସର ଛୁଟିପାଇଲେ ।

ସବଡେପୁଟି କଲେକ୍ଟର ଓ ଓଡ଼ିଶା ସେଟେଲମେଣ୍ଟର ଅସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର ବାବୁ ସୁଧାକର ପଟ୍ଟନାୟକ ଦେଢ଼ମାସ ଛୁଟି ପାଇଲେ ।

ବିହାର ଓଡ଼ିଶା ପୋ-ଅପରେଟିଭ ସୋସାଇଟିର ରେଜିଷ୍ଟ୍ରାର ଡେପୁଟି ସବରେଜିଷ୍ଟ୍ରାର ବାବୁ କାହ୍ନୁଚରଣ ମହାନ୍ତି ହେ ବଦଳି ଅଛିଲେ ।

ସବଡେପୁଟି କଲେକ୍ଟର ବାବୁ ଭଜନମୋହନ ପଟ୍ଟନାୟକ କେନ୍ଦ୍ରାପଡ଼ା ସବଡିଭିଜନକୁ ବଦଳିହେଲେ । ତାଙ୍କର ସମ୍ବଲପୁର ଯିବାର ପ୍ରସ୍ତାବ ରଦ୍ଦ ହେଲା ।

ପରୀକ୍ଷାଫଳ ।

ଗଞ୍ଜାମଜିଲ୍ଲାର ଛାତ୍ରମାନେ ଗତ ମାଟ୍ରିକୁଲେସନ ପରୀକ୍ଷାଫଳରେ କ୍ରମୋନ୍ନତିରେ ବୃତ୍ତି ପାଇଅଛନ୍ତି ।

କାଶୀନାଥ ସ୍କଲରସିପ୍ — ୫ ଟଙ୍କା
ରତ୍ନାକର ପତ୍ରୀ—ବ୍ରହ୍ମପୁର ସ୍କୁଲ
ହେନେଷ୍ଟ୍ରେଡ୍ ସ୍କଲରସିପ—୫୧ ଟଙ୍କା
ଜଗନ୍ନାଥ ରଥ—ଖଲ୍ଲି ହାଇସ୍କୁଲ
ମାଦ୍ରାଜର ମାଜିଷ୍ଟ୍ରେଟ— „
ଦୁର୍ଗାପ୍ରସାଦ ଗୁପ୍ତ—ବେରହମ୍ପୁର କଲିଜିଏଟ୍ ସ୍କୁଲ
ଆର୍ଚ୍ଚଡିକନ୍ ଲିକସ୍—୫୧୦ ଟଙ୍କା
ଦାମୋଦର ମିଶ୍ର—ବେରହମ୍ପୁର କଲିଜିଏଟ୍ ସ୍କୁଲ
ଦାଶରଥି ସେଠି— „
ଶ୍ୟାମକିଶୋର ରଥ—ଖାଲିକୋଟ କଲିଜିଏଟ୍ ହାଇସ୍କୁଲ
ଶତ୍ରୁଘ୍ନ ମହାରଣା—ପାଟଲେସ୍ୱର ହାଇସ୍କୁଲ
ଲୋକନାଥ ସାହୁ—ଉଦୟ ହାଇସ୍କୁଲ
ଅନନ୍ତଚରଣ ପାତ୍ର—ପୁରୁଷୋତ୍ତମ ସ୍କୁଲ
ନୀଳକଣ୍ଠ ମହାପାତ୍ର—ଖଲ୍ଲି ହାଇସ୍କୁଲ
ଲକ୍ଷ୍ମୀଧରଙ୍କର ପତ୍ନୀ—ସମ୍ବଲପୁର ଜିଲ୍ଲା ସ୍କୁଲ
ଷ୍ଟେଟ ସ୍କଲରସିପ ଲେଡ଼ି କାଇସରଲମ୍ମା—୫୧ ଟଙ୍କା
ଜଗନ୍ନାଥପୁରୀ, ଭୁବନେଶ୍ୱର, ବିଷ୍ଣୁପୁର ବାଳିଯାତ୍ରା ୫୧୦ ବୋଲି ଶ୍ୟାମ ଲକ୍ଷ୍ମଣ ପାଇଲେ ।

—*—

ସ୍ଥାନୀୟ ସମ୍ବାଦ ।

ଗତ ଶୁକ୍ରବାର ସଂଧ୍ୟା ସମୟରେ ମଙ୍ଗଳାଜୀ ମହାସାହା ଶ୍ରୀ ବାବୁ ହାକିମଙ୍କ ସ୍ୱର୍ଗୀୟ ଘରେ ଉତ୍ତମ ଭୋଜ ପାଳନ କରିଥିଲେ । ସ୍ୱର୍ଗୀୟ ବାବୁ ଏମାନଙ୍କର ବୟସ ୧୦ ବର୍ଷ ପୂର୍ବରେ ଚଳିଆସିଥିବା ସମସ୍ତ ଅର୍ଥ ଭୂମିରେ ବୁଲାଇ ଉପରକୁ ଉଠିଯିବା ସମୟରେ ଦୁଇଗୋଟି ନଉପାଗର କାଳ ଉଠିଲା । ପ୍ରାୟ ଭିଡ଼ିଥାନ୍ତି ପ୍ରାୟ ୩ ମିନିଟ୍ ପର୍ଯ୍ୟନ୍ତ ଜଳିଥିଲା, କିନ୍ତୁ ବାଳକ ବାଳିକାମାନଙ୍କର କଷ୍ଟ ଖତ ହୋଇନାହିଁ ବଡ଼ ସୁଖର କଥା ।

—*—

ନାନାସଂବାଦ ।

ସୁପ୍ରସିଦ୍ଧ 'ଫରଓ୍ୱାର୍ଡ' ପତ୍ରର ଅଭିଯୁକ୍ତ ବଙ୍ଗୀୟ ସାହେବଙ୍କ ଭଣ୍ଡାମି ଷଡ଼ଯନ୍ତ୍ର ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଲେଖିବାରୁ ଏହି ପତ୍ରର ସମ୍ପାଦକଙ୍କ ନାମରେ ଫୌଜଦାରି ମୋକଦ୍ଦମା ଉପସ୍ଥାପିତ ହୋଇଅଛନ୍ତି ।

*   *   *

ଭୂତପୂର୍ବ ଦାନବୀର ଭାଗବତ ଭଗତ ପାଇଁ କଲିକତା କର୍ପୋରେସନ ଏଥର ପାଇଁ ୧୩ ବିଘା ଜମି ଓ ଅଟ୍ଟାଳିକା ନିର୍ମାଣପାଇଁ ଏକ ଲକ୍ଷ ଟଙ୍କା ଦାନ କରିଅଛନ୍ତି ।

*   *   *

ଗତ ୧୬ ତାରିଖ ଦିନ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କର ପ୍ରଥମ ମୃତ୍ୟୁ ବାର୍ଷିକ ଉତ୍ସବ କଲିକତାରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ତାରିଖ ବୁଧବାର ଦିନ ତାଙ୍କର ପ୍ରଥମ ବର୍ଷ ଶ୍ରାଦ୍ଧ ଅନୁଷ୍ଠିତ ହେବ ।

*   *   *

ଶ୍ରୀମତୀ ସରୋଜିନୀ ନାଇଡୁ ବର୍ତ୍ତମାନ ପଶ୍ଚିମ ଦେଶକୁ ଯାତ୍ରା କରି, ଏମ୍ ହେମଙ୍କ ସହିତ ବୁଲିବାକୁ ଯାଇଅଛନ୍ତି । ଆସନ୍ତା ତା ୨ ରିଖ ବୁଲାଇବାକୁ ପ୍ରସ୍ତୁତ ସ୍ଥାନରେ ଦେଶବନ୍ଧୁ ସ୍ମୃତିସଭା ଅନୁଷ୍ଠିତ ହେବ । ସେ ସେଠାରେ ଉପସ୍ଥିତ ରହିବେ ।

*   *   *

ଆଗାମୀ ତା ୪ ରଖ ଜୁଲାଇ ଦିନ କଂଗ୍ରେସ ସ୍ୱରାଜ୍ୟଦଳ-ସମିତିର ଗୋଟିଏ ଅଧିବେଶନ ହେବ । ଏଥିରେ ଦେଶର ବର୍ତ୍ତମାନ ଅବସ୍ଥା ଓ ଆଗାମୀ ନିର୍ବାଚନ ସମ୍ବନ୍ଧରେ ଆଲୋଚନା କରାଯିବ ।

Digitized by srujanika@gmail.com

ନୁଁ ୩୮୧ ସନ ତା ୨୭-୯-୨୭

ଉତ୍କୃଷ୍ଟ ଓ ସସ୍ତା ସୁଇସ୍ ଘଣ୍ଟା

ସୁନ୍ଦର ଢଙ୍ଗର ପକେଟ ଲିଭର ଓ୍ୟାର୍ ବର୍ଷର ଗ୍ୟାରଣ୍ଟିଯୁକ୍ତ ଏହି ଘଣ୍ଟାର ଆକାର ଠିକ୍ ପାର୍ଶ୍ୱାଙ୍କିତ ଚିତ୍ରପରି, ଅସଲ ସୁଇଜରଲ୍ୟାଣ୍ଡର ଷ୍ଟ୍ରାମ୍ପ, କ ଲେସ୍, ଓ ଓପନ୍ଫେସ୍, ଠିକ ସମୟରକ୍ଷକ ଦାମ ୫ ୪ ୮, ଡାକ ମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର, ଏକତ୍ରେ ଦୁଇଟି ଘଣ୍ଟା ନେଲେ ତାର ସହିତ ଆଉ ଗୋଟିଏ ଘଣ୍ଟା ପୁରସ୍କାର ଦିଆଯାଏ ।

ରୋଲ୍ଡ ଗୋଲ୍ଡ ହାତବନ୍ଧା ଘଡି

ଦଶବର୍ଷପାଇଁ ଗ୍ୟାରେଣ୍ଟିଯୁକ୍ତ କେଶ୍ ଉପରେ ମୁଦ୍ରିତ ହୋଇଅଛି ଏହାର କଳକବ୍ଜା ଖୁବ୍ ମଜବୁତ, ଆକାର ପାର୍ଶ୍ୱାଙ୍କିତ ଚିତ୍ରପରି । ଗୋଟିଏ ଚମଡା ଷ୍ଟ୍ରାପ ଓ ବାକ୍ସ ସହିତ ମୂଲ୍ୟ ୫ ୭୮ ଡାକ ମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର, ଏକତ୍ରେ ଦୁଇଟି ଘଣ୍ଟା ନେଲେ ଆଉ ଗୋଟିଏ ସେହି ରକମ ଘଣ୍ଟା ପୁରସ୍କାର ଦିଆହେବ ।

୧୨ଟି ଭ୍ରିଭନ୍ ମୁଦିର କ୍ରେତାଙ୍କୁ ଗୋଟିଏ ସୁନାଘଣ୍ଟା ବିନାମୂଲ୍ୟେ ଦିଆଯିବ ।

ଏହି ମୁଦି ୧୮ କ୍ୟାରେଟ୍ ସୁନାରେ ପ୍ରସ୍ତୁତ, ଏହାର ଦୁଇପାର୍ଶ୍ୱରେ ଦୁଇଟି ନବଜମ୍ବର, ଓ ମଧ୍ୟ ସ୍ଥଳରେ ମୁକ୍ତା ଖଚିତ, ହୀରା ଓ ମରକତ ଅସଲ ପଥର, ମୁକ୍ତାପରି ଉଜ୍ଜ୍ୱଳ, ପ୍ରତ୍ୟେକର ଦାମ ୫ ୦ ୩ ୮, ଡଜନ ୫ ୭ ୩, ଡାକ ମସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର ।

ଅଣାକିଆ ଟିକେଟ୍ସହ ପତ୍ର ଲେଖିଲେ ଗୋଟିଏ ସଚିତ୍ର କ୍ୟାଟାଲଗ୍ ଓ ୧୦୦ ବର୍ଷର ପାଞ୍ଜି ପଠାଯାଏ ।

RELIABLE STOLES
4, Shama charan Dey Street
P. O. Bowbazar, Calcutta.

ଅତ୍ୟାଶ୍ଚର୍ଯ୍ୟ ଜର୍ମାନୀ ମହୌଷଧ

ଲ୍ୟାନଲ

ଦାଦ, କୁଣ୍ଡିଆ, ଘାଉ, ପୋଡାଘା, ପଚ୍ଚା ଘା ଇତ୍ୟାଦି ସଙ୍କ୍ରାମକ ଘୃଣିତ ଚର୍ମରୋଗ ଏବଂ ବୁ ରୋଗ୍ୟ କ୍ଷତ ରୋଗ ସମୂହର ଏକମାତ୍ର ଆଶୁ ଫଳପ୍ରଦ ମହୌଷଧ ଏ ଔଷଧ ଦୁଇଥର ମାତ୍ର ଲଗାଇଲେ ଆଶ୍ଚର୍ଯ୍ୟ ଉପକାର ବୁଝିପାରିବେ । ଏବ ଜ୍ୱାଳାଯୁକ୍ତ ସ୍ଥାନରେ ଲଗାଇବାମାତ୍ରେ ତତ୍କ୍ଷଣାତ୍ ବରଫ ପରି ଶୀତଳ ବୋଧହୁଏ । ଉପଦଂଶ ରୋଗରେ ଏହା ମନ୍ତ୍ରଶକ୍ତିବତ କାର୍ଯ୍ୟକରେ, ଆରୋଗ୍ୟ ନହେଲେ ମୂଲ୍ୟ ଫେରସ୍ତ ଦେବୁଁ । ମୂଲ୍ୟ ୫୧୯ ଡାକ ମାସୁଲ ସ୍ୱତନ୍ତ୍ର ଏଜେଣ୍ଟ

ମଲ୍ଲିକ ଏଣ୍ଡ କୋ
ନ ୧ ନମ୍ବର ଯୁଗୀପଡା ଲେନ କଲିକତା

ମୂଲ୍ୟ ଫେରସ୍ତ ! ମୂଲ୍ୟ ଫେରସ୍ତ !

Government Registered guaranted remiedies.

ଡର୍ଜ ମେଡିକାଲ୍ କଲେଜର ପ୍ରିନ୍ସିପାଲ ସୁବର୍ଣ୍ଣପଦକ ପ୍ରାପ୍ତ ହୋମିଓପ୍ୟାଥିକ ଡାକ୍ତର ଅଗ୍, ସେନଗୁପ୍ତ, ଏମ ଡ଼ି (ଆମେରିକା) ମହୋଦୟଙ୍କ ଦ୍ୱାରା ଦେଶୀୟ ଭେଷଜମୂଳରୁ ହୋମି ଓ ପ୍ୟାଥିକ ପ୍ରଣାଳୀ ଅନୁଯାୟୀ ଆବିଷ୍କୃତ—

୧ । ହେଲ୍‌ଥ୍ ରେଗୁଲେଟର—ସ୍ୱାସ୍ଥ୍ୟର ଦାବୀ, ଶ୍ୱେତାଜିଲ୍, ସ୍ୱପ୍ନଦୋଷର ଶୁକ୍ରର ଅବ୍ୟର୍ଥ ମହୌଷଧ, ୨ । ବ୍ଲଡ୍ ପିଉରିଫାୟାର—ଗନେରିଆ, ଗରମୀ, ବାଗୀ ପ୍ରଭୃତିର ଅମୋଘ ଔଷଧ,

୩ । ହାଇଡ୍ରୋସିଲ୍ ହେମାର ହାଇଡ୍ରୋସିଲ୍ ରୋଗର ଅବ୍ୟର୍ଥ ମହୌଷଧ, ୪ । ଫିମେଲ୍‌ଫ୍ରେଣ୍ଡ—ପ୍ରଦର, ବାଧକ, ବନ୍ଧ୍ୟାତ୍ୱ, ରଜଃକଷ୍ଟ ପ୍ରଭୃତି ସ୍ତ୍ରୀ ରୋଗର ଏକମାତ୍ର ଔଷଧ, ୫ । ପାଇଲ୍‌ସ୍‌କ୍ୟୁଓର୍—ଅର୍ଶରୋଗର ଅବ୍ୟର୍ଥ ଔଷଧ । ବିଶେଷ ଦ୍ରଷ୍ଟବ୍ୟ—ପ୍ରତି ଶିଶିର (୧୬୦ ବଟିକା) ମୂଲ୍ୟ ୫ ୧୯ ଡାକ ମାସୁଲାଦି ସ୍ୱତନ୍ତ୍ର । ଏକଶିଶି ଔଷଧରେ ଅଣ ଦାମରେ ସୁଦରଣ ରୋଗୀଙ୍କର ରୋଗ ଭଲହୁଏ ଅନ୍ୟଥା ମୂଲ୍ୟ ଫେରସ୍ତ ଦିଆହୁଏ । ଅବସ୍ଥାଦି ଜଣାଇଲେ ସକଳ ରୋଗର ଔଷଧ ଓ ଅବସ୍ଥାଦି ପଠାଯାଏ । ସବିସ୍ତର ବିବରଣ, ଫେଣ୍ଡସ୍ ହୋମିଓ ହୋମ୍‌ରେ ମିଳେ ।

Display { ୨୩, ୧ ନଂ ମାଣିକତଲା ଷ୍ଟ୍ରିଟ
(ହେଦୁଆର ଦକ୍ଷିଣପାଡ଼ି)
କଲିକତା ।
ଫୋନ୍‌ନମ୍ବର ନଂ ୧୧୪୧୦
ଟେଲିଗ୍ରାମ

ରସାୟନଜ୍ଞ ପଣ୍ଡିତ ଶ୍ରୀଯୁକ୍ତ କ୍ଷୀରୋଦ ପ୍ରସାଦ ବିଦ୍ୟାବିନୋଦ ମହାଶୟଙ୍କ ଆବିଷ୍କୃତ ।

ଲାଇ ମୋଡ଼ାଇନ୍

ପ୍ରତି ଗୃହସ୍ଥଙ୍କ ଘରେ ଏକ ଶିଶି ରହିବା ଆବଶ୍ୟକ, କାରଣ—

ଲାଇ ମୋଡ଼ାଇନ୍— ଅଜୀର୍ଣ୍ଣ ଦମନ କରେ
ଲାଇ ମୋଡ଼ାଇନ୍— ଆମାଶୟର ବିଶେଷ ଫଳପ୍ରଦ ଔଷଧ
ଲାଇ ମୋଡ଼ାଇନ୍— ଉଦରାମୟ, ତରଳଦସ୍ତ ବା ବାନ୍ତିହେଲେ ମୁହୂର୍ତ୍ତକ ମଧ୍ୟରେ ଆରାମକରେ
ଲାଇ ମୋଡ଼ାଇନ୍— ଗୁରୁ ଆହାରପରେ ଅତ୍ୟଧିକ ବାୟୁହେଲେ ନଷ୍ଟ କରେ ।
ଲାଇ ମୋଡ଼ାଇନ୍— କଲେରାରେ ଆଶୁ ଫଳପ୍ରଦ ଗୁଣ ବିସ୍ମୟକର
ଲାଇ ମୋଡ଼ାଇନ୍— ଅମ୍ଳଉଦ୍ଗାର, ଅମ୍ଳଜନିତ ପେଟର ସକଳରକମ ବେଦନା ମୁହୂର୍ତ୍ତକ ମଧ୍ୟରେ ଦୂରକରେ
ଲାଇ ମୋଡ଼ାଇନ୍— ପାକସ୍ଥଳୀ ଓ ଯକୃତ ଉପରେ ନୂଆ ଭାବରେ ଏବଂ ରକ୍ତ ପ୍ଲୀହା ଓ ଅନ୍ୟାନ୍ୟ ରକ୍ତ ବାହୀ କୋଷ ଉପରେ ଗୌଣ ଭାବରେ କାର୍ଯ୍ୟକରେ । ହେରେ, ମ୍ୟାଲେରିଆ, ଓ ଅନ୍ୟାନ୍ୟ ମହାମାରୀର ଅତି ଉତ୍କୃଷ୍ଟ ପ୍ରତିଷେଧକ ।

ସବୁଠାରେ ମିଳେ ! ମୂଲ୍ୟ ଏକଟଙ୍କା !!

ଦି ନିଉ ଏରା ଫର୍ମାସି
ନ ୧୫ ନମ୍ବର କଲେଜ୍‌ଷ୍ଟ୍ରୀଟ୍ କଲିକତା
କଟକ ନସ୍ୟାସଡ଼କ, କଟକ ଷ୍ଟୋରସ୍‌ରେ ମଧ୍ୟ ମିଳେ ।

ଏ. କେ. ସାନ୍ୟାଲ୍ ଏଣ୍ଡକୋଙ୍କ

କମଳାରଞ୍ଜନ ତୈଳ ।

ମସ୍ତିଷ୍କ ସ୍ନିଗ୍ଧକର ଓ ଶିରରୋଗ ନାଶକ, ସଦ୍ୟ ପ୍ରସ୍ଫୁଟିତ ପୁଷ୍ପପରି ଗନ୍ଧ ଫର୍ଦ କାଳ ସ୍ଥାୟୀ, ମୂଲ୍ୟ ୫ ୧ ୯ ଙ୍କା

ଜ୍ୱର ସଂହାର

୩ ଦିନେ ନୂତନ ଜ୍ୱର, ୭ ଦିନେ ଆମାଶୟ, କଳାଜ୍ୱର, ମ୍ୟାଲେରିଆ, ପ୍ଲୀହା, ଯକୃତ ସଂଯୁକ୍ତ ଜ୍ୱର ଛାଡିଯାଏ ମୂଲ୍ୟ ୫୦୩ ଡାକ ମାସୁଲ ସ୍ୱତନ୍ତ୍ର ।
ଉଚ୍ଚ କମିଶନରେ ଏଜେଣ୍ଟ ଆବଶ୍ୟକ
ନ ୧୩ ନମ୍ବର ଦର୍ପନାରାୟଣ ଠାକୁର ଷ୍ଟ୍ରିଟ, କଲିକତା

ହାଣ୍ଡିଆ

ଇଙ୍ଗ୍ଲେଣ୍ଡ ଓ ଏକଶିରା ଗ୍ୟାରଣ୍ଟି ଦେଇ ଆରୋଗ୍ୟ ।

ଦୈବଶକ୍ତି ସମ୍ପନ୍ନ ଜଡ଼ି ପରୀକ୍ଷିତ ମହୌଷଧ, ଧାରଣ ସେବନ ଓ ମାଲିସ୍‌ରେ ଏକଦିନେ ଉପଶମ, ଏକ ସପ୍ତାହରେ ଅର୍ଦ୍ଧେକ ଆରାମ, ପନରଦିନେ ସମ୍ପୂର୍ଣ୍ଣ ଆରୋଗ୍ୟ ସ୍ୱୟଂ ଆସନ୍ତୁ, ଅଥବା ରୋଗର ଅବସ୍ଥା ଲେଖି ଔଷଧ ଗ୍ରହଣ କରନ୍ତୁ । ବିଫଳ ହେଲେ ମୂଲ୍ୟ ଫେରସ୍ତ ଦିଆହୁଏ ।

ମୂଲ୍ୟ—ହାଣ୍ଡିଆ ବା ଫାଇଲେରିଆ ଏକସପ୍ତାହ ୫୫୯ ପନର ଦିନପାଇଁ ୫୮୯ ଏକଶିରା ଏକସପ୍ତାହ ୫୩୯ ପନର ଦିନପାଇଁ ୫୫୯

ଶ୍ରୀ ହରିଚରଣ ରାୟ
ନ ୩ ନମ୍ବର ମଦନମିତ୍ର ଲେନ୍, କଲିକତା ।

ନ ୩୮୨ **ନୋଟିସ** ୨୭-୬-୨୭

ଏହିକ ଆମର ସ୍ୱାମୀ ଉଦ୍ଧବ ସାହୁ ସାଃ ଭୁଲବଡଶୀଶ ଥାଃ ଅସ୍ତରେଙ୍ଗର ନିବାସୀ ଆଜକୁ ବର୍ଷ ୨ ହେବ ପାଗଳ ହୋଇ ଘରୁ ଯାଇ ଚାଷ୍ଟ ଜମିସମାନ ଘରକୁ ଦେଉଥିବା ଓ ଛାଡି ଓ ଅଜାତିସରେ ଖାଉଥିବା ଓ ନଙ୍ଗଳା ହୋଇ ବୁଲୁଥିବା ଓ ମାରପିଟ କରୁଥିବାରୁ ତାଙ୍କଠାରୁ କେହି କୌଣସି କିଛି ବନ୍ଧକ ଓ ହେଣ୍ଡନୋଟ ଓ ତମସୁକ ଇତ୍ୟାଦି ଯେ କୌଣସି ପ୍ରକାର କାଗଜ କରିବେ ନାହିଁ ଓ ଯଦି କେହି କଲେ ତାହା ସମସ୍ତ ରଦ୍ଦ ହେବ କାରଣ ଏତଦ୍ୱାରା ଏ ପ୍ରସଙ୍ଗ ଜଣାଇ ଦେଉଅଛୁଁ ।

ପହଞ୍ଚଇ ଦେଇ
ସ୍ୱାମୀ ପାଗଳ ଉଦ୍ଧବ ସାହୁ
ସାଃ ଭୁଲବଡଶୀଶ, ଥାଃ ଅସ୍ତରେଙ୍ଗ

---

୩୮୩ **ନୋଟିସ ।** ୧୭-୬-୨୭

ଖରସୁଆଁ ଷ୍ଟେଟର ଏଟେଷ୍ଟେଶନ ଭାଷି ନିମନ୍ତେ ୫ ୨୭୯ ବେତନରେ ଜଣେ ହେଡ ପେସ୍କାର; ୫ ୨୦୯ ବେତନରେ ଜଣେ କାନୁନଗୋ ଓ ଯୋଗ୍ୟତାନୁସାରେ ୫ ୧୫୯ ରୁ ୫ ୨୫୯ ପର୍ଯ୍ୟନ୍ତ ବେତନରେ ସର୍ଭେ ଜାଣିଥିବା ମୋହରର ଅଥବା ନୂତନ ପ୍ରଶିକ୍ଷିତ ଜଣେ ଆବଶ୍ୟକ ଅଛି ।

ଶୀଘ୍ର ଆବେଦନ କରନ୍ତୁ କିମ୍ବା ସ୍ୱୟଂ ଉପସ୍ଥିତ ହୁଅନ୍ତୁ । ତା ୨୭।୩।୨୭

Indrabilas Mukherjee
ସେଟେଲମେଣ୍ଟ ଅଫିସର
ଖରସୁଆଁ ଷ୍ଟେଟ
ଜିଲ୍ଲା ଅମଦା—ବି, ଏନ୍, ଆର୍

—•—

ନୀଲାମ ଇସ୍ତାହାର ।

ନ ୧୧୬ ମ୍ବର ଜାରି ସନ ୧୯୨୬ ମସିହା
ଲଃ ୧ମ ମୁନସଫି କଟକ
ମଧୁସୂଦନ ଡୋ ଗୋସାଇନୀ ଡିଃ
ଶ୍ରୀମତୀ ଦେଈ ଦେଃ

ଡିକ୍ରୀଦାରଙ୍କର ଦରଖାସ୍ତ ଉପରେ ଯାହାଙ୍କ ଅଧାସ୍ଥ ନମ୍ବରେ ଦେଣଦାରଙ୍କର ଉଲ୍ଲିଖିତ ଅଚଳନ୍ତି ସମ୍ପତ୍ତି ଓ ଉହିଁରେଥିବା ଗଛ, ଇମାରତ, କବାଟ, ଚଉକାଠ ଓ ବୃକ୍ଷାଦି ସହିତ ତାଃ ୨୨।୨।୨୬ ଦିନେ ଏହି ଅଦାଲତରେ ନିଲାମ ହେବ ।

୧ । ଜିଃ ଓ ଥାନା କଟକ ପ୍ରଃ ଗାଇଲେ ଜମିଃ ମଧୁସୂଦନପୁର ନ ୧୩୧୭୪୮ ମ୍ବର ଲଃ ନ ୧୩୧୭୬୦ ମ୍ବର ଜଗଲ ଓ ନ ୨୮୦୧୮ ଲଃ ୩୬୦୨୩ ମ୍ବର ଲଃ ଓ ନ ୩ ମ୍ବର ଖାତା ... ଜଙ୍ଗଲ ଓ ପ୍ରଜାଦଖଲ ମୋଟ ଏ୦—୧୩ ଡିଃ ମଧ୍ୟରୁ ଏ୦—୮ ଡିଃ ଅଃ ମୂଃ ଟ୪୦୯

୨ । ମୌ । ଏକନ ନ ୨୮୦୧୮ ମ୍ବର ଲଃ ନ ୪ ମ୍ବର ଖାତା ଲଃ ବାହେଲ ଜଙ୍ଗଲ ଓ ପ୍ରଜାଦଖଲ ମୋଟ ଏ୦—୬୪ ଡିଃ ମଧ୍ୟରୁ ଏ୦—୧୩ ଡିଃ ଅଃ ମୂଃ ଟ୮୯

୧୩୧୭୬୦ ମ୍ବର ଜଙ୍ଗଲ ଓ ନ ୨୮୦୧୮ ଲଃ ୩୬୦୨୩ ମ୍ବର ଲଃ ନ ୩ ମ୍ବର ଖାତା ଲଃ ବାହେଲ ଜଙ୍ଗଲ ଓ ପ୍ରଜାଦଖଲ ମୋଟ ଏ୩—୧୩ ଡିଃ ମଧ୍ୟରୁ ଏ୦—୮ ଡିଃ ଅଃ ମୂଃ ଟ୪୦୯

୨ । ମୌ ଏକନ ନ ୨୮୦୧୮ ମ୍ବର ଲଃ ନ ୪ ମ୍ବର ଖାତା ଲଃ ବାହେଲ ଜାଗୀ ଦଖଲ ଓ ପ୍ରଜାଦଖଲ ମୋଟ ଏ୦—୬୪ ମଧ୍ୟରୁ ଏ୦—୧୩ ଡିଃ ଅଃ ମୂଃ ଟ୮୯

୩ । ମୌ । ଏକନ ନ ୩୬୪୭୯ ମ୍ବର ଲଃ ନ ୨୦ ମ୍ବର ଖାତା ଦାଃ ଲଃ ବାହେଲ ମୋଟ ଏ୦—୧୪ ଡିଃ ମଧ୍ୟରୁ ଏ୦—୨୧୧ ଅଃ ମୂଃ ଟ୩୯

୪ । ମୌ । ଏକନ ନ ୧୧୬ ମ୍ବର ଖାତା ଲଃ ଦାଃ ... ଜାରି ପ୍ରଜାଦଖଲ ମୋଟ ଏ୦—୧୮ ଡିଃ ମଧ୍ୟରୁ ଏ୦—୩ ଡିଃ ଲୁ ଜମା ଟ୦୯୬ ଅଃ ମୂଃ ଟ୩୯

୫ । ମୌ । ଏକନ ନ ୧୬୬ ମ୍ବର ଖାତା ...

ଏ୦—୨୧ ଡିଃ ମଧ୍ୟରୁ ଏ୦—୪ ୩ ଲୁ ଜମା ଟ୦୯୮ ଅଃ ମୂଲ୍ୟ ଟ ୫୯ ଙ୍କା ।

୭ । ମୌ । ଏକନ ନ ୧୭୮ ମ୍ବର ଖାତା ଲଃ ଦାଃ ମଧ୍ୟ ସହାୟଖାସ୍ ଜଙ୍ଗ ଦଖଲ ମୋଟ ଏ୦—୦୪ ଡିଃ ମଧ୍ୟରୁ ଏ୦—୧ ଡିଃ ଲୁ ଜମା ଟ୦୯୧୧ ପାଦ୍ଧ ଅ ଟ ୨ ଙ୍କା ।

ଡ୦

ନ ୯୮ ମ୍ବର ଜାରି ସନ ୧୯୨୬ ମସିହା
ଲଃ ପ୍ରଥମ ମୁ । କଟକ
ଅନନ୍ତଚରଣ ଦାସ ସାଃ ମଧ୍ୟଶାସନ ମହାଜନ
ସାଙ୍ଗ ପ୍ରଃ ହରିହରପୁର ଡିଃ
ଲୋକନାଥ ପଣ୍ଡା ଓଗେରେ ସାଃ ଗଡ଼ଚଣ୍ଡୀ
ଦେଉଳ ତାଃ କୋଦଣ୍ଡା ଦେଃ

ଉପରଲିଖିତ ନମ୍ବର ଅଃ ଦେ ଦେଃ ମାନଙ୍କର ଉଲ୍ଲିଖିତ ସମ୍ପତ୍ତିମାନ ଉକ୍ତ ଡିକ୍ରୀଜାରିରେ ତା ୧୮।୬।୨୬ ଦିନେ ନିଲାମ ହେବ ।

ତପସିଲ

୧ । ଜି । କଟକ ସ୍ଥାଃ ଏଃ ୧ଃ କଟକ ପ୍ରଃ କୋଦଣ୍ଡ ... ଲଃ ବାହେଲ ନ ୬୮ ମ୍ବର ଖାତା ଦାଃ ଏ୦—୪୧୧ ଅଃ ମୂଃ ଟ୩୦୯

...

ପାଦ୍ଧ ଏ୦—୮୩ ଲୁ ଜମା ଟ୧୯୩ ଓ ନ ୭୮୯ ମ୍ବର ଖାତା ଦାଃ ଏ୦—୮୨ ଲୁ ଜମା ଟ୧୫୬୧ ଉକ୍ତ ଜମା ମଧ୍ୟରୁ ତା ୨୦।୬। ୦୬ ଦିନେ ଲିଖିତ କବାଲା ଦ୍ୱାରା ଏ ଦେଣଦାରଙ୍କର ହିଂସା ସହିତ ଖରିଦ ଏ୦—୬୪—୬ ମଧ୍ୟରୁ ଦେଣଦାରର ଅଂଶ ଜାଃ ଟ୦।୬ ଲୁ ଏ୦—୨୩—୯ ଲୁ ଜମା ଟ୦।୧୦ ଅଟେ ତାହା କଟକ ଅଛି ନିଲାମ ହେବ ।

୪ । ଉକ୍ତ ମୌଜାରେଥିବା ଦେଣଦାରମାନଙ୍କ ପୈତୃ ମାଲୁଣି ବାବଦ ସହିତ କୃଷ୍ଣ ବାହାଦ ଓଗେରଙ୍କ ନାମର ବନ୍ଦୋବସ୍ତ ନ ୨୩୬ ମ୍ବର ଖାତା ଦାଃ ଏ୩—୧୪ ଡିଃ ମଧ୍ୟରୁ ଦେଣଦାରମାନଙ୍କ ହିଂସା ଏବଂ ତାଙ୍କ ପିତାଙ୍କ ଖରିଦ ଓ ଓୟାରିସ୍ ସୂତ୍ରେ ପାଇଥିବା ଜମି ସହିତ ମୋଟ ଦେଣଦାରମାନଙ୍କ ଅଂଶ ଏ୦—୭୮—୫ ଲୁ ମଥୋଟ ଜମା ଟ୧୯୬୧୩ ଅଟେ ଉକ୍ତ ସମ୍ପତ୍ତିମାନ କରକଅଛି ତାହା ନିଲାମ ହେବ ।

—୦—

ନ ୩୫୭ ମ୍ବର

ପ୍ରକାଶିତ ଆଇନ

(ବନବିହାରୀ ପାଣ୍ଡିଆଙ୍କ କୃତ)

ମୂଲ୍ୟ ଟ୨୯ ସ୍ଥଳେ ଟ୨ ।

ବର୍ତ୍ତମାନ ବନ୍ଦୋବସ୍ତ ଚାଲୁଥିବାରୁ ଜମିଦାର ପ୍ରଜାମାନଙ୍କର ସତ୍ୱସ୍ୱ ସମ୍ବନ୍ଧେ ଅନେକେ ବନ୍ଦୋବସ୍ତ କାର୍ଯ୍ୟପୂର୍ବରୁ ଜାଣି ନିଜର ସ୍ୱାର୍ଥ ରକ୍ଷା କରିବା କାରଣ ଏହି ପୁସ୍ତକର ମୂଲ୍ୟ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଟ୨୯ ସ୍ଥଳେ ଟ୨ ରେ ଦଆଯିବ । କେହି ଏକଦେ ୧୦ ଖଣ୍ଡ ନେଲେ ଟ୨୯ ହିସାବରେ ଟ ୧୦ରେ ପାଇପାରିବେ । ବନ୍ଦୋବସ୍ତ କର୍ମଚାରୀ ସମସ୍ତ ପ୍ରଧାନ ସ୍ଥାନରେ ଏହାର ଦରକାରରେ ବୁଝାଇ ଦଆଯାଇଅଛି ।

ପ୍ରାପ୍ତିସ୍ଥାନ—

୧— ଶ୍ରୀ ବନବିହାରୀ ପାଣ୍ଡିଆ
ଭଗୀରଥୀପୁର କମଳ ମ୍ୟାନେଜର ଅଫିସ୍
ଗଣେଶଘାଟ—କଟକ ।

୨— କଟକ ଟ୍ରେଡ଼ିଂ କମ୍ପାନି,
ବଲୁବଜାର, କଟକ,

ବିପଦବନ୍ଧୁ

ଔଷଧାଳୟ ।

କଟକ ଆୟୁର୍ବେଦୀୟ ଔଷଧାଳୟ ମାନଙ୍କ ମଧ୍ୟରେ ଏହା ସର୍ବପ୍ରଧାନ, ପ୍ରାଚୀନ ଏବଂ ସୁପରିଚିତ ଅଟେ । ଆୟୁର୍ବେଦୀୟ ପ୍ରତ୍ୟେକ ପାକ, ପ୍ରଦ ତୈଳ, ଘୃତ, ବଟିକା, ଚୂର୍ଣ୍ଣ ଆସବ ଅବଲେହ ମୋଦକ ଅର୍କ, କସ୍ତୁରୀ, ମକରଧ୍ୱଜ ଶ୍ରୀକର୍ପୂର ସାପ୍ତାନକେଶର, ବଙ୍ଗ, ସିନ୍ଦୂର ଅଭ୍ର, ରସ୍ପର, ସୁବର୍ଣ୍ଣ, ରୌପ୍ୟ ପ୍ରବାଳ ମୁକ୍ତା ତାମ୍ର ଆଦି ସବୁପ୍ରକାର ଉତ୍ତମ ସୁଲଭ ମୂଲ୍ୟରେ ଉପସ୍ଥିତ ଏ । ଜନ୍ମଠିକଣାରେ ପତ୍ର ପଠାଇଲେ ଦ୍ରବ୍ୟ ପାଇବେ ।

ଉତ୍ତରଦେଶୀ ବଜାର କଟକ ।	ଶ୍ରୀ ବାଳକୃଷ୍ଣ ଦାସ କବିରାଜ ଓ ଶ୍ରୀ ହରିକୃଷ୍ଣ ଦାସ

୩୮୦ **ନୋଟିସ ।** ୨୬୦୬-୨୬

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦଆଯାଉଅଛି ଯେ ଦର୍ପଣ ଷ୍ଟୋର ଅନୁମୋଦିତ ସନ୍ଦେଶ ... ମିଳିବ ... ଯେଉଁମାନେ ନେବାକୁ ଇଚ୍ଛା କରନ୍ତି ସେମାନେ ଦର୍ପଣ ଷ୍ଟୋର ... ଠିକ ଅଫିସ୍ ... ମୂଲ୍ୟ ... ପାଇବେ ... ଦେଖିବାକୁ ଇଚ୍ଛା କରନ୍ତି ... ପାରିବେ ଇତି । ତା୨୦-୬-୨୬

—*—

Imperial Bank of India.

Bankers to the Government of India.

Authorised Capital	--- --- Rs.	11,25,00,000
Paid up Capital	--- --- Rs.	5,62,50,000
Reserve Fund	--- --- Rs.	4,82,50,000
Reserve Liability of Shareholders	Rs.	5,62,50,000

Branches in all principal Towns of India, Burma and Ceylon. Current Accounts opened free of charge. Fixed Deposits received at interest, Savings Bank. Small sums received at interest ;—

PRESENT RATE 3½% P. A.

GOVERNMENT AND OTHER SECURITIES received for safe custody. Purchases and sales effected. Interest and dividends collected and credited to account or remitted according to instructions.

DRAFTS AND TELEGRAPHIC TRANSFERS issued.

LOANS granted on approved security and all general banking business transacted.

Rates and rules on application to the Officer-in-charge

CUTTACK BRANCH.

Situated Collectorate Buildings.

ନ ୪ ମ୍ବର | ତା ୩୦।୧୧।୨୬ ରିଖ

ଶ୍ରୀ ଶ୍ରୀ ଶ୍ରୀ ସ୍ୱାସ୍ଥ୍ୟ ଔଷଧାଳୟ

ସ୍ୱାସ୍ଥ୍ୟକାରୀ ଡାକ୍ତର ଶ୍ରୀ ଅଟଳବିହାରୀ ଆଚାର୍ଯ୍ୟ ଏମ୍, ବି, କର

ଏଣ୍ଟିମେଲେରିଆ ମିକ୍ଷ୍ଚର

ଏହା ବାଳଜ୍ୱର, ପ୍ଳୀହା, ଯକୃତ, କୁଳି ଜ୍ୱର ଓ ମ୍ୟାଲେରିଆ ଜ୍ୱରର ପ୍ରତ୍ୟକ୍ଷ ଧନ୍ୱନ୍ତରୀ ଜଙ୍ଗଲର ନାନାସ୍ଥଳରେ ହଜାର ହଜାର ରୋଗୀ ଏହା ବ୍ୟବହାର କରି ଅବ୍ୟର୍ଥଫଳ ପାଇଅଛନ୍ତି ଏହା ପ୍ଳୀହା ରୋଗୀଙ୍କର ଦେହରେ ରକ୍ତବୃଦ୍ଧି କରେ ଓ ସୁସ୍ଥଦେହରେ ଦିନକୁ ଥରେ ଲେଖାଏ ଖାଇଲେ ଟନିକର କାର୍ଯ୍ୟ କରେ। କେହି କେହି ଏହି ଔଷଧ ଜାଲ କରି ବିକୀ କରିବାର ଜଣା ପଡ଼ିବାରୁ ଡାକ୍ତରଙ୍କର ଛବି ସହିତ ରେଜିଷ୍ଟରି କରାଯାଇଅଛି ଗ୍ରାହକମାନେ ଦେଖି ଶୁଣି ଖରିଦ କରିବେ। ବ୍ୟବସ୍ଥାପତ୍ର ଶିଶି ଦେହରେ ଥାଏ।

ମୂଲ୍ୟ ପ୍ରତ୍ୟେକ ଶିଶି	ଟ ୧୲
ସ୍ୱତନ୍ତ୍ର ଶିଶି	ଟ ୧୲

ଡାକମାସୁଲ ସ୍ୱତନ୍ତ୍ର।

ଏହାଛଡ଼ା ଅଟଳ ବାହ୍ୟଳ ନାନାପ୍ରକାର କଳା, କୁଣ୍ଡିଆ, ଘାଉ, ମଇଳା, ମଲମ— ଚର୍ମରୋଗର ଓ କାଶିସୁଧା ସବୁପ୍ରକାର ଉଦରରୋଗର ଅବ୍ୟର୍ଥ ମହୌଷଧ ବ୍ୟବସାୟୀମାନଙ୍କୁ କମିସନ ମିଳେ।

ଏଠାରେ ଡାକ୍ତରୀ, କବିରାଜୀ ଓ ହୋମିଓପ୍ୟାଥିକ ଔଷଧମାନ ସର୍ବଦା ମହଜୁଦ ରହେ। ଟେଲିଗ୍ରାମ କଲେ ଭି: ପି: ଦ୍ୱାରା ଔଷଧ ପାର୍ଶଲ ପଠାଯାଏ ଚିଠି ପତ୍ରର ଉତ୍ତର ତତ୍କ୍ଷଣାତ୍ ଦିଆଯାଏ।

ହୋମିଓପ୍ୟାଥିକ ଔଷଧ ଚାରିଦଶମିକ୍ ଠାରୁ ୩୦ ଶ ପର୍ଯ୍ୟନ୍ତ ପ୍ରତି ଡ୍ରାମ ଟ ୦ ୵

୨୦୦ କ୍ରମ ସିଦ୍ଧ ଡ୍ରାମ ଟ ୦ ।୵

ଡାକ୍ତର ଶ୍ରୀ ଅଟଳବିହାରୀ ଆଚାର୍ଯ୍ୟ

ସ୍ୱାସ୍ଥ୍ୟ ଔଷଧାଳୟ

ଡ ୧୩ | ଅପୂର୍ବ ସୁଯୋଗ। | ୩।୨।୨୬

ଅନୁରୋଧିତ ପୁସ୍ତକଗୁଡ଼ିକ ଆସନ୍ତା ବୈଶାଖମାସ ପର୍ଯ୍ୟନ୍ତ ଅଳ୍ପମୂଲ୍ୟରେ ଦିଆଯିବ।

ଶ୍ରୀ ମଦନମୋହନ ପଟ୍ଟନାୟକଙ୍କ କୃତ।

୧। ନବାନୁରାଗ ପୁଷ୍ପୋତ୍ସବ—୧ମ ଭାଗ ଟ ୦ ୵ ସ୍ଥଳେ ଟ ୦ ।୵

୨। ଦମନ୍ତ୍ରୋତ୍ସବ କଳା ଟ ୦ । „ ଟ ୦ ୵

ନବାନୁରାଗ ପୁଷ୍ପୋତ୍ସବ—୨ୟ ଭାଗ (ଯନ୍ତ୍ରସ୍ଥ)

ଭାରତ ତୀର୍ଥଦର୍ଶନ ଏଥିରେ ପ୍ରଥମଭାଗରେ ଦାକ୍ଷିଣାତ୍ୟର ରାମେଶ୍ୱର ତୀର୍ଥ—ମୂଲ୍ୟ ଟ ୦। ୨ୟ ଭାଗରେ ମଧ୍ୟାଞ୍ଚଳର କାଶୀ, ପ୍ରୟାଗ ବୃନ୍ଦାବନତୀର୍ଥ—ମୂଲ୍ୟ ଟ ୦।୵ ୩ୟ ଭାଗରେ ପଶ୍ଚିମାଞ୍ଚଳର ଦ୍ୱାରକା ତୀର୍ଥ— ମୂଲ୍ୟ ଟ ୦।୵ ୪ର୍ଥ ଭାଗରେ ଉତ୍ତରାଞ୍ଚଳର ବଦ୍ରିନାରାୟଣ ତୀର୍ଥ— ମୂଲ୍ୟ ଟ ୦।୵ ୫ମ ଭାଗରେ ଓଡ଼ିଶା ମଧ୍ୟସ୍ଥ ତୀର୍ଥମାନଙ୍କର ବର୍ଣ୍ଣନା ମୂଲ୍ୟ ଟ ୦।୵ ଏଥିରେ ବହୁଗୋଟି ତୀର୍ଥସ୍ଥାନର ଅବଶେଷ ବର୍ଣ୍ଣନା କରାଯାଇଅଛି। ଏହାକୁ ପଢ଼ିଲେ ଘରେ ବସି ଅନେକଙ୍କର ସାହାଯ୍ୟ ବ୍ୟତୀତ ଯେ କେହି ଭାରତବର୍ଷର ତୀର୍ଥସମୂହ ଦର୍ଶନ କରିପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକାଶିତ ହୋଇଛି ତୀର୍ଥଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଏହାକୁ ଗଣ୍ଠିଏ ପାଖରେ ରଖିବା ଉଚିତ।

ପ୍ରାପ୍ତିସ୍ଥାନ।

କଟକ ଟ୍ରେଡିଂ କମ୍ପାନୀ

ବଜ୍ରାକବାଟି

କଟକ।

ବି, ଦାସ ଏଣ୍ଡ କମ୍ପାନୀ।

ଫର୍ଣ୍ଣିଚର, ଭଣ୍ଡାର, ଏଜେଣ୍ଟ ଏବଂ ଜେନେରେଲ ଅର୍ଡର ସପ୍ଲାୟର

ଚାନ୍ଦିନୀଚୌକ, କଟକ।

ଏମାନେ ସମସ୍ତ ପ୍ରକାର ଇଞ୍ଜିନ, କଳ, ଲୁହାର କାମ, ଓ ଘରତିଆରି କରିବାର ସରଞ୍ଜାମ ଉପକରଣ ସର୍ବସାଧାରଣଙ୍କୁ ଯୋଗାଇଥାନ୍ତି ଏବଂ କଣ୍ଟ୍ରାକ୍ଟ ନେଇ ତିଆରି କରିଥାନ୍ତି କୋକୋକେମ ନଡ଼ିଆ ଘିଅର ଆମ୍ଭେମାନେ ଓଡ଼ିଶାରେ ଏକମାତ୍ର ଏଜେଣ୍ଟ ଅଟୁ। ସର୍ବସାଧାରଣଙ୍କର ପରୀକ୍ଷା ପ୍ରାର୍ଥନୀୟ।

B. Das & Co.

ଡାକ୍ତର କେ, ସେନର ଆବିଷ୍କୃତ, ଜ୍ୱଳା ଯନ୍ତ୍ରଣା ଶୂନ୍ୟ।

ଘୋର ଟନିକ।

ମୂଲ୍ୟ ଟ ୧୲ ଡାକମାସୁଲ ସ୍ୱତନ୍ତ୍ର।

ମେଞ୍ଚାସ, ପାଚିଲା, ପଚାଘା, ନାଳିଘା, ଘୋଡ଼ାଘା ଚାଉଳି, ଭଗନ୍ଦର ଏବଂ ଉପଦଂଶ ରୋଗମାନଙ୍କର ଏହା ଅଦ୍ଭୁତ କ୍ରିୟା। ୨୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ବନ୍ଦ ହୋଇଯାଏ ଓ ୭ ଦିନରେ ଆରୋଗ୍ୟ ହୁଏ।

ଦଦ୍ରୁ ଦାବାନଳ (ଯାଦୁର ମଲମ) ଚୋଟ ଏକଥର ଲଗାଇଲେ ଉପଶମ ହୋଇ ୨ ।୩ ଦିନରେ ଆରୋଗ୍ୟ ହୁଏ।

ମୂଲ୍ୟ ଟ ୦।୵ ମାତ୍ର।

ସର୍ବତ୍ର ଏଜେଣ୍ଟ ଆବଶ୍ୟକ

କେ, ସେନ ଏଣ୍ଡ ମେଡିକେଲ ହଲ

୫୩।୧।୧ ମିଡଲ୍ ରୋଡ଼, ଇଣ୍ଟାଲି, କଲିକତା।

ନ ୩୩୭ ମ୍ବର

CABIN TRUNK SUIT CASES Etc.

ମେସର୍ସ ଏସ, ଏମ୍, ଘୋଷ

ଏଣ୍ଡ ବ୍ରଦର୍ସ

୧୯। ଲୋୟର ଚିତପୁର ରୋଡ଼

କଲିକତା

ନ ୨୨୨ ମ୍ବର | ତା ୨୦।୧୨।୨୬ ରିଖ

ପାନ ଖାଇ ତୃପ୍ତିଲାଭ

କରିବାକୁ ହେଲେ— ଲୁଲିଗଞ୍ଜ, ଖାନପୁରଭରାଗି ପଣ୍ଡିତ ପ୍ୟାରେଲାଲ ଶୁକ୍ଳଙ୍କର

ମୁଖବିଳାସ REGD. No.105 ଓ ପାନବିଳାସ

ଖାଇ ଦେଖନ୍ତୁ

ପରୀକ୍ଷାସ୍ୱରୂପ ବିନାମୂଲ୍ୟରେ ନମୁନା ଆଣାଇ ଦେଖନ୍ତୁ। ମୁଖବିଳାସ ବଡ଼ ଡବା ଟ ୦।୵ ଛୋଟ ଡବା ଟ ୦୵, ପାନବିଳାସ ପ୍ରତି ଶିଶି ଟ ୦।୵ ପ୍ରତି ଡଜନ ଟ ୪୲ ଦୋକାନୀ ଖରିଦଦାରମାନଙ୍କୁ ଯଥେଷ୍ଟ କମିଶନ ଦିଆଯିବ।

ଶୁ କ୍ଳ ସି ଗ୍ରେ ଟ୍।

ସୁଗନ୍ଧି ସିଗ୍ରେଟ ୫ ଖଣ୍ଡର ବାକ୍ସ, ଓ ଡଜନରେ ଟ ୦୵ ହିସାବ କମିସନ। ହେଡ, ସ୍ୱଦେଶୀ, ଶସ୍ତା ଓ କଡ଼ିକ୍ରମ ସିଗ୍ରେଟ ପିଇ ଦେଖନ୍ତୁ। ଶୁକ୍ଳ ସିଗ୍ରେଟ ଟ ୨୵ ପ୍ରତିବାକ୍ସ

ପ୍ରତି ବାକ୍ସରେ ୪୦ ପ୍ୟାକେଟ ଓ ୪୦୦ ସିଗ୍ରେଟ୍ ଥାଏ।

ଉପହାରସ୍ୱରୂପ ସିଗ୍ରେଟ୍ ଟ ୧୲ ପ୍ରତିହଜାର।

ଧର୍ମଶାଳା ଅଫିସ ପ୍ରତି ପ୍ୟାକେଟରେ ୮ ସିଗ୍ରେଟ ଥାଇ ୬୪ ପ୍ୟାକେଟ କାର୍ଟନ୍ ପ୍ରତି ଦାମ ଟ ୧୲ ଏ ହିସାବରେ ଟ ୮। ହିସାବ କମିସନ।

ପଣ୍ଡିତ ପ୍ୟାରେଲାଲ ଶୁକ୍ଳ ଲୁଲିଗଞ୍ଜ, ବାଲେଶ୍ୱର।

Split by PDF Splitter

Digitized by srujanika@gmail.com

Split by PDF Splitter

ନଂ ୧୬ ନମ୍ବର **ବିଜ୍ଞାପନ ।** ତା ୧୧।୬।୨୬

ପରମାନନ୍ଦ ସାହା ଏଣ୍ଡ ସନ୍‌ସ୍ ।

ପ୍ରୋପ୍ରାଇଟର
ଶ୍ରୀ ସୂର୍ଯ୍ୟକାନ୍ତ ସାହା ।
ଶ୍ରୀ ରଜନୀକାନ୍ତ ସାହା ।

ସନ ୧୬୭୨ ସାଲରେ ପ୍ରତିଷ୍ଠିତ

ବଙ୍ଗଦେଶର ଅତିପ୍ରାଚୀନ ଓ ସୁପ୍ରସିଦ୍ଧ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରବ୍ୟବସାୟୀ ସ୍ୱର୍ଗୀୟ ପରମାନନ୍ଦ ସାହା ମହାଶୟଙ୍କର ପୁତ୍ରଦ୍ୱୟ ଶ୍ରୀ ସୂର୍ଯ୍ୟକାନ୍ତ ସାହା ଓ ଶ୍ରୀ ରଜନୀକାନ୍ତ ସାହାଙ୍କ ଅଳଙ୍କାର ଦୋକାନ ସାଂ ଚୋଉଦ୍ଧାର, ପୋଷ୍ଟ ଓ ସହର ଚୈତନ୍ୟପୁର ।

ଏହି ଦୋକାନରେ ଆଧୁନିକ ସର୍ବ୍ୟତା ଓ ରୁଚି ଅନୁମୋଦିତ ସର୍ବଦା ବ୍ୟବହାରୋପଯୋଗୀ ନା ପ୍ରକାର, ଅଲଗ୍ରାଣଗନାଦି ଶୁଭକାର୍ଯ୍ୟରେ ଆବଶ୍ୟକୀୟ ଯାବତୀୟ ପ୍ରକାର ବିଶୁଦ୍ଧ ସ୍ୱର୍ଣ୍ଣ ଓ ରୌପ୍ୟାଦିର ଅଳଙ୍କାର ବହୁତ ପରିମାଣରେ ସର୍ବଦା ବିକ୍ରୟାର୍ଥେ ପ୍ରସ୍ତୁତ ରହିଅଛି । ଆମ୍ଭେମାନେ ଅସ୍ମାନଙ୍କର ଚିର ଅଭ୍ୟସ୍ତ ସ୍ୱର୍ଣ୍ଣର ବିଶୁଦ୍ଧତା, ସଙ୍ଗତ ମୂଲ୍ୟ, ମଜୁରି ବା ବାଣୀ ଓ ବ୍ୟବସାୟ ପରିଚାଳନାରେ ସତ୍ୟଚ-ମୂଳକ ବ୍ୟବହାର ଏକନିଷ୍ଠଭାବରେ ଅବଲମ୍ବନ ପୂର୍ବକ ଅକ୍ଷୁଣ୍ଣଭାବରେ ଏତଦ୍ଦେଶୀୟ କାର୍ଯ୍ୟ ସୁସ୍ପଷ୍ଟରୂପେ ପରିଚାଳନ କରି ଆସୁଅଛୁ ।

ଅସ୍ମାନଙ୍କର ବହୁଳ ଉତ୍ତାର ସହୃଦୟ ଓ ପୃଷ୍ଠପୋଷକ ଗ୍ରାହକମହୋଦୟମାନଙ୍କର ନିରବଚ୍ଛିନ୍ନ ବିଶ୍ୱାସ ଓ ସନ୍ତୋଷ ଏହାର ପ୍ରକୃଷ୍ଟ ପ୍ରମାଣ । ସ୍ୱୟଂ ଆସି ବା ପତ୍ରଲେଖି ସବିଶେଷ ବିବରଣ ଅବଗତ ହେଉନ୍ତୁ । ଏହାହିଁ ପ୍ରାର୍ଥନା ।

No. 312 15-7-26.

ELECTRIC BUTTONS.

These buttons are exquisitely Bautiful and lovely. The bulbs are in the buttons and on switching it will emit light which will enable the wearer to walk freely in the dark. There is no fear of their being broken. They will never be cut of order even if used for a life time. If the buttons are hung up in the walls and switched the room will be lighted.
Price Rs. 4 for one set (3).
Postage Annas 6.

COMBINED LIGHTER AND PENCIL.

Newly imported from Germany A gentle rub will kindle fire, very convenient for lighting cigarettes etc, and can be used as pencil. Very handy for constant use.
Price Re. 1-4.

BINOCULARS.

Very decent thing Distant objects are seen very near, used for seeing sceneries of mountains, stars, planets, races etc.
Price Rs. 2
Postage As, 6

ELECTRIC LIGHT IN ROSE FLOWER.

A Newly imported light in Rose flower invented by Germans There is a connection of the flower with the battery and if it is plated in the brest pocket and switched the rose will be radiant with brignt light and attract everybody's attention.
You can freely walk in the dark with its help.
It is only fancy but most useful.
Price Rs. 2-8.
Postage Annas 6
Extra battery as/12/

S. C. SEAL.
36 Upper Chitpur Road
P. O. Hotkhola, CALCUTTA

ଗ୍ରାହକ ମାନଙ୍କ ପ୍ରତି—

ନିବେଦନ

ଏତଦ୍ୱାରା ଉତ୍କଳଦୀପିକାର ନୂତନ ଓ ପୁରାତନ ସୁଧୀ ଗ୍ରାହକବର୍ଗଙ୍କୁ ବିଦିତ କରାଇ ଦିଆଯାଉଅଛି ଯେ ଦୁଇମାସରୁ କମ୍ ସମୟ ପାଇଁ ଠିକଣା ପରିବର୍ତ୍ତନ ଲାଗି ଇଚ୍ଛା କଲେ ଡାକ ଘରେ ପରିବର୍ତ୍ତନ କରାଇ ନେବେ, ଅଫିସକୁ ପତ୍ର ଲେଖି ଅନର୍ଥକ ଟଂ ୧୬ ଖରଚ କରିବା ବୃଥା । ଦୁଇମାସରୁ କମ୍ ସମୟ ପାଇଁ ଅଫିସ ରେଜିଷ୍ଟର କଟାଯାଏ ନାହିଁ । ଇତି ।

ମ୍ୟାନେଜର ।

ନଂ ୩୬୮ ନମ୍ବର ବିଜ୍ଞାପନ ୨।୭।୨୬

ଉତ୍କଳ ଫାରମେସି

[ଡାକ୍ତରଖାନା]

ବାଲୁବଜାର କଟକ ।

ଡାକ୍ତର ଶ୍ରୀ ବାବୁ ସୁଧାଂଶୁଶେଖର ସିଂହ ବି, ଏସ୍, ସି, ଏମ୍, ବି

ଉପସ୍ଥିତ ରୋଗିମାନଙ୍କୁ ପରୀକ୍ଷା କରି ବ୍ୟବସ୍ଥା ଦିଅନ୍ତି, ଔଷଧମାନ ସୁଲଭ ଓ ଅକୃତ୍ରିମ । ଉକ୍ତ ଡାକ୍ତରଙ୍କ ଆବିଷ୍କୃତ ସର୍ବଜ୍ୱରାଙ୍କୁଶବଟିକା ମେଲେରିଆ ଜ୍ୱର, ପାଳିଜ୍ୱର, କମ୍ପଜ୍ୱର, ପ୍ଲୀହା ଓ ଯକୃତ ସଂଯୁକ୍ତ ଜ୍ୱର ପ୍ରଭୃତି ସର୍ବବିଧ ଜ୍ୱରର ଅବ୍ୟର୍ଥ ମହୌଷଧ । ମୂଲ୍ୟ ୨୪ ବଟିକାକୁ ଟ ୧ ଡାକ ମାସୁଲ ଏକ ଶିଶିକୁ ଟ ୦ । ମଫସଲର ଏଜେଣ୍ଟମାନଙ୍କୁ ଉପଯୁକ୍ତ କମିଶନ ଦିଆଯିବ । ସର୍ବସାଧାରଣଙ୍କ ପରୀକ୍ଷା ପ୍ରାର୍ଥନୀୟ ।

—୦—

ନଂ ୩୭୫ ନମ୍ବର ନୋଟିସ ୨୬-୬-୨୬

ଦଶପଲ୍ଲା ଷ୍ଟେଟ ଅଫିସ ପାଇଁ ଏକଜଣ ଓଭରସିଅର ଅମିନ ମାସିକ ଟ ୨୦୯ ଟଙ୍କା (କୋଡ଼ିଏ ଟଙ୍କା) ବେତନରେ ଆବଶ୍ୟକ, ଜାଗାମ୍ପିଲ ସର୍ଭେ, ଓଭର ଜରିପ ଓରେକର୍ଡ଼ ରୁଲିଙ୍ଗରେ ପାରଦର୍ଶୀ ବ୍ୟକ୍ତିମାନେ ନିଜ ନିଜର ପ୍ରଶଂସାପତ୍ର ମୁହର ପୂର୍ବ ସର୍ଭିସ୍, ବୟସ ଓ ସ୍ୱାସ୍ଥ୍ୟ ଉଲ୍ଲେଖ କରି ଚଳିତମାସ ଶେଷସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଦରଖାସ୍ତ ପଠାଇପାରିବେ ।

Superintendent,
Daspalla.

369 NOTICE. 3-7-26

Estate of the late Babu Nanda Kumar Bose, Zemindar, Bahukud, Thana- Salipur, District- Cuttack.

It is hereby notified to all whomsoever it may Concern that this Estate is unwilling to advance or invest money or loans any further, to anybody batring only a few who are honorable respecpably and needy in its eyes (who are incapable of cheaisng or otherwise harassing the Estate or pleading limitation and nonpayment against the Estate). It has experienced several instances of unnecessary risks, troubles and dangers too in dealing with people in business as these

The Estate now thinks it expedient that the money-lending business should henceforth be either stopped altogether or carried on in a very limited form, to help the people who are really in need, on condition that they pay the intrest regularly every manth. Debtor whose debts stand over full three yeaas, or six years should prepare themselves to pay off their debts within six months of this notice or within such further time as may be extended to them by the Estate upto a limit of one year from this date and no further.

The Fstate considers it safe and sound that its money should be placed in the Imperial Bank of India in its Cuttack Branch.

It is further notified that the management of the Estate has now been handed over to a Manager who has taken over charge from the 1st day of June, 1926.

Jagatbalav Ghose
One of the Executors Estate,
N. K. Bose.
Cuttack The 9th June, 1926

ଷ୍ଟେଟ ୰ ବାବୁ ନନ୍ଦକୁମାର ବୋଷ ଜମିଦାର । ସା । ବହୁକୁଦ, ଥାନା ସାଲେପୁର ଜି । କଟକ

ଏ ତଦ୍ୱାରା ଏହି ଷ୍ଟେଟ ସମ୍ପର୍କରେ ସବ ସମସ୍ତ ବ୍ୟକ୍ତିମାନଙ୍କୁ ଜ୍ଞାତ କରାଇ ଦିଆଯାଉଅଛି ଯେ ଷ୍ଟେଟ ଭବିଷ୍ୟତରେ ଆଉ କାହାକୁ ଟଙ୍କା କରଜ ଦେବାକୁ ଅନିଚ୍ଛୁକ ଅଛନ୍ତି । କେବଳ ଷ୍ଟେଟ ଯାହାଙ୍କୁ ସମ୍ଭ୍ରାନ୍ତ, ସରଳ ପ୍ରକୃତି ଓ ପ୍ରକୃତରେ ଅଭାବରେ ପଡ଼ିଥିବାର ଦେଖନ୍ତି ଓ ମନେକରନ୍ତି ଯେ ସେମାନେ ଷ୍ଟେଟକୁ ହଇରାଣ ହରକତରେ ନ ପକାଇବେ ଏହିପରି କେତେକ ଗୋଟି ଲୋକଙ୍କୁ କରଜ ଦିଆଯାଇ ପାରେ ।

ବାରମ୍ବାର ଲେଣଦେଣରେ ଷ୍ଟେଟ ଅନୁଭବ କରିଅଛନ୍ତି ଯେ ଅନେକ ସମୟରେ ଉକ୍ତ ପ୍ରକାର ଲୋକଙ୍କ ସକାଶେ ବୃଥାରେ କେତେଗୁଡ଼ିଏ କଷ୍ଟ ଓ ହଇରାଣ ଭୋଗ କରିବାକୁ ହୁଏ ଓ ମଧ୍ୟ ବିପଦ ହେବାକୁ ହୁଏ ।

ବର୍ତ୍ତମାନ ଷ୍ଟେଟ ମନେକରନ୍ତି ଯେ ଧାର୍ଯ୍ୟ ମାହାଜନି ହୁଏତ ଏକ ବାରଗି ବନ୍ଦ କରିଦିଆଯିବ । କିମ୍ବା ଖୁବ ସାମାନ୍ୟ ଭାବରେ ଚଳାଇବାକୁ ହେବ, ଯେପରି କି ପ୍ରକୃତରେ ଅଭାବ ଥିବା ଲୋକଙ୍କର ଉପକାର ବା ସାହାଯ୍ୟ ହୋଇ ପାରିବ ।

ଯେ ସବୁ ଖାତକଙ୍କ ଦେଣା ପୂର୍ଣ୍ଣ ତିନି ବର୍ଷ ବା ଛବର୍ଷ ହୋଇ ପଡ଼ିରହିଅଛି ସେମାନେ ଏହି ନୋଟିସ ତାରିଖରୁ ଛ ମାସମଧ୍ୟରେ କିମ୍ବା ଷ୍ଟେଟ ଯଦି ସେମାନଙ୍କୁ ଆଉ ଅଧିକ ସମୟ ଦିଅନ୍ତି ତେବେ ଖୁବ ବେଶୀ ହେଲେ ଏକବର୍ଷ ମଧ୍ୟରେ ସେମାନଙ୍କର ସମସ୍ତ ଦେଣାଟଙ୍କ ଷ୍ଟେଟକୁ ପରିଶୋଧ କରିଦେବେ ।

ଷ୍ଟେଟ ଟଙ୍କା ଇଣ୍ଡିଆ ଇମ୍ପିରିଏଲ ବ୍ୟାଙ୍କର କଟକ ବ୍ରାଞ୍ଚରେ ରଖିଲେ ଟଙ୍କା ଖୁବ ନିରାପଦରେ ରହିବାର ଷ୍ଟେଟ ବିବେଚନା କରୁଅଛନ୍ତି ।

ଏତଦ୍ୱାରା ଆହୁରି ମଧ୍ୟ ଜଣାଇ ଦିଆଯାଉଅଛି ଯେ ଷ୍ଟେଟ ଦେଖାଶୁଣା ସକାଶେ ଗୋଟିଏ ମେନେଜର ଏହି ଷ୍ଟେଟ ନିଯୁକ୍ତ କରିଅଛନ୍ତି । ଓ ଷ୍ଟେଟ ପରିଚାଳନାର ଭାର ତାହାଙ୍କ ଉପରେ ନ୍ୟସ୍ତ ହୋଇଅଛି । ସେ ଷ୍ଟେଟର ପୂର୍ବ ଚଳିତ ସନ ଜୁନ ମାସ ତା୧ଖଠାରୁ ଗ୍ରହଣ କରିଅଛନ୍ତି ।

ଷ୍ଟେଟ ଅଫିସ କଟକ ତା।୯।୬।୨୬ } ଶ୍ରୀ ଜଗତ୍ ବଲ୍ଲଭ ଘୋଷ Executor Estate, N. K. Bose

No. 373 NOTICE. 3-7-26

Wanted a motor driver for Ranpur State at a monthly salary of Rs. 25/- to Rs. 30/- according to qualifications.

Candidates must have sufficient knowledge in mechanism and driving Reo Chasis Lorry and all makes of motor cars. Applications will be received by the undersigned up to the end of this month.

Rajah and Ruling Chief of the Feudatory State of Ranpur.
P. O. Ranpur, Via-Jatni,
Dist-Puri,
Kaluparaghat Station, B. N. Ry.
Dated Ranpur, the 9th June 1926.

No. 376 NOTICE. 26-6-26

Wanted for the office of the Executive Engineer, Ranchi Division one temporary Assistant Estimator on Rs. 100/- a month. Candidate must be a passed Overseer with previous experience in a P. W. D. Office. Only candidates who are natives of or domiciled in this province should apply. Copy of domicile certificate should be submitted. Applications will be received by the Executive Engineer, Ranchi Division up to 30th June 1926.

No. 374 NOTICE. 26-6-26

Applications are invited for the post of Head Master of Sri Raja's Middle School, Dharakot on a monthly salary of Rs. 80-5-100 with free quarter. None but B. A. L. T., need apply. Preference will be given to the Oriya knowing candidate. Applications should reach the Manager S. R. M. School, Dharakota Ganjam Dt., before the 10th July 1926.

379 3-7-26

ADVERTISEMENT.

Applications with testimonials invited from those possessing the L. T. Diploma for the post of Head Master of each of the Middle English Schools at Keonjhargarh and Anandpur. Pay Rs 65-5/2-90/- a month. Preference will be given to Oriyas or Domiciled Bengalees.

J. H. Price
Superintendent, Keonjhar
State. 16-6-1926.

୩୭୮ ବିଜ୍ଞାପନ ୧୦-୭-୨୬

ଆମ୍ଭର ତାଲେଇର କଲ ଅନ୍ତର୍ଗତ ଅଞ୍ଚଳ ମାହାଲର ମାସିକ ଟ୧୦୯ ବେତନରେ ଜଣେ ତହସିଲଦାର ଆବଶ୍ୟକ । ଷ୍ଟେଟପକ୍ଷରୁ ବସାଘର ଯୋଗାଇ ଦିଆଯିବ ।

ଯେଉଁମାନେ ଜମିଦାରୀ ଇଲାକାରେ ଦକ୍ଷତା ସହିତ କାର୍ଯ୍ୟ କରୁଅଛନ୍ତି ଓ ଯେଉଁମାନଙ୍କର ସର୍ଭେ ଜ୍ଞାନଥିବ ସେମାନଙ୍କ ମଧ୍ୟରୁ ନିଯୁକ୍ତ କରାଯିବ । ଆବେଦନକାରୀ ନିଜର ବୟସ ଯୋଗ୍ୟତା ବାସସ୍ଥାନ ଓ ସାର୍ଟିଫିକେଟ ସହିତ ନିମ୍ନଲିଖିତ ଠିକଣାରେ ଜୁଲାଇମାସ ତା୧୫ରିଖ ମଧ୍ୟରେ ଦରଖାସ୍ତ କରିବେ । ମନୋନୀତ ବ୍ୟକ୍ତିଙ୍କଠାରୁ ଜାମିନ ନିଆଯିବ ।

କଟକ ତା୨୦।୬।୨୬ } ଶ୍ରୀମତୀ ନିରୁପମା ଦାସୀ ଆହ୍ଲାଦିନୀ ଦାସୀ ତୋଠା ସାହେବଜାଦା ବଜାର ପୋ: ବୁଦ୍ଧଶୌଚ କଟକ

Digitized by srujanika@gmail.com

REGISTERED No. D6

282

ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

The Utkal Dipika

ସଂପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ମୂଲ୍ୟ ଅଗ୍ରିମ ୫ ୦ ୯
ପ୍ରତିଖଣ୍ଡ ୦ ୦ ୯

ଭାଗ ୬୧

Cuttack Saturday the 3rd July 1926
ଆଷାଢ଼ ୧୮ ଦିନ ସନ ୧୩୩୪ ସାଲ ଶନିବାର ।

ସଂଖ୍ୟା

ଟାନେରୀ

ଟାନେରୀ କାଲିମ ଚାଲିଶ ଏହି ଜୁଲାଇ ମାସ ତା ୧୫ ରିଖରେ । ଅଜ ତା ୩ ରିଖ ଅଭ୍ ମଙ୍ଗରେ ୧୧ ନ, ଡାଇରେକ୍ଟର ମାନଙ୍କର ଏଥିମଧ୍ୟରେ ମିଟିଂ ହେଉଥିଲା । ମିଟିଂରେ କେଶି କିଛି ହୋଇନାହିଁ । ଆଗ୍ରା ଭାଇଶରେ ମହଲତର ଚେଷ୍ଟାକରିବାର ପ୍ରସ୍ତାବ ହୋଇଅଛି । ମହଲତ ହେଲେ କରଜ ବା ଉବେଶ ଦ୍ୱାରା ଟଙ୍କା ଉଠାଇ କିଛି କମ୍ପାନୀଙ୍କୁ ପରିଶୋଧ କରିବାର ସ୍ଥିର ହୋଇଅଛି । ଅଂଶିଦାରମାନଙ୍କୁ ଆମ୍ଭେମାନେ ଏଥିପୂର୍ବେ ଅନେକଥର ସାବଧାନ ଭରିଅଛୁଁ । ଏ ପର୍ଯ୍ୟନ୍ତ କେହି କିଛି ଦାହାନ୍ତି । ଈଶ୍ୱର କରନ୍ତୁ କ'ଣ କର୍ତ୍ତବ୍ୟ ।

ହାଇକୋର୍ଟ

ଗତ ତା ୨୮ ଦିନରୁ ହାଇକୋର୍ଟର ଜଜ ଶ୍ରୀଯୁକ୍ତ କୁଆଲା ପ୍ରସାଦ ଓ ଶ୍ରୀଯୁକ୍ତ ଦାଉଲିନ୍ ସାହେବମାନେ କଟକରେ ହାଇକୋର୍ଟ ମକଦମାମାନ ଶୁଣିବା କରୁଅଛନ୍ତି ।

ଏଥର ଜଜମାନେ ଯେପରି କାଳରେ ଶୁଣୁଅଛନ୍ତି ଶ୍ରୀଯୁକ୍ତ କୁଆଲାପ୍ରସାଦ K. T. ମହୋଦୟଙ୍କଠାରୁ କଟକ ବାର ଏପରି ଆଶା କରି ନ ଥିଲେ । ଦେଖାଯାଉଅଛି ଅନେକ ମାମଲା ଦାଖଲ ହୋଇଅଛି ଯାହାଙ୍କ ଦାଏର ହେବା ଉଚିତ ନ ଥିଲା । ଏହା ଓକିଲମାନଙ୍କ ଦୋଷରେ ସୁଖ୍ୟାତିର ବିଷୟ ନୁହେଁ । ପୁଣି କୁଆଲାପ୍ରସାଦ ମହୋଦୟ ଯେପରି ଗତିରେ ଚାଲିଅଛନ୍ତି ଜଜ୍‌ଙ୍କରେ ତାହାଙ୍କ ମକ୍କେଲମାନେ ସନ୍ତୁଷ୍ଟ ନୁହନ୍ତି ।

ଶ୍ରୀଯୁକ୍ତ ଗୋବିନ୍ଦଘଣ ବାବୁଙ୍କର ଅପିଲ ଏହି କେଶରେ କାଳ ହେବାର ଅଛି । ଏଥି ମଧ୍ୟରେ ତାହାଙ୍କର ଦଣ୍ଡର ପରିମାଣ ବୃଦ୍ଧି କରିବା ନିମନ୍ତେ ମଧ୍ୟ ସରକାର ତରଫରୁ ଦରଖାସ୍ତ ଦାଖଲ ହୋଇଅଛି । ଦେଖାଯାଉ ଶେଷରେ କ'ଣ ହେବ ।

ପ୍ଲିଡ଼ରସିପ୍ କ୍ଲାସ୍

ବେଙ୍ଗଲରୁ ପ୍ଲିଡ଼ରସିପ୍ କ୍ଲାସ ଉଠିଯାଇଅଛି । କେବଳ ବିହାର ଓଡ଼ିଶା ମଧ୍ୟରେ ଗୋଟିଏ ପାଟ୍‌ଣାରେ ଏବଂ ଆଉ ଗୋଟିଏ କଟକରେ ଏରୂପ ଦୁଇଟିମାତ୍ର ପ୍ଲିଡରସିପ କ୍ଲାସ ଅଛି । ଏହି ଦୁଇଟି ଯେ ଆଉ କେତେଦିନ ରହିବ ତାହା କହି ହେଉନାହିଁ, ଯେତେବେଳେ ଅନ୍ୟସବୁ ସ୍ଥାନରୁ ଉଠିଗଲାଣି କେତେଦିନେ ଏଠାରୁ ଉଠିଯିବାର କିଛି ଅସମ୍ଭବ । ଅତଏବ ଯେଉଁମାନେ ଶାରୀରିକ ଖରଣରେ F. A. କିମ୍ବା ତୃତୀୟ ଶ୍ରେଣୀ I. A. କିମ୍ବା I. Sc. ପାଶ କରିଅଛନ୍ତି ଏବଂ ଓକିଲ ହେବାକୁ ଇଚ୍ଛାକରନ୍ତି ସେମାନଙ୍କର ଶୀଘ୍ର ପ୍ଲିଡରସିପ୍ କ୍ଲାସରେ ଯୋଗ ଦେବା ବାଞ୍ଛନୀୟ । ଏ ସୁଯୋଗ ଗ୍ଳିଗଲେ ଆଉ ସେମାନେ କୌଣସି ସୁବିଧା ପାଇ ପାରିବେ ନାହିଁ ।

କଟକର ପ୍ଲିଡ଼ରସିପ୍ କ୍ଲାସରେ ବାବୁ ହରିହର ଦାସ M. Sc. Bl. Vakil ଲେକଚରର ଅଛନ୍ତି । ଗତବର୍ଷ ମଧ୍ୟମ ଓ ଶେଷ ଆଇନ ପରୀକ୍ଷାରେ ଯେତେଜଣ ପରୀକ୍ଷା ଦେଇଥିଲେ ସମସ୍ତେ ପାସ୍ କରିଅଛନ୍ତି ହରିହର ବାବୁ ବେଶ୍ ଯତ୍ନନେଇ ଶିକ୍ଷା ଦିଅନ୍ତି । ଏ ବର୍ଷ ଯେଉଁମାନେ କଟକ ପ୍ଲିଡ଼ରସିପ୍ କ୍ଲାସରେ ଯୋଗଦେବାକୁ ଇଚ୍ଛାକରନ୍ତି ସେମାନେ ଆଗାମୀ ଜୁଲାଇମାସ ମଧ୍ୟରେ ଯେତେଶୀଘ୍ର ପାରନ୍ତି ନାମ ଲେଖାଇବା ଉଚିତ । ଜୁଲାଇମାସ ପରେ ଆସିଲେ ସେମାନଙ୍କର ଲେକଚର ସଂଖ୍ୟା ଆବଶ୍ୟକୀୟ ପରିମାଣରେ ରହିବା ସମ୍ଭବପର ନୁହେଁ ।

କୌଣସି ସରକାରୀ କର୍ମଚାରୀ ଯୋଗଦେବାକୁ ଇଚ୍ଛାକଲେ ତାଙ୍କୁ ପ୍ରଥମେ ସରକାରଙ୍କର ଅନୁମତି ନେବାର ଆବଶ୍ୟକ ହେବ । ଏତଦ୍‌ଭିନ୍ନ ଅନ୍ୟ ସମସ୍ତେ ଜାତି, କର୍ମ ଓ ବୟସ ନିର୍ବିଶେଷରେ ଉକ୍ତ କ୍ଲାସରେ ପଢ଼ିପାରିବେ । ବର୍ଷମଧ୍ୟରେ ପ୍ରତି ବିଷୟରେ ଅନ୍ୟୂନ ୪୫ ଲେଖାଏଁ ଲେକଚର ରହିବା ଆବଶ୍ୟକ ହୁଏ । ସନ୍ଧ୍ୟା ୪ଘଣ୍ଟା ଠାରୁ ୭ଟା ପର୍ଯ୍ୟନ୍ତ କ୍ଲାସହୁଏ । ନାମ ଲେଖାଇବା ସମୟରେ ଆଡ୍‌ମିସନଫି ଟ ୫୯ ଓ ମାସିକ କ୍ଲାସ ଫି ଟ ୫୯ ଲେଖାଏ ଦେବାକୁ ପଡ଼େ ।

ଆଶାକରୁଁ ଅନେକ ଯୁବକ ଏ ସୁଯୋଗ ଗ୍ଳିବେ ନାହିଁ ।

ଭୋଟର ତାଲିକା

ଭୋଟର ତାଲିକା ପ୍ରସ୍ତୁତ ସମ୍ବନ୍ଧେ ଖଣ୍ଡିଏ ପତ୍ର ପାଇଅଛୁଁ—ତାହା ପ୍ରକାଶ କଲୁଁ । ବୋଧ ହେଉଅଛି ଭୋଟର ତାଲିକା ପ୍ରସ୍ତୁତ ସମ୍ବନ୍ଧେ ଯେଉଁ ଅଫିସରମାନେ ମତାମତ ପାଉଅଛନ୍ତି ସେମାନେ ଉତ୍ତମରୂପେ ବୁଝିନାହାନ୍ତି । ସହଜ କଥା—ଯେ ଭୋଟର ଥିଲେ ତାଙ୍କ ସ୍ଥଳରେ ତାଙ୍କ ଓ୍ୱାରିସ ଭୋଟର ହେବେ । ମାତ୍ର ଭୁଲ ହେଉ ବା ଯେ କୌଣସି କାରଣରୁ ହେଉ ଯେ ଭୋଟର ହେବାର ଉପଯୁକ୍ତ ମାତ୍ର କୌଣସି କାରଣରୁ ତାଙ୍କର ନାମ ପୂର୍ବେ ତାଲିକା ଭୁକ୍ତ ହୋଇପାରି ନ ଥିଲା ସେ କଣ ଆଉ ଭୋଟର ହୋଇପାରିବେ ନାହିଁ ? ଏ ସମ୍ବନ୍ଧେ ସଦର ଅଫିସର ମହୋଦୟ ଅନ୍ୟ କର୍ମଚାରୀମାନଙ୍କୁ ଉତ୍ତମରୂପେ ବୁଝାଇ ଦେଲେ ସବୁ ଭ୍ରମ ସଂଶୋଧନ ହୋଇଯାଇ ପାରେ । ଆଶାକରୁଁ ସଦର ଅଫିସର ଏ ପ୍ରତି ଶୀଘ୍ର ଦୃଷ୍ଟିଦେବେ ।

ସୋନପୁର ମହାରାଣୀଙ୍କ ଦାନ

ସୋନପୁରର ମହାରାଣୀ ରେଭେନ୍ସା କଲେଜରେ କୌଣସି ଗୋଟିଏ ଅର୍ଥ ସବଯେକ୍ଟରେ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷାପାଇଁ ଟ ୫୦,୦୦୦ ଦାନ କରିଥିବା ବିଷୟ ପୂର୍ବରୁ ପ୍ରକାଶ କରିଥିଲୁଁ । ଗଭର୍ଣ୍ଣମେଣ୍ଟ ବର୍ତ୍ତମାନ ଟ ୫୦,୦୦୦ଙ୍କାର ସିକ୍ୟୁରିଟି ପାଇ ଥିବାର ପ୍ରାପ୍ତି ସ୍ୱୀକାର କରିଅଛନ୍ତି । ସେହି ଟଙ୍କାର ଯାହାକି ସୁଧ ଜମା ହୋଇଥାଇଥିଲା ତଦ୍ୱାରା ଆହୁରି ଗଭର୍ଣ୍ଣମେଣ୍ଟ ସିକ୍ୟୁରିଟି ଖରିଦ କରିଅଛନ୍ତି । ସମସ୍ତ ସିକ୍ୟୁରିଟିର ମୋଟମୂଲ୍ୟ ଟ ୫୮,୩୦୦ ହେଲାଣି । ବର୍ତ୍ତମାନ ମହାରାଣୀ ମୋଟ ସିକ୍ୟୁରିଟିର ଫେସ୍ ଭାଲ୍ୟୁ (Face value) ଟ ୮୨,୦୦୦ ଙ୍କା ଉକ୍ତ ଉଦ୍ଦେଶ୍ୟରେ ଆହୁରି ଟଙ୍କା ଦାନ କରିଅଛନ୍ତି । ସରକାରଙ୍କର ଶିକ୍ଷାବିଭାଗ ମହାରାଣୀଙ୍କର ଏହି ଦାନରେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଅଛନ୍ତି ଏବଂ ଆଦେଶ କରିଅଛନ୍ତି ଯେ ରେଭେନ୍ସା କଲେଜର ଇଂରାଜୀ ପ୍ରଫେସର ରହିବେ ଯେଉଁକି ସୋନପୁରର ମହାରାଣୀ ସାହେବ ଲେଡି ପାଙ୍ଗଦେବୀଙ୍କର ଚେୟାର ଅଧିକାର (Chair in English) କରୁଥିବା ପଦବୀ ପାଇବେ । ଏ ବିଷୟ ବିହାରଓଡ଼ିଶା ଗେଜେଟ୍‌ରେ ପ୍ରକାଶ ହେବାର ମଧ୍ୟ ଆଦେଶ ହୋଇଅଛି ।

ଭାରତୀୟ ସିଭିଲ୍ ସର୍ଭିସ

ଭାରତୀୟ ସିଭିଲ୍ ସର୍ଭିସର ଗୋଟିଏ ପ୍ରତିଯୋଗିତା ପରୀକ୍ଷା ଆଗାମୀ ୧୯୨୭ ଜାନୁଆରି ତା ୩ ରିଖରେ ଏଲାହାବାଦଠାରେ ଗୃହୀତ ହେବ । କେତେଜଣ ପ୍ରାର୍ଥୀଙ୍କୁ ମନୋନୀତ କରିବା ତାହା ପରେ ଜଣାଇଦିଆଯିବ । ତହିଁର ଓଡ଼ିଶାରୁ ୨୨ ଜଣ ଛାତ୍ରରୁ ବେଶୀ ପରୀକ୍ଷାକୁ ନଆସିବାନାହିଁ । ପ୍ରାର୍ଥୀମାନେ ନିଜ ନିଜ ପ୍ରଦେଶର ପ୍ରାଦେଶିକ ସରକାରଙ୍କର ଚିଫ୍ ସେକ୍ରେଟରୀଙ୍କ ନିକଟରୁ ଆବେଦନ କରିବେ । ପ୍ରାର୍ଥୀ ଭାରତୀୟ ବ୍ରିଟିଶ୍ ପ୍ରଜା ହେବା ଆବଶ୍ୟକ । ପ୍ରାର୍ଥୀଙ୍କର ବୟସ ୨୧ ବର୍ଷ ହୋଇଥିବ ଏବଂ ୧୯୨୭ ଜାନୁଆରି ତା ୧ ରିଖରୁ ୨୩ ବର୍ଷ ହୋଇ ନ ଥିବ । ପ୍ରାର୍ଥୀଙ୍କୁ ଜାତୀୟତା ଓ ବୟସ ସମ୍ବନ୍ଧୀୟ ସାର୍ଟିଫିକେଟ ଆବେଦନପତ୍ର ସହିତ ପଠାଇବାକୁ ହେବ । ଏସମ୍ବନ୍ଧରେ ସମସ୍ତ ବିବରଣ ବିହାରଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହୋଇଅଛି । ପ୍ରାର୍ଥୀମାନେ ଗେଜେଟ୍ ଦେଖି ତଦନୁଯାୟୀ ଆବେଦନପତ୍ର ପଠାଇଲେ ସୁବିଧା ହେବ ।

ବିଚିତ୍ର ବାର୍ତ୍ତା

ଏଲିନର ମାଇକେଲ ନାମକ ୧୯ ବର୍ଷ ବୟସ୍କା ଜଣେ ସ୍ତ୍ରୀ ଲୋକ ଏକମିନିଟରେ ୧୬୨ ଟି ଶବ୍ଦ ଟାଇପ କରିପାରୁ ଥିଲେ । ଟାଇପ କରିବା ପାଇଁ ଇଉରୋପ ମହାଦେଶରେ ତାଙ୍କ ସମକକ୍ଷ ଆଉ କେହି ନାହାନ୍ତି ।

ଦେଶବନ୍ଧୁ ସପ୍ତାହ

ବଙ୍ଗୀୟ ପ୍ରାଦେଶିକ କଂଗ୍ରେସ କମିଟିର ସେକ୍ରେଟେରୀ ଶ୍ରୀଯୁକ୍ତ ସାତକଡ଼ିପତି ରାୟ ଜଣାଇଅଛନ୍ତି ଯେ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କର ପୁତ୍ର ଚିରରଞ୍ଜନଙ୍କର ଆକସ୍ମିକ ମୃତ୍ୟୁ ହେବାରୁ ଦେଶବନ୍ଧୁ ସପ୍ତାହ ଯାହା ୨୯ ତାରିଖଠାରୁ ଆରମ୍ଭ ହେବାରଥିଲା ତାହା ବର୍ତ୍ତମାନ ସ୍ଥଗିତ ରଖାଗଲା । ଦେଶବନ୍ଧୁ ସପ୍ତାହ କେବେ ଅନୁଷ୍ଠିତ ହେବ ତାହା ଶ୍ରୀଯୁକ୍ତ ଜେ ଏମ୍ ସେନ ଗୁପ୍ତ ଓ ଶ୍ରୀମତୀ ନାଇଡୁଙ୍କ ସହିତ ପରାମର୍ଶକରି ସେ ପରେ ଜଣାଇବେ । ଦେଶବନ୍ଧୁଙ୍କର ଶ୍ରାଦ୍ଧ ତା ୬ ରିଖରେ ହେବାକଥା ଥିଲା । ବର୍ତ୍ତମାନ ଅଶୌଚ ହେବାରୁ ତାହା ୧୧ ତାରିଖରେ ହେବାର ସ୍ଥିର ହୋଇଅଛି ।

ଶୋକ ସମ୍ବାଦ

ଦୁଃଖର ସହିତ ଅବଗତ ହେଲୁଁ ଯେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ପୁତ୍ର ଚିରରଞ୍ଜନ ଦାସ ଗତ ତା ୨୭ ରିଖରେ ସ୍ୱର୍ଗପ୍ରାପ୍ତ ହୋଇଅଛନ୍ତି । ତାଙ୍କର ଅକାଳ ବିୟୋଗରେ ସମସ୍ତେ ଦୁଃଖିତ । ସେ ତାଙ୍କର ପିତାଙ୍କର ବ୍ରତ ଅନୁସାରେ ଦେଶସେବାରେ ବ୍ରତୀ ହୋଇଥିଲେ । ଭଗବାନଙ୍କର ନିଯୁକ୍ତି-କାହାରି ଅତିକ୍ରମ କରିବାର କୌଣସି ଅଧିକାର ନାହିଁ । ସେ ଭଉଣୀ ଏବଂ ଆପଣାର ବିଧବା ପତ୍ନୀ ଏବଂ ମାତାଙ୍କୁ ଶୋକସାଗରରେ ଭସାଇଦେଇ ଯାଇଅଛନ୍ତି । ଆମ୍ଭେମାନେ ତାଙ୍କର ଶୋକାକୁଳ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବାସକାଶେ କେବଳ ଭଗବାନଙ୍କୁ ପ୍ରାର୍ଥନା କରୁଅଛୁଁ । ଦେଶବନ୍ଧୁଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଆସନ୍ତା ତା ୬ ରିଖରେ ଅନୁଷ୍ଠିତ ହେବାର କଥା । ଏହି ସମୟରେ ତାଙ୍କର ପୁତ୍ରଙ୍କର ଅକାଳବିୟୋଗ । ଏ ଅବସ୍ଥାରେ ଭଗବାନଙ୍କ ଛଡ଼ା ଅନ୍ୟ କେହି ତାଙ୍କର ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ଅସମ୍ଭବ ।

ଉତ୍କଳଦୀପିକା ।

ଜୁଲାଇ ତା ୩ ରିଖ ଶନିବାର ।

ବେକାର

ବେକାରସମସ୍ୟା ସମ୍ବନ୍ଧେ ଅମ୍ଭେମାନେ ଏଥିପୂର୍ବେ କେତେଥର କେତେ କଥା ଲେଖିଥିଲୁଁ । ବେକାର ସମସ୍ୟା ଦୂର ନହେବା ପର୍ଯ୍ୟନ୍ତ ଦେଶରେ କୌଣସି ମଙ୍ଗଳ ସାଧିତ ହେବାର ସମ୍ଭାବନା ନାହିଁ । ବେକାରସମସ୍ୟା ଦୂର ନ ହେବା ପର୍ଯ୍ୟନ୍ତ ପ୍ରଜାଙ୍କର ଶାନ୍ତି ନାହିଁ, କି ସରକାରର ଶାନ୍ତି ନାହିଁ । " Idle brain is devil's workshop" ମନୁଷ୍ୟ ବେକାର ହୋଇ ବସିଲେ ନାନା ଦୁଶ୍ଚିନ୍ତା ତାହାର ମସ୍ତିଷ୍କରେ ପଶେ । କାର୍ଯ୍ୟରେ ଲିପ୍ତ ଥିବା ପର୍ଯ୍ୟନ୍ତ କୌଣସି ଦୁର୍ବଳତା ମନରେ ପ୍ରବେଶ କରିପାରେ ନାହିଁ । ଅକାମି ହୋଇ ବସିଲେ କେତେପ୍ରକାର କେତେ ଭାବନା ଆସି ମନରେ ପଡ଼େ । ଦେଶରେ କେତେପ୍ରକାର କେତେ ଉପଦ୍ରବ ଘଟୁଅଛି । ଅମ୍ଭେମାନେ କହୁଁ ଯେ ସବୁ ଉପଦ୍ରବର ମୂଳ ବେକାର ଅବସ୍ଥା । ଷ୍ଟ୍ରାଇକ, ଡକାଇତି, ଚୋରି, ଲୁଣ୍ଠନ, ଧପାବାଜି ପ୍ରଭୃତି ଯେତେପ୍ରକାର ଅପରାଧ ଘଟୁଅଛି ତାହା କଦାଚ କେହି ଧାର୍ମିକ ବ୍ୟକ୍ତିର କାର୍ଯ୍ୟ ନୁହେଁ । ଦେଶର ଅବସ୍ଥା ବର୍ତ୍ତମାନ ଯେପରି ହୋଇ ଉଠିଲାଣି ତହିଁରେ ବେକାର ସଂଖ୍ୟା କ୍ରମେ ବୃଦ୍ଧି ହେବା ଛଡ଼ା ହ୍ରାସ ହେବାର ଆଶା ଦେଖାଯାଉ ନାହିଁ । ପ୍ରାଚୀନ ଇତିହାସ ପାଠ କଲେ ଯେ ସେ ସମୟର ଦେଶର ଅବସ୍ଥା ଉପରେ ଥିଲା ତାହା ସହଜରେ ବୁଝାଯାଏ । ସେ ସମୟରେ ଚୋରି ଡକାୟତିର ଘଟଣା ଅତି କମ୍ । ଲୋକେ ସତ୍ୟପ୍ରିୟ ସାଧୁ ଓ ଭଗବତ ଧର୍ମପରାୟଣ ଥିଲେ । ମନୁଷ୍ୟର ସ୍ୱାଭାବିକ ପ୍ରବୃତ୍ତି ସତ୍ୟ ଓ ସରଳ । ବେକାର ଅବସ୍ଥା ହେତୁ ନାନା ଦୁଶ୍ଚିନ୍ତାରୁ ଯେତେ ଅସରଳ, କୁଟିଳ ଓ କୃତ୍ରିମ ପ୍ରବୃତ୍ତି ଜାତ ହୁଏ । ଅମ୍ଭମାନଙ୍କର ଏହି ଭାରତବର୍ଷରେ ପୂର୍ବକାଳରେ ନାନା ପ୍ରକାର ଶିଳ୍ପରେ ଲୋକେ ପ୍ରବୃତ୍ତ ରହିଥିଲେ । କ୍ରମେ ଶିଳ୍ପର ଲୋପ ହେଉଥିଲା ଏବଂ ସେହିବେଳେ ତାହାମାନଙ୍କୁ ବେକାର ହେବାକୁ ପଡ଼ୁ ନଥିଲା । ବର୍ତ୍ତମାନ ଅନେକ କାରଣରୁ ଅଧିକାଂଶ ଲୋକଙ୍କୁ ବେକାର ହୋଇ ବସିବାକୁ ପଡ଼ୁଛି । ଅନେକ ଯୁବକ କେତେ ଟଙ୍କା ଋଣ କରି ଓ ବଡ଼ ଆଶା ହୃଦୟରେ ପୋଷଣ କରି ସ୍କୁଲ ପାଠ ପଢ଼ି ଶେଷରେ ବେକାର ହୋଇ ବସିଲେ । ଦେଶର ଶିଳ୍ପୀଗୁଡ଼ିକଙ୍କର ଶିଳ୍ପ ଅନ୍ନ ନ ଦେଇ ଲୋପ ହୋଇଯାଇଥିବାରୁ ସେମାନେ ମଧ୍ୟ ବେକାର ହୋଇ ରହିଲେ । କେତେକ ଜୁଲା ବା ମହାଜନମାନଙ୍କ ନିକଟରୁ ଋଣ କରି ଗୋଟିଏ କିଛି ଆରମ୍ଭ କରନ୍ତି, ସରକାରଙ୍କର ଅନେକ ଅନୁଗ୍ରହରେ ବହୁ ଟଙ୍କା ଉଠା ଦେଇ ବସାଇ ଦେବାରୁ ସେ ଲୋକ ମଧ୍ୟ ଏକପ୍ରକାର ବେକାର ହୋଇ ବସି ରହିଲେ । ଏହିପରି ନାନାପ୍ରକାରରେ ଦେଶରେ କେବଳ ବେକାର ଶ୍ରେଣୀ ବଢ଼ୁଅଛି ।

ପୁରୀମନ୍ଦିର

ପୁରୀ ମନ୍ଦିରରେ ଶ୍ରୀଯୁକ୍ତ ଲାଲ ଅଶ୍ୱିନୀ ସିଂହ ରାଜା ମୁକୁନ୍ଦଦେବଙ୍କ ସମୟରେ ମେନେଜରଙ୍କ ହସ୍ତକ୍ଷେପ କାର୍ଯ୍ୟରେ ପ୍ରବେଶ ଥିଲେ । ସେ ସୁରପର୍ଯ୍ୟ ସହାୟେ ଉନ୍ନତ ହୋଇଥିଲେ । ସେ ପ୍ରାୟ ୧୨ବର୍ଷ କାର୍ଯ୍ୟ କରିଅଛନ୍ତି । ତାହାଙ୍କର ଦ କର୍ଯ୍ୟକାଳ ମଧ୍ୟରେ କେତେ ପୁରାତନ ଓଡ଼ିଆ ଅମଲା ଖାରଜ ହୋଇ ତହିଁ ପରିବର୍ତ୍ତେ ଅନେକ ଗୁଡ଼ିଏ ବିଦେଶୀ ଅମଲା ନିଯୁକ୍ତ ହୋଇଥିଲେ । ବେତନ ମଧ୍ୟ ସେମାନଙ୍କୁ ଖୁବ୍ ବେଶୀ ଦିଆଯାଉଥିଲା । କିନ୍ତୁ ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁପରେ ରାଜା ରାମଚନ୍ଦ୍ରଦେବ ମନ୍ଦିରର ଭାର ଗ୍ରହଣ କରିବାରୁ ଲାଲ ସାହେବଙ୍କର ସାହାଯ୍ୟ ଅନାବଶ୍ୟକତା ଅନୁଭବ କରିବାରୁ ବର୍ତ୍ତମାନ ଲାଲସାହେବ ଅବସରଗ୍ରହଣର ବିଚାର ଗେଜେଟରେ ପ୍ରକାଶିତ ହୋଇଅଛି । ବର୍ତ୍ତମାନ କାଗଜପତ୍ର ଅଭଟ୍ ହେଉଅଛି । ଅଭଟ୍ କାର୍ଯ୍ୟ ଶେଷହେଲେ ଲାଲ ସାହେବ ଅବସର ଗ୍ରହଣ କରିବେ । ଭୂତପୂର୍ବ ଟେମ୍ପଲ ମେନେଜର ରାୟବାହାଦୁର ରାଜକିଶୋର ଦାସ ଯେ କି ପ୍ରଥମେ ମନ୍ଦିରର ଶୃଙ୍ଖଳା ଦୂର କରି ସମସ୍ତ କାର୍ଯ୍ୟ ଶୃଙ୍ଖଳାରେ ଚଳାଇବାର ବ୍ୟବସ୍ଥା କରିଥିଲେ ତାହାଙ୍କୁ ଦେଓ୍ୱାନ ପଦରେ ନିଯୁକ୍ତ କରି ରାଜା ରାମଚନ୍ଦ୍ରଦେବ ସ୍ୱୟଂ ସମସ୍ତ କାର୍ଯ୍ୟ ଚଳାଇବାର ସ୍ଥିର କରିଥିବାର ସଂବାଦ ପାଉଅଛୁଁ ।

ରାଜା ରାମଚନ୍ଦ୍ରଦେବ ବେଶ୍ ସୁବନ୍ଦୋବସ୍ତରେ ତାଙ୍କର କାର୍ଯ୍ୟ କରୁଅଛନ୍ତି । ରାଜା ମହୋଦୟ ଯେବେ ଜଗନ୍ନାଥଙ୍କଠାରେ ଅଚଳ ଭକ୍ତି ରଖି ସମସ୍ତ କାର୍ଯ୍ୟରେ ମନୋଯୋଗୀ ହୁଅନ୍ତି ତାହାହେଲେ ତାଙ୍କର ସୁଖ୍ୟାତି ଭାରତର ସବୁ ସ୍ଥାନରେ ଘୋଷିତହେବ—ସନ୍ଦେହ ନାହିଁ ।

ସତ୍ୟବାଦୀପାଠ

ପ୍ରଫେସର ଅନ୍ତର୍ଗତ ସତ୍ୟବାଦୀ ଗୋପୀନାଥଙ୍କ ମନ୍ଦିରକମିଟିର ଗୋଟିଏ ସ୍ଥାନ ଖାଲି ହୋଇଥିବାରୁ ସେହି ସ୍ଥାନ ପୂରଣ ନିମନ୍ତେ ପ୍ରାର୍ଥୀମାନଙ୍କ ମଧ୍ୟରୁ ଏକଜଣ ମେମ୍ବର ନିର୍ବାଚନ କରିବାନିମନ୍ତେ ଗୋଟିଏ ଭୋଟ୍ ବାହାରର ବ୍ୟବସ୍ଥା ହେଉ ସତ୍ୟବାଦୀଠାରେ ଯେପରି ଯାହା ହୋଇଯାଉଅଛି ତାହା ପାଠକମାନଙ୍କ କାନ ଦେଖିଲେ ଜଣାଅଛି । ବର୍ତ୍ତମାନ କମିଟିର ମେମ୍ବରମାନେ ଦୁଇଭାଗ ହୋଇ ତିନିଜଣ ଗୋଟିଏ ରିପୋର୍ଟ ଓ ଅନ୍ୟ ତିନିଜଣ ଅନ୍ୟ ଗୋଟିଏ ରିପୋର୍ଟ ପଠାଇଅଛନ୍ତି । ବିଷୟଟି ବର୍ତ୍ତମାନ କଲେକ୍ଟର ସାହେବଙ୍କ ବିଚାରାଧୀନରେ ଅଛି । ମେମ୍ବରମାନଙ୍କ ମଧ୍ୟରୁ କେହି କେହି ବିଶିଷ୍ଟ ବ୍ୟକ୍ତିଙ୍କ ନାମରେ ନାନାପ୍ରକାର ବିଷୟ ଏପିଡେଭିଟ୍ ହୋଇଅଛି । ବିଷୟର ଫଳାଫଳ ଫଳକଥନ ହେବ ପରେ ପ୍ରକାଶ କରିବା । ଲୋକେ ଯେ ଏପରି ବିଷୟରେ ଆପଣାକୁ ଜଡ଼ିତ କରିବା ନିମନ୍ତେ ଏତେ ବ୍ୟସ୍ତ ତାହାର କାରଣ ବୁଝାଯାଏନାହିଁ ।

ଏଣ୍ଡ୍ରି ଗୃହ

ଏଣ୍ଡ୍ରି ଗୃହ ସମ୍ବନ୍ଧେ ଏଥିପୂର୍ବେ ଅନେକ ବିଷୟ ପ୍ରକାଶ କରାଯାଇଅଛି । ମଧ୍ୟ ଜଣାଇ ଦିଆଯାଉଅଛି ଯେ ଶ୍ରୀଯୁକ୍ତ ବାବୁ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓଡ଼ିଆ ପିପୁଲ୍ସ ସଭାର ପ୍ରତିଷ୍ଠାତା ସ୍ୱରୂପ କହନ୍ତି ଓଡ଼ିଶା ଶିଳ୍ପବିଭାଗର ଡ଼ାଇରେକ୍ଟରଙ୍କୁ ଲେଖା ଲେଖି କରି ଏହି ବିଷୟର ପରୀକ୍ଷାର୍ଥୀ ଗୁଡ଼ିଏ ପୋକ ଆଣିଅଛନ୍ତି ଏବଂ ଶିଳ୍ପବିଭାଗର ଜଣେ ଏକ୍ସପର୍ଟ (Expert-rearer !) ମଧ୍ୟ ତାଙ୍କୁ ପଠାଉଅଛନ୍ତି । ସେ ବ୍ୟକ୍ତି ବର୍ତ୍ତମାନ ପର୍ଯ୍ୟନ୍ତ କଟକ ପିଉର୍ଣ୍ଣବଜାର ତାଙ୍କ ବସାରେ ରହି ସେହି ପୋକଗୁଡ଼ିକୁ ପାଳନ କରୁଅଛନ୍ତି । ଅନେକଲୋକ ଦେଖିବାକୁ ଆସୁଅଛନ୍ତି । ତାଙ୍କର ଅନୁରୋଧ—ଯେ ଇଚ୍ଛାକରିବେ ସେ ଆସି ଏହିସମୟରେ ସେହି ପୋକଗୁଡ଼ିକର ପାଳନ ଦେଖିଯାଆନ୍ତୁ ଓ ପାଳନବିଧି ବୁଝିଯାଆନ୍ତୁ । ସେହି ପୋକଗୁଡ଼ିକ ଖୋଷା ତିଆର କରିବାକୁ ଲାଗିଲେଣି । ଆଉ କେତେକ ଦିନପରେ ସେ ଖୋଷା ଗୁଡ଼ିକ ସକ ପତି ହୋଇ ବାହାରିବେ ଏବଂ ପ୍ରଜାପତି ହେଲାପରେ ଡିମ୍ବ ଦେବେ । ଡିମ୍ବ ଦେଲାପରେ ଯେ ଇଚ୍ଛାକରିବେ ସେ ଲକ୍ଷ୍ମୀନାରାୟଣ ବାବୁଙ୍କଠାରୁ ବିନାମୂଲ୍ୟରେ ଡିମ୍ବ ବା ଛୁଆ ପାଇପାରିବେ । ଯେଉଁମାନେ ଡିମ୍ବ ବା ଛୁଆ-ପୋକ ନେବାକୁ ଇଚ୍ଛାକରନ୍ତି ସେମାନେ ଆଗେ ଆପଣ ବାଡ଼ିରେ ଗଛଗୁଡ଼ିକ ପ୍ରସ୍ତୁତ କରନ୍ତୁ । ବଳରେ କଣ୍ଟାହେଉ ନା ବାଉଁଶ ଗଛ ହେଉ ଦେଉଥିବା କୁଇବାଡ଼ ଉଚ୍ଚର ଗଛ ନ କରିବା ପର୍ଯ୍ୟନ୍ତ ପୋକ ନେଲେ ସେମାନଙ୍କୁ ଖୋଇବାକୁ ଯଥେଷ୍ଟ ପତ୍ର ପାଇବା କଠିଣହେବ । ଖୋଇ ନ ପାରିଲେ ପୋକ ଗୁଡ଼ିକ ମରିଯିବେ । ଲକ୍ଷ୍ମୀବାବୁ ଏ ବିଷୟ ସମ୍ବନ୍ଧେ ପୁସ୍ତକଖଣ୍ଡିଏ ମଧ୍ୟ ଲେଖୁଅଛନ୍ତି ପ୍ରାୟ ଶେଷ ହୋଇଗଲାଣି । ଶୀଘ୍ର ମୁଦ୍ରିତ ହୋଇ ପ୍ରକାଶିତହେବ । ତାଙ୍କର ସେହି ପୁସ୍ତକରୁ କେତେକ ଅଂଶ ଏଥିପୂର୍ବେ ପ୍ରକାଶ କରିଥିଲୁଁ । ପୁଣି କେତେକ ଅଂଶ ଅନ୍ୟ ସ୍ଥାନାନ୍ତରରେ ପ୍ରକାଶକଲୁଁ ।

ନିଖିଳ ଭାରତ ପ୍ରେସ କର୍ମଚାରୀ ସମ୍ମିଳନୀ

ଗତ ଶନିବାର ଦିନ ନିଖିଳ ଭାରତ ପ୍ରେସ୍ କର୍ମଚାରୀମାନଙ୍କର ସମ୍ମିଳନୀର ପ୍ରଥମ ଅଧିବେଶନ କଲିକତାଠାରେ ହୋଇଥିଲା । ଶ୍ରୀଯୁକ୍ତ ତୁଳସୀଚରଣ ଗୋସ୍ୱାମୀ ସଭାପତିର ଆସନ ଗ୍ରହଣ କରିଥିଲେ । ଉପସ୍ଥିତ ପ୍ରତିନିଧି ଅନେକରୁ ଅ ନେକ ସ୍ଥାନରୁ ପ୍ରେସ୍‌ର କର୍ମଚାରୀମାନେ ଆସି ଯୋଗଦେଇଥିଲେ ତେବେ ଯଥା ବମ୍ବେଇ, ବଙ୍ଗଳା ଓ ଓଡ଼ିଶା, ଢାକା, ଲକ୍ଷ୍ନୌ, ଦିଲ୍ଲି ଓ ଅନ୍ୟାନ୍ୟ ସ୍ଥାନମାନଙ୍କରୁ ଦର୍ଶକମାନେ ଆସି ଯୋଗ ଦେଇଥିଲେ । ସଭାପତି ମହୋଦୟ ତାଙ୍କ ବକ୍ତୃତାରେ ପ୍ରେସ୍ କର୍ମଚାରୀଙ୍କ ପ୍ରତି ଯଥେଷ୍ଟ ସହାନୁଭୂତି ଦେଖାଇଥିଲେ, ତାଙ୍କ ବକ୍ତୃତାରୁ ଜଣାପଡ଼ୁଥିଲା ପ୍ରେସ କର୍ମଚାରୀବୃନ୍ଦ କି ଅସୁବିଧାରେ ପଡ଼ିଥିବାରୁ ସୁବିଧା ଅନୁସାରେ ସେମାନଙ୍କର ବେତନ ନପାଇଁ କି କଷ୍ଟରେ ଦିନାତିପାତ କରନ୍ତି ତାହା ସେ ହୃଦୟଙ୍ଗମ କରିଅଛନ୍ତି । କର୍ମଚାରୀମାନଙ୍କ ପ୍ରତି ଯେଉଁ ଅନ୍ୟାୟ ବ୍ୟବହାର ହେଉଛି ତାହାର ନିବାରଣ ନିମନ୍ତେ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା ।

ଜଳଚିକିତ୍ସା

ଜଳଚିକିତ୍ସାସମ୍ବନ୍ଧେ ଏଥିପୂର୍ବେ ଅନେକ କଥା ପ୍ରକାଶ କରିଅଛୁଁ । ବର୍ତ୍ତମାନ ଯେପରି ଦେଖା ଯାଉଅଛି ଅନେକ ଲୋକଙ୍କର ତ ତହିଁରେ ବିଶ୍ୱାସ ଓ ଉପକାର ସାଧନ ହୋଇଅଛି । ଅସୁବିଧାର ଅଞ୍ଚଳର ଜନପଦ ପ୍ରଭୃତି ଗ୍ରାମମାନଙ୍କରେ ଅନେକ ଲୋକ ଏହି ଚିକିତ୍ସା ବିଧିମତେ ଚଳାଇ ନ ପାରି କେବଳ ଅଂଶିକରୂପେ ଅବଲମ୍ବନ କରି ମଧ୍ୟ ଯଥେଷ୍ଟ ଉପକାର ପାଇଥିବାର ସମ୍ବାଦ ପାଉଅଛୁଁ । ଏଠାରେ ପ୍ରତ୍ୟେକ ପ୍ରାତଃକାଳ ଓ ସନ୍ଧ୍ୟାରେ ଦେଖାଗଲେ ଦେଖିବେ ଲୋକ ସହଜରେ ବୁଝିପାରିବେ କେତେ ଲୋକ ଏହି ଚିକିତ୍ସାର ପକ୍ଷପାତୀ ହୋଇଅଛନ୍ତି । କିନ୍ତୁ ଉପକାର ନପାଇଥିଲେ ଏତେ ଲୋକ କୁଆଡ଼େ ଏହାକୁ ଆଦର କରନ୍ତେ ନାହିଁ । ବିଶିଷ୍ଟ କେତେଗୁଡ଼ିଏ ଘଟଣାର ବିଷୟ ନିମ୍ନରେ ଉଲ୍ଲେଖ କରାଗଲା:—

୧ । ସର୍ପଦଂଶନ—କଟକ ଜିଲ୍ଲା ତେଲେଙ୍ଗାପେଣ୍ଠ ନିକଟବର୍ତ୍ତୀ ଦୁଧୁକାଗ୍ରାମ ନିବାସୀ ଗୋଷେଇ ନାମକ ଜଣେ ବ୍ୟକ୍ତିଙ୍କୁ ଗତ ମଇମାସରେ ଏକଦିନ ରାସ୍ତାରେ ଯାଉଁ ଯାଉଁ ଗୋଟିଏ ବିଷାକ୍ତ ସର୍ପ ଦଂଶନ କରିବାରେ ସେ ବ୍ୟକ୍ତି ସେଠାରୁ ପ୍ରାୟ ଅଧକ୍ରୋଶ ବାଟ ଦୌଡ଼ିରେ ଦଉଡ଼ି ଆସି ଓଡ଼ିଶା ଜଳଚାରୀ କୃଷ୍ଣଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରଠାରେ ଅଚେତନ ହୋଇ ପଡ଼ିଗଲା । ଗ୍ରାମସ୍ଥ ଲୋକେ ଅନେକ ପହଞ୍ଚି ଯାଇଥିଲେ ଏବଂ ଗୁଣିଆମାନେ ତାହାର ଝଡ଼ାଫୁଙ୍କା ଆରମ୍ଭ କରିଦେଲେ । କିନ୍ତୁ କିଛି ଫଳ ଦେଖାଗଲା ନାହିଁ, ବରଂ ତାହାର ସମ୍ପୂର୍ଣ୍ଣ ଚେତନା ହେଲାନାହିଁ । ତତ୍ପରେ ତାହାର ପରାମର୍ଶମତେ କେବଳ ତାହା ଉପରେ ବହୁପରିମାଣରେ ପାଣି ଢାଳିବାରେ ତାହାର କ୍ରମେ ଚେତନା ହେଉଥାଏ ମାତ୍ର ଦୁଇଘଣ୍ଟା କାଳ ଅନ୍ତରରେ ପୁନରାୟ ସେ ଅଚେତନ ହୋଇ ଯାଉଥାଏ । ଏହିପରି ଅବସ୍ଥାରେ ବାବୁ ଶିବଧାରୀ ଜଗତ ଖବର ପାଇ ସେଠାରେ ପହଞ୍ଚି ଦେଖିବାରେ ତାହାର ଆଖି ଅତ୍ୟନ୍ତ ରକ୍ତବର୍ଣ୍ଣ ହୋଇଥାଏ ଏବଂ ସେ ଦେହପର କ୍ଷଣଭୁଷଣ ଅଚେତନ ହେଉଥାଏ । ତେତେବେଳେ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁସାରେ ତାହାର ଗଳାରୁ ଆରମ୍ଭ କରି ପେଟର ମେରୁଦଣ୍ଡ ଉପରେ କ୍ରମାଗତ ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ଥଣ୍ଡାପାଣି ଢଳାଇବାରେ ଓ ଦେହର ଅନ୍ୟ ଅଂଶ ଜଙ୍ଘଠାରୁ ଉପରକୁ ଗଳା ପର୍ଯ୍ୟନ୍ତ ବାଳମାଟି ବୋଳାଇବାରେ ଶରୀରରୁ ଏକ ପ୍ରକାର ଉତ୍ତାପ ବାହାରିବାକୁ ଆରମ୍ଭ କଲା ଓ ରୋଗୀ କ୍ରମେ ସୁସ୍ଥହେବାକୁ ଲାଗିଲା । ସେ ସ୍ଥାନରେ ଅଗ୍ନିର ଉତ୍ତାପ ଦିଆଯାଇ ପୁଣି ଥଣ୍ଡା ଜଳ ପ୍ରୟୋଗ କରାଯାଉଥିଲା । ଏପରି କରିବାରେ ପ୍ରାୟ ୪।୫ ଘଣ୍ଟା ମଧ୍ୟରେ ବହୁ ପରିମାଣରେ ଅଜୀର୍ଣ୍ଣ ଜଳ ତଳ ସେଠାରୁ ପ୍ରାୟ ୨ ମାଇଲ ଦୂରବର୍ତ୍ତୀ ତାହାର ନିଜର ଘରକୁ ଚାଲିଯାଇ ପାରିଥିଲା, ପରେ ତାହାର ଦେହ ଖୁବ୍ ଜଳାପୋଡ଼ା ହୋଇଥିଲା ଓ ଦେହସାରା ଫିମ୍ଫିପରି ଫୁଟିଥିଲା । ଚାଉଳ ଧୂଆ ପାଣି ଓ ମାଟି ବୋଳିହୋଇ ଗାଧୋଇବାରେ ସେ ସବୁ କ୍ରମେ ଉପଶମ ହୋଇଯାଇଥିଲା ।

ଅମ୍ଭମାନଙ୍କର କଟକର ୧ମ କୋର୍ଟର ମୁନସଫ ବାବୁ ପ୍ରିୟଲାଲ ଚୌଧୁରୀଙ୍କ ସ୍ତ୍ରୀଙ୍କର ବହୁଦିନରୁ ଗର୍ଭସ୍ରାବଜନିତ ଜ୍ୱରପୀଡ଼ା ହୋଇ ତହିଁରେ ସେ ଅସୁବିଧା ଓ ଡାକ୍ତରୀ ଆଦି ନାନା ଚିକିତ୍ସା କରାଇ କୌଣସି ଫଳ ପାଇ ନ ଥିଲେ । ଡାକ୍ତରୀ ଚିକିତ୍ସା କମ୍ପ ଓ ଦୁର୍ବଳତା ଲାଗି ରହୁଥିଲେ ଏବଂ ସମସ୍ତ ସମୟରେ ଅବସନ୍ନ ଜ୍ୱର ମଧ୍ୟ ହେଉଥିଲା । ଏଣିକରୁ ପ୍ରାୟ ଏକମାସ ହେବ ସେ ଜଳଚିକିତ୍ସାରେ ରହିବାରୁ ବହୁ ପରିମାଣରେ ସୁସ୍ଥବୋଧ କରୁଅଛନ୍ତି । ଆଶା କରୁ ଶୀଘ୍ର ଆରୋଗ୍ୟ ଲାଭ କରିବେ ।

ବି, ଏନ୍, ଆର୍, ଟେଲିଗ୍ରାଫ୍ ଟ୍ରେନିଂକ୍ଲାସ୍ ଖଡ଼ଗପୁର

ବେଙ୍ଗଲ ନାଗପୁର ରେଲବାଇ ଲାଇନରେ ଚାକିରି ପାଇବାର ଏକ ପ୍ରଧାନ ଉପାୟ ରେଲବାଇ ଟେଲିଗ୍ରାଫ ଶିକ୍ଷା । ଏ ଶିକ୍ଷାଲାଭ କରିବାନିମନ୍ତେ ବେଙ୍ଗଲ ନାଗପୁର ରେଲବାଇ କମ୍ପାନୀର ଖଡ଼ଗ-

Split by PDF Splitter

Digitized by srujanika@gmail.com

ସୁରଠାରେ ଗୋଟିଏ ସ୍କୁଲଅଛି । ସେ ସ୍କୁଲରେ ୬ ମାସ ଶିକ୍ଷା ଦିଆଯାଏ । ୬ ମାସ ପଢି ପାଶ କରିପାରିଲେ ପ୍ରଥମେ ଟ ୩୦୯ କାରେ ଭର୍ତ୍ତିହେବାକୁ ପଡେ । କୌଣସିପ୍ରକାରେ ଭର୍ତ୍ତି ହୋଇଗଲେ ହେଲା—ଆଉ ଚିନ୍ତାନାହିଁ । ଭର୍ତ୍ତିହେବାକୁ ଟିକେ କଷ୍ଟ ଅବଶ୍ୟ । ମାତ୍ର ସେ କଷ୍ଟ-ନୁହେଁ । ପ୍ରଥମେ ଟେଲିଗ୍ରାଫ୍ ଟ୍ରେନିଂ-କ୍ଳାସରେ ଭର୍ତ୍ତିହେବା ନିମନ୍ତେ ଗୋଟାଏ ପ୍ରବେଶିକା ପରୀକ୍ଷା ହୁଏ । ସେ ପରୀକ୍ଷାକୁ ଯିବାପାଇଁ ପ୍ରଥମେ ଖଡଗପୁର ଡିଷ୍ଟ୍ରିକ୍ଟ କମର୍ସିଆଲ ଅଫିସରଙ୍କ ଦରଖାସ୍ତ କରିବାକୁ ପଡେ । ସେ ପରୀକ୍ଷାର ଦିନ ସ୍ଥିର-ହୁଏ ଯେଉଁମାନଙ୍କ ପରୀକ୍ଷାଲାଗି ମନୋନୀତ କରିଥାନ୍ତି ସେମାନଙ୍କୁ ଯଥାସମୟରେ ଡକାଇ ନିଅନ୍ତି । ପରୀକ୍ଷାରେ ପାଶ କରି-ପାରିଲେ ଏକଶତ ଟଙ୍କା କମ୍ପାନୀରେ ଜମାଦେଇ ପଢିବାକୁ ହୁଏ ଓ ପଢିଲା-ବେଳେ ମାସିକ ଟ ୧୫୯ ଙ୍କା ଜଳ ବୃତ୍ତି-ମିଳେ । ପଢିସାରି ଏକବର୍ଷ ଶିକ୍ଷା ଉତ୍ତ-ପରେ ଡିପୋଜିଟ ଟଙ୍କା ଫେରସ୍ତ ମିଳେ ।

ଆମ୍ଭେମାନେ ରେଳବାଟରେ ସ୍ଥାନସ୍ଥ-ପାଇ ପାରୁନାହୁଁ ବୋଲି ନାନା ପ୍ରକାର ଆକ୍ଷେପ କରିଥାଉଁ । ମାତ୍ର ଆମ୍ଭମାନଙ୍କର ସ୍ୱଦେଶ-ଅନୁସନ୍ଧାନ ମାନେ ଏତେ ଟଙ୍କା ଡିପୋଜିଟ ଦେଇ ଏ ଲାଇନରେ ପ୍ରବେଶ କରିବାକୁ ଚେଷ୍ଟା ବିଶେଷ କରୁଥିବାର ଦେଖାଯାନ୍ତି ନାହିଁ । ଆମଦେଶରେ ରେଳ ଯାଇଛି ଓ ଷ୍ଟେସନ ଷ୍ଟେସନ ଅଛି । କିନ୍ତୁ ଆମ୍ଭେ ସେ ବାଟରେ ପଶିବାକୁ ଚେଷ୍ଟା ନ କରୁଥିବାରୁ ଅନ୍ୟମାନେ ପଶି ଆମ୍ଭମାନଙ୍କ ଗାଡ଼ିରେ ଯିବା ଆସିବା ବେଳେ ହଇରାଣ ହରକତ କରୁଅଛନ୍ତି । ତେଣୁ ଆମ୍ଭମାନଙ୍କର ସ୍ୱଦେଶ ଅନୁସନ୍ଧାନ ଓ ଉତ୍କଳମାନଙ୍କ ପ୍ରତି ଏ ନିବେଦନ ଯେ ସେମାନେ ଯେପରି ଏ ସୁଯୋଗ ନ ହରାନ୍ତି । ବି, ଏନ୍, ରେଲୱାଇର ଖଡଗପୁର ଟେଲିଗ୍ରାଫ ଟ୍ରେନିଂକ୍ଲାସରେ ଭର୍ତ୍ତିହେବା ପରୀକ୍ଷା ଜୁଲାଇ ମାସ ତା ୨୬ ରିଖ ଦିନ ଖଡଗପୁର ଡିଷ୍ଟ୍ରିକ୍ଟ କମରସିଆଲ ଅଫିସରେ ଅନୁଷ୍ଠିତ ହେବ । ଯେଉଁମାନେ ଉକ୍ତ-ପରୀକ୍ଷା ଦେବାକୁ ଇଚ୍ଛାକରନ୍ତି ସେମାନେ ଜୁଲାଇ ମାସ ତା ୧୦ ରିଖ ପୂର୍ବରୁ ଖଡଗ-ପୁର ଡିଷ୍ଟ୍ରିକ୍ଟ କମରସିଆଲ ଅଫିସରଙ୍କୁ ଆବେଦନ କରିବା ଦରକାର ।

ଓ୍ୱାଲଟିଅର ଠାରୁ ଖଡ୍ଗପୁର ପର୍ଯ୍ୟନ୍ତ ଲୋକମାନେ District Traffic Superintendent, Khurda Road ନିକଟ ଠାରୁ କଲିକତା ମେଦିନାପୁର ଅଞ୍ଚଳ ବାସୀମାନେ District commercial officer ଖଡଗପୁରଠାରୁ ବାଲାସୁର, ଚକ୍ରଧରପୁର, ସିଂହଭୂମ, ସମ୍ବଲପୁର ପ୍ରଭୃତି ଅଞ୍ଚଳବାସୀମାନେ Disrict commercial officer ChakradharPur ଙ୍କ ଦ୍ୱାରା (through) ଖଡଗପୁର District commercial officer ଙ୍କୁ ଜୁଲାଇ ତା ୧୦ ରିଖ ପୂର୍ବରୁ ଆବେଦନ କରିବା ଦରକାର । ପ୍ରାର୍ଥୀମାନେ Matriculation ପରୀକ୍ଷାରେ ପାସ କରିଥିବା ଦରକାର । ଦରଖାସ୍ତ ସଙ୍ଗେ School Certificate and Educational qualification Certificate and character behaviour certificate ଦେବାକୁ ହେବ । ନିମ୍ନଲିଖିତ ବିଷୟରେ ପରୀକ୍ଷା ଦେବାକୁ ହେବ । English, Geography and Arithmetic । ଆଗାମୀରୁ ପ୍ରାର୍ଥୀମାନେ ସେମାନଙ୍କର ନାମ ଆମ୍ଭ-ମାନଙ୍କୁ ଜଣାଇବାକୁ ଭୁଲିବେନାହିଁ ।

ଏଣ୍ଡି ଗୃହ

ପୂର୍ବେ ସେମାନଙ୍କ ରହିବା ସ୍ଥାନ ସମ୍ବନ୍ଧେ କେତେକ କଥା ଲେଖାଯାଇଥିଲା । କୋଷା ଦେବାବେଳକୁ ସେମାନଙ୍କୁ ରଖିବାକୁ ହେବ ତାହା ଆଉ ଟିକିଏ ବିସ୍ତାରିତ ରୂପେ ବୁଝାଇଦେବା ଆବଶ୍ୟକ, ତେଣୁ ନିମ୍ନଲିଖିତ ବିବରଣ ଲେଖାଗଲା ଯଥା :—

କୋଷା ଦେବାସମୟ ହେଲେ ଗୋଟିଏ ଗୋଟିଏ ଟୋକାଇ ବା ବଡ ଗହଳା ଡାଲାରେ ପ୍ରସ୍ତୁତ ଆମ୍ବପତ୍ର, ନଡ଼ା ବା ଶୁଖିଲା କଦଳୀପତ୍ର ଆଦି ଦେଇ ସେଥିରେ ପ୍ରାୟ ୧୦୦ ପର୍ଯ୍ୟନ୍ତ ପୋକ ଛାଡିଦେଲେ ହେବ । ସପ ବା ନଡ଼ା ଯାହା ହେଉ ତାହା ଅଡଆ ମଣ୍ଡପ ଏବଂ ଚିଲକାର ରଖିଦେବ । ଯେପରି ସେମାନେ ତାହା ମଧ୍ୟରେ ବୁଲି ସେ ଯାହାର ସୁବିଧାସ୍ଥାନ ସବୁ ବାଛିନେଇ କୋଷା ନିର୍ମାଣ କରିବାକୁ ଲାଗିଯିବେ । ତହିଁଉପରେ ଆଉ ଏକସ୍ତର ସେହିପରି ଆମ୍ବପତ୍ରଆଦି ଦେବ । ତହିଁରେ ମଧ୍ୟ ଆଉ ଏକଶତ ପର୍ଯ୍ୟନ୍ତ ପୋକ ଛାଡି-ଦେବ । ଏହିପରି ପ୍ରସ୍ତୁକୁ ପ୍ରସ୍ତ ଆମ୍ବପତ୍ର ଆଦି ଦେଇ ଗୋଟିଏ ୧ ଫୁଟ ବ୍ୟାସ ଓ ୨ ଫୁଟ ଗଭୀର ଟୋକାଇ ବା ୧୨ ଫୁଟ ବ୍ୟାସ ଏକଫୁଟ ଗଭୀର ଡାଲାରେ ୪୦୦।୫୦୦ ପୋକଙ୍କୁ କୋଷାକରିବା ପାଇଁ ସ୍ଥାନ ଦିଆଯାଇପାରିବ । ଟୋକାଇ ବା ଡାଲାଟି ମଧ୍ୟକୁ ଯେପରି ଭଲରୂପେ ବାୟୁ ଯିବାଆସିବା କରିପାରିବ ସେ ପ୍ରତି ଦୃଷ୍ଟି ରଖିବାକୁ ହେବ । ସେ କଷ୍ଟରେ ବାହାର ନ ଯିବା କାରଣ ତାହାର ଉପରେ ସେହିପରି ଫାଙ୍କା ଜାଲିଟିଏ ଦେଲେ ଭଲ-ହେବ । ଜାଲିଟି ସୁବିଧା ନ ହେଲେ ସେହି ଟୋକାଇ ବା ଡାଲାଟିକୁ ମୁହଁମାଡ଼ ଉବୁଡ଼ି କରିଦେଲେ ମଧ୍ୟ ଚଳେନାହିଁ । ତାହା ଘରମଧ୍ୟରେ ହେଉ ବା ପିଣ୍ଡାରେ ହେଉ ଯେଉଁଠାରେ ବେଶ୍ ବାୟୁ ଚଳ ଚଳ ହେଉଥିବ ସେହିପରି ସ୍ଥାନରେ ରଖିବାକୁ ହେବ ।

ଗୋଟି ବା କୋଷାନିର୍ମାଣ—

ପୋକ ଗୁଡ଼ିକଙ୍କ ଗୋଟି ବା କୋଷା-ତୋଳା ସମାପ୍ତହେଲେ ସେମାନେ ଆଉ ଖାଦ୍ୟ ନ ଖାଇ ଉଦରସ୍ଥ ମଳକୁ ବାହାରକୁ ଆରମ୍ଭ କରନ୍ତି । ଅଧାର ସେହିଠାରୁ ସେମାନଙ୍କର ବଳକ୍ଷୟ ହୁଏ । ହାତରେ ନେଇ କାନ ପାଖରେ ଧରି ଶୁଣିଲେ ଅଳ୍ପଟି ଭୂଲିଲେ ଗୋଟାଏ ଖର ଖର ଶବ୍ଦ ମଧ୍ୟ ଶୁଣାଯାଏ । ଏଣ୍ଡି ପୋକଗୁଡ଼ିକ ସକାଳ ୯ ଟା ଠାରୁ ୧୨ ଟା ମଧ୍ୟରେ ଏହିପରି ଅବସ୍ଥାପ୍ରାପ୍ତ ହୁଅନ୍ତି । ସେହି ଅବସ୍ଥା ହେଲେ ପୋକକୁ ନେଇ ପୂର୍ବ କଥିତ ମତେ ଆମ୍ବପତ୍ର ଆଦି ଦିଆଯାଇଥିବା ଯାଡ଼ିଆ ବା ଡାଲାରେ ରଖିଦେବାକୁ ହୁଏ । ସେଥିରେ ରହି ସେମାନେ ସେ ଯାହାର ସ୍ଥାନଧରି କୋଷା ତିଆରି କରିବାକୁ ଲାଗିଯାନ୍ତି । ସେମାନେ ସ୍ୱଳ୍ପରେ କୋଷା ତିଆରି କରନ୍ତି । ଗ୍ରୀଷ୍ମ ଓ ବର୍ଷାକାଳରେ ୫ ଦିନ ଏବଂ ଶୀତକାଳରେ ୮ ଦିନ ପରେ ସେହି କୋଷାଗୁଡ଼ିକୁ ଆମ୍ବପତ୍ର ବା ନଡ଼ାମଧ୍ୟରୁ ବାଛିଆଣି ଆଉ ଗୋଟିଏ ଡାଲାରେ ଗୋଟିଏ ଭଳି ସଜାଡ଼ି ରଖିବାକୁ ହେବ । ତହିଁମଧ୍ୟରେ କେତେକ ଭଲ ଓ କେତେକ ଖରାପ କୋଷା ଥିବ । ଅମୁରଠାରୁ ପ୍ରଥମ କେତେକଙ୍କର ଭଲ ବଡ ଓ ବେଶ୍ ମୋଟା କୋଷାଗୁଡ଼ିକ ବାଛି ଗୋଟିଏ ଡାଲାରେ ରଖିବା ଉଚିତ ।

ପ୍ରଜାପତି

ଉପରଲିଖିତମତେ ଗୋଟି ବା କୋଷା-ଗୁଡ଼ିକ ଡାଲାରେ ସଜାଡ଼ି ରଖିଦେଲାପରେ ଗ୍ରୀଷ୍ମ ଓ ବର୍ଷାକାଳରେ ସେହି ଦିନଠାରୁ ଆରମ୍ଭ କରି ଆଠରୁ ପ୍ରାୟ ୧୨।୧୬ ଦିନରେ ଏବଂ ଶୀତକାଳରେ ପ୍ରାୟ ୩୦।୪୦ ଦିନ ପରେ ପୋକଗୁଡ଼ିକ ସେହି କୋଷା ବା ଗୋଟି ମଧ୍ୟରୁ ପ୍ରଜାପତି ହୋଇ ବାହାରି ଥାଆନ୍ତି । ପ୍ରଜାପତି ହୋଇ ବାହାରିଲା ପରେ ସେମାନଙ୍କ ମଧ୍ୟରୁ ସ୍ତ୍ରୀ ପ୍ରଜାପତି ଓ ପୁରୁଷ ପ୍ରଜାପତି ଗୁଡ଼ାଏ ବାଛିନେଇ ଗୋଟିଏ ଟୋକାଇରେ ରଖି ଘୋଡ଼ାଇଦେବା ଦରକାର । ପୂର୍ବରୁ ସ୍ତ୍ରୀ ଓ ପୁରୁଷ ଚିହ୍ନିବା ସହଜ ନୁହେଁ । ମାତ୍ର ପ୍ରଜାପତିହୋଇ ବାହାରିଲା ପରେ ସେ ଗୁଡ଼ିକ ସହଜରେ ଚିହ୍ନାଯାଇ ପାରନ୍ତି । ପୁରୁଷ ଗୁଡ଼ିକଙ୍କର ପେଟ ସରୁହୁଏ ସେମାନେ ଆକାରରେ ଛୋଟ ହୁଅନ୍ତି । ଅଳ୍ପ ଅଳ୍ପ ଉଡ଼ିପାରନ୍ତି । ସ୍ତ୍ରୀ ପ୍ରଜାପତି ଗୁଡ଼ିକଙ୍କର ପେଟ ମୋଟ ଓ ଅଣ୍ଡଅପେକ୍ଷାକୃତ ଭରାହୁଏ ସେ ଗୁଡ଼ିକ ପ୍ରାୟ ଉଡ଼ିପାରନ୍ତି ନାହିଁ । ଏହିପରି ସ୍ତ୍ରୀ ପୁରୁଷ ବାଛି ପ୍ରାୟ ୨୫୦ ପର୍ଯ୍ୟନ୍ତ ପ୍ରଜାପତି ଗୋଟିଏ ଟୋକେଇରେ ରଖା-ଯାଇପାରେ । ସନ୍ଧ୍ୟାରେ ସେମାନଙ୍କର ସଙ୍ଗମ ହୁଏ । ସକାଳେ ଦେଖିବ ଯୋଡ଼ାକୁ ଯୋଡ଼ା ଲାଗିଯାଇଥିବେ । ଏପରି ଅବସ୍ଥାରେ ଯେଉଁ ଗୁଡ଼ିକ ଲାଗିଯାଇଥିବେ ସେହିମାନଙ୍କର ଡେଣା ଧରି ଯୋଡ଼ାକୁଯୋଡ଼ା ଅନ୍ୟଗୋଟିଏ ପାତ୍ରରେ ରଖିଦେବାକୁ ହୁଏ । ଉପର-ବେଳାକୁ ସେ ଗୁଡ଼ିକ ଧରି ଯୋଡ଼ାପୂର୍ବକ ଛଡ଼ାଇଦେଇ ପୁରୁଷ ଗୁଡ଼ିକୁ ପୃଥକ କରି-ଦେବା ଆବଶ୍ୟକ । ସ୍ତ୍ରୀ ପ୍ରଜାପତିଗୁଡ଼ିକ ଯେଉଁ ଟୋକେଇରେ ରଖିବ ତାକୁ ଢାଙ୍କି ଦେବା ଆବଶ୍ୟକ, ସେମାନେ ସ୍ୱଦଳୁ ଡିମ୍ବ ପ୍ରସବ କରିବେ । ସକାଳେ ସେହି ଡିମ୍ବ ଗୁଡ଼ିକ ଟୋକେଇରୁ ପୋଛିଦେବାକୁ ହୁଏ । କେହି କେହି ୨।୩ ଦିନ ସେହିପରି ଅବ-ସ୍ଥାରେ ଟୋକେଇରେ ଡିମ୍ବଗୁଡ଼ିକ ରହି ଟିକିଏ ହଳଦିଆ ହୋଇଗଲା ବାଦ୍ ତାହାକୁ ସଂଗ୍ରହ କରନ୍ତି । ତହିଁରେ କିଛି କ୍ଷତିନାହିଁ । ସେହି ଡିମ୍ବଗୁଡ଼ିକ ନେଇ ସଂଗ୍ରହକରି ରଖିବାକୁ ହୁଏ । ଏହି ପ୍ରଜାପ୍ରତିଗୁଡ଼ିକ କ୍ରମାଗତ ୩ ଦିନ ପର୍ଯ୍ୟନ୍ତ ଡିମ୍ବ ପ୍ରସବ କରନ୍ତି । ସାଧାରଣତଃ ପ୍ରଥମ ଦିନର ଡିମ୍ବଗୁଡ଼ିକ ଖୁବ୍ ସବଳ ତେଣୁ ତାହା ସଂଗ୍ରହ କରାଯାଏ । ଶୀତକାଳରେ ୨ୟ ଦିନର ଓ ୩ୟ ଦିନର ଡିମ୍ବମଧ୍ୟ ସବଳଥାଏ ଏବଂ ତାହା ମଧ୍ୟ ସଂଗ୍ରହ କରାଯାଇଥାଏ । ଡିମ୍ବ ପ୍ରସବ କଲାପରେ ସ୍ତ୍ରୀ ପ୍ରଜାପତି ଗୁଡ଼ିକ କ୍ରମେ ଦୁର୍ବଳହୋଇ ୬।୭ ଦିନରେ ମରିଯାନ୍ତି ।

ପ୍ରାୟ ୨୦ ଘଣ୍ଟା ପର୍ଯ୍ୟନ୍ତ ସଙ୍ଗମ ପରେ ଯେଉଁ ପ୍ରଜାପତିଗୁଡ଼ିକ ଡିମ୍ବ ଦିଅନ୍ତି ସେହି ଡିମ୍ବଗୁଡ଼ିକ ବେଶ୍ ସବଳ । କେତେକ ସ୍ତ୍ରୀ ପ୍ରଜାପତି ବିନା ସଙ୍ଗମରେ ମଧ୍ୟ ଡିମ୍ବ ଦେଇ-ଥାନ୍ତି । ମାତ୍ର ସେ ଡିମ୍ବରୁ ଛୁଆ ହୁଅନ୍ତିନାହିଁ । ସ୍ତ୍ରୀ ଓ ପୁରୁଷ ପ୍ରଜାପତିଙ୍କୁ ଏକତ୍ରେ ରଖିଲା ପରେ ଯେଉଁମାନଙ୍କର ପ୍ରଥମ ଦିନରେ ସଙ୍ଗମ ନ ହୁଏ ସେମାନଙ୍କୁ ଏକତ୍ର ଛାଡ଼ିରଖିଲେ ୨ୟ ଦିନରେ ସେମାନଙ୍କର ସଙ୍ଗମ ହୋଇପାରେ ।

କ୍ରମଶଃ—

ଶ୍ରୀ ଭଗବାନଚରଣ ପଟ୍ଟନାୟକ ।

ବିହାରଓଡ଼ିଶା ଗେଜେଟ୍

ସମ୍ବଲପୁର ସଦର ସବ୍‌ଡିଭିଜନର ସବ୍‌ଡିଭିଜନାଲ ଅଫିସର ଦ୍ୱିତୀୟ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ସାହେବ ଗୌରଶ୍ୟାମ ମହାନ୍ତି ୩ମାସର ଛୁଟିପାଇଲେ ।

ଡେପୁଟି କଲେକ୍ଟର ମିଃ ସମୁଏଲ୍ ଦାସ, କଟକ କଲେକ୍ଟର ଓ ସ୍ପେସାଲ ଅସି-ଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର ସ୍ୱରୂପ ନିଯୁକ୍ତ ହେଲେ ।

ଭଦ୍ରକର ସବ୍‌ରେଜିଷ୍ଟ୍ରାର ବାବୁ ସୁରେନ୍ଦ୍ରଚନ୍ଦ୍ର କହ୍ନଦାର ଏକମାସ ଛୁଟି ପାଇଲେ ।

ସୁନାରୂପା ଦର ।

ସୁନା—

ଇଂଲଣ୍ଡବାର—	ପ୍ରତିତୋଳା	ଟ୨୧୯୪
ମିଣ୍ଟବାର—	”	ଟ୨୧୯୩
ବୋମ୍ବେବାର—	”	ଟ୨୧୯।୦
ପରୁଆସୁନା—	”	ଟ୨୧୯୭
ଗିନି—	”	ଟ୧୩୭୯

ରୂପା—

ରୂପା—	ପ୍ରତି ତୋ୧୦୦ଲା	ଟ୬୯୪
ରେଜାରୂପା—	”	ଟ୨୯୭

ସଂସ୍କୃତ ପରୀକ୍ଷାଫଳ ।

୧ମ ପରୀକ୍ଷା

ପୁରୀ କେନ୍ଦ୍ର—

ପ୍ରଥମ ଶ୍ରେଣୀ—

ନରସିଂହ ଦାସ — ପ୍ରାଇଭେଟ୍

କୃଷ୍ଣଚନ୍ଦ୍ର ମହାପାତ୍ର—

ସେବକ ସମ୍ମିଳନୀ ବିଦ୍ୟାଳୟ

ଶ୍ୟାମସୁନ୍ଦର ମିଶ୍ର — ବେଦ ବିଦ୍ୟାଳୟ

ନରସିଂହ ମିଶ୍ର — ସତ୍ୟବାଦୀ ସଂ-ଟୋଲ

ଗୁଣନିଧି ଦାସ — ରଘୁନନ୍ଦନ ଟୋଲ

ମୃତ୍ୟୁଞ୍ଜୟ ମହାପାତ୍ର — ସଂସ୍କୃତ-କଲେଜ

୨ୟ ଶ୍ରେଣୀ—

ପଦ୍ମନାଭ ମିଶ୍ର — ଜୟଦୁର୍ଗା-ଟୋଲ

ପଦ୍ମନାଭ ମିଶ୍ର — ସତ୍ୟବାଦୀ ସଂ-ଟୋଲ

ଲକ୍ଷ୍ମଣ ମିଶ୍ର — ”

ଗଦାଧର ମହାପାତ୍ର—

ଜଗନ୍ନାଥ ବି, ଏ, ବିଦ୍ୟାଳୟ

କାଶୀନାଥ ମହାପାତ୍ର—

ବେଦ କର୍ମକାଣ୍ଡ ବିଦ୍ୟାଳୟ

ରଘୁନାଥ ମିଶ୍ର — ”

ନରସିଂହ ମିଶ୍ର — ଗୋବିନ୍ଦସ୍ୱାମୀଙ୍କ-ଟୋଲ

ଅନନ୍ତ ଦାଶ — ”

ସତ୍ୟବାଦୀ ମିଶ୍ର — ରଘୁନାଥ-ଟୋଲ, ପଣ୍ଡୁଆ

ହରିହର ରଥ — ସଂସ୍କୃତ-କଲେଜ

ସୁନ୍ଦରନ୍ଦ, କବିଗୁରୁ — ”

ବିଲୋଚନ ମିଶ୍ର — ନାରାୟଣ-ଟୋଲ

ଅଗାଧୁ ବେହେରା — ”

କୃଷ୍ଣଚନ୍ଦ୍ର ଚଉଧୁରୀ — ପ୍ରାଇଭେଟ୍

ମଧୁସୂଦନ ଷଡ଼ଙ୍ଗୀ — ”

ବନମାଳୀ ପଣ୍ଡା — ”

ହରେକୃଷ୍ଣ ପରିଛା — ”

ଲକ୍ଷ୍ମଣନାଥ ପରମଗୁରୁ, — ଟଙ୍କୋଲ ସଂ-ଟୋଲ

ନବଘନ ମିଶ୍ର — ବ୍ରହ୍ମଦତ୍ତ ଟୋଲ

ବୃନ୍ଦାବନ ମହାପାତ୍ର — ”

କାଶୀନାଥ ମିଶ୍ର

ଜଗନ୍ନାଥ ମିଶ୍ର—

ବୀର ରାମଚନ୍ଦ୍ରପୁର ସଂ-ପାଠଶାଳା

କୃପାସିନ୍ଧୁ ଦାସ — ବିଦ୍ୟାଭୂଷଣ ସଂ-ଟୋଲ

ଫକୀର ପୂଜାପଣ୍ଡା — ”

ନିରଞ୍ଜନ ଦାସ — ବି, ଭି, ଭି, ପାଠଶାଳା

ଅଧ୍ୟାପକ ଶ୍ୟାମ ଦାସ (ଅଲେଖ ମଠ)—

ଗଙ୍ଗାଧର ଚତୁଷ୍ପାଠୀ ସଂ-ଟୋଲ

ନାରାୟଣ ମି — ”

ଲୋକନାଥ ପୂଜାପଣ୍ଡା — ହରିହର-ଟୋଲ

ଲକ୍ଷ୍ମଣ ପୂଜାପଣ୍ଡା — ”

ପଦ୍ମନାଭ ମହାପାତ୍ର — ”

Split by PDF Splitter

Digitized by srujanika@gmail.com

ହୃଷୀକେଶ ତ୍ରିପାଠୀ, ବେଦ କର୍ମକାଣ୍ଡ ସ:
ଲୋକନାଥ ମହାପାତ୍ର ,,
ସୋମନାଥ ଦାସ ,,
ଶ୍ୟାମସୁନ୍ଦର ପୂଜାପଣ୍ଡା, ପଣ୍ଡାବନ୍ଧୋଗ-ଟୋଲ
କାଶୀନାଥ ରଥ ରଘୁନନ୍ଦନ-ଟୋଲ
କୃଷ୍ଣଚନ୍ଦ୍ର ମିଶ୍ର ସଂସ୍କୃତ-କଲେଜ
ରାଧାନାଥ ଶତପଥୀ ,,
କୃଷ୍ଣଚନ୍ଦ୍ର ତ୍ରିପାଠୀ ,,
ଡଃ ଶିବରାମ ପଣ୍ଡା ,,

* * *

କଟକ କେନ୍ଦ୍ର—
୧ମ ଶ୍ରେଣୀ—

ଲିଙ୍ଗରାଜ ମହାପାତ୍ର ବୈଦ୍ୟନାଥ ଟୋଲ
ମୁରଲୀକୃଷ୍ଣ ପାଲ ଗୋପାଳଜୀ ଟୋଲ
ଦୟାନନ୍ଦ ମିଶ୍ର ବରଜା ଟୋଲ
ଦୁର୍ଯ୍ୟୋଧନ ଦ୍ୱିବେଦୀ ବୈଦ୍ୟନାଥ ଟୋଲ
ରମାକାନ୍ତ ମିଶ୍ର ବରଜା ଟୋଲ
ବୈଦ୍ୟନାଥ ହୋତା—
ରାମଚନ୍ଦ୍ର ମର୍ଦ୍ଦରାଜ ଟୋଲ
ବାଞ୍ଛାନିଧି ବ୍ରହ୍ମା ଏକନ
ହରିହର ମିଶ୍ର ଗୋପାଳଜୀ ସଂ, ଟୋଲ
ଜଗନ୍ନାଥ ମହାପାତ୍ର—
ଅଦର୍ଶ ଆୟୁର୍ବେଦ ଟୋଲ
ରଘୁନାଥ ହୋତା-ରାମଚନ୍ଦ୍ର ମର୍ଦ୍ଦରାଜଟୋଲ

୨ୟ ଶ୍ରେଣୀ—

ଜାନକୀଚରଣ ଷଡ଼ଙ୍ଗୀ ଲକ୍ଷ୍ମୀବଲ୍ଲଭ ଟୋଲ
ଭଗବାନ ଚଇନ ଲକ୍ଷ୍ମୀନରସିଂହ ଟୋଲ
ବସନ୍ତକୁମାର ମିଶ୍ର, ଲକ୍ଷ୍ମୀନାରାୟଣ ଟୋଲ
ଶଶିକିଶୋର ମହାପାତ୍ର —
ଅ: ଆୟୁର୍ବେଦ ଟୋଲ,
ରାମଚନ୍ଦ୍ର ନନ୍ଦ ,,
ନୀଳମଣି ଶତପଥୀ,
ଗୋପୀନାଥପୁର ସଂ-ପାଠଶାଳା
ଦୁର୍ଗାଚରଣ ତ୍ରିପାଠୀ—
ନୀଳସବୁ ସଂ-ପାଠଶାଳା
କାଳନ୍ଦୀ ମିଶ୍ର, ,,
ମାୟାଧର ଦାସ—ଆୟୁର୍ବେଦ ବିଦ୍ୟାଳୟ
ଗୋପାଳ ଅସୁର
ଲୋକନାଥ ତ୍ରିପାଠୀ ବାଲିର ସଂ ପାଠଶାଳା
ଲୋକନାଥ ରଥ ଜଗନ୍ନାଥପୁର ,,
କୃଷ୍ଣଚନ୍ଦ୍ର ପର୍ଯ୍ୟ ଅଲସ୍ଥା ଟୋଲ
ଦେବରାଜ ତ୍ରିପାଠୀ ଚକ୍ରମା ସଂ ଟୋଲ

* * *

ବାଲେଶ୍ୱର କେନ୍ଦ୍ର—
୧ମ ଶ୍ରେଣୀ—

ଆନନ୍ଦଚରଣ କର ଶ୍ରୀ ରାମଚନ୍ଦ୍ର ଟୋଲ
ଗଙ୍ଗେଶ୍ୱର ପଣ୍ଡା ବାଗୀଶ୍ୱରୀ ଟୋଲ
ଲକ୍ଷ୍ମଣମୋହନ ଦାସ, ଲକ୍ଷ୍ମୀନାରାୟଣ ଟୋଲ

୨ୟ ଶ୍ରେଣୀ—

ଗଣନାଥ ପଣ୍ଡା ଶ୍ରୀରାମଚନ୍ଦ୍ର ଟୋଲ
ମହେନ୍ଦ୍ରନାଥ ଦାସ ମହାପାତ୍ର
କେନ୍ଦ୍ରାଳପୁର ଟୋଲେ
ବଳଭଦ୍ର ମିଶ୍ର ହରିହର ଟୋଲ
ମଧୁସୂଦନ ମିଶ୍ର ବାଗୀଶ୍ୱରୀ ଟୋଲ
ରାମପତି ପଣ୍ଡା, ଗଣେଶ୍ୱରପୁର ସଂ ପାଠଶାଳା
ହରିହର ତ୍ରିପାଠୀ ମଦନମୋହନ ଟୋଲ
କାଳୀକୁମାର ପ୍ରହରାଜ ଚଣ୍ଡେଶ୍ୱରପୁର
ସୁରେନ୍ଦ୍ରନାଥ ମିଶ୍ର ବାରିପଦା ସଂ ଟୋଲ
ସତ୍ୟାନନ୍ଦ ମିଶ୍ର ,,
ଶଶିଭୂଷଣ ଦାସ ,,
କେଶବଚନ୍ଦ୍ର ପଣ୍ଡା ,,

* * *

ସମ୍ବଲପୁର କେନ୍ଦ୍ର—
୧ମ ଶ୍ରେଣୀ

ସୁଦର୍ଶନ ପଣ୍ଡା ବ୍ରହ୍ମପୁର ସ ଟୋଲ

୨ୟ ଶ୍ରେଣୀ

ଦାମୋଦର ମହାପାତ୍ର ବ୍ରହ୍ମପୁର ସଂ ଟୋଲ

* * *

ଅନୁଗୋଳ କେନ୍ଦ୍ର
୨ୟ ଶ୍ରେଣୀ

ବୈଷ୍ଣବଚରଣ ଆଚାର୍ଯ୍ୟ-ଅନୁଗୋଳ ସଂଟୋଲ

* *

ବଲାଙ୍ଗିର କେନ୍ଦ୍ର
ଶ୍ରେଣୀ

ପୂର୍ଣ୍ଣଚନ୍ଦ୍ର ଉଦ୍ଗାତା ଭର୍ଜ ସଂ ଟୋଲ

—*—

ମଧ୍ୟମ ପରୀକ୍ଷା

ପୁରୀକେନ୍ଦ୍ର,
ବ୍ୟାକରଣ, ସାହିତ୍ୟ—୧ମ ଶ୍ରେଣୀ

ରଘୁନାଥରଥ—ସଂସ୍କୃତ କଲେଜ
ବାଲୁକେଶ୍ୱର ମିଶ୍ର ,,

୨ୟ ଶ୍ରେଣୀ

ବୈଦ୍ୟନାଥ ମିଶ୍ର ପ୍ରାଇଭେଟ୍
ଗଣେଶ୍ୱର ରଥ ସଂ କଲେଜ
ମାର୍କଣ୍ଡ ମିଶ୍ର ରଘୁନନ୍ଦନ ଟୋଲ
ନାରାୟଣ ମହାପାତ୍ର ସଂ କଲେଜ
ରଘୁନାଥ ଶତପଥୀ ,,
ବୈଦ୍ୟନାଥ ରଥ ,,
ଜଗନ୍ନାଥ ରଥ ନାରାୟଣ ଟୋଲ
(ଓଡ଼ିଶା ପିଲ୍‌ଗ୍ରିମେଜ୍ ଷ୍ଟେଟ୍)
ବାଲୁକେଶ୍ୱର ତ୍ରିପାଠୀ ଭଗବାନ ସଂ ଟୋଲ
ଭଗୀରଥୀ ମିଶ୍ର ଗୋବିନ୍ଦ ସଂ ଟୋଲ
ହରିହର ମିଶ୍ର ରଘୁନନ୍ଦନ ଟୋଲ
ରାମକୃଷ୍ଣ ମିଶ୍ର ସଂ କଲେଜ
କୃଷ୍ଣଚନ୍ଦ୍ର ରଥ ,,
ହରିହର ଷଡ଼ଙ୍ଗୀ ,,
ହରିହର ମିଶ୍ର ,,
ଲୋକନାଥ ଦାସ ,,
ବୈଦ୍ୟନାଥ ମହାପାତ୍ର ନାରାୟଣ ଟୋଲ
(ଓଡ଼ିଶା ପିଲ୍‌ଗ୍ରିମେଜ୍ ଷ୍ଟେଟ୍)

* * *

ନ୍ୟାୟ, ସାଂଖ୍ୟ, ଯୋଗ
୧ମ ଶ୍ରେଣୀ

ନାରାୟଣ ମିଶ୍ର ସଂ, କଲେଜ

୨ୟ ଶ୍ରେଣୀ

ହରିହର ମିଶ୍ର }
ଈଶ୍ୱରଚନ୍ଦ୍ର ରଥ } ସଂ, କଲେଜ
ବଳରାମ ଦାସ }

* * *

ଆୟୁର୍ବେଦ—
୧ମ ଶ୍ରେଣୀ

ନାରାୟଣ ଦାସ ଜଗନ୍ନାଥ ବି, ଏ, ବିଦ୍ୟାଳୟ
ଅନନ୍ତ ତ୍ରିପାଠୀ ପ୍ରାଇଭେଟ

୨ୟ ଶ୍ରେଣୀ

ନୃସିଂହ ମହାପାତ୍ର ସଂ କଲେଜ
ଗଣପତି ବେହେରା ,,

—*—

କଟକ କେନ୍ଦ୍ର
ବ୍ୟାକରଣ, ସାହିତ୍ୟ
୧ମ ଶ୍ରେଣୀ

ଗଙ୍ଗାଧର ମିଶ୍ର ପଦ୍ମନାଭ ଟୋଲ

୨ୟ ଶ୍ରେଣୀ

ଚନ୍ଦ୍ରଶେଖର ଦେବ ବରଜା ଟୋଲ
ଜଗନ୍ନାଥ ଷଡ଼ଙ୍ଗୀ ପ୍ରାଇଭେଟ୍
କୈଳାସ ଚନ୍ଦ୍ର ହୋତା ଲୋକେଶ୍ୱର ଟୋଲ
ନୃସିଂହ ଦାସ ଭଗୀରଥ ଟୋଲ
(ଓଡ଼ିଶା ପିଲ୍‌ଗ୍ରିମେଜ୍ ଷ୍ଟେଟ୍)

* * *

ବାଲେଶ୍ୱର କେନ୍ଦ୍ର,
ବ୍ୟାକରଣ, ସାହିତ୍ୟ
୨ୟ ଶ୍ରେଣୀ

ରଜନୀକାନ୍ତ କର ଯୋଗେଶ୍ୱର ଟୋଲ

ଆୟୁର୍ବେଦ ୨ୟଶ୍ରେଣୀ

ଚକ୍ରାମଣି ଦାସ ଶ୍ରୀରାମଚନ୍ଦ୍ର ଟୋଲ

* * *

ଅନୁଗୋଳ କେନ୍ଦ୍ର,
ଆୟୁର୍ବେଦ ୨ୟଶ୍ରେଣୀ

ହରେକୃଷ୍ଣ ମିଶ୍ର ତାଳଚେର ସଂ ଟୋଲ
ଲକ୍ଷ୍ମଣ ଷଡ଼ଙ୍ଗୀ ,,

—*—

ନାନାସଂବାଦ

ପ୍ରଫେସର ଶ୍ରୀଯୁକ୍ତ ଯଦୁନାଥ ସରକାର କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର୍ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

* * *

ଫ୍ରାନ୍ସର ଅର୍ଥ ସମସ୍ୟା ସମାଧାନ ଏପର୍ଯ୍ୟନ୍ତ ହୋଇପାରି ନାହିଁ । ଏଥିପାଇଁ ଫ୍ରାନ୍ସର ମନ୍ତ୍ରୀସଭାର ବାରଂବାର ପରିବର୍ତ୍ତନ ଘଟୁଛି ।

* * *

ଆସନ୍ତା ତା ୧୬ ରଖ ଦିନ ବଡ଼ଲାଟ ସଭାର ଅଧିବେଶନ ପୁଣି ବସିବ । ହିନ୍ଦୁ-ମୁସଲମାନ ବିବାଦ, ଅନ୍ୟ କେତେକ ବିଷୟରେ ଏଥର ଆଲୋଚନା କରାଯିବ ।

* * *

ତୁର୍କିର ଶାସନପଦ୍ଧତିର ସଭାପତି କେମାଲପାଶାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବା ଅପରାଧରେ ପ୍ରାୟ କୋଡ଼ିଏ ଲୋକ ଗିରଫଦାର ହେଲେଣି । ଏମାନଙ୍କ ମଧ୍ୟରେ ତୁର୍କି ପାର୍ଲିଆମେଣ୍ଟର ମେମ୍ବର ୨୬ଜଣ ମଧ୍ୟ ଅଛନ୍ତି ।

* * *

ପାଟନାର ବାରିଷ୍ଟର ମିଃ ଇନ୍ଦ୍ରନାଥ ତାଙ୍କର ଉଇଲ୍‌ରେ ଅନାଥାଶ୍ରମପାଇଁ ଏକଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏହି ଅନାଥାଶ୍ରମରେ ମୁସଲମାନ ବାଳକ ବାଳିକା ମାନଙ୍କୁ ପ୍ରତିପାଳନ କରାଯିବ । ଏହାଦ୍ୱାରା ମୁସଲମାନ ସମାଜର ଭବିଷ୍ୟ ଗୋଟିଏ ଅଭାବ ଦୂରହେବାର ଆଶା କରାଯାଏ ।

—*—

ଜଗତସିଂହପୁର ସମ୍ବାଦ ।

ଏ ଅଞ୍ଚଳରେ ପ୍ରଚଣ୍ଡ ଖରା ହେଉଅଛି । ମଝିରେ ମଝିରେ ସାମାନ୍ୟ ବୃଷ୍ଟି ହେଉଅଛି ।

ପ୍ରାପ୍ତ

ଭୋଟର ତାଲିକା ପ୍ରସ୍ତୁତକାରୀ ଅଫିସରଙ୍କ କାର୍ଯ୍ୟ

ଏ ଥରର ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ ଭାରତୀୟ ବ୍ୟବସ୍ଥାପକ ସଭା ପାଇଁ ଭୋଟର ତାଲିକା ପ୍ରକାଶ ପାଇଛି । ସେଥିରେ ପୁରାତନ ଭୋଟରମାନଙ୍କର ସ୍ଥାନରେ ସେହିମାନଙ୍କର ଉତ୍ତରାଧିକାରୀଙ୍କ ନାମ ସ୍ଥାନେ ସ୍ଥାନେ ସଂଶୋଧିତ ହୋଇ ପ୍ରକାଶିତ ହୋଇଅଛି । ଏହା ଅନ୍ୟାୟ ହୋଇନାହିଁ ସତ କିନ୍ତୁ କୌଣସି ନୂତନ ଭୋଟର ମାନଙ୍କର ନାମ ପ୍ରକାଶିତ ହୋଇନାହିଁ । ଗୌଣ୍ଡିଆ ପ୍ରେସିଡେଣ୍ଟମାନେ ନୂତନ ଭୋଟର ମାନଙ୍କର ତାଲିକା ଦେଇଥିଲେ ମଧ୍ୟ ତାହା ପ୍ରକାଶିତ ନ ହେବା ବଡ଼ ଅକ୍ଷେପର ବିଷୟ । ନ ୧୬ ମ୍ବର ଗୌଣ୍ଡବାସୀ ଇଉନିୟନର ପ୍ରେସିଡେଣ୍ଟ କେତେକ ଉପଯୁକ୍ତ ଭୋଟରଙ୍କର ନୂତନ ତାଲିକା ଦେଇଥିଲେ ମଧ୍ୟ ତାହା ପ୍ରକାଶିତ ହୋଇନାହିଁ । ଏଥିପାଇଁ ସେ ଅଞ୍ଚଳରେ ନ (ହୋଇ ଅଛି) ଦେଶରେ ଶତ ୨ ଲୋକ ଅଛନ୍ତି ଯେ କି ଭୋଟର ହେବାର ଉପଯୁକ୍ତ କିନ୍ତୁ ସେମାନଙ୍କର ନାମ କୌଣସି କାରଣରୁ ହେଉ ପ୍ରକାଶ ପାଇନାହିଁ । ସେ କେତେଜଣ ପ୍ରସ୍-

ତନ ଭୋଟର ଅଛନ୍ତି ସେମାନଙ୍କ ବ୍ୟତୀତ ଆଉ ଭୋଟର ହେବାର ଉପଯୁକ୍ତ ଲୋକ ନାହାନ୍ତି ଏ କଥା ଯଦି କର୍ତ୍ତାମାନଙ୍କର ଧାରଣା ଥାଏ ତାହାହେଲେ ଏହାଠାରୁ ବଳି ଲଜ୍ଜାର କଥା କ'ଣ ହୋଇପାରେ ! ଯେତେ ଭୋଟର ହୋଇପାରନ୍ତି ଓ ସେମାନେ ଯେତେ ଅଧିକ ସେମାନଙ୍କର ଅଧିକା ବୁଝନ୍ତି ସେତେ ଦେଶପକ୍ଷେ ମଙ୍ଗଳ । ଆଶା କରାଯାଏ କର୍ତ୍ତାମାନେ ଏ ଦିଗରୁ ଦୃଷ୍ଟି ଦେବେ—ଇତି ।

ଲୀଳମଣି ପ୍ରଧାନ
ଗ୍ରାଃ କ ଅଲଙ୍କାରନ—

ନୀଳଗିରି ଶୁଭସଂବାଦ

ଗତ ମଙ୍ଗଳବାର (ତା ୨୨।୬।୨୬-ମସିହା) ଦିବା ଅବସାନ ହେବାକୁ ବସିଲାଣି ସାମ୍ବଂବେଦୀଙ୍କ ଶୁଭାଗମନରେ ପ୍ରକୃତି ଦେବୀ ଧର୍ମରତ ଅପୂର୍ବ ଶୋଭା ଧାରଣ କରିଅଛନ୍ତି । ସନ୍ଧ୍ୟାକାଳୀନ ଶଙ୍ଖ ନିନାଦ ଚତୁର୍ଦ୍ଦିଗ ଉଚ୍ଚ କରାଇ ଦେଉଅଛି ! ଏହି ଶୁଭ ମୁହୂର୍ତ୍ତରେ ନୀଳଗିରି ରାଜ୍ୟାଧୀଶ୍ୱରଙ୍କ ହିତୀୟ ରାଣୀସାହେବଙ୍କ ଗର୍ଭରୁ ଶ୍ରୀଯୁକ୍ତ ଟିକାୟତ ସାହେବ ସମ୍ଭୂତ ହୁଅନ୍ତେ ରାଜପ୍ରାସାଦରୁ ତତ୍କ୍ଷଣାତ୍ ମହାନନ୍ଦୋତ୍ସବ ଚହଲ ଉଠିଲା । ରାଜନ୍ୟବର୍ଗଙ୍କର ଆନନ୍ଦର ସୀମା ନରହିଲା—ତଥା ପ୍ରଜାବର୍ଗଙ୍କର ଶ୍ରୀଯୁକ୍ତ ରାଜାସାହେବ ଆନନ୍ଦ ସାଗରରେ ନିମଗ୍ନହୋଇ ଟ ୫୦୦୦ (ପାଞ୍ଚଶତ) ରୌପ୍ୟମୁଦ୍ରା ଦୀନଦୁଃଖୀମାନଙ୍କୁ ଅକୁଣ୍ଠିତ ଚିତ୍ତରେ ବିତରଣ କରିଦେଲେ । ତତ୍ପରଦିନ ଧାର୍ମିକ ସଦାଦୁଃଖମୋଚନ ଭକ୍ତବତ୍ସଳ ଦୟାବାନ୍ ଶ୍ରୀଯୁକ୍ତ ଶ୍ରୀ ରାଜାସାହେବ ନବଜାତ ସୁକୁମାର ଟିକାୟତ ସାହେବଙ୍କର ଜନ୍ମ ଉପଲକ୍ଷେ ଜଗର ଟହଲ, ସ୍କୁଲ ଓ ଅନ୍ୟାନ୍ୟ ପାଠଶାଳାମାନଙ୍କ ଛାତ୍ରମାନଙ୍କର ଛୁଟି ଦେଲେ ଓ ତା ଛଡ଼ା କେତେକ "କଏଦୀ"ମାନଙ୍କୁ କାରାଦଣ୍ଡରୁ ମୁକ୍ତକରି ସାଧାରଣଙ୍କ ଆଶୀର୍ବାଦ ଲାଭ କରିଲେ ଓ ଅନ୍ୟାନ୍ୟ କେତେକ ଦୀନ ଦୁଃଖୀମାନଙ୍କୁ ଅମ୍ଳାନ ହୃଦୟରେ ଅନ୍ନ ବସ୍ତ୍ର ଓ ଅର୍ଥ ସାହାଯ୍ୟରେ ସନ୍ତୁଷ୍ଟ କରିଲେ ସେମାନେ ସେମାନଙ୍କର ହୃଦୟରେ ସ୍ୱତଃ ଜାତ "ଜୟଧ୍ୱନି" ସମ୍ମିଳନପାଇଁ ଉଦ୍ଗୀରଣ କରି ପକାଇଲେ । ୧ମ୍ ଓ ରାଜ୍ୟର ଓ ଅନ୍ୟାନ୍ୟ ସ୍ଥାନମାନଙ୍କରୁ ଆଗନ୍ତୁକ ଯାତ୍ରା, ନାଟକ ଓ ପାଲା ଦଳମାନ ଭଲି ଦଳ ହୋଇ ରାଜପ୍ରାସାଦରେ ଦିବାନିଶି ଅନ୍ତଃସ୍ଥାନ୍ତ ସ୍ୱୀୟ ୨ ଜାତୀୟ ବାଦ୍ୟ ବର୍ଣ୍ଣାଳି ବର୍ଣ୍ଣନମାନଙ୍କର କର୍ଣ୍ଣକର୍ଣ୍ଣ କରୁଅଛନ୍ତି । ଅମ୍ଭେମାନେ ଭକ୍ତାଞ୍ଜଳିପୂର୍ବକରେ ପରମ କାରୁଣିକ ପରମପିତା ପରମେଶ୍ୱରଙ୍କଠାରେ କାମ୍ୟ ମନୋବାଞ୍ଛାରେ ପ୍ରାର୍ଥନା କରୁଅଛୁଁ ଯେ ସେ ଅମ୍ଭମାନଙ୍କର ନବଜାତ ଶ୍ରୀଯୁକ୍ତ ଟିକାୟତ ସାହେବଙ୍କୁ ଚିରଜୀବୀ କରନ୍ତୁ ଓ ଶ୍ରୀଯୁକ୍ତ ଶ୍ରୀରାଜାସାହେବଙ୍କର ଚିରାନନ୍ଦ ବର୍ଦ୍ଧନ କରନ୍ତୁ—ତାଙ୍କର ସକଳ ଦୁଃଖିମାନଙ୍କ ପ୍ରତି ଦାନର ଧାରା ଦେଶ ବିଦେଶରେ ଉଦ୍ଭାସିତ ହୋଇ ଦେଶକୁ ଶିଖାଉ । ଅଳ ଏତିକି—

ଉଦ୍ଦିଷ୍ଟ ଦର୍ଶକ ।

—*—

Split by PDF Splitter
Digitized by srujanika@gmail.com

388 10-7-26

Wanted a English knowing Madrassa Passed Head Maulvi for the Kendrapara High English School on Rs. 30/- a month. The selected candidate will be on probation for a year and will have to join at once. Benifit of Provident Fund. Apply stating age &c. to the Head-master on or before the 15th instant.

386 NOTICE. 10-7-26

Wanted:—a trained compounder on Rs. 30/- (thirty) per month with free quarters for the Bonaigarh Dispensary in the Bonai State. Apply sharp with testimonials stating age.

22-6-26 Bonaigarh Via Panposh B.N.Ry — B. C. Nayak. DEWAN. Bonai state

150 13-12-26

Imperial Bank of India.

Bankers to the Government of India.

Authorised Capital	Rs.	11,25,00,000
Paid up Capital	Rs.	5,62,50,000
Reserve Fund	Rs.	4,82,50,000
Reserve Liability of Shareholders	Rs.	5,62,50,000

Branches in all principal Towns of India, Burma and Ceylon. Current Accounts opened free of charge. Fixed Deposits received at interest. Savings Bank. Small sums received at interest;

PRESENT RATE 3½% P. A.

GOVERNMENT AND OTHER SECURITIES received for safe custody. Purchases and sales effected. Interest and dividends collected and credited to account or remitted according to instructions.

DRAFTS AND TELEGRAPHIC TRANSFERS issued.

LOANS granted on approved security and all general banking business transacted.

Rates and rules on application to the Officer-in-charge

CUTTACK BRANCH,
Situated Collectorate Buildings.

ନ ୪ ସ୍ଵର — ସୁବର୍ଣ୍ଣ ଔଷଧାଳୟ — ତା ୩୧।୧।୨୬ ରିଖ

ସ୍ଵତ୍ଵାଧିକାରୀ ଡାକ୍ତର ଶ୍ରୀ ଅଟଳବିହାରୀ ଆଚାର୍ଯ୍ୟ ଏମ୍, ବି, କର

ଏଣ୍ଟିମେଲେରିଆ ମିକ୍‌ଶ୍ଚର

ଏହା ପାଳିଜ୍ଵର, ପ୍ଲୀହା, ଯକୃତ, କୁଇଜ୍ଵର ଓ ମ୍ୟାଲେରିୟା ଜ୍ଵରର ପ୍ରତ୍ୟକ୍ଷ ଧନ୍ଵନ୍ତରୀ ଭାରତର ନାନାସ୍ଥାନରେ ହଜାର ହଜାର ରୋଗୀ ଏହା ବ୍ୟବହାର କରି ଅବ୍ୟର୍ଥଫଳ ପାଇଅଛନ୍ତି ଏହା ପ୍ଲୀହା ନାଶକରି ଦେହରେ ରକ୍ତବୃଦ୍ଧି କରେ ଓ ସ୍ଵାସ୍ଥ୍ୟ ଦେହରେ ଦବଳ ଥିଲେ ଲେଶି ୨ ଖାଇଲେ ଟନିକର କାର୍ଯ୍ୟ କରେ। କେହି କେହି ଏହି ଔଷଧ ନାଲ କରି ବଜାରେ ବିକିବାର ଜଣା ପଡ଼ିବାରୁ ଡ଼ାକ୍ତରଙ୍କର ଛବି ସହିତ ରେଜିଷ୍ଟ୍ରି କରଯାଇଛି ଗ୍ରାହକମାନେ ଦେଖି ଶୁଣି ଖରିଦ କରିବେ। ବ୍ୟବସ୍ଥାପତ୍ର ଶିଶି ଦେହରେ ଥାଏ।

ମୂଲ୍ୟ ବଡ଼ଶିଶି	୧॥
ଛୋଟ ଶିଶି	୧୦

ଡାକମାସୁଲ ସ୍ଵତନ୍ତ୍ର।

ଏହାଛଡ଼ା ଅଟଳ ବାତ୍ରିକ ନାନାବିଧ ଭଙ୍ଗା, କଟୁଆ, ଜାଡୁ, ମଦଳ, ମଲମ— ଚର୍ମରୋଗର ଓ ଗଣ୍ଡିମୁଖା ସବୁ ଜାଲ ଉଦରରୋଗର ଅବ୍ୟର୍ଥ ମହୌଷଧ ବ୍ୟବସାୟୀମାନଙ୍କ କମିଶନ ମିଳଇ।

ଏଠାରେ ଆୟୁର୍ବେଦ, କବିରାଜି ଓ ହୋମିଓପ୍ୟାଥିକ ଔଷଧମାନ ସର୍ବଦା ମହଜୁଦ୍ ଥାଏ। ଚିଠିଲେଖିଲେ ଭିଃ ପିଃ ଦ୍ଵାରା ଔଷଧ ପାର୍ସଲ ପଠାଯାଏ ରୋଗୀ ରୋଗ ବିବରଣ ସମ୍ବାଦରେ ଚିକିତ୍ସା କରାଯାଏ।

ହୋମିଓପ୍ୟାଥିକ ଔଷଧ ତାଇଡଟେମ୍ପର୍ ଠାରୁ ୩୦ଶ ପର୍ଯ୍ୟନ୍ତ ପ୍ରତି ଡ୍ରାମ ୧୦ ୵

୨୦୦ କ୍ରମ ପ୍ରତି ଡ୍ରାମ ୧୦ ।୵

ଡ଼ାକ୍ତର ଶ୍ରୀ ଅଟଳବିହାରୀ ଆଚାର୍ଯ୍ୟ
ସୁବର୍ଣ୍ଣ ଔଷଧାଳୟ

ନ ୩୫୭ ସ୍ଵର

Quality That Pleases Users

"CROWN" (Warranted) COMPRESSED FIBRE Suit Cases & LetterFiles All Varieties.

ମୋହନଲାଲ, ଏସ୍, ଦେଶାଇ, ଏଣ୍ଡ କୋମ୍ପାନି
୯୯ ।ଗ୍ରାଣ୍ଡ୍ ଷ୍ଟ୍ରୀଟ୍, କଲିକତା

ବି, ଦାସ ଏଣ୍ଡ କମ୍ପାନୀ।

ଇଞ୍ଜିନିୟର, କଣ୍ଟ୍ରାକ୍ଟର, ଏଜେଣ୍ଟ ଏବଂ ଜେନେରେଲ ଅର୍ଡର ସପ୍ଲାୟର୍ସ
ଷ୍ଟେସନରୋଡ, କଟକ।

ଏମ୍ପୋରିୟମ ସମସ୍ତପ୍ରକାର ଇଞ୍ଜିନ, କଳ, ଲୁହାର ଦାମ, ଓ ଘରକରଣର ଜିନିଷ ଓ ପଲ୍ଲୀବାସୀମାନଙ୍କ ଉପକରଣ ସର୍ବସାଧାରଣଙ୍କ ଯୋଗାଉଅଛୁଁ ଏବଂ କଣ୍ଟ୍ରାକ୍ଟ ନେଇ କାମ କରୁଅଛୁ ହୋଲୋହେମ ନଡ଼ିଆ ଘିଅର ଆମ୍ଭେମାନେ ଓଡ଼ିଶାରେ ଏକମାତ୍ର ଏଜେଣ୍ଟ ଅଟୁଁ। ସର୍ବସାଧାରଣଙ୍କର ପରୀକ୍ଷା ପ୍ରାର୍ଥନୀୟ।

B. Das & Co.

ଡାକ୍ତର କେ, ସେନଙ୍କ ପାଦର କର୍ଣ୍ଣିତ, ଜ୍ଵଳା ଯନ୍ତ୍ରଣା ଶୂନ୍ୟ।

ପ୍ୟୋର ଟନିକ।

ମୂଲ୍ୟ ୧॥ ଡାକମାସୁଲ ସ୍ଵତନ୍ତ୍ର।

ଫୋଡ଼ା, ଘା, ପଚା ଘା, ନାଳି ଘା, ପୋଡ଼ା ଘା ଭାଙ୍ଗିଲ, ଭଗନ୍ଦର ଏବଂ ଉପଦଂଶ ରୋଗମାନଙ୍କର ଏହା ଅଦ୍ଭୁତ ଚିକିତ୍ସା। ୨୪ ଘଣ୍ଟା ମଧ୍ୟରେ ଜ୍ଵଳା ଯନ୍ତ୍ରଣା ଦୂର ହୋଇଯାଏ ଓ ୨ ଦିନରେ ଆରୋଗ୍ୟ ହୁଏ।

ଦଦ୍ରୁ ଦାବାନଳ (ଯାଦୁର ମଲମ) ଛୋଟ ଏକବାର ଲଗାଇଲେ ଉପଶମ ହୋଇ ୨।୩ ଦିନରେ ଆରୋଗ୍ୟ ହୁଏ।

ମୂଲ୍ୟ ୦ ।୵ ମାତ୍ର।

ସର୍ବତ୍ର ଏଜେଣ୍ଟ ଆବଶ୍ୟକ

କେ, ଏନ ଟାଲି ମେଡିକାଲ ହଲ
୬୩।୧।୧ ମିଡଲ୍ ରୋଡ଼, ଇଣ୍ଟାଲି, କଲିକତା।

ନ ୨୨୨ ସ୍ଵର — ତା ୨୦।୨।୨୬ ରିଖ

ପାନ ଖାଇ ତୃପ୍ତିଲାଭ

କରିବାକୁ ହେଲେ— ତୁଲାପଟ୍ଟି, କାନପୁରନିବାସୀ ପଣ୍ଡିତ ପ୍ୟାରେଲାଲ ଶୁକ୍ଳଙ୍କର

ମୁଖବିଳାସ — REGD No 105 — ଓ ପାନବିଳାସ
P. L. SHUKLA TRADE MARK
ଖାଇ — ଦେଖନ୍ତୁ

ପରୀକ୍ଷାସ୍ଵରୂପ ଅଳ୍ପମୂଲ୍ୟରେ ନମୁନା ଅଣାଇ ଦେଖନ୍ତୁ। ମୁଖବିଳାସ ପ୍ରତି ଡବା ୧୦।୵ ପ୍ରତି ଡଜନ ୧ ୩୵, ପାନବିଳାସ ପ୍ରତି ଶିଶି ୧୦।୵ ପ୍ରତି ଡଜନ ୨ ୮୵ ପାଇକାରୀ ଖରିଦଦାରମାନଙ୍କୁ ଯଥେଷ୍ଟ କମିଶନ ଦିଆଯିବ।

ଶୁକ୍ଳ ସିଗ୍ରେଟ୍।

ସୁଗନ୍ଧି ସିଗ୍ରେଟ ୧ ଶ ଥିବା ବାକ୍ସ, ଓ ଟଙ୍କାରେ ୧୦ ୵ ହିସାବ କମିଶନ।
ବର୍ଡସ, ସ୍ଵଦେଶୀ, ସସ୍ତା ଓ ଉତ୍କୃଷ୍ଟ ସିଗ୍ରେଟ ପିଇ ଦେଖନ୍ତୁ।
ଶୁକ୍ଳ ସିଗ୍ରେଟ ୧୨ ଅପ୍ରତିଦ୍ଵନ୍ଦ୍ଵୀ
ପ୍ରତି ବାକ୍ସରେ ୫୦ ପ୍ୟାକେଟ ଓ ୫୦୦ ସିଗ୍ରେଟ୍ ଥାଏ।
ରାଧେଶ୍ୟାମ ସିଗ୍ରେଟ୍ ୧୯ ପ୍ରତିହଜାର।
ଧର୍ମଧ୍ଵଜ ସିଗ୍ରେଟ ପ୍ରତି ପ୍ୟାକେଟରେ ୮ ସିଗ୍ରେଟ ଥାଇ ୨୪ ପ୍ୟାକେଟର ପ୍ରତି ବାକ୍ସ ୧ ୧୮ ଓ ଟଙ୍କାରେ ୧୦ ହିସାବ କମିଶନ।

ପଣ୍ଡିତ ପ୍ୟାରେଲାଲ୍ ଶୁକ୍ଳ ତୁଲାଗଞ୍ଜ, କାନପୁର।

ନ ୧୪୬ — ଅପୂର୍ବ ସୁଯୋଗ। — ୫।୭।୨୬

ଅନୁଲିଖିତ ପୁସ୍ତକଗୁଡ଼ିକ ଅତ୍ର ତିନିଶ ମାସ ପର୍ଯ୍ୟନ୍ତ ଅଳ୍ପମୂଲ୍ୟରେ ଦିଆହେବ।
ଶ୍ରୀ ମଦନମୋହନ ପଟ୍ଟନାୟକଙ୍କ କୃତ।

୧। ନବାଙ୍କୁର ରସୋତ୍ସବ—ମୂଲ୍ୟ	୧୦	ସ୍ଥଳେ	୧୦।୵
୨। ବସନ୍ତୋତ୍ସବ ଲୀଳା	୧୦।	"	୧୦ ୵

ନବାଙ୍କୁର ରସୋତ୍ସବ—୨ୟ ଭାଗ (ଯନ୍ତ୍ରସ୍ଥ)

ଭାରତ ତୀର୍ଥଦର୍ଶନ ଏଥିରେ ପ୍ରଥମଭାଗରେ ଦାକ୍ଷିଣାତ୍ୟର ରାମେଶ୍ଵର ତୀର୍ଥ—ମୂଲ୍ୟ ୧୦। ୨ୟ ଭାଗରେ ମଧ୍ୟାଞ୍ଚଳର କାଶୀ, ପ୍ରୟାଗ ବୃନ୍ଦାବନତୀର୍ଥ—ମୂଲ୍ୟ ୧୦।୵ ୩ୟ ଭାଗରେ ପଶ୍ଚିମାଞ୍ଚଳର ଦ୍ଵାରକା ତୀର୍ଥ— ମୂଲ୍ୟ ୧୦।୵ ୪ର୍ଥ ଭାଗରେ ଉତ୍ତରାଞ୍ଚଳର ବଦ୍ରୀନାରାୟଣ ତୀର୍ଥ— ମୂଲ୍ୟ ୧୦।୵ ୫ମ ଭାଗରେ ଓଡ଼ିଶା ମଧ୍ୟସ୍ଥ ତୀର୍ଥସମୂହର ବର୍ଣ୍ଣନା ମୂଲ୍ୟ ୧୦ ୵ ଏଥିରେ ଉପରୋକ୍ତ ତୀର୍ଥସମୂହର ସବିଶେଷ ବର୍ଣ୍ଣନା କରାଯାଇଅଛି। ଏଥିରୁ ଖଣ୍ଡିଏ ପାଖରେ ଥିଲେ ଅନ୍ୟଲୋକଙ୍କ ସାହାଯ୍ୟ ବ୍ୟତୀତ ଯେ କେହି କରିପାରିବ ତୀର୍ଥସମୂହ ଦର୍ଶନ କରିପାରିବେ। ଏହାସ୍ଵାରା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ ତୀର୍ଥଯାତ୍ରୀମାନଙ୍କ ପାଇଁ ବ୍ୟବହାର ଏହାକୁ ଖଣ୍ଡିଏ ପକେଟରେ ରଖିବା ଉଚିତ।

ପ୍ରାପ୍ତିସ୍ଥାନ।
ଉତ୍କଳ ଟ୍ରେଡିଂ କମ୍ପାନୀ
ବଡ଼ବାଜାର
କଟକ।

ନ ୧୮ ନମ୍ବର **ବିଜ୍ଞାପନ** । ତା ୧୫।୫।୨୬

ପରମାନନ୍ଦ ସାହା ଏଣ୍ଡ ସନ୍ସ୍ ।

କଟକ

ଶ୍ରୀ ସୂର୍ଯ୍ୟକାନ୍ତ ସାହା ।
ଶ୍ରୀ ରଜନୀକାନ୍ତ ସାହା ।

ସନ ୧୨୭୨ ସାଲରେ ପ୍ରତିଷ୍ଠିତ

କଟକ ସହରର ଅତି ପ୍ରାଚୀନ ଓ ସୁପ୍ରସିଦ୍ଧ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରବ୍ୟବସାୟୀ ସ୍ୱର୍ଗୀୟ ପରମାନନ୍ଦ ସାହା ମହାଶୟଙ୍କର ପୁତ୍ରଦ୍ୱୟ ଶ୍ରୀ ସୂର୍ଯ୍ୟକାନ୍ତ ସାହା ଓ ଶ୍ରୀ ରଜନୀକାନ୍ତ ସାହାଙ୍କ ଅଳଙ୍କାର ଦୋକାନ ସାଃ ଚୌଧୁରୀବଜାର, ପୋଷ୍ଟ ଓ ସହର କେଣ୍ଟୋନମେଣ୍ଟ ।

ଏହି ଦୋକାନରେ ଆଧୁନିକ ସଭ୍ୟତା ଓ ରୁଚି ଅନୁମୋଦିତ ସର୍ବଦା ବ୍ୟବହାରୋପଯୋଗୀ ବା ବିବାହ, ଅନ୍ନପ୍ରାଶନାଦି ଶୁଭକାର୍ଯ୍ୟରେ ଆବଶ୍ୟକୀୟ ଯାବତୀୟ ପ୍ରକାର ବିଶୁଦ୍ଧ ସ୍ୱର୍ଣ୍ଣ ଓ ରୌପ୍ୟାଦିର ଅଳଙ୍କାର ବହୁତ ପରିମାଣରେ ସର୍ବଦା ବିକ୍ରୟାର୍ଥେ ପ୍ରସ୍ତୁତ ରହୁଅଛି । ଆମ୍ଭେମାନେ ଆମ୍ଭମାନଙ୍କର ଏହି ଅତୀତ ସୁଦୀର୍ଘ କାଳ ଧରି ବିଶୁଦ୍ଧତା, ସଙ୍ଗତ ମୂଲ୍ୟ, ମଜୁରୀ ବା ବାଣୀ ଓ ବ୍ୟବସାୟ ସମ୍ବନ୍ଧୀୟରେ ସତ୍ୟତା-ମୂଳକ ବ୍ୟବହାର ଏତଦ୍ଦେଶୀୟଙ୍କରେ ଅବଲମ୍ବନ ପୂର୍ବକ ଅକ୍ଷୁଣ୍ଣଭାବରେ ଏପର୍ଯ୍ୟନ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନ କରି ଆସୁଅଛୁ ।

ଆମ୍ଭମାନଙ୍କର ବହୁ ପୁରାତନ ସହୃଦୟ ଓ ପୃଷ୍ଠପୋଷକ ଗ୍ରାହକମହୋଦୟମାନଙ୍କର ଉପର-ଚିତ୍ର ବିଶ୍ୱାସ ଓ ସନ୍ତୋଷ ଏହାର ପ୍ରକୃଷ୍ଟ ପ୍ରମାଣ । ସ୍ୱୟଂ ଆସି ବା ପତ୍ରଲେଖି ସବିଶେଷ ବିବରଣ ଅବଗତ ହୁଅନ୍ତୁ । ଏହାହିଁ ପ୍ରାର୍ଥନା ।

No. 312 15-7-26.

ELECTRIC BUTTONS,

These buttons are exquisitely Bautiful and lovely. The bulbs are in the buttons and on switching it will emit light which will enable the wearer to walk freely in the dark. There is no fear of their being broken. They will never be cut of order even if used for a life time. If the buttons are hung up in the walls and switched the room will be lighted.

Price Rs. 4 for one set (3).
Postage Annas 6.

COMBINED LIGHTER AND PENCIL

Newly imported from Germany A gentle rub will kindle fire, very convenient for lighting cigarettes etc, and can be used as pencil. Very handy for constant use.

Price Re. 1-4.

BINOCULARS.

Very decent thing Distant objects are seen very near, used for seeing sceneries of mountains, stars, planets, races etc.

Price Rs. 2
Postage As, 6

ELECTRIC LIGHT in ROSE FLOWER.

A Newly imported light in rose flower invented by Germans There is a connection of the flower with the battery and if it is plated in the brest pocket and switched the rose will be radiant with bright light and attract everybody's attention.

You can freely walk in the dark with its help.

It is only fancy but most useful.

Price Rs. 2-8.
Postage Annas 6
Extra battery as/12/

S. C. SEAL
36 Upper Chitpur Road.
P. O. Hatkhola, CALCUTTA

ଗ୍ରାହକ ମାନଙ୍କ ପ୍ରତି—

ନିବେଦନ

ଏତଦ୍ୱାରା ଉତ୍କଳଦୀପିକାର ନୂତନ ଓ ପୁରାତନ ସମସ୍ତ ଗ୍ରାହକବର୍ଗଙ୍କୁ ବିଦିତ କରାଇ ଦିଆଯାଉଅଛି ଯେ ତୁଇମାସରୁ କମ୍ ସମୟ ପାଇଁ ଠିକଣା ପରିବର୍ତ୍ତନ ଲାଗି ଇଚ୍ଛା କଲେ ଡାକ ଘରେ ପରିବର୍ତ୍ତନ କରାଇ ନେବେ, ଅଫିସକୁ ପତ୍ର ଲେଖି ଅନ-ର୍ଥକ ୫ ° (୧ ଖରଚ କରିବା ବୃଥା । ତୁଇମାସରୁ କମ୍ ସମୟ ପାଇଁ ଅଫିସ ରେଜିଷ୍ଟରୀ କଟାଯାଏ ନାହିଁ । ଇତି ।

ମ୍ୟାନେଜର ।

ନ ୩୬୮ ନମ୍ବର ବିଜ୍ଞାପନ ୨୧।୭।୨୬

ଉତ୍କଳ ଫାର୍ମେସି

[ଡାକ୍ତରଖାନା]

ବାଲୁବଜାର କଟକ ।

ଡାକ୍ତର ଶ୍ରୀ ବାବୁ ସୁଧାଂଶୁଶେଖର
ଫୁକନ୍ ବି, ଏସ୍, ସି, ଏମ୍, ବି

ଉପସ୍ଥିତରୋଗିମାନଙ୍କୁ ଦେଖିବା ସେ ବ୍ୟବସ୍ଥା ଦିଅନ୍ତି, ଔଷଧମାନ ସୁଲଭ ଓ ଅକୃତ୍ରିମ । ଉକ୍ତ ଡାକ୍ତରଙ୍କ ଆବିଷ୍କୃତ "ମ୍ୟାଲେରିଆକ୍ୟୁରବଟିକା" ମେଲେରିଆ ଜ୍ୱର, ପାଳିଜ୍ୱର, ପ୍ଳୀହା, ଯକୃତ ଓ ପାଣ୍ଡୁ ସଂଯୁକ୍ତ ଜ୍ୱର ପ୍ରଭୃତି ସର୍ବବିଧ ଜ୍ୱରର ଅବ୍ୟର୍ଥ ମହୌଷଧ । ମୂଲ୍ୟ ୨୪ ବଟିକାକୁ ୫ ୧ ଡାକ୍ ମଶୁଲ ଏକ ଡବାକୁ ୫ ° । ସ୍ୱରାଜ୍ୟ ମଫସଲର ରୋଗୀମାନଙ୍କ ଉପଯୁକ୍ତ କମିସନ ଦିଆଯିବ । ସର୍ବସାଧାରଣ-ର ପରୀକ୍ଷା ପ୍ରାର୍ଥନୀୟ

ବୈପଦବନ୍ଧୁ ଔଷଧାଳୟ ।

କଟକ ଆୟୁର୍ବେଦୀୟ ଔଷଧାଳୟ ମାନଙ୍କ ମଧ୍ୟରେ ଏହା ସର୍ବପ୍ରଧାନ, ପ୍ରାଚୀନ ଏବଂ ସୁପରିଚିତ ଅଟେ । ଆୟୁର୍ବେଦୀୟ ଚିକିତ୍ସୋପଯୋଗୀ ତୈଳ, ଘୃତ, ବଟିକା, ଚୂର୍ଣ୍ଣ ଆସବ ଅବଲେହ ମୋଦକ ଆଦି, କସ୍ତୁରୀ, ମକରଧ୍ୱଜ ଶ୍ରୀକର୍ପୂର ପଞ୍ଚାନନ ରସ, ବର୍ଣ୍ଣ, ସିନ୍ଦୁର ଅଭ୍ର ଲୌହ, ସୁବର୍ଣ୍ଣ, ରୌପ୍ୟ ପ୍ରବାଳ ମୁକ୍ତା ତାମ୍ର ଆଦି ସର୍ବପ୍ରକାର ଭସ୍ମମାନ ସୁଲଭ ମୂଲ୍ୟରେ ବିକ୍ରୀ ହୁଏ । ନିମ୍ନ ଠିକଣାରେ ପତ୍ର ପଠାଇଲେ ଉତ୍ତର ପାଇବେ ।

ଚୌଧୁରୀ ବଜାର କଟକ । } ଶ୍ରୀ ଗୋକୁଳାନନ୍ଦ ଦାସ କବିରାଜ ଓ ଶ୍ରୀ ଚିନ୍ତାମଣି ଦାସ

369 NOTICE 3-7-26

Estate of the late Babu Nanda Kumar Bose, Zemindar, Bahukud, Thana- Salipur, District- Cuttack.

It is hereby notified to all whomsoever it may concern that this Estate is unwilling to advance or invest money or loans any further, to anybody barring only a few who are honorable respectable and needy in its eyes (who are incapable of cheating or otherwise harassing the Estate or pleading limitation and nonpayment against the Estate). It has experienced several instances of unnecessary risks, troubles and dangers too in dealing with people in business as these

The Estate now thinks it expedient that the money-lending businees should henceforth be either stopped altogether or carried on in a very limited form, to help the people who are really in need, on condition that they pay the interest regularly every month. Debtor whose debts stand over full three yeaas, or six years should prepare themselves to pay off their debts within six months of this notice or within such further time as may be extended to them by the Estate upto a limit of one year from this date and no further.

The Estate considers it safe and sound that its money should be placed in the Imperial Bank of India in its Cuttack Branch.

It is further notified that the management of the Estate has now been handed over to a Manager who has taken over charge from the 1st day of June, 1926.

Jagatbalav Ghose
One of the Executors, Estate,
N. K. Bose.
Cuttack The 9th June, 1926

ଷ୍ଟେଟ ୬ ବାବୁ ନନ୍ଦକୁମାର ବୋଷ ଜମିଦାର । ଖା । ବହୁକୁଦ, ଥାନା ସାଲେପୁର ଜି । କଟକ

ଏ ତଦ୍ୱାରା ଏହି ଷ୍ଟେଟ ସମ୍ପର୍କରେ ଥିବା ସମସ୍ତ ବ୍ୟକ୍ତିମାନଙ୍କୁ ଜ୍ଞାତ କରାଇ ଦିଆଯାଉଅଛି ଯେ ଷ୍ଟେଟ ଭବିଷ୍ୟତରେ ଆଉ କାହାରିକୁ ଟଙ୍କା କରଜ ଦେବାକୁ ଅନିଚ୍ଛୁକ ଅଟନ୍ତି । କେବଳ ଷ୍ଟେଟ ଯାହାଙ୍କୁ ସମ୍ଭ୍ରାନ୍ତ, ସରଳ ପ୍ରକୃତି ଓ ପ୍ରକୃତରେ ଅଭାବରେ ପଡ଼ିଥିବାର ଦେଖନ୍ତି ଓ ମନେକରନ୍ତି ଯେ ସେମାନେ ଷ୍ଟେଟକୁ ହଇରାଣ କରିବାରେ ନଯିବେ ଏପରି କେତେକ ଲୋକଙ୍କୁ କରଜ ଦିଆଯାଇ ପାରେ ।

କାରବାର କ୍ଷେତ୍ରରେ ଷ୍ଟେଟ ଅନୁଭବ କରିଅଛନ୍ତି ଯେ ଅନେକ ସମୟରେ ଉକ୍ତ ପ୍ରକାର ଲୋକଙ୍କ ସକାଶେ ବୃଥାରେ କେତେ ଗୁଡ଼ିଏ କଷ୍ଟ ଓ ହଇରାଣ ଭୋଗ କରିବାକୁ ହୁଏ ଓ ମଧ୍ୟ ବିପନ୍ନ ହେବାକୁ ହୁଏ ।

ବର୍ତ୍ତମାନ ଷ୍ଟେଟ ମନେକରନ୍ତି ଯେ ଧାର ଦେବା କାରବାର ଏକ ବାରଗେ ବନ୍ଦ କରିଦିଆଯିବ । କିମ୍ବା ଖୁବ ସାମାନ୍ୟ ଭାବରେ ଚଳାଇବାକୁ ହେବ, ଯେପରି କି ପ୍ରକୃତରେ ଅଭାବ ଥିବା ଲୋକଙ୍କର ଉପକାର ବା ସାହାଯ୍ୟ ହୋଇ ପାରିବ ।

ଯେ ସବୁ ଖାତକଙ୍କ ଦେଣା ପୁରା ତିନି ବର୍ଷ ବା ଛଅ ବର୍ଷ ହେଲା ପଡ଼ିରହିଅଛି ସେମାନେ ଏହି ନୋଟିସ ତାରିଖରୁ ଛ ମାସମଧ୍ୟରେ କିମ୍ବା ଷ୍ଟେଟ ଯଦି ସେମାନଙ୍କୁ ଆଉ ଅଧିକ ସମୟ ଦିଅନ୍ତି ତେବେ ଖୁବ ବେଶୀ ହେଲେ ଏକବର୍ଷ ମଧ୍ୟରେ ସେମାନଙ୍କର ସମସ୍ତ ଦେଣାଟଙ୍କ ଷ୍ଟେଟକୁ ପରିଶୋଧ କରିଦେବେ ।

ଷ୍ଟେଟ ଟଙ୍କା ଇମ୍ପିରିଆଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କଟକ ବ୍ରାଞ୍ଚରେ ରଖିଲେ ଟଙ୍କା ଖୁବ ନିରାପଦରେ ରହିବାର ଷ୍ଟେଟ ବିବେଚନା କରୁଅଛନ୍ତି ।

ଏତଦ୍ୱାରା ଆହୁରି ମଧ୍ୟ ଜଣାଇ ଦିଆଯାଉଅଛି ଯେ ଷ୍ଟେଟ ପରିଚାଳନା ସକାଶେ ଗୋଟିଏ ମେନେଜର ଏହି ଷ୍ଟେଟ ନିଯୁକ୍ତ କରିଅଛନ୍ତି । ଓ ଷ୍ଟେଟ ଦେଖିବାର ଭାର ତାଙ୍କ ଉପରେ ନ୍ୟସ୍ତ ହୋଇଅଛି । ସେ ଷ୍ଟେଟର ପୂର୍ବ ଭାରିଖ ସନ ଜୁନ ମାସ ତାଂ ୧ରିଖଠାରୁ ଗ୍ରହଣ କରିଅଛନ୍ତି ।

ଷ୍ଟେଟଅଫିସ କଟକ ତା ୯।୬।୨୬ } ଶ୍ରୀ ଜଗତ୍ବଲ୍ଲଭ ଘୋଷ
Executor Estate,
N. K. Bose

No. 373 NOTICE. 3-7-26

Wanted a motor driver for Ranpur State at a monthly salary of Rs. 25/- to Rs. 30/- according to qualifications.

Candidates must have sufficient knowledge in mechanism and driving Reo Chasis Lorry and all makes of motor cars. Applications will be received by the undersigned up to the end of this month.

Rajah and Ruling Chief of the Feudatory State of Ranpur.
P. O. Ranpur, Via-Jatni,
Dist-Puri,
Kaluparaghat Station, B. N. Ry.
Dated Ranpur, the 9th June, 1926.

379 3-7-26

ADVERTISEMENT.

Applications with testimonials invited from those possessing the L. T. Diploma for the post of Head Master of each of the Middle English Schools at Keonjhargarh and Anandpur. Pay Rs 65-5/2-90/- a month. Preference will be given to Oriyas or Domiciled Bengalees.

J. H. Price
Superintendent, Keonjhar
State. 16-6-1926.

୩୭୮ ବିଜ୍ଞାପନ ୧୦-୨-୨୬

ଅମୃତ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଅଡ଼ା ମାହାଲର ମାସିକ ୫୧୦୧ ବେତନରେ ଜଣେ ତହସିଲଦାର ଆବଶ୍ୟକ । ଷ୍ଟେଟପକ୍ଷରୁ ବସା-ଘର ଯୋଗାଇ ଦିଆଯିବ ।

ଯେଉଁମାନେ ଜମିଦାରୀ ଭାବରେ ଦସ୍ତଖତ କାର୍ଯ୍ୟ କରୁଥିବେ ଓ ଯେଉଁ ମାନଙ୍କର ସର୍ବେ ଜାଣିଥିବେ ସେମାନଙ୍କ ମଧ୍ୟରୁ ନିଯୁକ୍ତ କରାଯିବ । ଆବେଦନକାରୀ ନିଜର ବୟସ ଯୋଗ୍ୟତା ଜାଣିପାରି ଓ ସାର୍ଟିଫିକେଟ ସହିତ ନିମ୍ନଲିଖିତ ଠିକଣାରେ ଜୁଲାଇମାସ ତାରିଖ ମଧ୍ୟରେ ଦରଖାସ୍ତ କରିବେ । ଉପରୋକ୍ତ ବ୍ୟକ୍ତିଙ୍କଠାରୁ ଜାମିନ ନିଆ-ଯିବ ।

କଟକ ତା ୨୦।୭।୨୬ } ଶ୍ରୀମତୀ ନିରୁପମା ଦାସୀ
ଆହ୍ଲାଦିନୀ ଦାସୀ କୋଠା
ଖାନେଜାଦା ବଜାର
ପୋ ବୃନ୍ଦାବନଗୌଡ଼
କଟକ

ନ ୩୭୫ ନମ୍ବର

ପ୍ରଜାସତ୍ତ୍ୱ ଆଇନ

(ବନବିହାରୀ ପଟ୍ଟନାୟକ କୃତ)

ମୂଲ୍ୟ ୫୨୯ ସ୍ଥଳେ ୫ ୧।

ବର୍ତ୍ତମାନ ବନ୍ଦୋବସ୍ତ ଚାଲୁଥିବାରୁ ଜମିଦାର ପ୍ରଜାମାନଙ୍କର ସହାୟତା ପାଇଁ ବିଶେଷତଃ ବନ୍ଦୋବସ୍ତ କାର୍ଯ୍ୟସମ୍ପର୍କରେ ଜାଣି ନିଜର ସ୍ୱାର୍ଥ ରକ୍ଷା କରିବା ପାଇଁ ଏହି ପୁସ୍ତକ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ୫୨୯ ସ୍ଥଳେ ୫୧। ରେ ଦିଆଯିବ । ତେବେ ଏକବେ ୧୦ ଖଣ୍ଡ ନେଲେ ୫୧୯ ହିସାବରେ ୫ ୧୦ରେ ପାଇ-ପାରିବେ । ବନ୍ଦୋବସ୍ତ ସମ୍ପର୍କୀୟ ସମସ୍ତ ବିଧାନ ଗୁଡ଼ିକ ଏଥିର ସରଳଭାଷାରେ ବୁଝାଇ ଦିଆ-ଯାଇଅଛି ।

ପ୍ରାପ୍ତିସ୍ଥାନ—

୧— ଶ୍ରୀ ବନବିହାରୀ ପଟ୍ଟନାୟକ
ଭଗ୍ନାରପୁର ବମ୍ବେ ମ୍ୟାନେଜର ଅଫିସ ଗଣେଶଘାଟ—କଟକ ।

୨— କଟକ ଟ୍ରେଡିଂ କମ୍ପାନି,
ଦରଘାବଜାର, କଟକ,

Digitized by srujanika@gmail.com

Split by PDF Splitter

ନ ୩୮୧ ନଲ ତା ୨୬-୬-୨୬

ଉତ୍କୃଷ୍ଟ ଓ ସସ୍ତା ସୁଇସ୍ ଘଣ୍ଟା

ସୁନେଲ ରଙ୍ଗର ପକେଟ ଲିଭର ୱ୍ୟାଚ୍ କମ୍ପନୀର ଗ୍ୟାରେଣ୍ଟି ଯୁକ୍ତ ଏହି ଘଣ୍ଟାର ଆକାର ଠିକ୍ ପାର୍ଶ୍ୱାଙ୍କିତ ଚିତ୍ରପରି, ଅସଲ ସୁନାରଙ୍ଗ ସ୍ଥାୟୀ, କି ଲେସ୍, ଓ ଓପନ୍‌ଫେସ୍, ଠିକ ସମୟରକ୍ଷକ ଦାମ ଟ ୪ ୫, ଡାକ ମାସୁଲ ଓ ପାକିଂ ସ୍ୱତନ୍ତ୍ର, ଏକକାଳେ ଦୁଇଟି ଘଣ୍ଟା ନେଲେ ତାର ସହିତ ଆଉ ଗୋଟିଏ ଘଣ୍ଟା ପୁରସ୍କାର ଦିଆଯାଏ ।

ରୋଲ୍ଡ ଗୋଲ୍ଡ ହାତବନ୍ଧା ଘଡି

କଣ୍ଡବର୍ଷପାଇଁ ଗ୍ୟାରେଣ୍ଟି ଯୁକ୍ତ କେଶ ଉପରେ ମୁଦ୍ରିତ ହୋଇଅଛି ଏହାର କଳକବ୍ଜା ଖୁବ୍ ମଜବୁତ, ଆକାର ପାର୍ଶ୍ୱାଙ୍କିତ ଚିତ୍ରପରି । ଗୋଟିଏ ଚମଡା ଷ୍ଟ୍ରାପ ଓ ବାକ୍ସ ସହିତ ମୂଲ୍ୟ ଟ ୬୧ ଡାକ ମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର, ଏକକାଳେ ଦୁଇଟି ଘଣ୍ଟା ନେଲେ ଆଉ ଗୋଟିଏ ସେହି ଉତ୍ତମ ଘଣ୍ଟା ପୁରସ୍କାର ଦିଆହୁଏ ।

୧୬ଟି ହୀରନ୍ ମୁଦିର ଲେଖାଙ୍କୁ ଗୋଟିଏ ସୁନାଘଣ୍ଟା ବିନାମୂଲ୍ୟ ଦିଆଯିବ ।

ଏହି ମଣି ୧୮ କ୍ୟାରେଟ୍ ସୁନାରେ ପ୍ରସ୍ତୁତ, ଏହାର ଦୁଇପାର୍ଶ୍ୱରେ ଦୁଇଟି ଚକଲିଷ୍ଟିଗ, ଓ ମଧ୍ୟ ସ୍ଥଳରେ ମୁକ୍ତା ଖଚିତ, ହୀରା ଓ ମୁକ୍ତା ଅସଲ ପରି, ମୁକ୍ତାପରି ଉଜ୍ଜ୍ୱଳ, ପ୍ରତ୍ୟେକର ଦାମ ଟ ୦ ୪ ୮, ତିନିକ ଟ ୬ ୩, ଡାକ ମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର ।

ଅଣାକିଆ ଟିକେଟସହ ପତ୍ର ଲେଖିଲେ ଗୋଟିଏ ସଚିତ୍ର କ୍ୟାଟାଲଗ ଓ ୧୦୦ ବର୍ଷର ପଞ୍ଜି ପଠାଯାଏ ।

RELIABLE STORES
4. Shama charan Dey Street
P. O. Bowbazar, Calcutta.

ଅତ୍ୟାଶ୍ଚର୍ଯ୍ୟ ଜର୍ମାନୀ ମହୌଷଧ

ଲ୍ୟାନଲ

ଦାଦ୍ର, କୁଣ୍ଡିଆ, ଘାଦ୍ରୁ, ପୋଡାଘା, ପଚ୍ଚୁ ଘା ଇତ୍ୟାଦି ସର୍ବପ୍ରକାର ଘୃଣିତ ଚର୍ମରୋଗ ଏବଂ ଦୁ ରୋଗ୍ୟ କ୍ଷତ ରୋଗ ସମୂହର ଏକମାତ୍ର ଆଶୁ ଫଳପ୍ରଦ ମହୌଷଧଟି, ଏ ଔଷଧ ଦୁଇଥର ମାତ୍ର ଲଗାଇଲେ ଆଶ୍ଚର୍ଯ୍ୟ ଉପକାର ବୁଝିପାରିବେ । ଏବଂ ଜ୍ୱାଳାଯୁକ୍ତ ସ୍ଥାନରେ ଲଗାଇବାମାତ୍ରେ ତତ୍‌କ୍ଷଣାତ୍ ବରଫ ପରି ଶୀତଳ ବୋଧହୁଏ । ଉପଦଂଶ ରୋଗରେ ଏହା ମନ୍ତ୍ରଶକ୍ତିବତ କାର୍ଯ୍ୟକରେ, ଆରୋଗ୍ୟ ନହେଲେ ମୂଲ୍ୟ ଫେରସ୍ତ ଦେବୁଁ । ମୂଲ୍ୟ ଟ୧୧ ଡାକ ମାସୁଲ ସ୍ୱତନ୍ତ୍ର ଏଜେଣ୍ଟ

ମଲ୍ଲିକ ଏଣ୍ଡ କୋ
ନ ୧ ମ୍ବର ସୁରୀପଡା ଲେନ କଲିକତା

ମୂଲ୍ୟ ଫେରସ୍ତ ! ମୂଲ୍ୟ ଫେରସ୍ତ

Government Registered guaranted remiedies.

ଜର୍ଜ ମେଡିକାଲ କଲେଜର ଗ୍ରାଜୁଏଲ୍ ସୁବର୍ଣ୍ଣପଦକ ପ୍ରାପ୍ତ ହୋମିଓପ୍ୟାଥିକ ଡାକ୍ତର ଆର୍, ବସାକ୍, ଏମ୍ ଡି (ଆମେରିକା) ମହୋଦୟଙ୍କ ଦ୍ୱାରା ଦେଶୀୟ ଚେରମୂଳରୁ ହୋମି ଓ ପ୍ୟାଷ୍ଟିକ ପ୍ରଣାଳୀ ଅନୁଯାୟୀ ଆବିଷ୍କୃତ—

୧ । ହେଲଥ୍ ରେଗୁଲେଟର—ଯକ୍ଷ୍ମା ଜ୍ୱର କାଶୀ, ଶ୍ୱାସରୋଗ, ସ୍ୱପ୍ନଦୋଷ ପ୍ରଭୃତିର ଅବ୍ୟର୍ଥ ମହୌଷଧ, ୨ । ବ୍ଲଡ୍ ପିଉରିଫାୟାର—ଗଦେଇଆ, ଗରମୀ, ବାଗୀ ପ୍ରଭୃତିର ଅମୋଘ ଔଷଧ,

୩ । ଡାଇବେଟିସ୍ ପିଲ୍ ହେମାର ଡାଇବେଟିସ୍ ରୋଗର ଅବ୍ୟର୍ଥ ମହୌଷଧ, ୪ । ଫିମେଲ୍‌ଫ୍ରେଣ୍ଡ—ପ୍ରଦର, ବାଧକ, ବନ୍ଧ୍ୟାତ୍ୱ, ଋତୁକଷ୍ଟ ପ୍ରଭୃତି ସ୍ତ୍ରୀ ରୋଗର ଏକମାତ୍ର ଔଷଧ, ୫ । ପାଇଲ୍ସ୍‌କିଓର—ଅର୍ଶରୋଗର ଅବ୍ୟର୍ଥ ଔଷଧ । ବିଶେଷ ଦ୍ରଷ୍ଟବ୍ୟ—ପ୍ରତି ଶିଶିର (୧୦ ବଟିକା) ମୂଲ୍ୟ ଟ ୧୧ ଡାକ ମାସୁଲାଦି ସ୍ୱତନ୍ତ୍ର । ଏକଶିଶି ଔଷଧରେ ଅତି କମ୍‌ରେ ସୁଦକ୍ଷ ରୋଗୀଙ୍କର ରୋଗ ଭଲହୁଏ ଅନ୍ୟଥା ମୂଲ୍ୟ ଫେରସ୍ତ ଦିଆହୁଏ । ଅବସ୍ଥାଦି ଜଣାଇଲେ ସକଳ ରୋଗର ଔଷଧ ଓ ଅବସ୍ଥାଦି ପଠାଯାଏ । ବିସ୍ତୃତ ବିବରଣ, ଏଫ୍ ଏମ୍ ହୋମିଓ ହୋମ୍‌ରେ ମିଳେ ।

Display { ୨୩୧ ନଂ ମାଣିକତଲା ଷ୍ଟ୍ରିଟ (ହେଦୁଆର ଦକ୍ଷିଣପାର୍ଶ୍ୱ) କଲିକତା । ଫୋନ୍‌ବକ୍ସ ନଂ ୧୧୪୧୦ ଟେଲିଗ୍ରାମ

ଉପାଧ୍ୟାୟଙ୍କ ପଣ୍ଡିତ ଶ୍ରୀଯୁକ୍ତ କ୍ଷୀରୋଦ ପ୍ରସାଦ ବିଦ୍ୟାବିନୋଦ ମହାଶୟଙ୍କ ଅନୁମୋଦିତ ।

ଲାଇ ମୋଡାଇନ୍

ପ୍ରତି ଗୃହସ୍ଥଙ୍କ ଘରେ ଏକ ଶିଶି ରହିବା ଆବଶ୍ୟକ, କାରଣ—

ଲାଇ ମୋଡାଇନ୍—	ଅଜୀର୍ଣ୍ଣ ଦମନ କରେ
ଲାଇ ମୋଡାଇନ୍—	ଆମାଶୟର ବିଶେଷ ଫଳପ୍ରଦ ଔଷଧ
ଲାଇ ମୋଡାଇନ୍—	ଉଦରାମୟ, ଉଦରାମୟ ବା ବାନ୍ତିହେଲେ ମୁହୂର୍ତ୍ତକ ମଧ୍ୟରେ ଆରାମକରେ
ଲାଇ ମୋଡାଇନ୍—	ଗୁରୁ ଆହାରପରେ ଅତ୍ୟଧିକ ବାୟୁହେଲେ ନଷ୍ଟକରେ ।
ଲାଇ ମୋଡାଇନ୍—	କଲେରାରେ ଆଶୁ ଫଳପ୍ରଦ ଗୁଣ ବିସ୍ମୟକର
ଲାଇ ମୋଡାଇନ୍—	ଅମ୍ଳଉଦ୍ଗାର, ଅମ୍ଳଜନିତ ପେଟର ସକଳପ୍ରକାର ବେଦନ ମୁହୂର୍ତ୍ତକ ମଧ୍ୟରେ ଦୂରକରେ
ଲାଇ ମୋଡାଇନ୍—	ପାକସ୍ଥଳୀ ଓ ଯକୃତ ଉପରେ ମୁଖ୍ୟ ଭାବରେ ଏବଂ ଲିଭର ପ୍ଲୀହା ଓ ଅନ୍ୟାନ୍ୟ ରକ୍ତ ବାହୀ କୋଷ ଉପରେ ଗୌଣ ଭାବରେ କାର୍ଯ୍ୟକରେ । ହେଜା, ମ୍ୟାଲେରିଆ, ଓ ଅନ୍ୟାନ୍ୟ ମହାମାରୀର ଅତି ଉତ୍କୃଷ୍ଟ ପ୍ରତିଷେଧକ ।

ସବୁଠାରେ ମିଳେ ! ମୂଲ୍ୟ ଏକଟଙ୍କା !!

ଦି ନିଉ ଏରା ଫର୍ମାସି
ନ ୧୫ ମ୍ବର କଲେଜ୍‌ସ୍କୋୟାର କଲିକତା
କଟକ ନସ୍ୟାସଡ଼କ, କଟକ ଷ୍ଟୋରସରେ ମଧ୍ୟ ମିଳେ ।

ଏ. କେ. ସାନ୍ୟାଲ୍ ଏଣ୍ଡକୋଙ୍କ

କମଳାରଞ୍ଜନ ତୈଳ ।

ମସ୍ତିଷ୍କ ସ୍ନିଗ୍ଧକର ଓ ଶିରଃରୋଗ ନାଶକ, ସଦ୍ୟ ପ୍ରସ୍ଫୁଟିତ ପୁଷ୍ପପରି ଗନ୍ଧ ଦୀର୍ଘ କାଳ ସ୍ଥାୟୀ, ମୂଲ୍ୟ ଟ ୧ ୧ଙ୍କା

ଜ୍ୱର ସଂହାର

୩ ଦିନେ ନୂତନ ଜ୍ୱର, ୭ ଦିନେ ଆମାଶୟ, କଳାଜ୍ୱର, ମ୍ୟାଲେରିଆ, ପ୍ଲୀହା, ଯକୃତ ସଂଯୁକ୍ତ ଜ୍ୱର ଭଲହୁଏ ମୂଲ୍ୟ ଟ୧ ଡାକ ମାସୁଲ ସ୍ୱତନ୍ତ୍ର ।
ଉଚ୍ଚ କମିଶନରେ ଏଜେଣ୍ଟ ଆବଶ୍ୟକ
ନ ୧୩ ମ୍ବର ଦର୍ପନାରାୟଣ ଠାକୁର ଷ୍ଟ୍ରିଟ, କଲିକତା

ହାର୍ଣ୍ଣିଆ

ଇଲୋଇ ଓ ଏକଶିରା ଗ୍ୟାରେଣ୍ଟି ଦେଇ ଆରୋଗ୍ୟ ।

ଦୈବଶକ୍ତି ସମ୍ପନ୍ନ ବହୁ ପରୀକ୍ଷିତ ମହୌଷଧ, ଧାରଣ ସେବନ ଓ ମାଲିସ୍‌ରେ ଏକଦିନେ ଉପଶମ, ଏକ ସପ୍ତାହରେ ଅର୍ଦ୍ଧେକ ଆରାମ, ପନ୍ଦରଦିନରେ ସମ୍ପୂର୍ଣ୍ଣ ଆରୋଗ୍ୟ ସ୍ୱୟଂ ଆସନ୍ତୁ, ଅଥବା ରୋଗର ଅବସ୍ଥା ଲେଖି ଔଷଧ ଗ୍ରହଣ କରନ୍ତୁ । ବିଫଳ ହେଲେ ମୂଲ୍ୟ ଫେରସ୍ତ ଦିଆହୁଏ ।

ମୂଲ୍ୟ—ହାର୍ଣ୍ଣିଆ ବା ଇଲୋଇ ଏକସପ୍ତାହ ଟ୫୧ ପନ୍ଦର ଦିନପାଇଁ ଟ୮୧ ଏକଶିରା ଏକସପ୍ତାହ ଟ୩୧ ପନ୍ଦର ଦିନପାଇଁ ଟ୫୧

ଶ୍ରୀ ହରଚରଣ ରାୟ
ନ ୩ ମ୍ବର ମଦନମିତ୍ର ଲେନ୍, କଲିକତା ।

ନ ୩୮୨ ନୋଟିସ ୨୬-୬-୨୬

ଏହିକ ଅମୃତ ସ୍ୱାମୀ ଇତ୍ତିତ୍ତ ସାହୁ ସାଃ କୁଳବଡ଼ଶୀଦ ପ୍ରାଃ ଅସ୍ତରେଶ୍ୱର ଜମାଶୀ ଅଟନ୍ତୁ ବ୧।୨ବର୍ଷ ହେବ ପାଗଳ ହୋଇ ଘରର ଯାବତୀୟ ଜିନିଷମାନ ଘରକୁ ନେଉଥିବା ଓ ଜାଗ ଓ ଅଜାଡିଙ୍କରେ ଖାଉଥିବା ଓ ନଙ୍ଗଳା ହୋଇ ବୁଲୁଥିବା ଓ ମାରପିଟ କରୁଥିବାରୁ ତାଙ୍କଠାରୁ କେହି କବାଲା ଦାନ୍ନା ବନ୍ଧକ ଓ ହେଣ୍ଡନୋଟ ଓ ତମସୁକ ଋଣ ଦେବା ଓ ବଖଲ ଦେବା ଇତ୍ୟାଦି ପ୍ରକାର କାରବାର ନ କରନ୍ତି ଓ ଯଦି କେହି କରେ ତାହା ସମସ୍ତ ରଦ୍ ହେବା କାରଣ ଏତଦ୍ୱାରା ଏ ପୂର୍ବରୁ ଜଣାଇ ଦେଉଅଛୁଁ ।

ପଞ୍ଚେଇ ଦେଇ
ସ୍ୱାମୀ ପାଗଳ ଇତ୍ତି ସାହୁ
ସାଃ କୁଳବଡ଼ଶୀଗ, ପ୍ରାଃ ଅସ୍ତରେଶ୍ୱର

ନ ୩୮୩ ନୋଟିସ । ୧୬-୬-୨୬

ଶରସ୍ୱାଁ ଷ୍ଟେଟର ଏଷ୍ଟେଷ୍ଟେସନ ବାର୍ଷିକ ଜିମଲେ ଟ ୨୨୯ ବେତନରେ ଜଣେ ହେଡ ପେଷକାର; ଟ ୨୦୯ ବେତନରେ ଜଣେ ଜାଲକଣୋ ଓ ଟ୧୯ ଦରମାରେ ଟ ୧୨୯ ପର୍ଯ୍ୟନ୍ତ ବେତନରେ ସର୍ଭେ ଜାଣିଥିବା ମୋହରର ଅଥବା ମୁନସରାମ ଜଣେ ଙ୍କର ଆବଶ୍ୟକ ଅଛି ।

ଶୀଘ୍ର ଆବେଦନ କରନ୍ତୁ ନବୁବା ସ୍ୱୟଂ ଉପସ୍ଥିତ ହୁଅନ୍ତୁ । ତା ୨୬।୩।୨୬

Indrabilas Mukharjee
ସେଟେଲମେଣ୍ଟ ଅଫିସର
ଶରସ୍ୱାଁ ଷ୍ଟେଟ
ଜିଲ୍ଲା ଅନନ୍ଦା—ଚ, ଏନ୍, ଆର

Digitized by srujanika@gmail.com

Split by PDF Splitter

ନୀଲାମ ଇସ୍ତାହାର

[illegible]

387 WANTED. 17-7-26

For the Offices of the Executive Engineers, Ranchi, Hazaribagh and Sambalpur Divisions, Public Works Department Bihar and Orissa 4 temporary passed and 3 officiating passed Accounts Clerks in the grade of Rs, 70-5-95. The candidates must have passed the Divisional Accountant's Examination. Applications should be made to the Superintending Engineer, Chota Nagpur Circle, Ranchi, by the 22nd July 1926 stating age, qualifications and previous experience of accounts works in Public works Department, if any.

Ranchi, the 23rd June 1926. } F. A. BETTERTON Superintending Engineer, Chota Nagpur Circle.

384 10-7-16

Wanted a graduate strong in English for the post of Assistant Head Master of the Bhawanipatna High English School in Kalahandi State on Rs. 80/- per month with free quarters and the benefit of the Provident Fund. Natives of Orissa are to be preferred. The selected candidate will have to join the post at once and will be paid his actual joining expenses on production of necessary vouchers. Applications with copies of diploma and testimonials should reach the undersigned on or before the 15th July 1926.

Dated Bhawanipatna the 20th June 1926 } B. Mahanti. DEWAN Kalahandi State

385 Advertisement 10-7-26

Applications with testimonials are invited from trained Matriculates for the post of the Second Pandit of the Keonjhargarh Guru Training School. Pay Rs. 25-1-40/- a month. Preference will be given to Oriyas or Domiciled Bengalees. The selected candidate will have to join the post at once.

Dated, Keonjhargarh, the 23rd June 1226, } J. H. Price Superintendent, Keonjhar State

389 3-7-26

Wanted at once an experienced graduate to teach History and English in the Upper Classes, for about ten months, on a salary of Rs. 55/- per month. Apply to the Secretary, mission High School, Cuttack.

[illegible] ଓ ପ୍ରକାଶିତ

Digitized by srujanika@gmail.com

Split by PDF Splitter

ନୀଲାମ ଇସ୍ତାହାର ।

ନ ୨୪୭ ନମ୍ବର ଡିକ୍ରୀଜାରୀ ସନ ୧୯୨୬ ମସିହା
ଇଃ କେନ୍ଦ୍ରାପଡ଼ା ମୁନ୍ସ

କୁଞ୍ଜବିହାରୀ ମାହାନ୍ତି ଡିଃ
ଯାଗ୍ନ ସାହୁ ଓଗେର ଦେଃ ମାନେ

ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ତା ୧୫।୨।୨୬ ରଖେ ନିଲାମହେବ ।

୧ । ଜ । କଟକ ସଃ ଓଃ ପ୍ରଃ କେନ୍ଦ୍ରାପଡ଼ା ପ୍ରଃ ସୁଯାବା ନଂ୬୪୧ନମ୍ବର ଇଃ ତାଃ ସଏଦପୁର ମୌଃ ପୁରାନଗର ନ ୩୧୮ ନମ୍ବର ଥାକା ଲବନାରେଥିବା ଅନ୍ୟ ସତ୍ତ୍ୱଦାରଙ୍କ ନାମ ଶାମିଲ ଦେଣଦାରଙ୍କ ପିତା ବନମାଲୀ ସାହୁ ନାମର ବନ୍ଦବସ୍ତି ନ ୫୨/୨ ନମ୍ବର ଖାତା ବାଃ ଜାଃ ବାଯ୍ୟାପ୍ତି ମଧ୍ୟସତ୍ତ୍ୱାଧିକାରୀ ୧୬—୨୦—୨ ଡିସ୍ ଜମା ୫୨୩୬ ମଧ୍ୟରୁ ୫୨—୯୦—୨ ମଧ୍ୟରୁ ଦେଣଦାର ଅଂଶ ଖଃ ୫୦।୬ ରୁ ୫୧—୨୭ ଡିଃ ଜମୀ ଓ ତଦନ୍ତର୍ଗତ ବାହାଘରବର ଓ ମଏ କବାଟ ଚଉକାଠ ଓ ଆଟୁ ଓ ଅମାର ପକ୍କାଘର ଓ ଅମ୍ବ ଓ ଛାଲ ଓଗେର ବୃକ୍ଷାଦି ସହିତ ନିଲାମହେବ ।

୨ । ଉକ୍ତ ମୌଜାରେଥିବା ନ ୨ ନମ୍ବର ଲବାଦଜାମର ବନ୍ଦୋବସ୍ତି ସାଇନର ନ୨୨/୧୦ ନମ୍ବର ଖାତା ବାଃ ଜଃ ଲଃ ବାଯ୍ୟାପ୍ତି ସ୍ଥିତିବାନ ୫୦—୧୬ ଡିଃ ରୁ ଜମା ୫୦।୩ ଅଟେ ନିଲାମହେବ ।

ନ ୮୨ ନମ୍ବର ଜାରୀ ସନ ୧୯୨୬ ମସିହା
ପ୍ରଥମ ମୁନ୍ସ କଟକ

ଗୋସ୍ୱାମୀ ଦେବ୍ୟା ଡିଃ
ପଦ୍ମଲୋଚନ ମିଶ୍ର ଦେଃ

ଅମ୍ଭେ ଡିକ୍ରୀଦାରଅମୃତ ମାହାଣା ଡିକ୍ରୀ ବାଃ ୫ଙ୍କା ଅଦାୟ କରାଇବା ଦେଣଦାର ନାମେ ଡିକ୍ରୀଜାରୀ କାଏରକରି ତାହାର ସମ୍ପତ୍ତି ନିଲାମରେ ଅଣିବାରେ ତାହା ତା ୧୫।୨।୨୬ ରଖେ ନିଲାମହେବ ।

କଟକଜିଲା ଅନ୍ତଃପାତି ମୁନ୍ସୀଷ୍ଟେସନ ସଃ ଜଃକ ପ୍ରଃ କୋଡ଼ାଖଣ୍ଡ ନ ୧୦୦୦ ନମ୍ବର ତଃ ମୌଃ ଜଣୀ ଖଃ ବାଃ ମୋଃ ମଦନପୁର ମାହାଲ ବୃନ୍ଦାମୋହନପୁର ଅସ୍ଥାବାର ପଞ୍ଚଣା ନ ୨୨ ନମ୍ବର ଥାନା ସ୍ଥିତିବାନ ପାଞ୍ଚ ନଂ୪୩୯/୪୬୧ ନମ୍ବର ଖାତା ବାଃ ୫୧—୩୫ ରୁ ଜମା ୫୩୪ ଅଃ ମୂଃ ୫୫୦୯

ନ ୭୧ ନମ୍ବର ଜାରୀ ସନ ୧୯୨୬ ମସିହା
ଲକ୍ଷ୍ମୀଧର ମାହାନ୍ତି ଡିଃ
ଅପର୍ଣ୍ଣି ମଲିକ ଓଗେର ଦେଃ ମାନେ

ଡିକ୍ରୀଦାରର ପାଉଣା ଟଙ୍କା ଅଦାଇବା ଦେଣଦାରର ନିମ୍ନସମ୍ପତ୍ତି କଟକ ମୁଃ ପ୍ରଥମ ମୁନସଫିରେ ଯାବା ଘ ୧୨ ଘଟା ସମୟେ ତା ୧୫।୨।୨୬ ରଖେ ନିଲାମହେବ ।

୨ । ଜଲ ଓ ମୁଃ ଓ ସଃ ରେଃ ମୁଃ କଟକ ପ୍ରଃ କୋଡ଼ାଖଣ୍ଡ ନ ୧୦୪୮ ନମ୍ବର ତଃ ମୌଃ ଭେଲୁଅଁ ରେଥିବା ନ ୧୮୨ ନମ୍ବର ଖାତା ବାଃ ଥାନା ୫୦—୩୫ ଡିଃ ରୁ ୫୦—୧୬ ଡିଃ ମଃ ଜମା ୫୦।୩ ନିଲାମହେବ ଅଃ ମୂଃ ୫୨୦୯

୨ । ଜଲ ଓ ମୁଃ ଓ ସଃ ରେଃ ଏକଳ ପ୍ରଃ ଏକଳ ନ ୩୮୨୬ ନମ୍ବର ତଃ ମୌଃ ଭେଲୁଅଁ ରେଥିବା ନ ୨୪୮ ନମ୍ବର ଖାତା ବାଃ ପାଞ୍ଚ ୫୦—୨୦ ଡିଃ ରୁ ୫୦—୨୨ ଡିଃ ମଃ ଜମା ୫୩୪/୮ ନିଲାମହେବ ଅଃ ମୂଃ ୫୨୮୯

ନ ୨୮୮ ନମ୍ବର ଡିକ୍ରୀଜାରୀ ସନ ୧୯୨୬ ମସିହା
ଦ୍ୱିତୀୟ ମୁନସଫ କଟକ

ଶ୍ରୀ ଗୁଣନିଧି ଜେନା ଓଗେର ବାଃ ଜଇମାନ୍ବାଦ ପ୍ରଃ ପରଗଣା ଡିଃ ମାନେ
ସେଖ ଅବଦୁଲ ରହିମ ଓଗେର ସାଃ କାନ୍ଦୋଲ ପ୍ରଃ ଝଙ୍କଡ଼ ଦେଃ ମାନେ

ଏ ମୋକଦ୍ଦମାରେ ବାଦୀ ଡିକ୍ରୀଦାର ମାନଙ୍କର ପାଉଣା ଜରିମାନା ଓଗେର ମୂଃ ୫୮୨୯।୬/୨ ପାଇଁ ଅଦାୟ କରାଇବା ଦେଣଦାରମାନଙ୍କର ନିମ୍ନଲିଖିତ ସମ୍ପତ୍ତିମାନ କଟକ ମୁଃ ଦ୍ୱିତୀୟ ମୁନସଫଙ୍କ ଅଦାଲତରେ ସନ ୧୯୨୬ ମସିହା ଫେବ୍ରୁଆରୀ ତା ୧୫ ରଖେ ଘଟା ଘ ୧୨ ଘଟା ସମୟେ ପ୍ରକାଶ୍ୟ ଡାକ ନିଲାମରେ ନିଲାମହେବ ।

ତପସିଲ ସମ୍ପତ୍ତି ।

୧ । କଟକଜିଲା ଅନ୍ତର୍ଗତ ମୁନ୍ସଫଷ୍ଟେସନ ଓ ସବରେଜିଷ୍ଟ୍ରର ମୁଃ ସାଲେପୁର ଇଲାକାଧୀନ ପ୍ରଃ କରମୂଲ ତାଃ ସାମଚରଣ ସାବକ ନ ୪୬୨୦ ନମ୍ବର ତଉଜୀ ହାଲ ବନ୍ଦୋବସ୍ତ ନ୨୧୬୪ନମ୍ବର ତଃ ତାଃ ଅବଦୁଲ ରହିମ ମୌଃ କାନ୍ଦୋଲ ଭରବାରେଥିବା ଦେଣଦାର ମାନଙ୍କର ଭୋଗଦଖଲି ଲାଗେଣି ବାଯ୍ୟାପ୍ତି ସତ୍ତ୍ୱ ସ୍ଥିତିବାନ ରୈୟତ ବନ୍ଦୋବସ୍ତର ନ ୧୧୨ ନମ୍ବର ଖାତା ସମସ୍ତ ଅପୋଷବଣ୍ଟନ ଭଙ୍ଗିରେ ମୋଟ ୫୧—୯୧ ଡିସିମିଲ ଜମୀ ଏଥିର ସାଲିଆନା ଅଦାୟ ଜମା ୫୧୯ ଅଟେ ଉକ୍ତ ଦୋରବସ୍ତ ବୃଦ୍ଧି ଓ ତଦନ୍ତର୍ଗତ ଦେଣଦାରମାନଙ୍କର ବୁଦ୍ଧି ବସୁବାସ ବାହାଘରସବର ଘରାଳିରୁ ବ ୮ ଖଣ୍ଡ ମଏ ଅମାର ଓ ପକାଘର ଦେଓ୍ୟାଲ ଓ କୂପ ପୁଷ୍କରିଣୀ ଓ ନଡ଼ିଆ ଓ ପଣସ ଓ ଆମ୍ବ ଓଗେର ବୃକ୍ଷ ବୃକ୍ଷାଦିମାନ ସମସ୍ତ ପ୍ରକାର ସତ୍ତ୍ୱ ଏ ମୋକଦ୍ଦମାରେ ନିଲାମହେବ ତହିଁର ଅଃ ମୂଃ ୫୨୦୦୯

୨ । ଗ୍ରା । ଭଇମୂଳ ସାବକ ନ୪୬୨୦ନମ୍ବର ତଃ ତାଃ ଶ୍ୟାମଚରଣ ହାଲ ବନ୍ଦୋବସ୍ତ ମୁଃ ନ୨୧୬୪ନମ୍ବର ତଃ ତାଃ ଅବଦୁଲ ରହିମ ମୌଃ କାନ୍ଦୋଲ ରଜବାରେଥିବା ଦେଣଦାର ମାନଙ୍କର ଦଖଲୀ ସ୍ଥିତିବାନ ପାଇଁ ରୈୟତି ବନ୍ଦୋବସ୍ତର ନଂ୪୬ନମ୍ବର ଖାତା ବାଃ ମୋଟ ୫୩—୪୯୩ ଡିସିମିଲ ଏଥିର ଭିତରେ ଜମା ୫୬।/ ଅଟେ ତନ୍ମଧ୍ୟରୁ ନ୨ନମ୍ବର ଦେଣଦାରଙ୍କ ନାମିଓ ବେନାମି ପ୍ରଚାରରେଥିବ । ଖଃ ୫୦।/୪ ପାଇଁ ଜମୀ ୫୧—୧୬୪।/୪ ଗଣ୍ଡାରୁ ଜମା ୫୨୨/୮ ପାଇଁ ହେଉଅଛି ତାହା ଦୋରବସ୍ତ ଏ ମୋକଦ୍ଦମାରେ ନିଲାମହେବ ତହିଁର ଅଃ ମୂଃ ୫୧୦୦୯

୩ । ଗ୍ରା । ଭଇମୂଳ ନ ୧୨୬୩ ନମ୍ବର ତଃ ତାଃ ବସିରୁଲ ମୌଃ ଅଲ୍ଲପୁର ଜମିଦାରୀ ମଧ୍ୟରେଥିବା ଦେଣଦାରମାନଙ୍କର ଦଖଲୀ ଶରହା ଜମାବନ୍ଦୀ ମଧ୍ୟସତ୍ତ୍ୱାଧିକାରୀ ସ୍ଥିତିବାନ ବନ୍ଦୋବସ୍ତର ନ ୧୦୪ ନମ୍ବର ଖାତା ବାଃ ମୋଟ ୫୦—୩୫୫ ଡିଃ ରୁ ଜମା ୫୧।/୯ ପାଇଁ ଅଟେ ଉକ୍ତ ଦୋରବସ୍ତ ଜମି ଏ ମୋକଦ୍ଦମାରେ ନିଲାମହେବ ତହିଁର ଅଃ ମୂଃ ୫୨୫୯

୪ । ଗ୍ରା । ଭଇମୂଳ ନ ୧୨୬୩ ନମ୍ବର ତଃ ତାଃ ବସିରୁଲ ମୌଃ ଅଲ୍ଲପୁର ରଜବାରେଥିବା ଦେଣଦାରମାନଙ୍କର ଭୋଗଦଖଲି ଖଃ ବାଯ୍ୟାପ୍ତି ସତ୍ତ୍ୱ ମଧ୍ୟସତ୍ତ୍ୱାଧିକାରୀ ମିଆଦୀ ରୈୟତ ବନ୍ଦୋବସ୍ତର ନ ୧୧୩ ନମ୍ବର ଖାତା ବାଃ ମୋଟ ୫୦—୨୩୬ ଡିସିମିଲ ଜମୀ ଓ ଉକ୍ତ ଜମୀ ମଧ୍ୟରେଥିବା ଦେଣଦାର ମାନଙ୍କର ବାହାଘରସବର ଓ ଅମାର ସହିତ ବ ୫ ଖଣ୍ଡ ଓ ଆମ୍ବ ପଣସ ଓ ନଡ଼ିଆ ଓଗେର ବୃକ୍ଷ ବୃକ୍ଷାଦି ସମସ୍ତ ପ୍ରକାର ସତ୍ତ୍ୱ ଏ ମୋକଦ୍ଦମାରେ ନିଲାମହେବ ତହିଁର ଅଃ ମୂଃ ୫୬୫୯

୫ । ଗ୍ରା । ଭଇମୂଳ ସାବକ ନ୧୨୦ନମ୍ବର ତଃ ତାଃ ରଘୁନାଥନଗର ହାଲ ବନ୍ଦୋବସ୍ତ ମୁଃ ନ୨୯୨୦ ନମ୍ବର ତଃ ତାଃ କମଲୁଷ ମୌଃ ଗଙ୍ଗାପୁର ବାଃ ବାଃ ମୌଃ ଖଡ଼ଡ଼ା ରଜବାରେଥିବା ରୈୟତି ବନ୍ଦୋବସ୍ତର ନଂ୨୬ ନମ୍ବର ଖାତା ବାଃ ସ୍ଥିତିବାନ ରୈୟତ ମୋଟ ୫୧—୪୬୫ ଡିସିମିଲ ଜମା ଧାର୍ଯ୍ୟହେବା ଯୋଗ୍ୟ ତହିଁମଧ୍ୟରୁ ଦେଣଦାରମାନଙ୍କର ଦଖଲ ଖାଃ୫୧ ରୁ ଜମୀ ୫୦—୨୧୯ ଡିସିମିଲ ଏ ମୋକଦ୍ଦମାରେ ନିଲାମହେବ ତହିଁର ଅଃ ମୂଃ ୫୬୦୯

Digitized by srujanika@gmail.com

ଓ୧୬୦ମୂଲ ନୋଟିସ ୩୦।୧୨।୧୨

ଇମ୍ପିରିଏଲ ବ୍ୟାଙ୍କ ଅଫ ଇଣ୍ଡିଆ ସେଭିଂସ ବ୍ୟାଙ୍କରେ ଟଙ୍କା ଜମା ରଖିବାର

ନିୟମାବଳୀ—

ଜମାକର ରଖିବା ।

ତା ୧ ଲଣ ଜାନୁଆରୀଠାରୁ ତା ୩୧ ଲଣ ଡିସେମ୍ବର ପର୍ଯ୍ୟନ୍ତ ଏକବର୍ଷ ମଧ୍ୟରେ କି ସେଭିଂସ ବ୍ୟାଙ୍କରେ ମୋଟ ପାଞ୍ଚହଜାର ଟଙ୍କା ଜମା ଦିଆଯାଇପାରେ । ଦୁଇ ବା ଅଧିକ ବ୍ୟକ୍ତିମାନଙ୍କ ନାମରେ ହିସାବ ଖୋଲାଯାଇ ପାରେ । ତନ୍ମଧ୍ୟରୁ ବା—ତତୋଧିକ ବ୍ୟକ୍ତି ବା ସେମାନଙ୍କ ମଧ୍ୟରୁ ଜୀବିତ ଥିବା ବ୍ୟକ୍ତି ବା ବ୍ୟକ୍ତିମାନେ ଜାଣ ଟଙ୍କା ଉଠାଇ ନେଇପାରନ୍ତି ।

ଉଠାଇ ନେବା

ଯେ କୌଣସି ସମୟରେ ଟଙ୍କା ଉଠାଇ ନେଇପାରିବେ କିନ୍ତୁ ସପ୍ତାହ ମଧ୍ୟରେ ଏକାଧିକ ଥର ଉଠାଇ ନିଆଯାଇ ନ ପାରେ ।

ଯେଉଁ ଜମାକରକାରୀମାନେ ହିସାବ ଖୋଲ ହୋଇଥିବା ସହରରେ ବାସ ନ କରନ୍ତି ସେମାନେ ଡାକଦ୍ୱାରା ଟଙ୍କା ଜମାକର କର ଓ ଉଠାଇ ନେଇପାରନ୍ତି

ବୋ ଷହରରେ ବ୍ୟାଙ୍କର ଏକ ଅଫିସରେ ଥିବା ହିସାବ ଉଠାଇ ନେଇ ଅନ୍ୟ ଅଫିସର ହିସାବ ଖୋଲ କରାଯାଇପାରେ ।

ଶତ ୧୩ ଜମାକର ସମ୍ବନ୍ଧୀୟ ହିସାବ ।

କୌଣସି ବ୍ୟକ୍ତିଙ୍କ ହିସାବରେ ଦଶହଜାର ପର୍ଯ୍ୟନ୍ତ ଟଙ୍କା ଜମା ହୋଇଗଲେ ସେହି ବ୍ୟକ୍ତି ଉକ୍ତ ସମସ୍ତ ଟଙ୍କା ବା ଉହି ମଧ୍ୟରୁ ଟ ୨୦୦୦ ଙ୍କ କମ୍ । ତାହାର କୌଣସି ଗୁଣିତକ ଯଥା [ଟ ୪୦୦୦।୬୦୦୦— ଏହି ହିସାବରେ] ହେବ ହିସାବରୁ ଉଠାଇ ନେଇ ଏକକୋଟି ଗଭର୍ଣ୍ଣମେଣ୍ଟ ସେଭିଂସ ବ୍ୟାଙ୍କ ଦ୍ୱାରା କୋମ୍ପାନି । ଏବଂ ଏହିପ୍ରକାର ହିସାବରେ ଟଙ୍କା ଅଦାୟ କେବାରୁ ୬ ମାସରେ ଅବାଧ୍ୟ ତାହାର ମାଷ ସୁଦ ବ୍ୟକ୍ତିଙ୍କୁ କମାଇସ ଦେବାକୁ ହେବ

ସୁଧ ।

କୌଣସି ସାଧାରଣ ହିସାବରେ ଜଣହଜାର ଟଙ୍କାରୁ ଅନଧିକ ମାସିକ ବ୍ୟାଲାନ୍ସ କଷ ଉପରେ ବାର୍ଷିକ ଶତକଡ଼ା ଟ ୩ ୧ ଭାଗରେ ସୁଧ ଦିଆଯାଏ ଏବଂ ବାଷ୍ଟବର ସେଭିଂସ ବ୍ୟାଙ୍କ ହିସାବରେ ଦ୍ୱିକ ମୌଳିକ ଜାବ ଟଙ୍କା ଲିଖେ ୧୯୧୯ ବାର୍ଷିକ ଟ ୭୨ କା ଭାଗରେ ସୁଧ ଦିଆଯିବ ।

ବ୍ୟାଙ୍କ ଅଫିସରେ ଦରଖାସ୍ତ କଲେ ସବିଶେଷ ବିବରଣ

ତା ୧୨।୧୨।୧୯୧୨ } ଇମ୍ପିରିଏଲ ବ୍ୟାଙ୍କ ଅଫ ଇଣ୍ଡିଆ

କଟକ } ଏଜେଣ୍ଟ ଲେଭେଲ

———

ଓ ୫୩ ମୂଲ ଅଲଙ୍କାର ବିକ୍ରେତା ୩୦।୭।୧

MESSRS MADHAVJEE LAVJEE & CO

ମାଧବଜୀ ଲାଭଜୀ ଏଣ୍ଡ କୋଂ ଜୁଏଲର୍ସ ଏଣ୍ଡ ଅର୍ଡର ସପ୍ଲାୟର୍ସ ।

CUTTACK ନ ଛାପ ଦୋଷ

ଉତ୍କଳୀୟ ଦୋକାନ

ଜଲଦି ! ଦେଖନ୍ତୁ !! ଶୁଣନ୍ତୁ !!! ଓ ବ୍ୟବହାର କରି ଦେଖନ୍ତୁ !!!!

ନୂତନ ଯୁବୋଦ୍ୟ । ନୂଆ ଅଦ୍ଭୁତ ମୁଲିକ ମୂଲ୍ୟ ।

[illegible]

Split by PDF Splitter

Digitized by srujanika@gmail.com

Split by PDF Splitter

2 9 3

ବିଜ୍ଞାପନ ।

ଏତଦ୍ଵାରା ଜଣାଉଅଛୁଁ ଯେ ଲୁଙ୍ଗାରପୁର ଇଷ୍ଟେଟର ଅଂଶୀଦାରମାନଙ୍କ ଇଚ୍ଛାମତେ ଯାଜପୁର ଅନ୍ତର୍ଗତ, ଭଦ୍ରକ ଓ କେନ୍ଦ୍ରାପଡ଼ା ଆଦି ସବ୍‌ଡିଭିଜନ ଅନ୍ତର୍ଗତ ଏହା ନିମ୍ନଲିଖିତ ଇନ୍‌ମାନ୍ କମିଦାରୀ ଓ ଲାଖରାଜ ଆଦି ସମ୍ପତ୍ତି ଗୁଡ଼ିକ ବିକ୍ରୟ କରାଯିବ । ଜମିର ଲଟ ନମ୍ବର, ମୌଜା ଓ ସମସ୍ତ ଜମା ଇତ୍ୟାଦି ଜାଣିବା ଯେ ଦେଖିବାକୁ ଇଚ୍ଛା କରେ ସେ ସଦର ଅଫିସ ଗଣେଶଘାଟ ୍ ମୁ । ରୁ ଆସି ଆବଶ୍ୟକୀୟ ସମସ୍ତ ସମ୍ବାଦ ଜାଣିବେ ଏବଂ ତାଙ୍କର ପ୍ରସ୍ତାବ ଅଳ୍ପ କଥାରେ ପତ୍ରଦ୍ଵାରା ଅଥବା ସାକ୍ଷାତରେ ଜଣାଇବେ ଏ ସମ୍ବନ୍ଧେ ଇଷ୍ଟେଟର ପ୍ରଚଳିତ ନିୟମମତେ କାର୍ଯ୍ୟ କରାଯିବ ଓ ଉପଯୁକ୍ତ ଦର ପାଇଲେ ତାହାଙ୍କୁ ଦଖଲ କରାଯିବ । ଇତି । ତା ।

ବନମାଳୀ ପାଣ୍ଡି
ମ୍ୟାନେଜର—ଲୁଙ୍ଗାରପୁର ଷ୍ଟେଟ

ସମ୍ପତ୍ତିତାଲିକା ।

ଯାଜପୁର ଓ ଭଦ୍ରକ ସବ୍‌ଡିଭିଜନ—

୧ ସ୍ଥା ଯାଜପୁର ତା ଲକ୍ଷ୍ମୀପୁର ତ ୩ ମ୍ବର ତା କମିଦାରୀ ଖା ୫ ୧ ୧ ମୋଫସଲ ଜମା ୫ ୧୮୯ ୬୨ ସଦର ଜମା ୫ [illegible]
୨ ସ୍ଥା ଏକନ ତା ବାଲେଶ୍ଵର ତ ୩୦୦ ମ୍ବର ତା „ ୫ ୦ [illegible] ୫ [illegible] ୫ [illegible]
୩ ସ୍ଥା ଏକନ ତା ସଉଲିଆ ତ ୨୫୩ ମ୍ବର ତା „ ୫ ୧ ୧ ୫ [illegible] ୫ [illegible]
୪ ସ୍ଥା ଏକନ ତା ସାଇଁ ତ [illegible] ମ୍ବର ତା „ ୫ ୧ ୧ ୫ [illegible] ୫ [illegible]
୫ ସ୍ଥା ଧାମନଗର ତା ମଧୁପୁର ତ [illegible] ମ୍ବର ତା „ ୫ [illegible] ୫ [illegible] ୫ [illegible]
୬ ସ୍ଥା ବୋଲଗ୍ରାମ ତା ବୋଲଗଡ଼ ତ ୬୨୯୯ ମ୍ବର ତା „ ୫ [illegible] ୫ [illegible] ୫ [illegible]
୭ ସ୍ଥା ଯାଜପୁର ତା ଲକ୍ଷ୍ମୀପୁର ତ ୫୮ ମ୍ବର ତା ମୌ ଯୋଗମପୁର ସଙ୍ଗ୍ରାମ ଖା ୫ [illegible] ୫ [illegible] ୫ [illegible]
୮ ସ୍ଥା ଧାମନଗର ମୌ ବଗଳଅପୁର ପରଗଣା ଜମାବନ୍ଦୀ ଖା ୫ [illegible] ତୁ ଅଧିମ୍ବ ଜମା ୫ [illegible] ଜମିଦାରଙ୍କୁ ଦେୟ ୫ [illegible]
୯ ସ୍ଥା ଏକନ ମୌ ମେରଦା ଲା ଦାମନଗର ଖା ୫ [illegible] ୫ [illegible]
୧୦ ସ୍ଥା ଏକନ ମୌ ବହୁଡ଼ପୁର ତ [illegible] ବାମନଗର ଖା ୫ [illegible] ୫ [illegible] ୫ [illegible]
୧୧ ସ୍ଥା ଏକନ ମୌ ଗୋପାଳପୁର „ ୫ [illegible] ୫ [illegible] ୫ [illegible]
୧୨ ସ୍ଥା ଏକନ ମୌ ବହୁଡ଼ପୁର ତ [illegible] „ ୫ [illegible] ୫ [illegible] ୫ [illegible]
୧୩ ସ୍ଥା ଏକନ ମୌ ପୁରୁଷୋତ୍ତମପୁର „ ୫ [illegible] ୫ [illegible] ୫ [illegible]

କେନ୍ଦ୍ରାପଡ଼ା ସବ୍‌ଡିଭିଜନ—

୧୪ ସ୍ଥା ଜୟପୁର ମୌ ଖାଗରଣ ଖା ବାଜେଷ୍ଟ ଖା ୫ [illegible]
୧୫ ସ୍ଥା ଏକନ ମୌ ମିଶ୍ରାଇଣୀ ଏକନ „ [illegible]
୧୬ ସ୍ଥା ଏକନ ମୌ ସାଲପଡ଼ା ଏକନ „ [illegible]
୧୭ ସ୍ଥା ଏକନ ମୌ ସୁଜନପୁର ଏକନ „ [illegible]
୧୮ ସ୍ଥା ଏକନ ମୌ ସୁଲଗାଁ ଏକନ „ [illegible]
୧୯ ସ୍ଥା ଏକନ ମୌ ଭଗିସ୍ଥଳ ଏକନ „ [illegible]
୨୦ ସ୍ଥା ବାଲିପଟ୍ଟା ତା ଜନାର୍ଦ୍ଦନପୁର ତ [illegible] ମ୍ବର ତା [illegible] ଖା ୫ [illegible] ମୋଫସଲ ଜମା ୫ [illegible] ସଦର ଜମା ୫ [illegible]
୨୧ ସ୍ଥା ଏକନ ତା ଏକନ ତ [illegible] ମ୍ବର ତା ମୌ ଗୋବର୍ଦ୍ଧନପୁର ସଙ୍ଗ୍ରାମ ଖା ୫ [illegible] ମୋଫସଲ ଜମା ୫ [illegible]
[illegible]
ଜମିଦାରଙ୍କୁ ଦେୟ ଜମା ୫ [illegible]

Digitized by srujanika@gmail.com

Split by PDF Splitter

ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ସଂପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

The Utkal Dipika

ବାର୍ଷିକ ମୂଲ୍ୟ ଅଗ୍ରିମ୍ ଟ ୪ ୬ ୩୯
ପ୍ରତିଖଣ୍ଡ ଟ ୦ ୯

ଭ ୬୧ ଗ

Cuttck Saturday the 10th July 1926
ଆଷାଢ଼ ୧୨ ଲ ସନ ୧୩୩୪ ସାଲ ଶନିବାର ।

ସଂଖ୍ୟା

R. 9[illegible]

ରିଫ୍‌ନେତା ଅବଦୁଲ୍ କରିମ୍

ରିଫ୍‌ନେତା ଅବଦୁଲ୍ କରିମ୍ ସ୍ପେନ ଓ ଫ୍ରାନ୍‌ସ ନିକଟରେ ଆତ୍ମ ସମର୍ପଣ କରିଥିବା ସମ୍ବାଦ ପୂର୍ବେ ପ୍ରକାଶ କରିଥିଲୁଁ । ରିଫ୍ ଲୋକମାନଙ୍କର କ୍ଷତି ନ ସହିପାରି ସ୍ପେନର ଶାସକମଣ୍ଡଳୀରେ ନାନା ବିଶୃଙ୍ଖଳା ଜାତ ହେଉଛି । ଏଥିମଧ୍ୟରେ କେତେକ ଷଡ଼ଯନ୍ତ୍ର ଲୋକଙ୍କ ଗିରଫ୍‌ଦାର ମଧ୍ୟ ହେଲାଣି, ସ୍ପେନ୍ ବର୍ତ୍ତମାନ ବଡ଼ ଉଦ୍‌ବିଗ୍ନ ହେଉଛି—ଯେଉଁ ଅବଦୁଲ୍ କରିମ୍ ଗତ ଦୁଇବର୍ଷ ଯାବତ୍ ଯୁଦ୍ଧରେ ବ୍ୟାପୃତ ହୋଇ ସ୍ପେନକୁ ଏତେ କ୍ଷତିଗ୍ରସ୍ତ ଓ ହୀନବଳ କରିଛି ତାକୁ ଫାଶି-କାଠରେ ଝୁଲାଇଲେ ତା ମନରେ ଶାନ୍ତି ହେବ । ଏଣେ ମଧ୍ୟ ସ୍ପେନର ନିଜସରର ବିବାଦ ଦେଖି ସେ ଅଧିର ହେଉଛି । ଫ୍ରାନ୍‌ସ କିନ୍ତୁ ଏ ପର୍ଯ୍ୟନ୍ତ ସ୍ପେନର ଏ କଥାରେ ସମ୍ମତ ହୋଇନାହିଁ । ସ୍ପେନର ଏପ୍ରକାର ପ୍ରସ୍ତାବ ଇଉରୋପ ପରି ସଭ୍ୟ ଦେଶ ପକ୍ଷରେ ଘୋର ନିନ୍ଦାଜନକ ।

ଉପାଧି ତ୍ୟାଗ

ମାନ୍ଦ୍ରାଜରେ ସର୍ବବାହାଦୁର ଶ୍ରୀ ଦ୍ୱନ୍ଦ୍ୱସ୍ୱାମୀ ଚେଟ୍ଟିୟାର୍ ଗତ ତା ୨୩ ରିଖ ଜନ୍ମ ଦିନ ତାଙ୍କର "ସର୍ବବାହାଦୁର" ଉପାଧି ବର୍ଜନ କରିଅଛନ୍ତି । ସେ କଂଗ୍ରେସ ଦଳଭୁକ୍ତ । ଉପାଧି ବର୍ଜନର କାରଣ ସ୍ୱରୂପ ସେ ମାନ୍ଦ୍ରାଜ ସରକାରଙ୍କ ଚିଫ୍ ସେକ୍ରେଟାରୀଙ୍କ ପାଖକୁ ଯେଉଁ ପତ୍ର ଦେଇଅଛନ୍ତି ସେଥିରେ ସେ ଲେଖିଅଛନ୍ତି—ସେ ଯେଉଁ ଦଳଭୁକ୍ତ, ଇଂରେଜମାନେ ଇଂଲଣ୍ଡରେ ଯେପରି ସ୍ୱାଧୀନତା ଭୋଗକରନ୍ତି, ଉକ୍ତ ଦଳ ସମସ୍ତ ଭାରତବାସୀଙ୍କୁ ସେହିପରି ସ୍ୱାଧୀନ ହେବାକୁ ଇଚ୍ଛା କରନ୍ତି—ଭାରତବାସୀଙ୍କର ଇଚ୍ଛାନୁସାରେ ଭାରତଶାସନ ଦେଖିବାକୁ ସେ ଇଚ୍ଛୁକ । କେବଳ ବର୍ତ୍ତମାନ ଗଭର୍ଣ୍ମେଣ୍ଟର ଅବସ୍ଥାନୁସାରେ ଅମଲାତନ୍ତ୍ରର ଦତ୍ତ ଉପାଧି ତାଙ୍କ କାର୍ଯ୍ୟରେ ବାଧା ଜାତ କରିବ । ତାଙ୍କର ବିଶ୍ୱାସ ସେ ଉପାଧି ବର୍ଜନ କରିପାରିଲେ ସେ ଦେଶର ଅନ୍ୟ ଲୋକମାନଙ୍କ ସହିତ ମିଶି ଅଧିକ ସ୍ୱାଧୀନତା ସହକାରେ କାର୍ଯ୍ୟ କରିପାରିବେ ।

ଏଣ୍ଟି ଗୁମ୍ପ

ଶ୍ରୀ ବାବୁ ଭଗବାନଚରଣ ପଟ୍ଟନାୟକଙ୍କ ବାରିପଦାରେ ଯେଉଁ ଏଣ୍ଟି ଯୋଗସୂତ୍ରକ ବ୍ୟବସ୍ଥା ଚଳାଉଥିଲେ ବର୍ତ୍ତମାନ, ସେଥାରେ ଏହାର ସ୍ୱତନ୍ତ୍ର କରିଅଛନ୍ତି । ଆଶାକରୁଥାଏ ଆଉ [illegible] ଦିନପରେ ସେମାନଙ୍କ ମଧ୍ୟରୁ ସୁଲାଘବ ବାହାରରେ । ଭାରି ମାଂଗଳ ପରେ ଏଣ୍ଟି ଦେବାର ଅଗାଦିକ୍ଷା ଏଣ୍ଟି ଦେଲେ ଯେଉଁମାନେ ଜନଦାରୁ ଇଚ୍ଛାକ ଧନ୍ତି ସେମାନେ

ନେଇପାରିବେ । ଆଉ ମଧ୍ୟ ଅଧିକ ଅଣ୍ଡା ପଠାଇବା କାରଣ ଭଗବାନବାବୁ ଇଙ୍ଗଲ୍ୟାଣ୍ଡର ସରକାରୀ ସିଲଭ ଭଣ୍ଡାରକୁ ଲେଖିଥିଲେ । ଶୁଣିବା ପାଇଅଛନ୍ତି—ଶୀଘ୍ର ଅଣ୍ଡା ସେଠାରୁ ଆସିବ । ଆସିଗଲେ ଅବଶ୍ୟ ଅନେକ ଲୋକଙ୍କୁ ସେ ଅଣ୍ଡା ଯୋଗାଇପାରିବେ ।

ଗ୍ଲାଣ୍ଡିଏ ଫୁଲର ମୂଲ୍ୟ ହଜାରେଟଙ୍କା

ମୟୂରଭଞ୍ଜର ମହାରାଜା ବର୍ତ୍ତମାନ କଲିକତାରେ ଅବସ୍ଥାନ କରୁଅଛନ୍ତି । ରାଜମାତା ଅଲେକ୍‌ଜାଣ୍ଡ୍ରାଙ୍କର 'ରୋଜଫେ' ଦିବସ ଗତ ଜୁନ ତା ୩୦ ରିଖରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ନାନା ସତ୍‌କାର୍ଯ୍ୟପାଇଁ ଚାନ୍ଦା ସଂଗ୍ରହ କରାଯାଇଥିଲା । ଅପରାହ୍ନ ପରେ ଗ୍ଲାଣ୍ଡିଏ ଗୋଲାପଫୁଲ ନିଲାମ କରାଗଲା । ମୟୂରଭଞ୍ଜର ମହାରାଜା ଉକ୍ତ ଗୋଲାପଫୁଲ ଗୁଚ୍ଛ ଉଚ୍ଚ ୬୯ ପାଉଣ୍ଡ ବା ଏକହଜାରଠାରୁ କିଛି ବେଶି ଟଙ୍କା ଦେଇ କିଣିଲେ । ଏଠାରେ ଗୋଲାପଫୁଲର ମୂଲ୍ୟ ଉଚ୍ଚ ଧରିବା ଅର୍ଥ ସାଧାରଣ ସତ୍‌କାର୍ଯ୍ୟପାଇଁ ଟ ୧୦୦୦୯ ଙ୍କା ଦାନ ଦେବା ମାତ୍ର । ମୟୂରଭଞ୍ଜ ମହାରାଜାଙ୍କର ଅନେକ ବଡ଼ ଦାନର କଥା ପାଠକମାନଙ୍କୁ ଜଣା । ଏହା ତାଙ୍କ ପକ୍ଷରେ ବିଶେଷ କିଛି ଅଭିନବ କଥା ନୁହେ ।

ଦେଓ୍ୱାନ ବାହାଦୁର

ଢ଼େଙ୍କାନାଳର ରାଜାବାହାଦୁରଙ୍କର କନିଷ୍ଠ ଭ୍ରାତା ଶ୍ରୀଯୁକ୍ତ ସୁରେଶଚନ୍ଦ୍ର ସିଂହଙ୍କୁ ସରକାରଙ୍କଠାରୁ ଦେଓ୍ୱାନ ବାହାଦୁର ଉପାଧି ପ୍ରାପ୍ତ ହୋଇଥିବାର ଅବଗତହୋଇ ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ; ଢେଙ୍କାନାଳର ରାଜା ବାହାଦୁରଙ୍କ ସହିତ ଯେ ଅଛନ୍ତି ସାକ୍ଷାତ୍ କରିଥିବ ସେ ତାହାଙ୍କ ପ୍ରଶଂସା ନକରି ରହିପାରିବନାହିଁ । ଏପରି ଶାନ୍ତ ପ୍ରକୃତି, ନମ୍ର ସ୍ୱଭାବର ଲୋକ ରାଜାମାନଙ୍କ ମଧ୍ୟରେ ମଧ୍ୟ କମ ଦେଖାଯାନ୍ତି । ସେ ସେ ଗୋଟିଏ ରାଜ୍ୟର ଅଧୀଶ୍ୱର ଏପ୍ରକାର ଅହଙ୍କାର ତାଙ୍କ ହୃଦୟରେ ଆଦୌ ନଥିବାର ଦେଖାଯାଏ । ଶ୍ରୀଯୁକ୍ତ ସୁରେଶଚନ୍ଦ୍ର ସିଂହ ମହାଶୟ ତାହାଙ୍କର ଯୋଗ୍ୟ ଭ୍ରାତା ଅଟନ୍ତି ଏଥିରେ ସନ୍ଦେହ ନାହିଁ । ସେ ମହାଶୟ ଢେଙ୍କାନାଳ ରାଜ୍ୟର ଦେଓ୍ୱାନ କାର୍ଯ୍ୟଭାର ଗ୍ରହଣକରି ଯୋଗ୍ୟତାର ସହିତ କାର୍ଯ୍ୟ ଚଳାଇ ଆସୁଅଛନ୍ତି । ବର୍ତ୍ତମାନ ସରକାର ତାହାଙ୍କର କାର୍ଯ୍ୟରେ ତୁଷ୍ଟ ହୋଇ ତାହାଙ୍କୁ ଦେଓ୍ୱାନବାହାଦୁର ଉପାଧି ଦାନ କରିଅଛନ୍ତି । ଓଡ଼ିଶାରେ କେବଳ ଏହି ଉପାଧିପ୍ରାପ୍ତ ହୋଇଥିଲେ । ନିର୍ମଳ ଏ ମହାଶୟ ଏହି ଉପାଧି

ପ୍ରାପ୍ତ ହେଲେ । ବିଶେଷତଃ ଓଡ଼ିଶାର ରାଜକୁମାରମାନଙ୍କ ମଧ୍ୟରୁ ଏ ପର୍ଯ୍ୟନ୍ତ କେହି ଉପାଧି ପ୍ରାପ୍ତ ହୋଇ ନ ଥିଲେ । ରାଜବଂଶରେ ଏହା ପ୍ରଥମ । ରାଜାମାନଙ୍କର ନିଜ ନିଜର ଭ୍ରାତାମାନେ ଯେବେ ଏହିପରି ଯୋଗ୍ୟତାର ସହିତ ରାଜ୍ୟଶାସନରେ ରାଜାମାନଙ୍କୁ ସାହାଯ୍ୟ କରନ୍ତି ତାହାହେଲେ ରାଜାମାନଙ୍କର ଓ ରାଜ୍ୟର ପ୍ରଜାମାନଙ୍କର ଯଥେଷ୍ଟ ମଙ୍ଗଳ ସାଧନ ହୁଅନ୍ତା ଏଥିରେ ସନ୍ଦେହ ନାହିଁ । ଅମ୍ଭେମାନେ ଶ୍ରୀଯୁକ୍ତ ଦେଓ୍ୱାନବାହାଦୁର ସୁରେଶଚନ୍ଦ୍ର ସିଂହଙ୍କର ଦୀର୍ଘ ଜୀବନ କାମନା କରୁଅଛୁଁ ।

କଳାହାଣ୍ଡି ରାଜା ସାହେବଙ୍କ ଦାନ

ଅତ୍ୟନ୍ତ ଆନନ୍ଦର ସହିତ ପ୍ରକାଶିତ ହେଲା ଯେ କଳାହାଣ୍ଡିର ରାଜାସାହେବ କଟକ ରାମକୃଷ୍ଣ କଟେଜ ନିର୍ମାଣ ପାଇଁ ଟ ୫୦୦ ଦାନ କରିଅଛନ୍ତି । କଟକ ରାମକୃଷ୍ଣ କଟେଜ ଓଡ଼ିଶାରେ ଗୋଟିଏ ମହତ୍ ଓ ଆଦର୍ଶ ଅନୁଷ୍ଠାନ, ମାତ୍ର ଅର୍ଥାଭାବରୁ କମିଟିର ହୋଇ ସୁଦ୍ଧା ଏ ପର୍ଯ୍ୟନ୍ତ ଗୃହ ନିର୍ମାଣ ହୋଇ ପାରୁନାହିଁ । ରାଜା ସାହେବ ଏ ଅନୁଷ୍ଠାନକୁ ୫୦୦ ଟଙ୍କା ଦାନକରି ଅନୁଷ୍ଠାନଟିର ମହତ ଉପକାର ସାଧନ କରିଅଛନ୍ତି । ରାଜାସାହେବଙ୍କ ପରି ଓଡ଼ିଶାର ଅନ୍ୟାନ୍ୟ ରାଜାମାନେ ଶୁଭ ଦୃଷ୍ଟିଦେଲେ ଅନେକ ମହତ କାର୍ଯ୍ୟ ସହଜରେ ସାଧିତ ହୋଇ ପାରିବ ।

ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି

ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଗୋଟିଏ ଅଧିବେଶନ ଗତ ତା ୨୭ । ୨୮ ତାରିଖରେ କଟକର ସ୍ୱରାଜ୍ୟାଶ୍ରମଠାରେ ହୋଇଥିଲା । କର୍ମଚାରୀ ସଂଘ ଏଥିପୂର୍ବରୁ ବ୍ୟବସ୍ଥାପକ ସଭାକୁ ସଭ୍ୟ ପଠାଇବା କାରଣ ଯାହା ସ୍ଥିର କରିଅଛନ୍ତି ତାହାର ପୁନଃନିଶ୍ଚୟ ହୋଇଥିଲା । ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ଓ ନନ୍ଦକିଶୋର ମିଶ୍ର କାଉନସିଲ ସଭାକୁ ପଠାଯିବେ ବୋଲି ସ୍ଥିର ହେଲା । ତନ୍ମଧ୍ୟରୁ ନୀଳକଣ୍ଠ ଦାଶ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ଏମ୍. ଏଲ୍. ଏ ଯଥାକ୍ରମେ ପୁରୀ ସଦର ଓ ସିଂହଭୂମର ପ୍ରାଦେଶିକ ବ୍ୟବସ୍ଥାପକ ସଭାକୁ ପଠାଯିବାର ସ୍ଥିର ହୋଇଥିଲା । ଆସନ୍ତା ଆସାମ କଂଗ୍ରେସ ପାଇଁ ଯଥାକ୍ରମେ ଶ୍ରୀନିବାସ ଆୟେଙ୍ଗାର, ପଣ୍ଡିତ ମୋତିଲାଲ ନେହେରୁ, ଲାଲା ଲଜପତ ରାୟ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମ କରାଯାଇଥିଲା ।

ଶକ୍ତି ମୋକଦ୍ଦମା

ଆସିଷ୍ଟାଣ୍ଟ ସେଟଲ୍‌ମେଣ୍ଟ ଅଫିସର ବାବୁ ଦେବେନ୍ଦ୍ର ନାଥ ଗୁପ୍ତ ସେଭ ଏଣାବାବୁଙ୍କ ପୁରୁଷ ଅଛନ୍ତି ତାଙ୍କ ବିରୁଦ୍ଧରେ 'ଶକ୍ତି' ପତ୍ରିକା

କେତେକ ବିଷୟ ପ୍ରକାଶ କରିଥିବାରୁ ଆସିଷ୍ଟାଣ୍ଟ ସେଟଲ୍‌ମେଣ୍ଟ ଅଫିସର ବାବୁ ଦେବେନ୍ଦ୍ର ନାଥ ଗୁପ୍ତ ତାଙ୍କ ବିରୁଦ୍ଧରେ ଯେଉଁ ମାନହାନି ମୋକଦ୍ଦମା ଦାଏର କରିଥିଲେ ତଦ୍‌ବିଷୟ ସମସ୍ତଙ୍କୁ ଜଣାଅଛି । ଉକ୍ତ ମୋକଦ୍ଦମା ସ୍ୱଶରୁ ଟାନୁଫାନ ହୋଇ ଆସି କଟକରେ ବିଚାର ହୋଇଥିଲା । ବିଚାରରେ ଶକ୍ତିପତ୍ରିକାର ସମ୍ପାଦକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଟ ୨୫୦ ଜୋରିମାନା ଅଭାବେ ୩ ମାସ ବିନାଶ୍ରମରେ କାରାବାସ ଭୋଗକରିବାକୁ ଦଣ୍ଡଦିଆ ହୋଇଥିଲା । ଉକ୍ତ ଦଣ୍ଡ ଆଜ୍ଞା ବିରୁଦ୍ଧରେ ପୂର୍ଣ୍ଣବାବୁ କଟକର ଶ୍ରୀଯୁକ୍ତ ଜଜ୍ ସାହେବଙ୍କ ନିକଟରେ ଅପିଲ ଦାଏର କରିଥିଲେ ମାତ୍ର ଜଜ୍ ସାହେବ ନିମ୍ନ ଅଦାଲତଙ୍କ ରାୟ ବାହାଲ ରଖିଥିଲେ ପୂର୍ଣ୍ଣବାବୁ ପୁନଶ୍ଚ ହାଇକୋର୍ଟରେ ଅପିଲ ଦାଏର କରିଥିଲେ । ହାଇକୋର୍ଟ ଅପିଲ ବିଚାରରେ ସନ୍ତୋଷଜନକ ଯାହାସବୁ ଉଲ୍ଲେଖ ଥିଲା ସେସମସ୍ତ ଏକପ୍ରକାର ବିଶ୍ୱାସ କରୁଅଛନ୍ତି ଏବଂ ମକଦ୍ଦମା ସମ୍ବନ୍ଧେ ହାଇକୋର୍ଟ ରାୟରେ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହା ତାଙ୍କର ରାୟରେ ଉଲ୍ଲେଖ ଅଛି । ରାୟରେ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଭଲ 'ଶକ୍ତି' ପତ୍ରିକା ପ୍ରକାଶ କରି ଅଛନ୍ତି । କେବଳ ପ୍ରବନ୍ଧଟିରେ ସଂଯତ ଭାଷା ବ୍ୟବହାର ହୋଇନଥିବାରୁ ଟ ୨୫୦ ଜୋରିମାନାରୁ ଟ ୨୫ କୁ କମାଇ ଦେଇଅଛନ୍ତି ।

ଗୋଦାବରୀଶ ବାବୁଙ୍କ ମୋକଦ୍ଦମା

ଶ୍ରୀଯୁକ୍ତ ବାବୁ ଗୋଦାବରୀଶ ମିଶ୍ର [illegible] ଙ୍କ ଅପିଲ ମୋକଦ୍ଦମା ସମ୍ପର୍କରେ ଏଥର ପଞ୍ଚବାର ସ୍ଥିର ହୋଇଥିଲା । ତା ୭ ରିଖରେ ଶୁଣାଣି ହେବାର କଥା ଥିଲା, ମାତ୍ର ମୋକଦ୍ଦମାର କାଗଜପତ୍ର ବହୁତ ବେଶୀ ଥିବା ଏବଂ ଶୁଣାଣି ହେଲେ ଶେଷ ହେବା ପକ୍ଷରେ ସନ୍ଦେହ ହେବାରୁ ଏଥର ହୋଲି-ଡ଼େମାନ୍ ଏଥିପରେ ଯେଉଁ ପର୍ଦ୍ଦିଷ୍ଟ ଦିନ ଦିଆଯିବ ତହିଁରେ ଶୁଣାଣି ହେବାର ନିମନ୍ତେ ସ୍ଥଗିତ ରହିଲା । ଜଜ ମହୋଦୟମାନଙ୍କର ଇଚ୍ଛା ଥିଲା ଏ ମୋକଦ୍ଦମା ପାଟନାରେ ବିଚାର ହେବା କାରଣ ଗଲେ ସୁବିଧା ହୁଅନ୍ତା । ମାତ୍ର ଆମମାନେ ଆପତ୍ତି କରିଥିଲେ ଯେ ସେଠାକୁ ଗଲେ ସେମାନଙ୍କୁ ଅନେକ କଷ୍ଟ ହେବାକୁ ହେବ । ଏଠାରେ ଜମିଦାରଙ୍କ ଯେଉଁ ଉକିଲମାନେ ମକଦ୍ଦମା ଚଳାଇଥିଲେ ସେମାନେ ଦାଗିକୁ ପକ୍ଷ ରଖିଅଛନ୍ତି । ପାଟନାର ଉକିଲ ମାନଙ୍କୁ ବୁଝାଇବା କାରଣ ଉକ୍ତ ଉକିଲମାନଙ୍କୁ ପାଟନାଯିବାକୁ ହେବ ମଧ୍ୟ ସେମାନଙ୍କର ଶକ୍ତି ନାହିଁ । ତେଣୁ ଉକ୍ତ ଅପିଲ ମୋକଦ୍ଦମା କଟକରେ ବିଚାର ହେବାକୁ ରହିଲା ।

Digitized by srujanika@gmail.com

ଉତ୍କଳଦୀପିକା ।

ଜୁଲାଇ ତା ୧୦ ରିଖ ଶନିବାର ।

ବେକାର

ଆମ୍ଭେମାନେ ଉକୋଟି ପ୍ରକାରର ବେକାରଙ୍କର ସୂଚନା ଦେଇଅଛୁଁ । ତହିଁ ମଧ୍ୟରେ ପ୍ରଥମଶ୍ରେଣୀ ଶିକ୍ଷିତ ଯୁବକବୃନ୍ଦ । ସରକାର ବିଦେଶୀ, ତାଙ୍କର ଭାଷା ପୃଥକ । ଶାସିତ ପ୍ରଜାସମୂହ । ତେଣୁ ତାଙ୍କ ଭାଷାରେ ଅଭିଜ୍ଞ ବ୍ୟକ୍ତି ଏହି ଦେଶରେ ମିଳିଲେ ଶାସନକାର୍ଯ୍ୟ ସୁସ୍ପଷ୍ଟରୂପେ ଚଳିବା ଉଦ୍ଦେଶ୍ୟରେ ଇଂରାଜୀ ଶିକ୍ଷାର ବ୍ୟବସ୍ଥା କରିବା ବିଶେଷ ଅବଶ୍ୟକ ହୋଇପଡିଲା । କ୍ରମେ ଯେ ଇଂରାଜୀ ଶିକ୍ଷା କଲେ ସରକାର ତାଙ୍କୁ ଶନ୍ତେ ଶନ୍ତେ ସ୍ୱଚ୍ଛନ୍ଦ ଦେଇ ଅପଣାର ରାଜ୍ୟଶାସନ କାର୍ଯ୍ୟରେ ନିଯୁକ୍ତ କଲେ । ଏଥିରେ ଲୋକେ ପ୍ରଲୋଭିତ ହୋଇ ସମସ୍ତେ ଇଂରାଜୀ ଶିକ୍ଷା କରିବାକୁ ଲାଗିଲେ । ଇଂରାଜୀ ଶିକ୍ଷା କରିବା ମଧ୍ୟ ଅନ୍ୟାନ୍ୟ କାରଣରୁ ବିଶେଷ ଅବଶ୍ୟକ ଏଥିରେ ସନ୍ଦେହ ନାହିଁ । ଜଗତର ପ୍ରଧାନ ଘଟଣା ଓ ରାଜ ପ୍ରତିନିଧିମାନଙ୍କୁ ଜଣାଇବା ସକାଶେ ଇଂରାଜୀ ଜାଣିବା ଅବଶ୍ୟକ । କିନ୍ତୁ ଏହି ସବୁ ଉଦ୍ଦେଶ୍ୟ ନିମନ୍ତେ ଇଂରାଜୀ ଭାଷା ଶିକ୍ଷା କରିବାର ଆବଶ୍ୟକ ହେଲେହେଁ ଯେତିକି ପ୍ରୟୋଜନ, ସେତିକି ହେଲେ ଯଥେଷ୍ଟ ହୁଅନ୍ତା ନାହିଁ । କିନ୍ତୁ ଲୋକେ ଏକାବେଳେକେ ସବୁ କଥା ଭୁଲି ଯାଇ ଅପଣାଙ୍କୁ ଉଚ୍ଚ ବିଷୟ ନ କରି ଇଂରାଜୀ ଭାଷାର ଶିକ୍ଷା କରିବାକୁ ଲାଗିଲେ—ତହିଁ ସଙ୍ଗେ ସଙ୍ଗେ ଜାତିର ଅସ୍ଥିର ବ୍ୟବହାରି ସବୁ ପରିତ୍ୟାଗ କରି ବିଦେଶୀୟ ଅସ୍ଥିର ବ୍ୟବହାର ଅନୁକରଣ କରିବାକୁ ଆରମ୍ଭ କଲେ । ସରକାରଙ୍କର କାର୍ଯ୍ୟ ସକାଶେ ପ୍ରଥମେ ଲୋକ ମିଳୁ ନ ଥିଲେ, ତେଣୁ ସରକାର ଇଂରାଜୀ ଶିକ୍ଷା ପ୍ରାପ୍ତ ବ୍ୟକ୍ତିମାନଙ୍କୁ ଆଦର କରି ଅପଣାର କାର୍ଯ୍ୟ ସକାଶେ ଗ୍ରହଣ କରୁଥିଲେ । ଏକ୍ଷଣି ସରକାରଙ୍କର ଯେତେ ଲୋକ ଅବଶ୍ୟକ ତାହାର ସହସ୍ର ଗୁଣ ଅଧିକ ଲୋକ କେବଳ ସରକାରଙ୍କର କାର୍ଯ୍ୟରୁ ଆଶାକରି ରହିଲେ । ସମସ୍ତଙ୍କୁ ଏତେ ଲୋକଙ୍କୁ ଚାକିରୀ ସରକାର ଦେବେ କାହିଁ କି ? ତାଙ୍କ ଆଗରେ ଯିଏ ମଧ୍ୟରୁ ବାଛି ବାଛି ଗୋଟିକେତେ ଲୋକ ଅଂଶରୁ ଗ୍ରହଣ ଦେବାର ହୋଇ ବସିଲେ । ସରକାର ଯେଉଁ ଧାରଣରେ ଶିକ୍ଷାର ବ୍ୟବସ୍ଥା କରିଅଛନ୍ତି ତହିଁରେ ତାଲିମ ହୋଇ ବାହାରିବା ଲୋକଙ୍କୁ କେବଳ ଚାକିରୀ ଉପଯୁକ୍ତ ହେବା ଛଡ଼ା ସେମାନେ ଅନ୍ୟ କୌଣସି କାର୍ଯ୍ୟକୁ ଯୋଗ୍ୟ ନୁହନ୍ତି । ସୁତରାଂ ଚାକିରୀ ନ ମିଳିଲେ ଅନ୍ନ କଷ୍ଟ ଉପରେ କଣ ! ବେକାର ଅବସ୍ଥାରେ ରହିଲେ କେତେ ନାନାପ୍ରକାର ଦୁର୍ଦ୍ଦଶାର ଉପରେ ନାହିଁ । ଦେଶ କୌଣସି ଅନ୍ୟ ଉନ୍ନତିର କାର୍ଯ୍ୟରେ ପ୍ରବୃତ୍ତ ହେବା ଅବଶ୍ୟମ୍ଭାବୀ । ଏ ଶ୍ରେଣୀର ଲୋକର ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେଉଛି, କମିବାକୁ ନାହିଁ । ଏମାନଙ୍କ ସହାୟ ଉପାୟ କଣ, ଏଥିରେ ଶାସନକର୍ତ୍ତାଙ୍କର ଶାସନପ୍ରଣାଳୀରେ ଦୋଷ ନାହିଁ କି ? ଦେଶରେ ଶିକ୍ଷା ସ୍ୱାଧୀନ ଶାସନକର୍ତ୍ତାମାନଙ୍କ ହସ୍ତରେ, ଶାସନପ୍ରଣାଳୀମାନଙ୍କ ଦୃଷ୍ଟିରେ ଜାତୀୟ ଶ୍ରୀବୃଦ୍ଧି ହୁଏ ଏବଂ ସକଳର ପ୍ରଜାବର୍ଗ ସୁଖୀ ହୁଅନ୍ତି । ଶାସନକର୍ତ୍ତାଙ୍କର ଶାସନ ଗୁଣରେ ରାଜ୍ୟର ଲୋକେ ଧାର୍ମିକ ଓ କାର୍ଯ୍ୟକୁଶଳୀ ହୁଅନ୍ତି । ଶାସନଗୁଣରେ ଦେଶ ସମୃଦ୍ଧିଶାଳୀ ହୁଏ, ପ୍ରଜାବର୍ଗ ଧନୀ ହୁଅନ୍ତି । ବର୍ତ୍ତମାନ ଯେତେ ରାଜ୍ୟର ଅଧିକାଂଶ ଲୋକେ ଯେ ସାହାର ଅବସ୍ଥାର ଅତିରିକ୍ତ ଅର୍ଥ ଧ୍ୱଂସକରି ଶେଷକୁ ବେକାରହୋଇ କଷ୍ଟ ହେବାକୁ ବସିଲେ, ତେବେ ଏଥିରେ ଶାସନପ୍ରଣାଳୀକୁ ଦୋଷ ନ ଦେଇ ଆଉ କାହାକୁ ଦୋଷ ଦିଆଯାଇ ପାରେ !

ହାଇକୋର୍ଟ ବିଗ୍ରହ

କେବଳ କେତେକଗୁଡ଼ିଏ ବିଶେଷ ବାହାର ମକଦମାଛଡ଼ା ସାଧାରଣ ମକଦମା ସବୁର ଶେଷ ନିଷ୍ପତ୍ତିର ଉଚ୍ଚତମ ଆଦାଲତ ହେଉଅଛନ୍ତି ହାଇକୋର୍ଟ; ବହାର ଓଡ଼ିଶା ହାଇକୋର୍ଟ ପାଟଣା—କଟକରୁ ଦୂରବର୍ତ୍ତୀ ଥିବାରୁ କଟକରେ ସାରକିଟ କୋର୍ଟର ବ୍ୟବସ୍ଥା ହୋଇଅଛି । ଲୋକେ ସେମାନଙ୍କର ଶେଷ ବିଚାର ପାଇବା ନିମନ୍ତେ ପ୍ରଲୋଭିତ ହୋଇ ହାଇକୋର୍ଟଙ୍କର ଆଶ୍ରୟ ନେବାକୁ ବଢ଼ିଛ ଆସୁଅଛନ୍ତି । କଲିକତା ହାଇକୋର୍ଟ ସମୟରେ ଓଡ଼ିଶାରୁ ଯେତେ ହାଇକୋର୍ଟ ମକଦମା ହେଉଥିଲା ବର୍ତ୍ତମାନ କଟକରେ ଦାଖଲକରିବାର ସୁବିଧା ହେବା ଦିନରୁ ତହିଁର ପରିମାଣ ଯେ ଅନେକଗୁଣରେ ବୃଦ୍ଧି ହୋଇଅଛି ଏଥିରେ ସନ୍ଦେହ ନାହିଁ । କିନ୍ତୁ ଲୋକେ କାହିଁକି ଏପରି ଲାଳାୟିତ ହୋଇ କୋର୍ଟଫିସ ଆଦ ଦେଇ ହାଇକୋର୍ଟରେ ମାମଲା ଦାଏର କରୁଅଛନ୍ତି ! ସୁବିଚାର ଆଶାରେ । ସେମାନଙ୍କର ବିଶ୍ୱାସ ନିମ୍ନ ଅଦାଲତ ମାନଙ୍କରେ ସୁବିଚାର ହୋଇନାହିଁ । ହାଇକୋର୍ଟରେ ବିଚାର ହେଲେ ଠିକ ନ୍ୟାୟ ବିଚାର ହେବ । ଏହି ଆଶାରେ ଅଧିକାଂଶ ସର୍ବସ୍ୱ ହରାଇ ସର୍ବସ୍ୱାନ୍ତ ହୋଇ ଟଙ୍କା ଦେଇ ହାଇକୋର୍ଟକୁ ଦଉଡ଼ୁଅଛନ୍ତି । ସ୍ୱୀକାର କରୁଁ କୌଣସି ୨ ମକଦମା ଦାଖଲ କରିବା ଯେତେବେଳେ ଓକିଲମାନେ ଫେସିଲ ଦେଇଥାନ୍ତି ସେତେବେଳେ ଭଲ ହୋଇଥାଆନ୍ତା; କାଳ ସବୁ ମକଦମାରେ କିଛି ହୋଇନାହିଁ ।

ହାଇକୋର୍ଟର ଜଜ ମହୋଦୟମାନେ ଗତ ଦୁଇ ସପ୍ତାହ ଏଠାରେ ବସି ଯେପରି ଭାବରେ ମକଦମା ବାତିଲକଲେ ତହିଁରେ ସାଧାରଣ ଜନମାନଙ୍କର ହୃଦୟରେ ନୈରାଶ୍ୟ ଓ ଅବିଶ୍ୱାସର ଛାୟା ଜନ୍ମିବାକୁ ଲାଗିଅଛି । ଯଦି ଏହି ଗତି ପରିବର୍ତ୍ତନ ନ ହୁଏ ତାହାହେଲେ ଜନସାଧାରଣଙ୍କର ବିଶେଷତଃ ଉତ୍କଳବାସିମାନଙ୍କର ଆଉ ହାଇକୋର୍ଟ ବିଚାର ପ୍ରତି ଭକ୍ତି ଏକାବେଳେକେ ରହିବ ନାହିଁ । ଏଠାରେ ସାରକିଟ କୋର୍ଟ ଥାଇ ଜନସାଧାରଣ ଆନନ୍ଦ ହେଉଥିଲେ ଯେ ସେମାନେ ଅଳ୍ପ ବ୍ୟୟ କରି ପାଟନା ଯିବାରୁ ରକ୍ଷାପାଇଲେ, କିନ୍ତୁ ବିଚାରସମ୍ବନ୍ଧେ ଯେପରି ଦେଖାଯାଉଅଛି ଏଠାରେ ସାରକିଟ କୋର୍ଟ ବସିବା ଅଥବା ଅପବ୍ୟୟ ଛଡ଼ା ସେମାନଙ୍କର କୌଣସି ମଙ୍ଗଳର କାରଣ ନୁହଁ । ଗୋଟିଏ କଥା—ହାଇକୋର୍ଟର ଜଜମାନେ ଛଅମାସ ମାସରେ ଥରେ ଆସି ଦୁଇ ବା ତିନି ସପ୍ତାହ ମାତ୍ର ଏଠାରେ ରହନ୍ତି । ଏଠାର ଓକିଲମାନେ ତାଙ୍କର ସେମାନଙ୍କ ନିକଟରେ ହାଜର ହେବାକୁ ଅଭ୍ୟସ୍ତ ନୁହନ୍ତି । ତହିଁରେ ଗୁଣି ଜଜମାନେ ଯଦି ସେମାନଙ୍କୁ ସମସ୍ତ କଥା କହିବାକୁ ଅବସର ନ ଦେଇ ତାଡ଼ାତାଡ଼ି ଗତ କରନ୍ତି ତାହାହେଲେ ସେମାନେ ଯାହା କହି ସବୁ ଚାହିଁ ଆସି ଆନ୍ତି ଦୌଡ଼ ବେଞ୍ଚରେ ଅଧିକାଂଶ ହୁଅନ୍ତି ଯାନ୍ତି । କୌଣସି ମକଦମାରେ ଉଭୟ ପକ୍ଷ ଉକ୍ତି ପାଇବେନାହିଁ ଏ କଥା ସମସ୍ତେ ଜାଣନ୍ତି । ସେମାନେ କିନ୍ତୁ ଅର୍ଥ ବ୍ୟୟକରି ଏତିକି ଆଶା କରିଥାନ୍ତି ଯେ ଜଜ ମହୋଦୟମାନେ ସେମାନଙ୍କର ସମସ୍ତ ଗୁହାରି ଉତ୍ତମରୂପେ ଶୁଣି ଧୀର ସ୍ଥିର ଭାବରେ ବିଚାର କରି ଆପଣା ଆପଣାର ଶେଷ ନିଷ୍ପତ୍ତି ପ୍ରକାଶ କରିବେ । ଯଦି ସେମାନଙ୍କର ସେ ଆଶା ପୂର୍ଣ୍ଣ ନ ହୁଏ ଏବଂ ମାମଲାଟି ଧରିବାମାତ୍ରେ କହନ୍ତି ସେ ଏଥିରେ କିଛି ନାହିଁ; ଆମ୍ଭେମାନେ ନଥି ପଢି ଅଛିଁ, ତାହାହେଲେ ବୃଥାରେ କଟକ ଆସିବାର ପ୍ରୟୋଜନ କାଁଣ ଓ ମଧ୍ୟ ଓକିଲ ବାରିଷ୍ଟରମାନଙ୍କୁ ଏତେ ଟଙ୍କା ଦେଇ ହାଜର କରାଇବାର ପ୍ରୟୋଜନ କାଁଣ ? ପାଟନାରେ ବସି ନଥି ପଢି ଡିଗ୍ରୀ ଡିସ୍‌ମିସ୍ ସମ୍ବାଦ ଡାକରେ ପଠାଇ ଦେଉଥିଲେ ଚଳୁଥାନ୍ତା । ପକ୍ଷ ମାନଙ୍କୁ ଓକିଲ ବାରିଷ୍ଟରଙ୍କ ସକାଶେ ଏତେ ଅର୍ଥବ୍ୟୟ କରିବାକୁ ପଡନ୍ତା ନାହିଁ । ଆମ୍ଭେମାନେ ବିଶ୍ୱାସକରୁଁ ଯେ ଜଜ୍‌ସାହେବ ମହୋଦୟମାନେ ମଧ୍ୟ ସ୍ୱୀକାର କରିବେ ଏଠାରେ ଯାହା ନିଷ୍ପତ୍ତି କରନ୍ତି ତାହା ଅତି ଦ୍ରୁତ ଗତିରେ ଧାବମାନ ହୋଇ ବିଚାର କରିବାକୁ ପଡେ । ଏପରି ବିଚାରକେ ପକ୍ଷ ଏବଂ ଓକିଲ ତାହାର ତୃପ୍ତି ହୋଇ ପାରେ କି ? ନିମ୍ନ ଅଦାଲତରେ ଜଜ୍‌କୋର୍ଟ ବିଚାରକୁ ସାଧାରଣତଃ ଲୋକେ ହୁଙ୍କାପିଟା ବିଚାର ବୋଲି କହନ୍ତି । ବର୍ତ୍ତମାନ ହାଇକୋର୍ଟ ବିଚାରକୁ ମଧ୍ୟ ସେହି ଅଖ୍ୟା ଦେବାକୁ ବାଧ୍ୟ ହେଲେଣି । ଗତ ସାରକିଟରେ ପ୍ରାୟ ୨୦୦ ମୋକଦ୍ଦମା ଶୁଣାଣି ନିମନ୍ତେ ପ୍ରସ୍ତୁତ ଥିଲା । ତହିଁମଧ୍ୟରୁ ଅତି ଅଳ୍ପ ସଂଖ୍ୟକ ବାକି ରହିଗଲା; ବାରଦିନ ଭିତରେ ଜଜ ସାହେବମାନେ ତାହା ସବୁପ୍ରତି କିପରି ବିଚାର ଦେଇଗଲେ । ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ଛଡ଼ା ଆଉ କଣ କୁହାଯାଇପାରେ ? ଏପରି ବିଚାର ସକାଶେ ଏଠାରେ ସାରକିଟ କୋର୍ଟ ନ ବସି ଉଠିଯିବା ବରଂ ଶ୍ରେୟ ।

ଶିଳ୍ପବିଭାଗ

ବହାର ଓଡ଼ିଶା ଶିଳ୍ପବିଭାଗଙ୍କର କୌଣସି ଅନୁଷ୍ଠାନ ଓଡ଼ିଶା ଏ ପର୍ଯ୍ୟନ୍ତ ଦୃଷ୍ଟି ପାଉ ନ ଥିଲା । ଉତ୍କଳ ଟିସ୍ତଲର୍ ଆଟ ସୋସିଏସନର ସଂସ୍ଥାପକଙ୍କ ଅନୁରୋଧରେ ଏକ୍ଜିବିସନ୍ (ଏଗ୍ରିସୁପ) ସମ୍ବନ୍ଧେ ତଦନ୍ତ କରିବା କାରଣ ଶିଳ୍ପବିଭାଗର ଡାଇରେକ୍ଟର ମହୋଦୟ ଭାଗଲପୁର ଶିଳ୍ପ ଇନଷ୍ଟିଚ୍ୟୁଟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଓଡ଼ିଶାକୁ ପଠାଇଥିଲେ । ସେ ତଦନ୍ତକରି ରିପୋର୍ଟ ଦେବା ପରେ ଅନୁସନ୍ଧାନ ପୂର୍ବକ ଜଣେ ଏକ୍ସପାର୍ଟ ପଠାଇ ଅଛନ୍ତି, ଓଡ଼ିଆ ଟ୍ରେଡ଼ ଜର୍ଣ୍ଣଲର ସଂପାଦକ ମଧ୍ୟ ଲାଗି ପଡ଼ିଅଛନ୍ତି—ଆଶା କରାଯାଏ ପରିବ ଓଡ଼ିଆମାନେ ଶୀଘ୍ର ଏହି ସୁଯୋଗ ଧରି ଲାଭବାନ୍ ହେବେ ।

ଓଡ଼ିଶାରେ ଶିଳ୍ପର ବେଶ ଉନ୍ନତି ନ ହୁଏ । ଅନେକ ଲୋକ ଅଛନ୍ତି ସେମାନେ ନାନାପ୍ରକାର ଶିଳ୍ପର କାମ ପ୍ରସ୍ତୁତ କରନ୍ତି । ମାତ୍ର ଉପାୟ ଅଭାବରୁ ସେହି କାର୍ଯ୍ୟର କୌଣସି ଉନ୍ନତି ଦେଖାଯାଉନାହିଁ । ଶିଳ୍ପ ବିଭାଗ ଏପ୍ରକାର କାର୍ଯ୍ୟର ଉନ୍ନତି ସକାଶେ ଯତ୍ନକଲେ ଏହି ଶିଳ୍ପଟିର ଯଥେଷ୍ଟ ଉନ୍ନତି ସାଧିତହେବ ଏବଂ ଅନେକ ଗୁଡ଼ିଏ ଲୋକ ପ୍ରତିପାଳିତ ହେବେ ।

ଓଡ଼ିଶାରେ ଅନେକଗୁଡ଼ିଏ ସ୍ଥାନଅଛି ସେଠାଁରେ ବହୁ ବାଉନ ତିଆରି ହୁଏ । ସେମାନେ ସମସ୍ତେ ହାତରେ ସେମାନଙ୍କର ସ୍ୱହସ୍ତ କେତେକ ହତିଆରରେ କାର୍ଯ୍ୟ କରନ୍ତି । ଯଦି ସେହି କାର୍ଯ୍ୟ ସୁନ୍ଦର ଉନ୍ନତ ସକାଶେ ଓ ମଧ୍ୟ ଅଳ୍ପ ପରିଶ୍ରମରେ ହେବାପରି କେତେକ ଯନ୍ତ୍ରର ସାହାଯ୍ୟ ମିଳନ୍ତା ତାହାହେଲେ ସେମାନେ ଯଥେଷ୍ଟ ଉନ୍ନତି ସାଧନ କରିପାରନ୍ତେ । ସହଯୋଗ ବିଭାଗ ବୈଦ୍ୟନାଥପୁର, ଖାସପୁର, କଣ୍ଠୀମୁଣ୍ଡା ଓ ବାଲକାଟି ଏପରି ଉନ୍ନତିସ୍ଥାନରେ ଗୋଟିଏ ଗୋଟିଏ ସୋସାଇଟି ଖୋଲିଅଛନ୍ତି କିନ୍ତୁ ଶିଳ୍ପବିଭାଗ କିଛି କରିନାହାନ୍ତି । ଆମ୍ଭେମାନେ କୌଣସି ବଡ଼ ୨ କଳକାରଖାନାର କଥା କହୁନାହୁଁ । କମ୍ ଖରଚରେ ଏବଂ ସାଧାରଣ ଲୋକଙ୍କ ଦ୍ୱାରା ଯାହା ହୋଇପାରିବାର ସଂକ୍ଷିପ୍ତ ଶିଳ୍ପ ବିଷୟ ଯେବେ ସେହିପ୍ରକାର କୌଣସି ଯନ୍ତ୍ର ସାହାଯ୍ୟର ବ୍ୟବସ୍ଥା କରନ୍ତେ ତାହାହେଲେ ଦଂଶା ଶିଳ୍ପର ଶିଳ୍ପ କାର୍ଯ୍ୟ ଯଥେଷ୍ଟ ଉନ୍ନତି ସାଧନ କରିପାରନ୍ତା । କୋଷ-ପୂର୍ଣ ଶିଳ୍ପବିଭାଗ ଏ ବିଷୟ କେବେ ବିଚାର କରିନାହାନ୍ତି । ଶିଳ୍ପବିଭାଗଙ୍କ ଠାରୁ ଆମ୍ଭେମାନେ ସୂକ୍ଷ୍ମ ଶିଳ୍ପ କୌଶଳର ଆଶାକରୁଁ । ଶିଳ୍ପବିଭାଗର କର୍ତ୍ତୃପକ୍ଷମାନେ ମନୋଯୋଗୀ ହୋଇ ଏ ସମ୍ବନ୍ଧେ ଅନୁସନ୍ଧାନ କଲେ ବିଶେଷ ଉପକାର ହୁଅନ୍ତା ।

ଓଡ଼ିଶାରେ ଯେତେ ଧାନ ହୁଏ ତହିଁରୁ ଅଧିକ ପରିମାଣ ଓଡ଼ିଶାରୁ ସ୍ଥାନାନ୍ତରକୁ ରପ୍ତାନି ହୋଇଯାଏ । ଧାନ କିଣାହେଲେ ସାହାନିଙ୍କି ତାକୁ ସୁବିଧାରେ ବସ୍ତାରେ ଅବଶ୍ୟ ତାହାଠାରୁ ଅନେକ ଅଧିକ ଲାଭ ଗରିବ କୃଷକଙ୍କ ପେଟରେ ପଡନ୍ତା । କେତେ ୨ ସ୍ଥାନରେ କଳଚାଉଳଶାଳା ଓଡ଼ିଶା ପକ୍ଷରେ ସୁବିଧାଜନକ ବୋଲି ଆମ୍ଭେମାନେ ମନେକରୁଁ ନାହିଁ । ତେବେ ମଧ୍ୟ ପ୍ରକୃତପକ୍ଷେ ଗରିବ କୃଷକ ପେଟକୁ କିଛି ଲାଭ ଆସିବାର ସମ୍ଭବ ନାହିଁ । ଆମ୍ଭମାନଙ୍କର ମତ ଯଦି କ୍ଷୁଦ୍ର ୨ କାରଖାନା ଗୋଟିଏ ୨ ମଫସଲରେ କୋଣାର୍କ ସବୁ ଅଂଚଳରେ ବେଶୀ ଧାନ ହୁଏ ସେହି ସବୁ ଅଞ୍ଚଳରେ ସ୍ଥାପିତ ହୁଅନ୍ତା ତାହାହେଲେ ସାଧାରଣ ଗରିବ କୃଷକ ମାନଙ୍କର ଯଥେଷ୍ଟ ଉପକାର ହୁଅନ୍ତା । ଶିଳ୍ପ ବିଭାଗଙ୍କର ଏପ୍ରତି ମନୋଯୋଗୀ ହେବା ବାଞ୍ଛନୀୟ ମନେକରୁଁ ।

ବର୍ତ୍ତମାନ ତାନ୍ତୁଙ୍କ ଅବସ୍ଥା ଯେପରି ହୋଇଅଛି ସେଥିରେ ଶିଳ୍ପର ଉନ୍ନତି ନ ହେଲେ ସେମାନଙ୍କୁ ଅନ୍ନ କଷ୍ଟରୁ ରକ୍ଷା କରିବାର ଅନ୍ୟ କୌଣସି ଉପାୟ ନାହିଁ । ଯେ କୌଣସି କାରଣରୁ ହେଉ, କ୍ରମେ ଶିଳ୍ପର ଧ୍ୱଂସ ଓ ଅବନତି ହେବାରୁ ଦେଶର ଦୁରବସ୍ଥା ଏପରି ବୃଦ୍ଧି ହୋଇଅଛି । ବର୍ତ୍ତମାନ ଧନସମ୍ପନ୍ନ ସେହି ଶିଳ୍ପ ଉନ୍ନତି ପ୍ରତି ମନୋଯୋଗୀ ନ ହେଲେ କ୍ରମେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେବ । ଆମ୍ଭେମାନେ ଅନେକ ଦିନରୁ ଶିଳ୍ପବିଭାଗଙ୍କୁ ଦୋଷ ଦେଇ ଆସୁଥିଲୁଁ ଯେ ଶିଳ୍ପବିଭାଗ ଓଡ଼ିଶା ପ୍ରତି ଆଦୌ ମନୋଯୋଗୀ ହେଉ ନାହାନ୍ତି । ବର୍ତ୍ତମାନ ନୂତନ ଡାଇରେକ୍ଟର ନିଯୁକ୍ତ ହୋଇ ଆସିବା ମହୋଦୟଙ୍କର ଆଗମନ ପରେ ତାହାଠାରୁ ଏଗ୍ରିସୁପର କାମ ନିମନ୍ତେ ସହାନୁଭୂତି ସହାୟ୍ୟ ପାଉଅଛୁଁ । ସେଥି ସକାଶେ ତାହାଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁଁ । ଆଶାକରୁଁ ନୂତନ ସାହେବ ମହୋଦୟ ଓଡ଼ିଶା ପ୍ରତି କଦାପି ଅମନୋଯୋଗୀ ନ ହୋଇ ଓଡ଼ିଶାର ଶିଳ୍ପ ଉନ୍ନତି ନିମନ୍ତେ ଯଥେଷ୍ଟ ଯତ୍ନବାନ ହେବେ ।

ଓଡ଼ିଆ ବାଳକର ମୃତ୍ୟୁ

ବି ଏନ୍ ରେଲ୍‌ଓ୍ୱେ ଇଣ୍ଡିଅନ୍ ଟେଲିକୁ ଇଞ୍ଜିନିୟରର ଖାଇବାର ବାହାର ଇନ୍‌ସପେକ୍ଟର ନିମ୍ନଲିଖିତ ବିଷୟ ପ୍ରକାଶାର୍ଥେ ପଠାଇ ଅଛନ୍ତି—

Split by PDF Splitter
Digitized by srujanika@gmail.com

ଗତ ୧୩-୩-୨୭ ତାରିଖରେ ସାପ୍ତାହିକ ଗାନ୍ଧୀ ଠରେ ଉତ୍କଳ ନାମକ ଗୋଟିଏ ଓଡ଼ିଆ କୁଲି ନଙ୍କ ଉପର ବି, ଏନ୍, ରେଲୱେ ଲୋକୋ ଡିପାର୍ଟମେଣ୍ଟରେ କାର୍ଯ୍ୟ କରୁଥିବା ଟେକ୍ନିକେଲ ଅସିଷ୍ଟାଣ୍ଟଙ୍କର ଆଦେଶରେ ଖାଲିକୁ ଫଢ଼େଇ ଆଣିବାରୁ ଯାଇ ଭୂତ ମରିଅଛି ଏ କଥା ସାଧାରଣ ଜାଣନ୍ତି । ଲୋକର ଭଉଡମ୍ବନ ଏ ବିଷୟରେ କାରେଜ୍ ଡିପାର୍ଟମେଣ୍ଟର ଦୃଷ୍ଟି ଆକର୍ଷଣ କରିଥିଲେ, ମାତ୍ର କିଛି ଫଳ ହୋଇନାହିଁ । ବର୍ତ୍ତମାନ ଉକ୍ତ ବିଷୟର ଡିଭିଜନାଲ ମାଜିଷ୍ଟ୍ରେଟ କୋର୍ଟରେ ଖାଡ୍ରଲିନ, ଫୋର୍ଡ, ମାନୁଏଲ୍, କ୍ଲାର୍କ ଏବଂ ପାସ୍କେଲ ସାହେବମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନର ୩୦୨ ଦଫା ଅନୁସାରେ ମୋକଦ୍ଦମା ଚାଲିଅଛି । ଗତ ତା ୨୪ ରିଖ ମାର୍ଚ୍ଚ ଦିନ ଲେବର ଲଞ୍ଜିନସ୍ପେକ୍ଟର ପରେ ହୋଇଥିବା ପଞ୍ଚାୟତ ନିର୍ଦ୍ଧାରଣ ବିଷୟ ମଧ୍ୟ ସର୍ବସାଧାରଣଙ୍କ ଗୋଚର ଅଛି । ବର୍ତ୍ତମାନ ସାହେବମାନେ ଜାମିନରେ ଖଲାସ ହୋଇଅଛନ୍ତି । ଫୋର୍ଡ କ୍ଲାର୍କ ମାନୁଏଲ୍ ଏବଂ ପାସ୍କାଲ ସାହେବମାନେ ରେଲୱେ କର୍ତ୍ତୃପକ୍ଷଙ୍କଦ୍ୱାରା ସସ୍‌ପେଣ୍ଡ ହୋଇଅଛନ୍ତି । ଏବଂ ଡାକ୍ତର ଇନସ୍ପେକ୍ଟର ମିଃ ଗାଡ୍ରଲିନ ମକଦ୍ଦମାର ଶେଷ ବିଚାର ନ ହେବା ପର୍ଯ୍ୟନ୍ତ ଖଡଗପୁରଠାରେ ଆବଦ୍ଧ ଥିବା ଦେବଳ କୋର୍ଟର ଅବକାଶ ନ ହେବାରୁ ସେ ସାନ୍ତ୍ୱନାକୁ ଯାଇ ନ ପାରିବାର ମଧ୍ୟ ଶୁଣାଯାଏ । ଏସମ୍ବନ୍ଧରେ ଅନ୍ୟାନ୍ୟ ବିବରଣ ଯଥା ସମୟରେ ପ୍ରକାଶ କରାଯିବ ।"

ବିଶିଷ୍ଟ ବିବାହ

ଗତ କେତେଦିନ ମଧ୍ୟରେ କେତୋଟି ବିଶିଷ୍ଟ ବିବାହ ହୋଇଯାଇଅଛି । ତହିଁ ମଧ୍ୟରୁ ଗୋଟିକେତେ କରଣ ବିବାହ ସମ୍ବନ୍ଧେ ଅମ୍ଭେମାନେ ଉଲ୍ଲେଖ କରୁଛୁ । ପାଠକମାନେ ମନେ କରିପାରନ୍ତି ସମ୍ପାଦକ କରଣ ଥିବାରୁ ଅନେକ ସମୟରେ କରଣ ବିବାହ ବିଷୟରୁ ପତ୍ରିକାରେ ସ୍ଥାନ ଦିଅନ୍ତି । କିନ୍ତୁ କରଣ-ବିବାହ ଗୁଡିକ ପତ୍ରିକାରେ ସ୍ଥାନ ଦେବା ଉଦ୍ଦେଶ୍ୟ ଏହି ଯେ କରଣ ଜାତି ଓଡ଼ିଶାରେ ସମାଜରେ ଖୁବ୍ ଉଚ୍ଚ ସ୍ଥାନ ଅଧିକାର କରୁଥିଲେ । କାଳକ୍ରମେ ସେମାନେ ଅତ୍ୟନ୍ତ ଦରିଦ୍ର ହୋଇଗଲେଣି । ଏରୂପ ଅବସ୍ଥା ପ୍ରାପ୍ତିର ଗୋଟାଏ ପ୍ରଧାନ କାରଣ ପୁତ୍ର କନ୍ୟାଙ୍କର ବିବାହ ସମ୍ବନ୍ଧରେ ଅଯଥା ଅପବ୍ୟୟ କରି ସେମାନଙ୍କର ପୂର୍ବ ସମ୍ପତ୍ତି ନଷ୍ଟକରି ବର୍ତ୍ତମାନ ଶୋଚନୀୟ ଅବସ୍ଥାରେ ଉପଗତ ହେଲେଣି । ଅଯଥା ଅପବ୍ୟୟ, ଶୂନ୍ୟ ଅଳଙ୍କାର, ଯୌତୁକାଦି ଦେବା ନେବାରେ ସତର୍କ ହେବା ବିଶେଷ ଆବଶ୍ୟକ ହୋଇପଡ଼ିଲାଣି, ନିମ୍ନରେ ଗୋଟିକେତେ ଉଦାହରଣ ଦେଲୁଁ, ତାହା ପାଠକର ଅନେକଙ୍କୁ ସେଥିରେ ସାବଧାନ ହେବେ :—

(୧) ମେଦିନୀପୁର ଅନ୍ତର୍ଗତ ପଞ୍ଚଗଡ଼ ନିବାସୀ ଚୌଧୁରୀ ଦେବେନ୍ଦ୍ରନନ୍ଦନ ଦାସ ମହାଶୟଙ୍କର କନ୍ୟାଙ୍କ ସହିତ କଟକ ଝଞ୍ଜି ବାସୁଦେବପୁର ନିବାସୀ ବାବୁ ଗୋପବନ୍ଧୁ, ପଟ୍ଟନାୟକଙ୍କ ପୁତ୍ରଙ୍କର ବିବାହ ହୋଇଗଲା, ଉପେନ୍ଦ୍ର, ବାବୁ ଜଣେ ବଡ଼ ଜମିଦାର, ଗୋପବନ୍ଧୁ ବାବୁ ଅଞ୍ଚଳର ଜଣେ ବିଶିଷ୍ଟ ଓ ବଡ଼ ସମ୍ବାଦ, ବିଶିଷ୍ଟ ବଂଶ ଜନ୍ମିତ ଓ ଧନବାନ ବ୍ୟକ୍ତି, ଏହି ବିବାହରେ ସେମାନେ ଇଚ୍ଛାକଲେ କେବଳ ଦାନ ଯୌତୁକରେ ଦୁଇହଜାର ଟଙ୍କା ବ୍ୟୟ କରି ନ ଥିଲେ ... ନାହିଁ, କିନ୍ତୁ ସେମାନେ ସମାଜର ଉପକାର ସଙ୍କଳ୍ପରେ ଏବଂ ଅର୍ଥହୀନ କରଣମାନଙ୍କ ଉଦାହରଣ ନିମନ୍ତେ କୌଣସି ଯୌତୁକ ଆଦି ନ ଦେଇ କମ୍ଭା ତୃତ୍ୟ ତୋଲର ଆଡ଼ମ୍ବର ନ ରଖି ଅତି ସାମାନ୍ୟ ଗୋଟିକେତେ ଆଲୁଅ ନେଇ ବିବାହକାର୍ଯ୍ୟ ଶେଷ କରିଥିଲେ । ଦାନ ଯୌତୁକର କୌଣସି କଥାବାର୍ତ୍ତା ନ ଥିଲା । କନ୍ୟା କରଣଙ୍କ ବିବାହର ପ୍ରଧାନ ଅଙ୍ଗ ଜଳ ଉଦ୍ଦୀପନ ଅଶାନ୍ତିର କୌଣସି ଚିହ୍ନ ନ ଥିଲା, ଅତି ଆନନ୍ଦର ବିଷୟ !

(୨) ଜଣେ ଡେପୁଟି ବାବୁଙ୍କ କନ୍ୟାଙ୍କ ସହିତ ଜଣେ ଓକିଲ ବାବୁଙ୍କ କନ୍ୟାର ବିବାହ ହୋଇଗଲା । ସେ ବିବାହରେ ନାନା କାରଣରୁ ଦାନ ଯୌତୁକର କଥା ହୋଇ ପାରିନାହିଁ । ମାତ୍ର ବିବାହ ଉତ୍ସବ ସମ୍ବନ୍ଧରେ ଯେପରି ଦେଖାଗଲା ତହିଁରେ ମନେ ମନେ ତାହାର ଅଶାନ୍ତି ଥିବାରୁ ତାହାର ଫଳରେ କେତେ ପ୍ରକାର ଖଣା ଉପାଶା ବସ୍ତୁ ହୋଇ ଉଭୟଙ୍କର ନାନାପ୍ରକାର ଅପ୍ରୀତି ଲାଭ କରିଥିଲେ । ଉଚ୍ଚ ଶିକ୍ଷାପ୍ରାପ୍ତ ସମାଜରେ ନେତା-ସ୍ଥାନୀୟ ଲୋକମାନଙ୍କ ପକ୍ଷରେ ଏହା ନିନ୍ଦାର ବିଷୟ ।

(୩) ଜଣେ ଉଚ୍ଚପଦସ୍ଥ ଡାକ୍ତରଙ୍କର କନ୍ୟା ସହିତ ଜଣେ ବି. ଏଲ୍. ପାସ୍ କରିଥିବା ଯୁବକଙ୍କର ବିବାହରେ ଶୁଣିଲୁଁ ବର ପକ୍ଷର କର୍ତ୍ତାମାନେ ବହୁତ ଦାବି କରିଥିଲେ । କିନ୍ତୁ ଦାବି ପୂରଣର ଜବାବ ନ ପାଇବାରୁ ବର ପକ୍ଷର କର୍ତ୍ତାମାନେ କେହି ସେ ବିବାହରେ ଯୋଗଦେଲେ ନାହିଁ । ସୁଖର ବିଷୟ ! ବର ସେମାନଙ୍କର ଯୋଗ ନ ଦେବା ପ୍ରତି ଭ୍ରୂକ୍ଷେପ ନ କରି ଅପଣାର ଗୋଟିକେତେ ବନ୍ଧୁଙ୍କୁ ନେଇ ବିବାହ କାର୍ଯ୍ୟ ଶେଷ କରିଥିଲେ । ଆମ୍ଭେମାନେ ଏଠାରେ ଏରୂପ ଯୁବକଙ୍କର କାର୍ଯ୍ୟକୁ ପ୍ରଶଂସା କରୁଅଛୁଁ ।

(୪) ପୁରୀ ଜିଲ୍ଲା ଡେପୁଟି କଟକ କମିଶନରଙ୍କ ପର୍ସନାଲ ଆସିଷ୍ଟାଣ୍ଟ ବାବୁ ସତ୍ୟେନ୍ଦ୍ର ଦାସଙ୍କ କନ୍ୟାଙ୍କ ସହିତ ବାବୁ ଶ୍ରୀଧର ମହାପାତ୍ରଙ୍କ ପୁତ୍ରଙ୍କର ବିବାହ ହୋଇଗଲା । ଉଭୟେ ଉଚ୍ଚପଦସ୍ଥ ବ୍ୟକ୍ତି, ସମାଜରେ ଉଭୟଙ୍କର ବେଶ୍ ପ୍ରତିଷ୍ଠା ଅଛି । ସୁଖର ବିଷୟ ଏ ବିବାହରେ ଦେବା ନେବାର କୌଣସି କଥା ନ ଥିଲା । କୌଣସି ପ୍ରେଷଣ ଅଦ ହୋଇନାହିଁ । ବିବାହ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବର ପକ୍ଷ ଓ କନ୍ୟା ପକ୍ଷମାନେ ସୁନ୍ଦର କରଣାର ଯଥେଷ୍ଟ ପରିଚୟ ଦେଖାଇଅଛନ୍ତି ।

କରଣ ସମାଜମାନଙ୍କର ବିବାହ ସମ୍ବନ୍ଧରେ ଯେପରି ଦେଖାଯାଏ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବରକର୍ତ୍ତା ଓ କନ୍ୟା କର୍ତ୍ତାମାନେ ଅବାଞ୍ଛିତରେ ବାଦ ପ୍ରତିବାଦରେ କାଳକ୍ଷେପ କରନ୍ତି, କଇଯାବାଦୀଗୁଡ଼ିକ ଏକପକ୍ଷର ସାକ୍ଷୀ ପ୍ରମାଣ ଏବଂ କନ୍ୟାକର୍ତ୍ତାଙ୍କର ଉପସ୍ଥିତି ନେଇ ଦାବିକଲାବେଳେ ଅନ୍ୟ ପକ୍ଷର ସାକ୍ଷୀ ପ୍ରମାଣ, ବକ୍ତବ୍ୟ କର୍ତ୍ତାଙ୍କ ପଦ, ତାହା ଆଉ କହିବାର ଆବଶ୍ୟକ ନାହିଁ । କଥା କଥାରେ ନାନାପ୍ରକାର କଳି ଝଗଡ଼ା ନ ହୁଟାଇଲେ କଇଯାବାଦୀମାନଙ୍କର ମନଶାନ୍ତି ହୁଏନାହିଁ, ଏ ଗୁଡ଼ାକୁ ଦୂର ନ ହେବା ପର୍ଯ୍ୟନ୍ତ କରଣ ଜାତିର କୌଣସି ମଙ୍ଗଳ ଆଶା କରାଯାଏ ନାହିଁ ।

'ନରେନ୍ଦ୍ର'ର ପଙ୍କୋଦ୍ଧାର

ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁ ଯେ ପୁରୀର 'ନରେନ୍ଦ୍ର ପୁଷ୍କରିଣୀ'ର ପଙ୍କୋଦ୍ଧାର ନିମନ୍ତେ ଏମାରମଠର ମହନ୍ତ ମହାଶୟ ୧୦,୦୦୦ ଟଙ୍କା ଦାନ କରିଅଛନ୍ତି । ନରେନ୍ଦ୍ର ପୁଷ୍କରିଣୀ ଗୋଟିଏ ପୁରୀର ପ୍ରଧାନ ତୀର୍ଥ ମଧ୍ୟରେ ପ୍ରଧାନ ତୀର୍ଥ । ଚନ୍ଦନଯାତ୍ରା ମାନଙ୍କର ବିଧାନ । ଅଧିକାଂଶ ପୁଷ୍କରିଣୀ ଓ ପୁରୁଷୋତ୍ତମକୁ ଆସୁଥିବା ଯାତ୍ରୀମାନେ ଉକ୍ତ ପୁଷ୍କରିଣୀରେ ସ୍ନାନ କରନ୍ତି । କେବଳ ସୁରକ୍ଷା ସକାଶେ କଷ୍ଟ—ହିନ୍ଦୁମାନେ ପବିତ୍ର ଜ୍ଞାନ କରି ସେହି ପୁଷ୍କରିଣୀରେ ସ୍ନାନ କରିଥାନ୍ତି । ସେହି ପୁଷ୍କରିଣୀର ଜଳ ପରିଷ୍କାର ନ ରହିବା ଯେ କେତେଦୂର ଅସୁବିଧାଜନକ ତାହା ପ୍ରକାଶ କରିବା ବାହୁଲ୍ୟ ମାତ୍ର । ଏମାରମଠର ମହନ୍ତ ମହାରାଜଙ୍କ ଦାନ ସମ୍ବନ୍ଧେ ପ୍ରଠମ ଥର ନୁହଁ । ଜଣା ଅଛି—ଜ୍ୟୋତିଷେଶ୍ୱର ମନ୍ଦିର ମରାମତି କାର୍ଯ୍ୟରେ ମହନ୍ତ ମହାରାଜ ଅଗ୍ରସର ନ ହୋଇଥିଲେ ବୋଧହୁଏ କାର୍ଯ୍ୟ ଆରମ୍ଭ ହୋଇଥାନ୍ତା କି ନାହିଁ ସନ୍ଦେହ । ବର୍ତ୍ତମାନ ନରେନ୍ଦ୍ରପୁଷ୍କରିଣୀର ପଙ୍କୋଦ୍ଧାର ମଧ୍ୟ ତଦ୍ରୂପ ଗୁରୁତର କାର୍ଯ୍ୟ ଅଟେ । ମହନ୍ତ ମହାରାଜଙ୍କର ଏହି କାର୍ଯ୍ୟ ସକାଶେ କେବଳ ପୁରୀ ନୁହେଁ ସମସ୍ତ ଭାରତବାସୀ ତାହାଙ୍କର ପୁଣ୍ୟାଭିଳାଷ ଅର୍ଜନ କରିବେ ।

ଲକ୍ଷ୍ମଣନାଥ ଫିଡର୍ ରୋଡ

ଲକ୍ଷ୍ମଣନାଥରୋଡ଼ ଷ୍ଟେସନରୁ ଜଗନ୍ନାଥ ସଡ଼କ ପର୍ଯ୍ୟନ୍ତ ଗୋଟିଏ ଶାଖାରାସ୍ତା (Feeder Road) ତିଆରି ନ ହେଲେ ଲୋକମାନଙ୍କର ଯିବା ଆସିବାର ବିଶେଷ ଅସୁବିଧା ହେବାରୁ ସେମାନଙ୍କ ପ୍ରାର୍ଥନା ଅନୁସାରେ ବାଲେଶ୍ୱର ଜିଲ୍ଲାବୋର୍ଡ ସେହି ରାସ୍ତାଟି ମଞ୍ଜୁର କରିଅଛନ୍ତି—ବଡ଼ ସୁଖର ବିଷୟ। କିନ୍ତୁ ବର୍ଷାକାଳ ଆରମ୍ଭ ହେଲାଣି; ଶୀଘ୍ର ରାସ୍ତାଟି ନ ହେଲେ ଲୋକମାନଙ୍କର ବିଶେଷ ଅସୁବିଧା ହେବ । ଆଶାକରୁ ଜିଲ୍ଲାବୋର୍ଡ ଏ ପ୍ରତି ମନୋଯୋଗୀ ହେବେ ।

ନିଆଳୀ ଡାକ୍ତରଖାନାର ବ୍ୟବହାର

ଅମ୍ଭେମାନେ କଟକ ପ୍ରାଂଶୀ ନିବାସୀ ଚନ୍ଦ୍ରାଧର ଭଞ୍ଜଙ୍କ ସ୍ୱାକ୍ଷରରେ ଖଣ୍ଡିଏ ପତ୍ର ପ୍ରାପ୍ତ ହୋଇଅଛୁଁ । ତହିଁରେ ସେ ତାହାଙ୍କର ପୁରୁଷ ପ୍ରତି ନିଆଳୀ ଡାକ୍ତରଖାନାରେ ଡାକ୍ତର ବାବୁଙ୍କ ବ୍ୟବହାର ସମ୍ବନ୍ଧେ କେତେକ କଥା ଉଲ୍ଲେଖ କରିଅଛନ୍ତି । ଦେଖାଯାଉଅଛି—ସେ ଜିଲ୍ଲାବୋର୍ଡଙ୍କ ଯେଉଁ ଦରଖାସ୍ତ ପଠାଇଅଛନ୍ତି ତାହାର ଏକପ୍ରସ୍ତ ନକଲ ଆମ୍ଭମାନଙ୍କୁ ପଠାଇଅଛନ୍ତି—ଲେଖିଅଛନ୍ତି ତାହାଙ୍କର ପୁରୁଷ ଔଷଧ ସକାଶେ ଡାକ୍ତରଖାନାକୁ ଗଲାରେ ଡାକ୍ତର ବାବୁ ତାହାଙ୍କୁ ଗୋଟିଏ ପଇସା ଦେବା କାରଣ କହିଥିଲେ । ପଇସାଟି ସେ ନ ଆଣିଥିବା ଏବଂ ସଙ୍ଗେ ଦେଇ ନ ପାରିବାରୁ ତାହାର ଲେକ ଧରାଇ କନ୍ଦାଇ ଉଣ୍ଡିବା ଓ ମାଇବା କାରଣ ଭୟ ଉଠାଇବା ପ୍ରଭୃତି ନାନାପ୍ରକାର ଦୁର୍ବ୍ୟବହାର କରିଅଛନ୍ତି । ସେହି ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ମଧ୍ୟ ଅମ୍ଭେମାନେ ଏ ବିଷୟ ଶୁଣିଲୁଁ । ପଇସାଟି ସମ୍ବନ୍ଧେ ତାଙ୍କଠାରୁ ବୁଝିଲୁଁ ଯେ ଡାକ୍ତରଖାନାର ଦ୍ରବ୍ୟ ସକାଶେ ରୋଗୀମାନଙ୍କଠାରୁ ଗୋଟିଏ ୨ ପଇସା ଆଦାୟର ବ୍ୟବସ୍ଥା ସେଠାରେ କରାଯାଇଅଛି । ଅବଶ୍ୟ ଉଦ୍ଦେଶ୍ୟ ମନ୍ଦ ନୁହେଁ । କିନ୍ତୁ ତାହା ଅଦାୟ କରିବାର ଯେଉଁ ପନ୍ଥା ଅବଲମ୍ବନ କରିଥିବାର ଡାକ୍ତର ବାବୁଙ୍କ ସମ୍ବନ୍ଧେ ପତ୍ରରେ ଉଲ୍ଲେଖ ହୋଇଅଛି ତାହା ଯଦି ସତ୍ୟ ହୋଇଥାଏ କଦାଚ ଉଚିତ ନୁହେଁ । ପତ୍ରପ୍ରେରକ ଜିଲ୍ଲାବୋର୍ଡଙ୍କ ନିବେଦନ କରିଥିବାସ୍ଥଳେ ଅବଶ୍ୟ ଜିଲ୍ଲାବୋର୍ଡର କର୍ତ୍ତୃପକ୍ଷମାନେ ତଦନ୍ତକରି ତହିଁର ପ୍ରତିକାର କରିବେ ।

ଅମ୍ଭେମାନେ କେବଳ ଏତିକି କହୁଥାଉଁ ଯେ ମଫସଲରେ ଡାକ୍ତରଖାନା ସ୍ଥାପନକରି ଯେଉଁମାନଙ୍କୁ ଚଳାଇବାର ଭାର ଦିଆଯାଏ, ସେମାନଙ୍କର ମଫସଲ ଲୋକଙ୍କ ସହିତ କପରି ବ୍ୟବହାର କରିବା ଆବଶ୍ୟକ ପ୍ରଥମେ ତାହା ଜାଣିବା ଉଚିତ । ତାହା ନ ହେଲେ ଉଦ୍ଦେଶ୍ୟ ସାଧନରେ ବିଶେଷ ବିଶୃଙ୍ଖଳା ଘଟିବ ।

ଜନ୍ମଦିନ ଉପାଧି

ମହାରାଜା (ବ୍ୟକ୍ତିଗତ) :—

ରାଜା ବ୍ରଜମୋହନ ଦେଓ-କଳାହାଣ୍ଡି

ଦେଓୟାନବାହାଦୁର :—

କୁମାର ସୁରେଶଚନ୍ଦ୍ର ସିଂହ-ଦେଓୟାନ ମୟୂରଭଞ୍ଜ ଷ୍ଟେଟ୍

ଖାନ୍ ବାହାଦୁର

ଖାନ୍ ସାହେବ ସୈୟଦ୍ ଦଲ୍‌ୱାର୍ ଅଲି-ଡେପୁଟି ମାଜିଷ୍ଟ୍ରେଟ୍ ଓ ଡେପୁଟି କଲେକ୍ଟର, ପର୍ସନାଲ ଆସିଷ୍ଟାଣ୍ଟ ଟୁ କମିଶନର-ଓଡ଼ିଶା ଡିଭିଜନ୍

ରାୟବାହାଦୁର

ରାୟ ସାହେବ ବିଶ୍ୱମ୍ଭର ଦାସ-ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ୍ ଡ୍ରାଇନେଜ୍ ରେଲୱେ ବୋର୍ଡ

ରାୟସାହେବ

ବାବୁ ଗୋପାଳଚନ୍ଦ୍ର ଗାଙ୍ଗୁଲି-ଇଂରାଜୀ ପ୍ରଫେସର ରେଭେନ୍ସା କଲେଜ୍, କଟକ ।

ଜଳକଷ୍ଟ

ଝଙ୍କଡ଼ ପ୍ରଗନାର ଧରାଳ ମୌଜାର ଜଣେ ପତ୍ରପ୍ରେରକଙ୍କ ପତ୍ରରୁ ପ୍ରକାଶ—

ଝଙ୍କଡ଼ ପ୍ରଗନାରେ କଟକ ଗୋଟିଏ ମୌଜା, ତହିଁରେ ବ୍ରାହ୍ମଣଶାସନ ଭଦ୍ରା ଶୂଦ୍ରାଦି ଅନେକ ପରିବାର ଅଛନ୍ତି । ନିକଟରେ ପୂର୍ବଭାଗର ଗୋଟିଏ କୋଠି ଓ ଛୋଟି ପାଖେ ଶାଗ-ନାଳ । ହାଟ ନିକଟରେ ସୁବୃହତ୍ କଟକ ପୋଖରୀ ବିଦ୍ୟମାନ । ବର୍ଷାକାଳରେ ପାଣି-ଲଗା ହେଲେ ସ୍ଲୁଇଟ୍ ହ୍ରଦପରି ଦିଶେ । ମାଘ ଶ୍ରୀପଞ୍ଚମୀ ଦିନ ଏଠାରେ ପୂଜା ପଡ଼ୁଥିବାରୁ ବହୁଲୋକର ସମାଗମ ହୁଏ । ଏ ଅଞ୍ଚଳର ଲୋକେ ଜଳାଶୟଟିକୁ ତୀର୍ଥ ବୋଲି ମାନନ୍ତି । ସ୍ନାନ କୋଣରେ ସ୍ନାନ ଲଣ୍ଡି ଦେଇ ବର୍ଷାଜଳ ପ୍ରବେଶ ଓ ନିର୍ଗମ ହୁଏ । ପୋଖରୀଟି ଗ୍ରାମର ଅନତିଦୂରରେ, ଗୃହ ବାଗରେ ଜୁରିଗୋଟିଏ ବର୍ତ୍ତି ରହିଛି । ମନେହୁଏ ପାଣିଟି ଯେପରି ପ୍ରାଣିମାନଙ୍କର ବ୍ୟବହାର ଓ ମନୁଷ୍ୟରେ କୃଷି ସାହାଯ୍ୟ କରିବା କାରଣ ହୋଇଥିଲା । ତପନ୍ତୁ ଜୀର୍ଣ୍ଣ ସଂସ୍କାର ହେଲେ ମନ ବୃଷ୍ଟିରେ ପୋଖରୀଟି ଗ୍ରାମ୍ୟ ଶତାଧିକ ଏକରକୁ ଜଳ ଯୋଗାଇବାର ଦୃଢ଼ ଧାରଣା ହୁଏ । କିନ୍ତୁ ବହୁକାଳରୁ ପଙ୍କୋଦ୍ଧାର ହୋଇ ନ ଥିବାରୁ ପୋଖରୀଟି ପୋତି ହୋଇ ଗଲାଣି । ପୋଖରୀଟି ପ୍ରତିବର୍ଷ ଗ୍ରୀଷ୍ମ ସମୟରେ ଶୁଖିଯିବାରୁ ପାଣି ବିନା ସର୍ବସାଧାରଣ ପ୍ରାଣିମାନଙ୍କର ଭୟଙ୍କର କଷ୍ଟ ହେଉଅଛି । ଏ ବର୍ଷ ଆଷାଢ଼ ଆସି ଅଧ ହେଲା, ବର୍ଷା ହେଉନାହିଁ, ଏବର୍ଷର କଷ୍ଟ ଏକାବେଳକେ ଅସହ୍ୟ । ନିକଟରେ ବ୍ୟବହାରୋପଯୋଗୀ କୌଣସି ଜଳାଶୟ ନାହିଁ । ଡିଷ୍ଟ୍ରିକ୍ଟବୋର୍ଡ କୂଅ ଖୋଳାଇ ଦେବ ଅନେକ ଥର ନିକଟରେ ନିବେଦନ କରିଅଛନ୍ତି । ସୁବୃହତ ଜଳାଧାରର କେବଳ ପଙ୍କୋଦ୍ଧାର ଅଭାବରୁ ସର୍ବସାଧାରଣ ଓ ଗୋ-ମହଷାଦି ପଶୁମାନେ ଅତ୍ୟଧିକ ବିଶେଷ କ୍ଲେଶ ଭୋଗୁଅଛନ୍ତି । ବୋର୍ଡଙ୍କର ଏ ଅଞ୍ଚଳରେ ଜଳକଷ୍ଟ ନାହିଁ । ଏଠାରେ ଆଉ ଦୃଷ୍ଟି ପଡ଼ିଲେ ଜଳକଷ୍ଟ ଦୂର ହେବାର ଆଶା ।

ସଂସ୍କାରର ଅଣ୍ଟ ପ୍ରତିକାର ନ ହେଲେ ପୁରୁଣା ଘାଟି ଓ ଘାଟଟି ଅତିରେ ଘାଟ ଓ ଗଡ଼ର ଗୃହ ଭଳି ସଙ୍ଗେ ମିଶିଯିବ। ସ୍ଥାନୀୟ ବ୍ୟକ୍ତିମାନଙ୍କର ବିଶେଷ ସ୍ୱାର୍ଥ ଥିବା କାରଣ ସମ୍ପୂର୍ଣ୍ଣ ସହାନୁଭୂତି ଥିଲେ ମଧ୍ୟ ଯଥାଶକ୍ତି ପାରିଶ୍ରମିକ ସାହାଯ୍ୟ ବ୍ୟତୀତ ପୁରୁଷର ଉଦ୍ଧାର କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ। ଦୟାଳୁ ସରକାର, ଜିଲାବୋର୍ଡ ଓ ପ୍ରଜା ସାଧାରଣ ଜଳାଶୟ ସଂସ୍କାରରେ ବ୍ରତୀ ହେଲେ ଜଳକଷ୍ଟ ଦୂର ହେବ।

ସ୍ଥାନୀୟ ସମ୍ବାଦ

ମହାମାନ୍ୟ ହାଇକୋର୍ଟର ଜଜ ମହୋଦୟମାନେ ଏଥର କଟକ ବାରର ସମସ୍ତ ଓକିଲମାନଙ୍କ ଏବଂ ଏଠାର ସବଜଜ, ମୁନସଫ, ଡେପୁଟି, ମ୍ୟାଜିଷ୍ଟ୍ରେଟ, ଡାକ୍ତର, ଇଞ୍ଜିନିୟର ଏବଂ ସେଟେଲମେଣ୍ଟ ଅଫିସର, ଆସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର ପ୍ରଭୃତିଙ୍କୁ ଗତ ଗୁରୁବାର ତା ୮ ରିଖ ସନ୍ଧ୍ୟା ୫ ଘଣ୍ଟା ସମୟରେ ସର୍କିଟ ହାଉସରେ ଗୋଟିଏ ଟି ପାର୍ଟି (Tea Party)କୁ ନିମନ୍ତ୍ରଣ କରିଥିଲେ। ଅଦାଲତର ୨ ଜଣେକ ଅମଲା ମଧ୍ୟ ନିମନ୍ତ୍ରିତ ହୋଇଥିଲେ। ସର୍କିଟ ହାଉସରେ ଆଗନ୍ତୁକମାନଙ୍କ ସକାଶେ ଯାହାର ରୁଚି ଅନୁସାରେ ଭୋଜନ ନିମନ୍ତେ ଭିନ୍ନ ଭିନ୍ନ ବନ୍ଦୋବସ୍ତ କରାଯାଇଥିଲା। ଜଜମାନେ ସମସ୍ତଙ୍କୁ ଅଭ୍ୟର୍ଥନା କରିଥିଲେ। ଏବଂ କଥୋପକଥନାନ୍ତେ ସମସ୍ତେ ବିଦାୟ ଗ୍ରହଣ କରିଥିଲେ। ଗତ କେତେକ ବର୍ଷ ମଧ୍ୟରେ ଏ ପ୍ରକାର ଅନୁଷ୍ଠାନ କେବେ ହୋଇ ନ ଥିଲା। ଏଥର ଏହା ନୂତନ! ଜଜମାନେ ଆସି କେବଳ ବିଚାର ଅଦାଲତରେ କେତେ ଗୋଟିଏ ମାମଲା ବିଚାର କରି ଚାଲିଯାଉଥିଲେ। ସେମାନଙ୍କର ସାଧାରଣଙ୍କ ସହିତ କିମ୍ବା ସାଧାରଣଙ୍କର ସେମାନଙ୍କ ସହିତ ମିଳାମିଶା ବା ସାକ୍ଷାତର ସୁଯୋଗ ନ ଥିଲା। ସାଧାରଣଙ୍କ ସହିତ ଦେଖା ସାକ୍ଷାତ୍ ଓ କଥାବାର୍ତ୍ତା ନ ହେଲେ ଓଡ଼ିଶା ସମ୍ବନ୍ଧରେ କେବଳ କାଗଜ ପତ୍ରରୁ ଜାଣିବା ସମ୍ଭବ ହେଉଥିଲା ଅଥବା ଅନ୍ୟ ବିଶେଷ ସମ୍ବାଦ ଜାଣିବାର କୌଣସି ଉପାୟ ନାହିଁ। ଏ ପ୍ରକାର ମିଳନ ବିଶେଷ ଲାଭଜନକ ଏବଂ ଏଥିସକାଶେ ଅମ୍ଭେମାନେ ସାର ଜ୍ୱାଲାପ୍ରସାଦ ଏବଂ ବକ୍ନିଲ ସାହେବ ମହୋଦୟମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁ।

ପୂର୍ବରୁ ଏଠାର ବଡ ବଡ ସାହେବମାନଙ୍କୁ ନିମନ୍ତ୍ରଣ କରି ଭୋଜି ଦେଇଥିଲେ, ମଧ୍ୟ ଗତ କାଲି ଚାରିଘଣ୍ଟା ଅପରାହ୍ନ ସମୟରେ ଅଦାଲତର ଅବଶିଷ୍ଟ ଅମଲାମାନଙ୍କ ସକାଶେ ହାଇକୋର୍ଟର ବାରଣ୍ଡାରେ ଭୋଜର ବ୍ୟବସ୍ଥା କରିଥିଲେ।

—o—

ପ୍ରାପ୍ତ

ପ୍ରତିବାଦ

(ଲେଖକ—ଜଣେ ଗ୍ରାମ୍ୟ)

ଜୁନ ତା ୧୨ ରିଖ ଉତ୍କଳଦୀପିକାର ଗ୍ରାମ୍ୟ ସ୍ତମ୍ଭରେ ଗ୍ରାମ୍ୟ ସମବାୟ ଋଣସମିତି ନାମଧେୟ ଗୋଟିଏ ସର୍ବ ପ୍ରବନ୍ଧରେ ପୂର୍ବୋକ୍ତ ପ୍ରବନ୍ଧରେ ଲେଖକ ସମବାୟ-ଋଣ ସମିତି ଉପରେ ଅନେକ ଅଯଥା ଦୋଷ ଦେଇଅଛନ୍ତି। ସମବାୟ ଋଣସମିତି ଯେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଏମନ୍ତ ନୁହେ—ଏବଂ ଜାଗତିକ ଜନ୍ମମାନଙ୍କ ଅନୁଯାୟୀ ସୁପୂର୍ଣ୍ଣ ଦୋଷ ବିହୀନ ପଦାର୍ଥ ଏ ଜଗତରେ ଥିବା ଜଣା ନାହିଁ—ତଥାପି ସମବାୟ ଋଣସମିତିର ଦୋଷ ଯେପରି ଭାବରେ ଅତିରଞ୍ଜିତ ହୋଇଅଛି, ପ୍ରକୃତ ସେପରି ନୁହେଁ। ପ୍ରଥମତଃ ଲେଖକ ଲେଖିଅଛନ୍ତି ଯେ ସମବାୟ-ଋଣ-ସମିତି ଅଳ୍ପ ସୁଧରେ ଟଙ୍କା କରଜ ଦେଲେ ସୁଦ୍ଧା ତାହାଦ୍ୱାରା ଅଭାବଗ୍ରସ୍ତ ଲୋକଙ୍କର ପ୍ରକୃତରେ କିଛି ଉନ୍ନତି ହେଉନାହିଁ—କାରଣ ସୁଧର ପରିମାଣ ଅଳ୍ପ ସତ୍ତ୍ୱେ ସମିତିର କେଉଁ କଠୋର ନୀତି, ତାହାକୁ ଏପରି ଅନାଦୃତ କରିଅଛି, ଏ ବିଷୟ କିଛି ବୁଝାଯାଉ ନାହିଁ—ପ୍ରବନ୍ଧରେ ମଧ୍ୟ ଉଲ୍ଲେଖ ଅଛି "ଏ ସମିତିର ସୁଧ ଓ ମୂଳ ଧନ ପରିଶୋଧ ନେଇ ଯେ ସମସ୍ତ ଜଟିଳ କୁଟିଳ ଆଇନ ଓ ଉପଆଇନ ତାହା ମହାଜନମାନଙ୍କ ନୀତି ବା ଆଇନଠାରୁ ଅତି କଠୋର ଅନନ୍ୟ—ଏହାର ଆଇନ ଓ ଉପଆଇନର ସଂଖ୍ୟା ବେଶି ହୋଇ ପାରେ, କିନ୍ତୁ ଉକ୍ତ ଆଇନ ସମୂହ ଯେ କଠୋର ଏହା କହିବା ଯୁକ୍ତିଯୁକ୍ତ ନୁହେଁ—ଟଙ୍କା ଆଦାୟ ନ ହେଲେ, ମହାଜନ ଯେ ଉପାୟ ଅବଲମ୍ବନ କରି ଟଙ୍କା ଆଦାୟ କରେ, ସମିତି ତାହା ଅପେକ୍ଷା ବେଶି କିଛି କରେ ନାହିଁ—ଗ୍ରାମ୍ୟ ମହାଜନଙ୍କ ସହିତ ସମିତିର ପାର୍ଥକ୍ୟ ଆକାଶ ପାତାଳ ପ୍ରଭେଦ ତୁଲ୍ୟ—ସମିତି ଯେପରି ଶୃଙ୍ଖଳାରେ ବିନା କଷ୍ଟରେ ଖାତକମାନଙ୍କଠାରୁ ଟଙ୍କା ଆଦାୟ କରେ, ଗ୍ରାମ୍ୟ ମହାଜନ ସେପରି ଭାବରେ ଆଦାୟ କରିବା ଦୂରର ଥାଉ, ସେପରି ଶୃଙ୍ଖଳାବଦ୍ଧ ନିୟମ ସୁଦ୍ଧା ତାହାର କଳ୍ପନାଶକ୍ତିର ବହିର୍ଭୂତ। ଲେଖକ ଲେଖିଅଛନ୍ତି ଯେ—ଗ୍ରାମ୍ୟ ମହାଜନ ମଧ୍ୟ ଅବସ୍ଥା ଦୃଷ୍ଟେ ସୁଧ ସହିତ ମୂଳ ଧନରୁ ଛାଡ଼ିଦେଇ ଥାଏ—ଅବଶ୍ୟ ସେପରି କୋଟିକରେ ଗୋଟିଏ (Honourable exception) ଥାଇପାରେ, କିନ୍ତୁ ଏହି ଦୃଷ୍ଟାନ୍ତ ଉପରେ ନିର୍ଭର କରି ସମିତିକୁ ଜଣ ଗ୍ରାମ୍ୟ ମହାଜନଙ୍କଠାରୁ ନିକୃଷ୍ଟ ବୋଲି କହିବା ସମୀଚୀନ। ପ୍ରାୟ ଶତକଡ଼ା ୯୦ ସ୍ଥଳରେ ଦେଖାଯାଏ ଯେ ଗ୍ରାମ୍ୟ ମହାଜନ ବା ଗ୍ରାମ୍ୟ ଶୃଗାଳ ସେକ୍ସପିୟରଙ୍କର ସାଇଲକ୍ (Shakespere's Shylock the jew) କୁ ବଳି ଯାଇ ସେମାନେ ଯେପରି ଭାବରେ ଟଙ୍କା ଅଦାୟ କରନ୍ତି ତାହା ବୋଧହୁଏ ଲେଖକଙ୍କ କୌଣସି ଅଂଶରେ ଅବିଦିତ ନୁହେଁ- ସମିତି ସହିତ ଗ୍ରାମ୍ୟ ସାହୁକାରଙ୍କର ତୁଳନା କରିବାକୁ ହେଲେ ଅନ୍ଧକାରର ତଥ୍ୟ ନେଇ ବସ୍ତୁର ନିର୍ଣ୍ଣୟ କରିବା ସଦୃଶ। ରାମରାଜ୍ୟର ଖାତକ ମହାଜନ ସଂପର୍କ ସହିତ, କିମ୍ବା ଶଠାଧୀନ କୋ-ଅପରେଟିଭ ସୋସାଇଟିକୁ ତୁଳନା କରିବା ସଙ୍ଗତ ନୁହେ। ଯାହା ଜଗତ୍ ପ୍ରତ୍ୟକ୍ଷୀକୃତ ତାହାହିଁ କିମ୍ବଦନ୍ତୀ।

ଗ୍ରାମରେ ଯେ ଟଙ୍କା ଧାରେ ମହାଜନ ନିକଟରେ ତାହାର ଦୁର୍ଦ୍ଦଶା ଅଗାଧ ଶୋଚନୀୟ। ତାହାକୁ ପଇସା, ଗୋରସରୁ ମାଛ ମହାଜନଙ୍କୁ ନ ଯୋଗାଇଲେ, ତିରସ୍କାରରୁ ନିସ୍ତାର ମିଳେ ନାହିଁ। କେତେକ ପ୍ରାୟ ଗଣ୍ଠି-ଚାଲୁ ହୋଇଥାଏ, ଏତେକର ସୁଦ୍ଧା ସୁଧର ହିସାବ କମେ ନାହିଁ, ଏପରି ମଧ୍ୟ ହୋଇଥାଏ ସୁଧ ଅସଲ ସମସ୍ତ ପରିଶୋଧ କରି କାଗଜ ଫେରସ୍ତ ପାଇବାକୁ ବହୁଦିନ ପର୍ଯ୍ୟନ୍ତ ମହାଜନର ଦ୍ୱାରସ୍ଥ ହେବାକୁ ହୋଇଥାଏ। ଖାତକ ଦୁର୍ବଳ ଅବସ୍ଥାରେ ମୃତ୍ୟୁରେ ମହାଜନର ତାହା ଛାଡି ଦେବାପାତ୍ର ନୁହେ। ମୂଷୀକଠାରୁ ଜଣ ଖାତକର ଖାଦକରେ ଉପକାର ହୁଏ ନାହିଁ। ଗ୍ରାମ୍ୟ ମହାଜନମାନେ ଗୋଟିଏ ଗୋଟିଏ ଜନ୍ତୁର ଅବତାର ଧାରଣ କରି ଅର୍ଥ ଶୋଷଣରେ ଲାଗି ଥାଆନ୍ତି। ଏପରି ଜଣେ ମହାଜନର ଚିହ୍ନ ଶ୍ରୀ ଛଣିଭୂଷଣ ବସୁଙ୍କର ଜୀବନ ପଥାରୂଢ଼ ହୋଇଥିଲା—ତାହାର ବର୍ଣ୍ଣନା ନିମ୍ନରେ ପ୍ରଦତ୍ତ ହେଲା।

"ସଭାରେ ଅଣି ବଳଙ୍କିଳ ଗ୍ରାମର ବସ୍ତ୍ରଖଣ୍ଡ ପୋଇ ନିକଟରେ ପହଞ୍ଚିଲି। ୧୦୧୧ ଜଣ ଲୋକ ବସି ଅଛନ୍ତି ଏବଂ ୫୨ ଜଣ ଲୋକ ଜଣେ ସ୍ଥୂଳକାୟ ବ୍ୟକ୍ତିଙ୍କୁ ଅନେକ ସାଧ୍ୟ ସାଧନା କରୁ ଅଛନ୍ତି। ସ୍ଥୂଳକାୟ ବ୍ୟକ୍ତିଙ୍କ ଗଳାରେ ସୁନା ଜଡ଼ିତ ରୁଦ୍ରାକ୍ଷ ମାଳ ଏବଂ ଅଣ୍ଟାରେ ତିନସରିଆ ଅଣ୍ଟାସୂତା, ହାତରେ ୨/୩ ଗୋଟି ସୁନା ମୁଦି ଶୋଭା ପାଉଛି। ଅନେକ ସାଧ୍ୟ ସାଧନାରେ ସୁଦ୍ଧା ଏହାଙ୍କ ମନ ତରଳିଯାଉନାହିଁ। ଏ ମହାଶୟ ସାଧ୍ୟ ସାଧନାରେ ଅଧିକ ଗର୍ଜନ କରୁଅଛନ୍ତି। ଏ ଜିଲ୍ଲା ଗ୍ରାମବାସୀ ଜଣେ ପ୍ରସିଦ୍ଧ ମହାଜନ ଛକଗଡ଼ ଗ୍ରାମର ଦୁଇଜଣ କୃଷକ ଏହାଙ୍କଠାରୁ ଟଙ୍କା କରଜ ନେଇଥିଲେ। ସୁଧ ଏବଂ ଅସଲ ପ୍ରାୟ ସମସ୍ତ ପରିଶୋଧ କରିଅଛନ୍ତି, ମାତ୍ର ଅତି ସାମାନ୍ୟ ବାକି ଆଦାୟ ସକାଶେ ଛକଗଡ଼ ଯାଉଥିଲେ ବାଟରେ ଜଣେ ଖାତକଙ୍କୁ ଭେଟିବାରୁ ଏ ମହାଶୟ ପୋଲଉପରେ ବସିଲେ। ଖାତକଙ୍କ ପକ୍ଷରୁ ୫୨ ଜଣ ଏହାଙ୍କୁ ନାନା ଅନୁରୋଧ କରୁଥିଲେ। ଏହି ଖାତକ ଉପରେ ଅସଲ ସୁଧ ମିଶି ଟ ୬୭।/ ହୋଇଥିଲା, ଖାତକ ଅନେକ ଚେଷ୍ଟା କରି ଟ ୬୭ ଙ୍କା ଆଦାୟ ଦେଇଥିଲା-ବାକି ଟ ୧।/ ସକାଶେ ଏତେକ ସାଧ୍ୟ ସାଧନା ଚାଲିଥିଲା। ମୁଁ ପଥିକ ମଧ୍ୟସ୍ଥ ଅନୁରୋଧରେ ଯୋଗ ଦେଲି। ହଠାତ୍ ମହାଜନେ କିଛି ଉଠିଲେ "ତମ ସବୁ କେଉଁଠି ହେ! ଏତେ ଓକିଲାତି କରୁଛ? ଏତେ ଦାୟିଥିଲେ ବାଉଡ଼ିକ ଦିଅ! ମୁଁ କଉଡ଼ିଏ ଛାଡ଼ିବିନାହିଁ;" ମୋହ ସଙ୍ଗରେ ଥିବା ଭୃତ୍ୟଟି ନିକଟରେ ଟ ୧।/ ଥିଲା ସେତିକ ଦେଲି, ବାକି ଟ ୦।/ କେଉଁଠାରୁ ଆସିବ ଭାବି, ବଙ୍ଗଳାକୁ ଜଣେ ମନୁଷ୍ୟ ପଠାଇବାକୁ କହିଲି-ବସିଥିବା ସମସ୍ତେ ମୋହ ପକ୍ଷରେ ରହି ଏକାବେଳକେ କହିଉଠିଲେ "ଆପଣ ସବୁ ଦେଉଛନ୍ତି, ଅଧିକ ଦୁଇଅଣା ପଇସା ମହାଜନେ ଛାଡ଼ିଦେବେ ଯେ" କିନ୍ତୁ ଦୁର୍ଭାଗ୍ୟବଶତଃ ମହାଜନେ ସେତେବେଳେ ମଧ୍ୟ ଗରମ ଅଛନ୍ତି, ସୁତରାଂ ତିନିଅଣା ଛାଡ଼ିଦେବାକୁ ସୁଦ୍ଧା ସମ୍ପୂର୍ଣ୍ଣ ଅସ୍ୱୀକୃତ ହେଲେ। ଶେଷରେ ଅଗତ୍ୟା ବାଧ୍ୟ ହୋଇ ମୋତେ ମନୁଷ୍ୟ ବଙ୍ଗଳା ଆଡ଼କୁ ପେଷିବାକୁ ହେଲା ଏବଂ ବଙ୍ଗଳାରେ ଉପସ୍ଥିତହୋଇ ମୋହ ସହିତ ଆସିଥିବା ଲୋକ ହାତରେ ବାକି ତିନିଅଣା ଦେଲି—ସେହିଲୋକ ନିକଟରୁ ବୁଝିଲି, ମହାଜନେ କେବଳ ଅର୍ଥସମ୍ବନ୍ଧରେ ସବୁବେଳେ ବ୍ୟସ୍ତ, ଅଗାଧ ସମ୍ପତ୍ତି କରି ଅଛନ୍ତି, ମାତ୍ର ପଇସାଟିଏ କାହାକୁ ଦେବାକୁ ଜାଣନ୍ତି ନାହିଁ ଏବଂ ଯାହାକୁ ଅର୍ଥପିଶାଚ କହନ୍ତି, ମହାଜନ ସେହି ଶ୍ରେଣୀରୁ ବାହାର ନୁହନ୍ତି। (ଉତ୍କଳ ସମ୍ବାଦ ପୃ ୧୦୮-୧୧୦ ଦ୍ରଷ୍ଟବ୍ୟ) ଏପରି ଅର୍ଥ ପିଶାଚ ମହାଜନ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଦୁଇ-ଚାରିରୁ କମ ନୁହନ୍ତି— ଏହି ତ ଗ୍ରାମ୍ୟ ମହାଜନଙ୍କର ମୂଲ୍ୟ, ଏହି ତ ଅମ୍ଭ ପ୍ରିୟ ଲେଖକଙ୍କର "ପିତା ପୁତ୍ର ସମ୍ବନ୍ଧର ମର୍ଯ୍ୟାଦା"। ଏ ଦୃଶ୍ୟ ପ୍ରତ୍ୟକ୍ଷ ଦେଖି, ଏଥିପାଇଁ ଶକ୍ତି କେଉଁ କହିବ ଯେ "ମହାଜନଙ୍କଠାରୁ ଋଣ ଗ୍ରହଣ ଯେପରି ପାପ ସମିତିଠାରୁ ଋଣ ଗ୍ରହଣ ସେହିପରି ପାପ ଏବଂ "ଗୋରୁ ମାରିଲେ ଯେଉଁ ଜୀବହିଂସା ପାପ, ଛେଳି ମାରିଲେ ସେହି ଜୀବହିଂସା ପାପ" ଏହି ଉଦାହରଣ ଦେଖାଇବାକୁ ସାହସୀ ହେବ!

କ୍ରମଶଃ—

ସାବରଙ୍ଗ ବାଲ୍ୟବିଧବା ବିବାହ ସମିତି

ତା ୧-୭-୨୭ ରିଖ ସନ୍ଧ୍ୟା ୭ଟା ସମୟରେ ପ୍ରାୟ ଦୁଇଶତ ଲୋକମାନଙ୍କ ଉପସ୍ଥିତିରେ ବାଲ୍ୟବିଧବା ବିବାହ ପ୍ରସ୍ତାବ ନିମିତ୍ତ ଗୋଟିଏ ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଠୀ ବ୍ରାହ୍ମଣ ଓ ବ୍ରାହ୍ମଣ ପଣ୍ଡିତ ଉପସ୍ଥିତ ଥିଲେ ଓ ପଣ୍ଡିତ ଶ୍ରୀ ଚାମୁଦେବ ମିଶ୍ର ତର୍କଶାସ୍ତ୍ରୀ ସଭାପତି ପଦର ଆସନ ଗ୍ରହଣ କରିଥିଲେ। ତତ୍ପରେ ବ୍ରାହ୍ମଣ ଓ ଅନ୍ୟାନ୍ୟ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରେ ମନୁସଂହିତା, ପରାଶର ସଂହିତା ଓ ଗଦାଧର ପଦ୍ଧତି ପ୍ରଭୃତି ଶାସ୍ତ୍ର ସମାଲୋଚନା ଦ୍ୱାରା ବର୍ତ୍ତମାନ କାଳରେ ବାଲ୍ୟବିଧବା ବିବାହ ନିତାନ୍ତ ଆବଶ୍ୟକ। ଏହା ଶାସ୍ତ୍ର ବିରୁଦ୍ଧ ଓ ନ୍ୟାୟ ବହିର୍ଭୂତ କାର୍ଯ୍ୟ ନୁହେଁ। ଏଥିରେ ଉପସ୍ଥିତ ସଭ୍ୟମାନେ ବିନା ଆପତ୍ତିରେ ନିଜ ନିଜର ଅଭିମତ ପ୍ରଦାନ କରିବାରୁ ତାହା ପ୍ରତ୍ୟେକ ସମାଜରେ ପ୍ରଚଳନପାଇଁ ସ୍ଥିର ହୋଇଗଲା ଓ ତାହାର ପରିଚାଳନା ନିମିତ୍ତ ନିମ୍ନରେ ପ୍ରେସିଡେଣ୍ଟ ଶ୍ରୀ ଶିବଚରଣ ଦାସ, ସମ୍ପାଦକ-ଶ୍ରୀ ଉଦୟ ନାରାୟଣ ମହାପାତ୍ର, ସହକାରୀ ସଃ ଶ୍ରୀ ନାଟେଶ୍ୱର ସାହୁଙ୍କ ନିଯୁକ୍ତ କରାଗଲା।

ଶ୍ରୀ ଉଦୟନାରାୟଣ ମହାପାତ୍ର
ସାବରଙ୍ଗ

—*—

ନାନାସଂବାଦ

ଭାରତରେ ପ୍ରଚଳିତ ମୁଦ୍ରା ସମ୍ବନ୍ଧରେ କେତେକ ବିଷୟ ଅନୁସନ୍ଧାନ କରିବାପାଇଁ ଭାରତ ସରକାର ଗୋଟିଏ କମିସନ ବସାଇଥିଲେ। ସେମାନେ ଇଂଲଣ୍ଡରୁ ସାକ୍ଷ୍ୟ ଗ୍ରହଣ କରିସାରି ରିପୋର୍ଟର ଖସଡ଼ା ପ୍ରସ୍ତୁତ କରୁଅଛନ୍ତି।

* * *

ବମ୍ବେଇର ସ୍ୱରାଜଦଳର ଅନ୍ୟତମ ନେତା ମିଃ ଜୟକାରଙ୍କୁ ସରକାର ହାଇକୋର୍ଟ ଜଜ ପଦ ଦେବାକୁ ପ୍ରସ୍ତାବ କରିଥିଲେ। ମାତ୍ର ମିଃ ଜୟକାର ଏଥିରେ ଅସମ୍ମତି ପ୍ରକାଶ କରିଅଛନ୍ତି।

* * *

ଗତ ଜୁନ ତା ୨୭ ରିଖ ଦିନ ଗୋଟିଏ ଭୂମିକମ୍ପ ଫଳରେ ଋଷିଆର ଫର୍ଣ୍ଣିଆ ନାମକ ଗୋଟିଏ ପ୍ରଦେଶର ପ୍ରାୟ ୨୦୦୦ ଗୃହ ଧ୍ୱଂସପ୍ରାପ୍ତ ହୋଇଅଛି।

* * *

ଚୀନର ଅନ୍ତର୍ବିବାଦ ଏ ପର୍ଯ୍ୟନ୍ତ ଲାଗିରହିଛି। ବର୍ତ୍ତମାନ ଶ୍ରମଜୀବିଦଳ ଓ ରକ୍ଷଣଶୀଳ ଦଳ ମଧ୍ୟରେ ତୁମୁଳ ଗଣ୍ଡଗୋଳ ଲାଗିଛି। ପାର୍ଲିଆମେଣ୍ଟରେ ମଧ୍ୟ ଏ ବିଷୟ ନେଇ ନାନା ଆନ୍ଦୋଳନ ହେଉଥିଲେ ସୁଦ୍ଧା ଏଯାଏ ମୀମାଂସା ହୋଇ ପାରୁନାହିଁ।

* * *

ଗତ ଜୁନ ତା ୨୯ ରିଖ ଦିନ ଅମର କବି ମାଇକେଲ ମଧୁସୂଦନ ଦତ୍ତଙ୍କ ବାର୍ଷିକ ସ୍ମୃତି ସଭା କଲିକତାରେ ସାହିତ୍ୟ ପରିଷଦ ମନ୍ଦିରରେ ହୋଇଥିଲା। ବଙ୍ଗଦେଶର ଅନେକ ସାହିତ୍ୟିକ ଏଥିରେ ଯୋଗ ଦେଇଥିଲେ।

* * *

Split by PDF Splitter

Digitized by srujanika@gmail.com

388 — 10-7-26

Wanted a English knowing Madrassa Passed Head Maulvi for the Kendrapara High English School on Rs. 30/- a month. The selected candidate will be on probation for a year and will have to join at once. Benifit of Provident Fund. Apply stating age &c. to the Head-master on or before the 15th instant.

386 — NOTICE. — 10-7-26

Wanted;— a trained compounder on Rs. 30/- (thirty per month with free quarters for the Bonaigarh Dispensary in the Bonai State Apply sharp with testimonials stating age.

22-6-26
Bonaigarh
Via Panposh
B. N. Ry

B. C. Nayak.

D E W A N.
Bonai state

---

150 — 13-12-26

Imperial Bank of India

Bankers to the Government of India.

Authorised Capital --- ---	Rs. 11,25,00,000
Paid up Capital --- ---	Rs. 5,62,50,000
Reserve Fund --- ---	Rs. 4,82,50,000
Reserve Liability of Shareholders	Rs. 5,62,50,000

Branches in all principal Towns of India, Burma and Ceylon. Current Accounts opened free of charge. Fixed Deposits received at interest Savings Bank. Small sums received at interest ;—

PRESENT RATE 3½% P. A.

GOVERNMENT AND OTHER SECURITIES received for safe custody. Purchases and sales effected. Interest and dividends collected and credited to account or remitted according to instructions.

DRAFTS AND TELEGRAPHIC TRANSFERS issued.

LOANS granted on approved security and all general banking business transacted.

Rates and rules on application to the Officer-in-charge
CUTTACK BRANCH.
Situated Collectorate Buildings.

ନ ୪ ମୂଲ୍ୟ ୬ — ଶ୍ରୀ ହରି — ତା ୩୦।୫।୨୬ ରିଖ

ସ୍ୱାସ୍ଥ୍ୟ ଔଷଧାଳୟ

ସ୍ୱତ୍ୱାଧିକାରୀ ଡାକ୍ତର ଶ୍ରୀ ଅଟଳବିହାରୀ ଆଚାର୍ଯ୍ୟ ଏମ୍, ବି, କବ

ଏଣ୍ଟିମେଲେରିଆ ମିକ୍‌ଶ୍ଚର

ଏହା ପାଳିଜ୍ୱର, ପ୍ଲୀହା, ଯକୃତ, ଦୁଷ୍ଟ ଜ୍ୱର ଓ ମ୍ୟାଲେରିଆ ଜ୍ୱରର ପ୍ରତ୍ୟକ୍ଷ ଧନ୍ୱନ୍ତରୀ ଜଙ୍ଗଲର ନାନାସ୍ଥଳରେ ହଜାର ହଜାର ରୋଗୀ ଏହା ବ୍ୟବହାର କରି ଅବ୍ୟର୍ଥଫଳ ପାଇଅଛନ୍ତି ଏହା ପ୍ଲୀହା ନାଶକରି ଦେହରେ ରକ୍ତବୃଦ୍ଧି କରେ ଓ ସୁସ୍ଥଦେହରେ ଏହାକୁ ଖାଇଲେ ଟନିକର କାର୍ଯ୍ୟ କରେ। କେହ କେହ ଏହି ଔଷଧ ନାମ ଦେଇ ଠକାମୀ କରିବାର ଜଣା ପଡ଼ିବାରୁ ଡାକ୍ତରଙ୍କର ଛବି ସହିତ ରେଜିଷ୍ଟ୍ରୀ କରାଯାଇଛି ଗ୍ରାହକମାନେ ଦେଖି ଖରିଦ କରିବେ। ବ୍ୟବସ୍ଥାପତ୍ର ଶିଶି ଦେହରେ ଥାଏ।

ମୂଲ୍ୟ ପ୍ରତିଶିଶି ଟ ୧୯
ଶ୍ୱଳ୍ପ ଶିଶି ଟ ୧୯

ସର୍ବପ୍ରକାର ଜ୍ୱର ଆରୋଗ୍ୟପାଇଁ ଏଣ୍ଟିମେଲେରିଆ ପିଲ ଗୋଟାଏ ଟ ୧
ଏକଣ ପିଲ ଟ ୫୯

ଡାକମାଶୁଲ ସ୍ୱତନ୍ତ୍ର।

ଏହାଛଡ଼ା ଅଟଲ କାନ୍ତଲ ନାବାଳକ୍‌ର ଜନ୍ମ, କୁଞ୍ଚିଆ, ଘାଉ, ମରଳ, ମଳଦ୍ୱାର ଓ କାଶିମୂଧା ସବୁପ୍ରକାର ଉଦରରୋଗର ଅବ୍ୟର୍ଥ ମହୌଷଧ ବ୍ୟବସାୟୀମାନଙ୍କ କମିଶନ ମିଳେ।

ଏଠାରେ ଡାକ୍ତରୀ, କବିରାଜୀ ଓ ହୋମିଓପ୍ୟାଥିକ ଔଷଧମାନ ସର୍ବଦା ବିକ୍ରୟ ହୁଏ। ଚଡ଼ାଳରେ ... ଅଗ୍ରୀମ ପଠାଯାଏ ... ଶସ୍ତାଦରରେ ପଠା ହୁଏ।

ହୋମିଓପ୍ୟାଥିକ ଔଷଧ ... ପର୍ଯ୍ୟନ୍ତ ପ୍ରତି ଡ୍ରାମ ଟ ୦ ।୵
୨୦୦ କ୍ରମ ସହ ଡ୍ରାମ ଟ ୦ ।୵

ଡାକ୍ତର ଶ୍ରୀ ଅଟଳବିହାରୀ ଆଚାର୍ଯ୍ୟ
ସ୍ୱାସ୍ଥ୍ୟ ଔଷଧାଳୟ

ବି, ଦାସ ଏଣ୍ଡ କମ୍ପାନୀ।

ଇଞ୍ଜିନିୟର, କଣ୍ଟ୍ରାକ୍ଟର, ଏଜେଣ୍ଟ ଏବଂ ଜେନେରେଲ ଅର୍ଡର ସପ୍ଲାୟର
ସୁତାହାଟୀ, କଟକ।

ଏମ୍ଭମାନେ ସମସ୍ତ ପ୍ରକାର ଲଙ୍କି, ବଳ, ଲୁହାର କାମ, ଓ ସବୁ ପ୍ରକାର ... ଯୋଗାଇବା ଏବଂ କଣ୍ଟ୍ରାକ୍ଟ ନେଇ କାମ କରୁଅଛୁ। କୋକୋକେମ ନଡ଼ିଆ ... ଅମ୍ଭେମାନେ ... ଏକମାତ୍ର ଏଜେଣ୍ଟ ଅଟୁ। ସର୍ବସାଧାରଣଙ୍କର ପରୀକ୍ଷା ପ୍ରାର୍ଥନୀୟ।

B. Das & Co.

---

୩୭୮ — ବିଜ୍ଞାପନ — ୧୦-୭-୨୬

ଅମୁକ ବାଲେଶ୍ୱର ଜଲା ଅନ୍ତର୍ଗତ ଅଙ୍ଗା ମାହାଲର ମାସିକ ଟ୧୦୯ ବେତନରେ ଜଣେ ତହସିଲଦାର ଆବଶ୍ୟକ। ଷ୍ଟେଟପକ୍ଷରୁ ବସା ଘର ଯୋଗାଇ ଦିଆଯିବ।

ଯେଉଁମାନେ ଜମିଦାରୀ ଇଲାକାରେ ଦଫତର ସହିତ କାର୍ଯ୍ୟ କରୁଥିବେ ଓ ଯେଉଁମାନଙ୍କର ସର୍ଭେ ଜ୍ଞାନ ଥିବ ସେମାନଙ୍କ ମଧ୍ୟରୁ ନିଯୁକ୍ତ କରାଯିବ। ଆବେଦନକାରୀ ନିଜର ବୟସ ଯୋଗ୍ୟତା ବାସସ୍ଥାନ ଓ ସାର୍ଟିଫିକେଟ ସହିତ ନିମ୍ନଲିଖିତ ଠିକଣାରେ ଜୁଲାଇମାସ ତା୧୫ରିଖ ମଧ୍ୟରେ ଦରଖାସ୍ତ କରିବେ। ମନୋନୀତ ବ୍ୟକ୍ତିଙ୍କଠାରୁ ଜାମିନ ନିଆଯିବ।

ଶ୍ରୀମତୀ କରୁଣମା ଦାସୀ
ଅଙ୍ଗାଦଣ୍ଡ ଦାସୀ ଚୋଠା
କଟକ ତା୨୦।୭।୨୬ — ମାହେଶ୍ୱରାବାଦ ବଜାର
ପୋଃ ବୁଢ଼ାଘାଟୀ
କଟକ

୩୮୯ — ନୋଟିସ। — ୧୨-୭-୨୬

ଖରସୁଆଁ ଷ୍ଟେଟର ଏଷ୍ଟେଷ୍ଟେସନ କାର୍ଯ୍ୟ ନିମନ୍ତେ ଟ ୨୭୯ ବେତନରେ ଜଣେ ହେଡ୍ ପେସକାର; ଟ ୨୦୯ ବେତନରେ ଜଣେ କାନୁନଗୋ ଓ ଯୋଗ୍ୟତାନୁସାରେ ଟ ୧୮୯ ରୁ ଟ ୨୫୯ ପର୍ଯ୍ୟନ୍ତ ବେତନରେ ସର୍ଭେ ଜାଣିଥିବା ମୋହରିର ଅଥବା ମୁନସରିମ ଜଣଙ୍କର ଆବଶ୍ୟକ ଅଛି।

ଶୀଘ୍ର ଆବେଦନ କରନ୍ତୁ କରୁବା ସ୍ୱୟଂ ଉପସ୍ଥିତ ହୁଅନ୍ତୁ। ତା ୨୨।୭।୨୬

Indrabilas Mukharjee
ସେଟେଲମେଣ୍ଟ ଅଫିସର
ଖରସୁଆଁ ଷ୍ଟେଟ
ଭିଆ ଆମଦା—ବି, ଏନ୍, ଆର୍

ନ ୨୨ ମୂଲ୍ୟ — ତା ୨୦।୬।୨୬ ରିଖ

ପାନ ଖାଇ ତୃପ୍ତିଲାଭ

କରିବାକୁ ହେଲେ— ହୁଲଗଞ୍ଜ, କାନପୁରନିବାସୀ ପଣ୍ଡିତ ପ୍ୟାରେଲାଲ ଶୁକ୍ଳଙ୍କର

ମୁର୍ଶିବିଳାସ ଓ ପାନବିଳାସ

REGD. No. 105 — P. L. SHUKLA — TRADE MARK

ଖାଇ ଦେଖନ୍ତୁ

